# ଧରିତ୍ରୀ
DHARITRI

ପୃଷ୍ଠା–୧୨+୮

ଭୁବନେଶ୍ୱର, ରବିବାର, ଫେବୃଆରୀ ୧୧/୨୦୨୪ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 11/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 79 | ମୂଲ୍ୟ ₹୭/-





## ସଂକ୍ଷେପରେ

### ହଲଦ୍ୱାନି ହିଂସା: ୫ ହଜାର ଲୋକଙ୍କ ବିରୋଧରେ ମାମଲା

**ହଲଦ୍ୱାନି,୧୦।୨:** ଉତ୍ତରାଖଣ୍ଡର ହଲଦ୍ୱାନି ସହରରେ ମଦ୍ରାସା ଭଙ୍ଗାକୁ ନେଇ ହିଂସାକାଣ୍ଡ ଘଟଣାରେ ପୋଲିସ ୫,୦୦୦ ଲୋକଙ୍କ ବିରୋଧରେ ମାମଲା ରୁଜୁ କରିଛି। ଇତିମଧ୍ୟରେ ଅନେକଙ୍କୁ ଗିରଫ କରାଗଲାଣି। ହଲଦ୍ୱାନି ବାହାର ଅଞ୍ଚଳରୁ କର୍ଫ୍ୟୁ ହଟାଇ ଦିଆଯାଇଛି। ତେବେ ପୋଡ଼ାଜଳା ଓ ଭଙ୍ଗାରୁଜା ହୋଇଥିବା ବନଭୁଲପୁରାରେ କର୍ଫ୍ୟୁ ବଳବତ୍ତର ରହିଛି। ସହର ଉପକଣ୍ଠରେ ଥିବା ଦୋକାନ ବଜାର ଶନିବାର ଖୋଲିଥିବାବେଳେ ସ୍କୁଲ୍ ବନ୍ଦ ରହିଥିଲା। ଗୁରୁବାର ମଦ୍ରାସା ଭଙ୍ଗାକୁ କେନ୍ଦ୍ରକରି ହିଂସାକାଣ୍ଡରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଶତାଧିକ ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଗୁଜବ ପ୍ରଚାର ଆଶଙ୍କାରେ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯାଇଛି।

### ତାରିଖ ନ ବଦଳାଇ ସମ୍ବିଧାନ ପ୍ରସ୍ତାବନାରେ ସଂଶୋଧନ ସମ୍ଭବ କି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୦।୨:** ସମ୍ବିଧାନ ଗୃହୀତ ତାରିଖ ୧୯୪୯ ନଭେମ୍ବର ୨୬କୁ ଅପରିବର୍ତ୍ତିତ ରଖି ଏହାର ପ୍ରସ୍ତାବନାକୁ ସଂଶୋଧନ କରିହେବ କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ସମ୍ବିଧାନ ପ୍ରସ୍ତାବନାରୁ 'ସମାଜବାଦୀ' ଏବଂ 'ଧର୍ମନିରପେକ୍ଷ' ଶବ୍ଦ ହଟାଇବା ପାଇଁ ନିବେଦନ କରିଥିବା ପୂର୍ବତନ ରାଜ୍ୟ ସଭା ସଦସ୍ୟ ସୁବ୍ରମଣ୍ୟମ ସ୍ୱାମୀ ଏବଂ ଆଇନଜୀବୀ ବିଷ୍ଣୁଶଙ୍କର ଜୈନଙ୍କୁ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ଉପରୋକ୍ତ ପ୍ରଶ୍ନ କରିଥିଲେ। ତାରିଖକୁ ବଦଳା ନ ଯାଇ ପ୍ରସ୍ତାବନାକୁ ଯଦି ପରିବର୍ତ୍ତନ କରାଯାଇପାରେ, ତେବେ କିଛି ସମସ୍ୟା ନାହିଁ ବୋଲି ଜଷ୍ଟିସ ଦତ୍ତ କହିଥିଲେ।

# ସରିଲା ସପ୍ତଦଶ ଲୋକ ସଭାର ଶେଷ ଅଧିବେଶନ

ନୂଆଦିଲ୍ଲୀ,୧୦।୨

## ପାର୍ଲାମେଣ୍ଟ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ



ସପ୍ତଦଶ ଲୋକ ସଭାର ଶେଷ ଅଧିବେଶନ ଶନିବାର ଶେଷ ହୋଇଛି। ଏଥିସହ ଉଭୟ ଲୋକ ସଭା ଓ ରାଜ୍ୟ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ଥିଲା ଉଭୟ ଗୃହର ଶେଷ ଅଧିବେଶନ। ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହର ସମସ୍ତ ସଦସ୍ୟଙ୍କୁ ଗୃହ କାର୍ଯ୍ୟ ପରିଚାଳନାରେ ସେମାନଙ୍କ ଅବଦାନ ପାଇଁ ଧନ୍ୟବାଦ ଜଣାଇଥିଲେ। ସଦସ୍ୟମାନଙ୍କ ସାମୂହିକ ପ୍ରୟାସ ଦ୍ୱାରା ଭବିଷ୍ୟତ ପିଢ଼ିକୁ ଅନୁପ୍ରାଣିତ କରିବା ଓ ସେମାନଙ୍କ ସ୍ୱପ୍ନ ସାକାର କରିବା ପାଇଁ ପରବର୍ତ୍ତୀ ସଦସ୍ୟମାନଙ୍କୁ ବର୍ତ୍ତମାନର ସଦସ୍ୟମାନଙ୍କ କାର୍ଯ୍ୟ ପ୍ରେରଣା ଯୋଗାଇବା ସହ ଲିଗାସି ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଦେଶରେ ପରିବର୍ତ୍ତନ ଆଣିବାରେ ୫ ବର୍ଷ ମଧ୍ୟରେ ଅନେକ ଐତିହାସିକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ବହୁ ପିଢ଼ି ଧରି ଯେଉଁ ପ୍ରତୀକ୍ଷା ଥିଲା ତାହା ପୂରଣ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେଗୁଡ଼ିକ ମଧ୍ୟରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ, ତିନି ତଲାକଠାରୁ ଆରମ୍ଭ କରି ଜି୨୦ ସମ୍ମିଳନୀ ଆୟୋଜନ କରିବା ଆଦି ଅନେକ କିଛି ରହିଛି। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଏବଂ ଜାନୁଆରୀ ୨୨ରେ ଏହାର ପ୍ରାଣପ୍ରତିଷ୍ଠା ଉତ୍ସବ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ଶେଷ ଦିନରେ ଲୋକ ସଭାରେ ପ୍ରସ୍ତାବ ଗୃହୀତ ହୋଇଥିଲା। ରାଜ୍ୟ ସଭାରେ ମଧ୍ୟ ଏହା ଉପରେ ଆଲୋଚନା ହୋଇଥିଲା। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରଙ୍କ ଅର୍ଥନୀତି ଉପରେ କେନ୍ଦ୍ର ସରକାରଙ୍କ ଶ୍ୱେତପତ୍ରକୁ ବିରୋଧ କରି ବିରୋଧୀ ଦଳଗୁଡ଼ିକ ଶନିବାର ରାଜ୍ୟ ସଭାରେ କକ୍ଷତ୍ୟାଗ କରିଛନ୍ତି। ଉପା ସରକାରଙ୍କ ସମୟର ଅର୍ଥନୀତି ଏବଂ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଅର୍ଥନୀତି ଉପରେ ତୁଳନା କରିବାକୁ ଶ୍ୱେତପତ୍ର ଅଣାଯାଇଥିବାବେଳେ ଏହାକୁ ବିରୋଧ କରି ଟିଏମ୍‌ସି, ଡିଏମ୍‌କେ ଏବଂ ଅନ୍ୟ ଦଳର ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

ବଜେଟ ଅଧିବେଶନ ଜାନୁଆରୀ ୩୧ରୁ ଆରମ୍ଭ ହୋଇ ଫେବୃଆରୀ ୯ରେ ଶେଷ ହେବାକୁ ଥିବାବେଳେ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ପାଇଁ ଏହାକୁ ଗୋଟିଏ ଦିନ ବଢ଼ାଯାଇଥିଲା।

ସପ୍ତଦଶ ଲୋକ ସଭାର ସଦସ୍ୟମାନଙ୍କ ହାରାହାରି ବୟସ ପୂର୍ବ ସମସ୍ତ ଲୋକ ସଭା ସଦସ୍ୟଙ୍କ ବୟସ ତୁଳନାରେ କମ୍ ରହିଥିଲାବେଳେ ଶିକ୍ଷାଗତ ଯୋଗ୍ୟତା ଅଧିକ ଭଲ ରହିଥିଲା। ଏହି ଲୋକ ସଭାରେ ଲିଙ୍ଗଗତ ଅନୁପାତରେ ଉନ୍ନତି ଦେଖାଦେଇଥିଲେ ମଧ୍ୟ ଅନ୍ୟ ଅଧିକାଂଶ ଦେଶ ତୁଳନାରେ କମ୍ ରହିଥିଲା। ନୂଆ ଏମ୍‌ପିଙ୍କ ସଂଖ୍ୟା ମୋଟ ସଦସ୍ୟ ସଂଖ୍ୟାରୁ ଅଧାରୁ କମ୍ ରହିଥିବାବେଳେ ପୁନଃନିର୍ବାଚିତ ସଦସ୍ୟଙ୍କ ସଂଖ୍ୟା ପୂର୍ବ ଲୋକ ସଭା ତୁଳନାରେ ଅଧିକ ରହିଥିଲା।

୨୦୧୯ରେ ନବଗଠିତ ଲୋକ ସଭାକୁ ଭାଜପାରୁ ୩୦୩ ସଦସ୍ୟ ନିର୍ବାଚିତ ହୋଇଥିବାବେଳ କଂଗ୍ରେସରୁ ୫୨, ଟିଏମ୍‌ସିରୁ ୨୨, ଡିଏମ୍‌କେରୁ ୨୩ ଏବଂ ୱାଇଏସ୍‌ଆର୍‌ସିପିରୁ ୨୨ ସଦସ୍ୟ ନିର୍ବାଚିତ ହୋଇଥିଲେ। ଇସ୍ତଫା କାରଣରୁ ବର୍ତ୍ତମାନ ଭାଜପା ଏମ୍‌ପିଙ୍କ ସଂଖ୍ୟା ୨୯୦କୁ ହ୍ରାସ ପାଇଥିବାବେଳେ କଂଗ୍ରେସର ସଦସ୍ୟ ସଂଖ୍ୟା ୪୮ ରହିଛନ୍ତି। ଏହି ଲୋକ ସଭାରେ ଅଳ୍ପ କେତେଜଣ ଏମ୍‌ପିଙ୍କ ବୟସ ୭୦ରୁ ଅଧିକ ଥିବାବେଳେ ଅଧିକାଂଶଙ୍କ ବୟସ ୪୦ରୁ କମ୍ ଥିଲା। ଏମ୍‌ପିମାନଙ୍କ ହାରାହାରି ବୟସ ୫୪ ବର୍ଷ ରହିଥିଲା। ଓଡ଼ିଶାର କେନ୍ଦୁଝରରୁ ବିଜେଡି ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ସର୍ବକନିଷ୍ଠା ଥିଲେ। ନିର୍ବାଚନ ବେଳେ ତାଙ୍କ ବୟସ ୨୫ ବର୍ଷ ୧୧ ମାସ ଥିଲା। ସେହିପରି ନିର୍ବାଚନ ବେଳେ ୮୯ ବର୍ଷୀୟ ଏସ୍‌ପି ସାଂସଦ ଶଫିକୁର ରହମାନ ବାର୍କ ସର୍ବବରିଷ୍ଠ ଥିଲେ। ସପ୍ତଦଶ ଲୋକ ସଭା ପାଇଁ ୭୧୬ ମହିଳା ପ୍ରତିଦ୍ୱନ୍ଦ୍ୱିତା କରି ୭୮ ଜଣ ନିର୍ବାଚିତ ହୋଇଥିଲେ। ଏହା ପୂର୍ବ ଲୋକ ସଭାରେ ମହିଳା ସଦସ୍ୟଙ୍କ ସଂଖ୍ୟା ୬୨ ରହିଥିଲା।

### କୃଷକ ଆନ୍ଦୋଳନ: ୧୩ ଯାଏ ହରିୟାଣାରେ ଇଣ୍ଟରନେଟ୍ ସେବା ବନ୍ଦ

ନୂଆଦିଲ୍ଲୀ,୧୦।୨

ହରିୟାଣାରେ କୃଷକ ଆନ୍ଦୋଳନ ଚାଲିଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ଜିଲାରେ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ମୋବାଇଲ ଇଣ୍ଟରନେଟ୍, ବଲ୍କ ଏସ୍‌ଏମ୍‌ଏସ୍ ଏବଂ ସମସ୍ତ ଡଙ୍ଗଲ ସେବାକୁ ବନ୍ଦ ଘୋଷଣା କରିଛନ୍ତି। ଅମ୍ବାଲା, କୁରୁକ୍ଷେତ୍ର, କୈଥାଲ, ଜିନ୍ଦ୍, ହିସାର, ଫତେହବାଦ ଏବଂ ସିର୍ସା ଜିଲାରେ ଉପରୋକ୍ତ ସେବା ବନ୍ଦ ରହିଛି। ହରିୟାଣା ପ୍ରଶାସନ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଭଏସ୍ କଲ୍‌କୁ ବାଦ୍ ଦେଲେ ସମୂହ ଏସ୍‌ଏମ୍‌ଏସ୍ ଏବଂ ମୋବାଇଲ ଇଣ୍ଟରନେଟ ଯୋଗାଉଥିବା ସମସ୍ତ ଡଙ୍ଗଲ ସେବା ବନ୍ଦ ରହିବ। ରବିବାର ସକାଳ ୬ରୁ ମଙ୍ଗଳବାର ରାତି ୧୧ଟା ୫୯ ମିନିଟ୍ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



ନୂଆଦିଲ୍ଲୀର ଚାଣକ୍ୟପୁରୀସ୍ଥିତ ଶାନ୍ତି ପଥ ଉଭୟ ପାର୍ଶ୍ୱରେ ଥିବା ଲନ୍‌ରେ ଶନିବାରଠାରୁ 'ଟୁଲିପ୍ ଫେଷ୍ଟିଭାଲ' ଆରମ୍ଭ ହୋଇଛି। ଦର୍ଶକମାନେ ଟୁଲିପ୍ ସହ ଫଟୋ ନେଉଛନ୍ତି।

# ଘର ଭାଙ୍ଗିବା ଫେଶନ ହୋଇଗଲାଣି: ହାଇକୋର୍ଟ

ନୂଆଦିଲ୍ଲୀ,୧୦।୨

## ମହିଳାଙ୍କୁ ଲକ୍ଷେ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ



ଉଜ୍ଜୟିନୀର ଜଣେ ମହିଳାଙ୍କ ଘରକୁ ପୌର କର୍ତ୍ତୃପକ୍ଷ ଭୁଲ୍‌ରେ ଭାଙ୍ଗିଦେଇଥିବାରୁ ତାଙ୍କୁ ଲକ୍ଷେ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟପ୍ରଦେଶ ହାଇକୋର୍ଟର ଇନ୍ଦୋର ବେଞ୍ଚ୍ ନିର୍ଦ୍ଦେଶ ଦେଇଛନ୍ତି। ଉପଯୁକ୍ତ ପ୍ରକ୍ରିୟା ଅବଲମ୍ବନ ନ କରି କୌଣସି ଘରକୁ ଭାଙ୍ଗିଦେବା ଏବେ ସ୍ଥାନୀୟ ପ୍ରଶାସନ ଓ ପୌରସଂସ୍ଥା ପାଇଁ ଫେଶନ ହୋଇଗଲାଣି ବୋଲି ଅଦାଲତ କହିଥିଲେ। ଏଭଳି ଘଟଣା ବହୁ ସମୟରେ ଘଟୁଛି। ଘର ଭାଙ୍ଗିବା ପୂର୍ବରୁ ନିୟମାବଳୀର ଅନୁପାଳନ କରାଯାଉ ନାହିଁ କିମ୍ବା ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଉ ନାହିଁ। ଘର ଭାଙ୍ଗିବାକୁ ଶେଷ ପଦକ୍ଷେପ ଭାବେ ନିଆଯିବା ଆବଶ୍ୟକ। ଏହା ପୂର୍ବରୁ ଉକ୍ତ ଘରକୁ ଆଇନସମ୍ମତ କରାଇବା ନିମନ୍ତେ ଗୃହ ମାଲିକଙ୍କୁ ଉପଯୁକ୍ତ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ଜଷ୍ଟିସ୍ ବିବେକ ରୁଷିଆଙ୍କ ଖଣ୍ଡପୀଠ କହିଛନ୍ତି। ତେବେ ବିନା ଅନୁମତିରେ କିମ୍ବା ବିନା ନିୟମାବଳୀରେ ଘର ନିର୍ମାଣ ଅଧିକାର କାହାକୁ ଦିଆଯାଇ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଘର ଭାଙ୍ଗିବା ପୂର୍ବରୁ ଏହା ଉପରେ ଜାଲ୍ ଦସ୍ତାବିଜ୍ ପ୍ରସ୍ତୁତ କରିଥିବା ଅଫିସରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଆମେରିକାରେ ଆଉ ଜଣେ ଭାରତୀୟଙ୍କୁ ହତ୍ୟା

ୱାଶିଂଟନ, ୧୦।୨ (ପି.ଟି.)

## ୪୦ ଦିନରେ ଗଲାଣି ୬ ଭାରତୀୟଙ୍କ ଜୀବନ



ବିବେକ ତନେଜା

ଆମେରିକାରେ ଭାରତୀୟଙ୍କ ଉପରେ ଆକ୍ରମଣ ଥମିବାର ନାଁ ନେଉନାହିଁ। ଗତ କିଛିଦିନ ମଧ୍ୟରେ ଏଠାରେ ଭାରତୀୟ ଛାତ୍ରଙ୍କୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲା। ଫଳରେ ଚଳିତ ବର୍ଷ ଆରମ୍ଭରୁ ୫ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିସାରିଛି। ପୁଣି ଏପରି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ଆକ୍ରମଣରେ ଆହତ ହୋଇ ମୃତ୍ୟୁବରଣ କରିଛନ୍ତି ଆମେରିକାରେ ରହୁଥିବା ଭାରତୀୟ ବଂଶୋଦ୍ଭବ ବିବେକ ତନେଜା। ଜଣେ ଆଇଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବିବେକଙ୍କର ଚଳିତ ଫେବୃଆରୀ ୨ ତାରିଖରେ ୱାଶିଂଟନର ଏକ ରେଷ୍ଟୁରାଣ୍ଟ ବାହାରେ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ସହ ବିବାଦ ହୋଇଥିଲା। ଏହାପରେ ସମ୍ପୃକ୍ତ ଅଜ୍ଞାତ ବ୍ୟକ୍ତିଙ୍କ ଆକ୍ରମଣରେ ଗୁରୁତର ହୋଇପଡ଼ିଥିଲେ ବିବେକ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବିବେକଙ୍କୁ ଉଦ୍ଧାର କରି ମେଡିକାଲ ସ୍ଥାନାନ୍ତର କରିଥିଲା। ତେବେ ବିବେକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ସୂଚନା ଦେଇଛି ସ୍ଥାନୀୟ ପୋଲିସ। ସେପଟେ ସର୍ଭିଲାନ୍ସ କ୍ୟାମେରା ଦ୍ୱାରା ବିବେକଙ୍କ ଉପରେ ଆକ୍ରମଣ କରିଥିବା ବ୍ୟକ୍ତିଙ୍କ ଫଟୋ ରିଲିଜ କରିବା ସହ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, କିଛି ଦିନ ପୂର୍ବେ ଆମେରିକାର ଶିକାଗୋରେ ଲୁଟେରାଙ୍କ ଦ୍ୱାରା ସୟଦ ମଜାହର ଅଲ୍ଲୀ ନାମକ ଜଣେ ଭାରତୀୟ ଛାତ୍ରଙ୍କ ଉପରେ ଆକ୍ରମଣ କରାଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ଜର୍ଜିଆର ଲିଥୋନିଆ ସହରରେ ଜଣେ ନିଶାସକ୍ତ ବ୍ୟକ୍ତିଙ୍କ ମରଣାନ୍ତକ ଆକ୍ରମଣରେ ଭାରତୀୟ ଛାତ୍ର ବିବେକ ସୈନୀଙ୍କର ମୃତ୍ୟୁ ଘଟିଥିଲା।

# ପାକିସ୍ତାନରେ ମିଳିତ ସରକାର ପାଇଁ ସେନାର ଆହ୍ୱାନ

ଇସ୍‌ଲାମାବାଦ/ରାୱଲପିଣ୍ଡି, ୧୦।୨(ପି.ଟି.)



ଜେନେରାଲ ଅସିମ ମୁନିର୍

## ସମ୍ପୂର୍ଣ୍ଣ ଫଳାଫଳ ଘୋଷଣା ନ ହେଲେ ଆନ୍ଦୋଳନ ପାଇଁ ଇମ୍ରାନ୍‌ଙ୍କ ଦଳର ଧମକ

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି ନିର୍ବାଚନରେ କୌଣସି ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳି ନ ଥିବାବେଳେ ମିଳିତ ସରକାର ଗଢ଼ିବା ପାଇଁ ଦେଶର କ୍ଷମତାଶାଳୀ ସେନା ପକ୍ଷରୁ ଆହ୍ୱାନ ଦିଆଯାଇଛି। ଆତ୍ମସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଯାଇ ଦେଶବାସୀଙ୍କୁ ଶାସନ ଓ ସେବା କରିବା ପାଇଁ ଏକାଠି ଉଦ୍ୟମ କରିବାକୁ ପାକ୍ ସେନା ମୁଖ୍ୟ ଜେନେରାଲ ଅସିମ ମୁନିର୍ ରାଜନୈତିକ ଦଳର ନେତାମାନଙ୍କୁ ଶନିବାର କହିଛନ୍ତି। ନିର୍ବାଚନର ଦୁଇଦିନ ପରେ ଝୁଲା ପାର୍ଲାମେଣ୍ଟ ହେବା ସ୍ପଷ୍ଟ ହୋଇଥିବାରୁ ଜେନେରାଲ ମୁନିର୍ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସେନା ସମର୍ଥନ ହାସଲ କରିଆସୁଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ ମଧ୍ୟ ଶୁକ୍ରବାର ମିଳିତ ସରକାର ପାଇଁ ଆହ୍ୱାନ ଦେଇଥିଲେ।

ନିର୍ବାଚନରେ ସମସ୍ତଙ୍କୁ ଚକିତ କରିଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ପାର୍ଟି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ସର୍ବାଧିକ ୧୦୧ ଆସନରେ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ଶରିଫ୍‌ଙ୍କ ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍) ୭୩ ଆସନ ଜିତିଥିବାବେଳେ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ୫୪ ଏବଂ ମୁତ୍ତାହିଦା କ୍ୱାମି ମୁଭ୍‌ମେଣ୍ଟ (ଏମ୍‌କ୍ୟୁଏମ୍) ୧୭ ଆସନ ଜିତିଛି। ୨୬୫ ଆସନ ମଧ୍ୟରୁ ପାକ୍ ନିର୍ବାଚନ କମିଶନ ୧୫୫ ଆସନର ଫଳାଫଳ ଘୋଷଣା କରିଛନ୍ତି। ସଂଖ୍ୟାଗରିଷ୍ଠ ଦଳ ଭାବେ ପିଟିଆଇ ଉଭୟ କେନ୍ଦ୍ର ଏବଂ ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ସରକାର ଗଢ଼ିବାକୁ ଘୋଷଣା କରିଛି। ଶନିବାର ମଧ୍ୟରାତ୍ର ସୁଦ୍ଧା ସମସ୍ତ ଆସନର ଫଳାଫଳ ଘୋଷଣା ନ ହେଲେ ଆନ୍ଦୋଳନ କରିବାକୁ ଇମ୍ରାନ୍‌ଙ୍କ ଦଳ ଚେତାବନୀ ଦେଇଛି।

ସରକାର ଗଢ଼ିବାକୁ ହେଲେ ୨୬୫ ଆସନ ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିରେ କୌଣସି ଦଳ ୧୩୩ ଆସନରେ ବିଜୟୀ ହେବା ଆବଶ୍ୟକ। ପାକିସ୍ତାନ ସୃଷ୍ଟି ହେବାର ୭୫ ବର୍ଷ ମଧ୍ୟରୁ ସେନା ବିଦ୍ରୋହ ବଳରେ ଅର୍ଦ୍ଧାଧିକ ସମୟ ଦେଶକୁ ଶାସନ କରିଛି। ଦେଶର ସୁରକ୍ଷା ଏବଂ ବିଦେଶ ନୀତି ପ୍ରସଙ୍ଗରେ ସେନାକୁ ସବୁଠୁ କ୍ଷମତାଶାଳୀ ବିବେଚନା କରାଯାଇଥାଏ। ଶନିବାର ସେନାମୁଖ୍ୟ ତାଙ୍କ ବିବୃତିରେ କହିଛନ୍ତି, ପାକିସ୍ତାନୀ ନାଗରିକ ମୁକ୍ତ ଓ ଅବାଧରେ ସେମାନଙ୍କ ଭୋଟଦାନ ଅଧିକାର ସାବ୍ୟସ୍ତ କରି ଗଣତନ୍ତ୍ର ଏବଂ ସମ୍ବିଧାନ ଅନୁଯାୟୀ ଆଇନର ଶାସନ ପ୍ରତି ସେମାନଙ୍କ ଅଙ୍ଗୀକାରବଦ୍ଧତା ପ୍ରତିପାଦନ କରିଛନ୍ତି। ରାଷ୍ଟ୍ର ଉଦ୍ଦେଶ୍ୟରେ ସମସ୍ତ ଗଣତାନ୍ତ୍ରିକ ଶକ୍ତି ଏକାଠି ହୋଇ ମିଳିତ ସରକାର ଗଢ଼ିବା ଦ୍ୱାରା ଦେଶର ବିବିଧ ରାଜନୀତି ଓ ବହୁଳବାଦର ପ୍ରତିନିଧିତ୍ୱ ହୋଇପାରିବ ବୋଲି ଜେନେରାଲ ମୁନିର୍ କହିଛନ୍ତି।

## ଫୁରସତ



# 'ରାମାୟଣ' ମୁଭିରେ ନଜର ଆସିବେ ରାକୁଲ୍

**ମୁମ୍ବଇ:** ନୀତୀଶ ତିୱାରୀଙ୍କ ଆଗାମୀ ଚଳଚ୍ଚିତ୍ର 'ରାମାୟଣ'କୁ ନେଇ ବର୍ତ୍ତମାନ ଅନେକ ଚର୍ଚ୍ଚା ଲାଗି ରହିଛି। ଏବେ ଫିଲ୍ମର କାଷ୍ଟିଂ ଚାଲିଥିବାରୁ ଏଥିରେ ଅନେକ ତାରକାଙ୍କ ନାମ ପ୍ରକାଶ ପାଇଛି। ଏହି ଚଳଚ୍ଚିତ୍ରରେ ଶ୍ରୀରାମଙ୍କ ଭୂମିକା ପାଇଁ ରଣବୀର କପୁର, ମାତା ସୀତାଙ୍କ ଭୂମିକା ପାଇଁ ସାଇ ପଲ୍ଲଭିଙ୍କ ନାମ ଚୂଡ଼ାନ୍ତ ହୋଇଛି। ସେହିପରି ହନୁମାନ ଭୂମିକାରେ ସନି ଦେଓଲ ଓ କୈକେୟୀଙ୍କ ଭୂମିକାରେ ଲାରା ଦତ୍ତଙ୍କୁ ଦେଖିବାକୁ ମିଳିବ। ଏଥିସହିତ ବିଭୀଷଣ ଭୂମିକା ପାଇଁ ବିଜୟ ସେଥୁପାଥୀଙ୍କ ସହ ଆଲୋଚନା ଚାଲିଛି। ଖବର ଅନୁଯାୟୀ ଫିଲ୍ମର ଏକ ଚରିତ୍ର ପାଇଁ ଅଭିନେତ୍ରୀ ରାକୁଲପ୍ରୀତ ସିଂଙ୍କ ନାଁ ଚର୍ଚ୍ଚାକୁ ଆସିଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ ନିର୍ମାତାମାନେ ରାମାୟଣର ସୂପର୍ଣଖାଙ୍କ ଭୂମିକା ପାଇଁ ଅଭିନେତ୍ରୀ ରାକୁଲ୍‌ପ୍ରୀତଙ୍କ ନିକଟକୁ ଯାଇଥିଲେ। ଫିଲ୍ମ ନିର୍ମାତା ନୀତୀଶ ତିୱାରୀ ଏବଂ ରାକୁଲ୍‌ପ୍ରୀତ ସିଂଙ୍କ ମଧ୍ୟରେ ଏନେଇ ସକାରାତ୍ମକ ଆଲୋଚନା ହୋଇଥିବା ପ୍ରକାଶ ପାଇଛି। ରାକୁଲ୍‌ପ୍ରୀତ ମଧ୍ୟ ଏହି ଭୂମିକା ପାଇଁ ଲୁକ୍ ଟେଷ୍ଟ ଦେଇ ସାରିଛନ୍ତି ଏବଂ ଯଦି ଆଗକୁ ସବୁ ଯୋଜନା ଅନୁଯାୟୀ ଚାଲିବ, ତେବେ ବିବାହ କରିବା ପରେ ଏହା ରାକୁଲ୍‌ଙ୍କ ଅଭିନୀତ ପ୍ରଥମ ଚଳଚ୍ଚିତ୍ର ହେବ। ଏହି ଚଳଚ୍ଚିତ୍ର ପାଇଁ ରାକୁଲ୍ ମଧ୍ୟ ବେଶ୍ ବହୁତ ଉତ୍ସାହିତ ଥିବା ଖବର ମିଳୁଛି। ଚଳିତ ବର୍ଷ ମାର୍ଚ୍ଚରୁ 'ରାମାୟଣ' ଚଳଚ୍ଚିତ୍ରର ସୁଟିଂ ଆରମ୍ଭ ହେବା ନେଇ ସୂଚନା ଦିଆଯାଇଛି। ଫିଲ୍ମର ଶୁଟିଂ ରଣବୀର କପୁର ଏବଂ ସାଇ ପଲ୍ଲଭିଙ୍କଠାରୁ ଆରମ୍ଭ ହେବ। ସେହିପରି ସନି ଦେଓଲ ମେ' ମାସରେ ତାଙ୍କ ଭାଗର ଶୁଟିଂ କରିବେ ବୋଲି କୁହାଯାଉଛି। ଆସନ୍ତା ବର୍ଷ ଏହି ଫିଲ୍ମ ରିଲିଜ ହେବାର ସମ୍ଭାବନା ରହିଛି।

# ରେଡିଓ ଷ୍ଟେଶନରୁ ୨୦୦ ଫୁଟ୍‌ର ଟାୱାର ଚୋରି

ଆଲବାମା

ବେଳେବେଳେ ଏପରି କିଛି ଘଟିଥାଏ, ଯାହା ବିଶ୍ୱାସ ହୋଇ ନ ଥାଏ। ଏହିପରି ଏକ ଅବିଶ୍ୱସନୀୟ ଘଟଣା ଆମେରିକାର ଆଲବାମା ସହରରେ ସାମ୍ନାକୁ ଆସିଛି। ଏଠାରେ ଚୋରମାନେ ଏପରି ଚୋରି କରିଛନ୍ତି, ଯାହା କେହି ଭାବି ମଧ୍ୟ ପାରିବେନି। ଆଲବାମାର ଏକ ରେଡିଓ ଷ୍ଟେଶନରୁ ଚୋରମାନେ ୨୦୦ ଫୁଟ ଉଚ୍ଚା ରେଡିଓ ଟାୱାରକୁ ଚୋରି କରିନେଇଛନ୍ତି। ଚୋରିର ପରଦିନ ଯେତେବେଳେ ସମ୍ପୃକ୍ତ ରେଡିଓ ଷ୍ଟେଶନର କର୍ମଚାରୀମାନେ ପହଞ୍ଚିଥିଲେ, ସେମାନେ ଟାୱାରକୁ ଆଉ ପାଇ ନଥିଲେ। ସେହିପରି ରେଡିଓ ଷ୍ଟେଶନ୍‌ରେ ବ୍ୟାପକ ଭଙ୍ଗାରୁଜା ହୋଇଥିବା ମଧ୍ୟ ଦେଖିବାକୁ ପାଇଥିଲେ। ଏହାପରେ ସମ୍ପୃକ୍ତ କର୍ମଚାରୀମାନେ ନିଜ ଉପରିସ୍ଥ ଅଧିକାରୀ ଓ ପୋଲିସକୁ ଏନେଇ ଅବଗତ କରାଇଥିଲେ। ସେହିପରି ଏଠାରେ ବିଭିନ୍ନ ଉପକରଣ ଚୋରି ହୋଇଯାଇଥିବା ସହ ଟାୱାରରେ ଥିବା ତାରଗୁଡ଼ିକୁ ଚୋରମାନେ କାଟି ତଳେ ପକାଇ ଦେଇଥିବା ସୂଚନା ଦେଇଥିଲେ ସମ୍ପୃକ୍ତ ଷ୍ଟେଶନର ଜେନେରାଲ ମ୍ୟାନେଜର। ତେବେ ଏହି ବିଚିତ୍ର ଚୋରିରେ ସାମିଲ ଥିବା ଚୋରମାନଙ୍କୁ ଧରିବାକୁ ତଦନ୍ତ ଚାଲିଥିବାବେଳେ ଏପର୍ଯ୍ୟନ୍ତ ପୋଲିସ ସଫଳତା ପାଇପାରିନି। ଟାୱାର ଚୋରି ଘଟଣାକୁ ନେଇ ସମ୍ପୃକ୍ତ ରେଡିଓ ଷ୍ଟେଶନ ନିଜ ଫେସବୁକ ପେଜ୍‌ରେ ପୋଷ୍ଟ କରି ଦର୍ଶକମାନଙ୍କୁ ଜଣାଇଥିଲା।






# ୫୦ ବର୍ଷରେ ୧୯୩ ଦେଶ ଭ୍ରମଣ

**ୱାଶିଂଟନ:** କେତେଜଣ ଲୋକ ଭ୍ରମଣ କରିବାକୁ ଭଲ ପାଇବା ସହ ସେମାନେ ପୃଥିବୀର ପ୍ରତ୍ୟେକ କୋଣ ଅନୁଧ୍ୟାନ କରିବାକୁ ଚାହାନ୍ତି। ଜଣେ ଆମେରିକୀୟ ମହିଳା ମଧ୍ୟ ପିଲାଦିନୁ ବିଶ୍ୱ ଭ୍ରମଣ କରିବାର ସ୍ୱପ୍ନ ଦେଖିଥିଲେ ଏବଂ ଗତ ୫୦ ବର୍ଷ ମଧ୍ୟରେ ସେ ମୋଟ ୧୯୩ ଦେଶ ପରିଦର୍ଶନ କରିସାରିଛନ୍ତି। ଏପରି କରି ସେ ନିଜ ପିଲାଦିନେ ବିଶ୍ୱ ଭ୍ରମଣ କରିବା ନେଇ ଦେଖିଥିବା ସ୍ୱପ୍ନକୁ ପୂରଣ କରିଛନ୍ତି। ଏହି ଆମେରିକୀୟ ମହିଳା ଜଣଙ୍କ ହେଉଛନ୍ତି ଲୁଇସା ୟୁ। ଲୁଇସାଙ୍କ କହିବା କଥା ପିଲାବେଳେ ଯେତେବେଳେ ସେ ଚଳଚ୍ଚିତ୍ର ଦେଖିବାକୁ ଯାଉଥିଲେ, ସେତେବେଳେ ସମ୍ପୃକ୍ତ ଚଳଚ୍ଚିତ୍ରର ସୁନ୍ଦର ଦୃଶ୍ୟ, ନଦୀ, ପର୍ବତ ଆଦି ତାଙ୍କୁ ଆକର୍ଷିତ କରୁଥିଲା। ତେଣୁ ସେ ପିଲାବେଳୁ ହିଁ ସେହିସବୁ ସ୍ଥାନ ଭ୍ରମଣ କରିବାକୁ ମନ ବଳାଇଥିଲେ। ଯେତେବେଳେ ଲୁଇସା ୨୩ ବର୍ଷ ବୟସର ହୋଇଥିଲେ, ସେତେବେଳେ ସେ ନିଜ ଉଚ୍ଚଶିକ୍ଷା ପାଇଁ ଆମେରିକା ଆସିଥିଲେ। ସେହି ସମୟରେ ଆମେରିକାର ବିଭିନ୍ନ ପ୍ରଦେଶ ବୁଲି ସେ ତାଙ୍କ ଭ୍ରମଣ ଆରମ୍ଭ କରିଥିଲେ। ପ୍ରଥମେ ମେଡିକାଲ ଟେକ୍ନୋଲୋଜି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୁଇସା ନିଜ ବିଶ୍ୱ ଭ୍ରମଣ ନିଶାକୁ ପୂରା କରିବା ପାଇଁ ପରେ ଏକ ଟ୍ରାଭେଲ ଏଜେଣ୍ଟ ଭାବେ କାର୍ଯ୍ୟ କରିଥିଲେ। ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ସେ ଇଟାଲୀ ପରି ୟୁରୋପୀୟ ଦେଶରୁ ଥାଇଲାଣ୍ଡ ଭଳି ଏସୀୟ ଦେଶ, ଲିବ୍ୟା ପରି ଆଫ୍ରିକୀୟ ଦେଶ ଏବଂ ଇରାନ ପରି ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ଯାତ୍ରା କରିଛନ୍ତି। ମିଳିତ ଜାତିସଂଘର ସଦସ୍ୟ ଥିବା ସମସ୍ତ ୧୯୩ ଦେଶକୁ ଭ୍ରମଣ କରିବାକୁ ସେ ସକ୍ଷମ ହୋଇଛନ୍ତି। ଶେଷ ଦେଶ ଭାବେ ସେ ସର୍ବିଆକୁ ଭ୍ରମଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଫେବୃଆରୀ ୧୧/୨୦୨୪ Bhubaneswar, Sunday, February 11/2024 | ପୃଷ୍ଠା-୧

# ନିର୍ବାଚନ ପୂର୍ବରୁ ସିଏଏ

## ଭାରତୀୟ ନାଗରିକତ୍ୱ ପ୍ରଦାନ ପ୍ରକ୍ରିୟା ଖୁବ୍‌ଶୀଘ୍ର: ଶାହା

ଅଯୋଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ସାଙ୍ଗକୁ ଶନିବାର ପାର୍ଲାମେଣ୍ଟ ଶେଷ ଅଧିବେଶନର ଅନ୍ତିମ ଦିନରେ ରାମମନ୍ଦିର ଉପରେ ଏକ ସଂକଳ୍ପନାମା ଲୋକ ସଭାରେ ପାରିତ ହୋଇଛି। ତେବେ ମୋଦି ସରକାରଙ୍କ କିଛି ପଦକ୍ଷେପ ଦେଶରେ ମୁସଲମାନ ସମ୍ପ୍ରଦାୟକୁ ଟାର୍ଗେଟ ପାଇଁ ଉଦ୍ଦିଷ୍ଟ ବୋଲି କେତେକ ମହଲରେ ସ୍ୱର ଉଠିଲାଣି। ସେହିପରି ଭାଜପା ଶାସିତ ଉତ୍ତରାଖଣ୍ଡ ବୁଧବାର ପ୍ରଥମ ରାଜ୍ୟ ଭାବେ ସମାନ ଦେୱାନୀ ସଂହିତା (ୟୁସିସି) ଆପଣାଇଛି। ଏଭଳି ସ୍ଥଳେ ଆସନ୍ତା ଲୋକ ସଭା ନିର୍ବାଚନ ପୂର୍ବରୁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସାରା ଦେଶରେ ଲାଗୁ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଶନିବାର ଏକ କାର୍ଯ୍ୟକ୍ରମରେ କହିଛନ୍ତି। ଫଳରେ ଦେଶରେ ପୁଣି ଥରେ ସିଏଏ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିବା ଆଶଙ୍କା କରାଯାଉଛି।

**ଭାରତରେ ନାଗରିକତ୍ୱ**

| ପାଇବେ | ପାଇବେ ନାହିଁ |
|---|---|
| ହିନ୍ଦୁ, ଜୈନ, ଶିଖ୍, ପାର୍ସୀ, ବୌଦ୍ଧ, ଖ୍ରୀଷ୍ଟିଆନ | ମୁସଲମାନ, ଶ୍ରୀଲଙ୍କାର ତାମିଲ |

**ନୂଆଦିଲ୍ଲୀ,୧୦।୨**

ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବରୁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) କାର୍ଯ୍ୟକାରୀ ନିମନ୍ତେ ବିଜ୍ଞପ୍ତି ଜାରି ହେବ। ଏହା ପରେ ଖୁବ୍‌ଶୀଘ୍ର ଭାରତୀୟ ନାଗରିକତ୍ୱ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶନିବାର କହିଛନ୍ତି। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ପଡ଼ୋଶୀ ବାଂଲାଦେଶ, ପାକିସ୍ତାନ ଏବଂ ଆଫଗାନିସ୍ତାନରୁ ଭାରତ ପଳାଇଆସି ଏଠାରେ ରହିଯାଇଥିବା ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ, ପାର୍ସୀ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଲୋକମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରିବା ନିମନ୍ତେ କେନ୍ଦ୍ର ସରକାର ସିଏଏ ଆଣିଥିଲେ।

ସିଏଏ ଦେଶର ଆଇନ ଏବଂ ଏନେଇ ନିର୍ବାଚନ ପୂର୍ବରୁ ନିଶ୍ଚୟ ବିଜ୍ଞପ୍ତି ଜାରି ହେବ। ନିର୍ବାଚନ ପୂର୍ବରୁ ସିଏଏ କାର୍ଯ୍ୟକାରୀ ହେବ, ଏଥିରେ ସନ୍ଦେହ କରିବାର କିଛି ନାହିଁ ବୋଲି ଶାହା ଗ୍ଲୋବାଲ ବିଜ୍‌ନେସ୍ ସମିଟ୍‌ରେ ଉଦ୍‌ବୋଧନ ଦେଇ କହିଛନ୍ତି। ସେହି ଦେଶ ବିଭାଜନ ବେଳେ ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ୍‌ମାନେ ଧର୍ମୀୟ ଅତ୍ୟାଚାରର ସମ୍ମୁଖୀନ ହେବା ପରେ ଭାରତ ଚାଲିଆସିବାକୁ ଚାହିଁଥିଲେ। ଲୋକମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବା ନିମନ୍ତେ କଂଗ୍ରେସ ☞ପୃଷ୍ଠା-୬

# ୫୦୦ ଟଙ୍କା ବଢ଼ିଲା ମଧୁବାବୁ ପେନ୍‌ସନ

**ଭୁବନେଶ୍ୱର,୧୦।୨(ଅନିଲ ଦାସ)**

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

ମଧୁବାବୁ ପେନ୍‌ସନ ଯୋଜନା ହିତାଧିକାରୀଙ୍କ ପାଇଁ ଖୁସି ଖବର। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାରେ ୫୦୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି। ଏଣିକି ମଧୁବାବୁ ପେନ୍‌ସନ ହିତାଧିକାରୀମାନେ ୧୦୦୦ ଟଙ୍କା ପାଇବେ। ଏହି ବର୍ଦ୍ଧିତ ପେନ୍‌ସନ ଚଳିତ ଫେବୃଆରୀରୁ ସେମାନେ ପାଇବେ। ପୂର୍ବରୁ ଏହି ଯୋଜନାରେ ହିତାଧିକାରୀମାନେ ଯଥାକ୍ରମେ ୫୦୦, ୭୦୦ ଓ ୯୦୦ ଟଙ୍କା ପାଉଥିଲେ । ବର୍ଦ୍ଧିତ ପେନ୍‌ସନ ଅନୁଯାୟୀ ସେମାନେ ଏବେ ଯଥାକ୍ରମେ ୧୦୦୦, ୧୨୦୦ ଓ ୧୪୦୦ ପାଇବେ। ଏହି ବର୍ଦ୍ଧିତ ପେନ୍‌ସନ ପାଇଁ ରାଜ୍ୟ ସରକାର ବାର୍ଷିକ ୩୬୮୩ କୋଟି ଟଙ୍କା ଖର୍ଚ୍ଚ କରିବେ।

ମଧୁବାବୁ ପେନ୍‌ସନ ଯୋଜନାର ହିତାଧିକାରୀମାନଙ୍କୁ ଫେବୃଆରୀ ମାସର ପେନ୍‌ସନ ୨୦ ରୁ ୨୫ ତାରିଖ ମଧ୍ୟରେ ପ୍ରଦାନ କରାଯିବ। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳର ଲୋକମାନେ ଏହି ପେନ୍‌ସନ ରାଶି ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ। ଲୋକଙ୍କ ଅନୁରୋଧକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ସାମାଜିକ ସୁରକ୍ଷା ପେନ୍‌ସନ ଯୋଜନାର ଏହି ପେନ୍‌ସନ ରାଶି ପରିମାଣକୁ ବୃଦ୍ଧି କରିଛନ୍ତି। ☞ପୃଷ୍ଠା-୬

**ଆଜିର ସମ୍ପାଦକୀୟ**
ଶାସନ ପାଇଁ ଅଭିଶାପ









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହାମହୋତ୍ସବ, ସ୍ଥାନ: ରେଲୱେ ଖେଳପଡ଼ିଆ, ମଞ୍ଚେଶ୍ୱର, ସମୟ: ପ୍ରାତଃ ୫ଟାରୁ ରାତ୍ର୯ଟା।
- କଳିଙ୍ଗ ସାହିତ୍ୟ ମହୋତ୍ସବ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ହନୁମାନ ଅଭିଷେକ, ସ୍ଥାନ: ବେଣ୍ଟପୁରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଭୁବନେଶ୍ୱର ବ୍ଲକସ୍ତରୀୟ ପଞ୍ଚାୟତ କପ୍, ସ୍ଥାନ: ପିଣ୍ଡିକି ଖେଳପଡ଼ିଆ, ଦାରୁଠେଙ୍ଗ,ସମୟ: ପୂର୍ବାହ୍ନ ୧୦ଟା।
- ଆଚାର୍ଯ୍ୟ ହରିହର ବିଦ୍ୟାପୀଠର ୧୯୯୨-୯୩ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ, ସ୍ଥାନ: ବେଣ୍ଟପୁର ନୀଳକଣ୍ଠେଶ୍ୱର ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନବୀନ ଓଡ଼ିଶା ଯୋଜନା ଉପରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କଲ୍ୟାଣପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ମିଳିତ ମଞ୍ଚ ଏବଂ ସ୍ୱାଧୀନ ଫେଡେରେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସିଆଇଟିୟୁ ରାଜ୍ୟ ଅଫିସ, ଶ୍ରମିକ ଭବନ, ଖାରବେଳନଗର, ସମୟ: ପୂର୍ବାହ୍ନ ୧୧ଟା।
- ୨୮ ତମ ବାର୍ଷିକ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନର ଉଦ୍‌ଯାପନ ଉତ୍ସବ. ସ୍ଥାନ: ଭିଙ୍ଗାରପୁର ଦୁର୍ଗାପୂଜା ମଣ୍ଡପ ପରିସର, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ୟୁନିଟ୍-୬, ବିଦ୍ୟାମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- କଳିଙ୍ଗ କିଡ୍ସ ପକ୍ଷରୁ ବାର୍ଷିକ ଉତ୍ସବ 'ଆରିକା', ସ୍ଥାନ: ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଜିକେଏମ୍‌ଓଆର୍‌ସି ଅଡିଟୋରିୟମ, ସମୟ: ସନ୍ଧ୍ୟା ୫ଟା।
- ଲାୟନ୍ସ କ୍ଲବ ଭୁବନେଶ୍ୱରର ସ୍ୱର୍ଣ୍ଣ ଜୟନ୍ତୀ, ସ୍ଥାନ: ହୋଟେଲ ଲାଇଫ୍, ବିଏମ୍‌ସି ଅଫିସ୍ ପାଖ, ସମୟ: ସନ୍ଧ୍ୟା ୬ଟା।
- ଧଉଳି କଳିଙ୍ଗ ମହୋତ୍ସବ, ସ୍ଥାନ: ଧଉଳି ପାଦଦେଶ, ସମୟ: ସନ୍ଧ୍ୟା ୬ଟା ୩୦।
- ଭାରତ ରଙ୍ଗ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- କଳିଙ୍ଗ ବାହିନୀ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ,ପୁରୀ, ସମୟ: ସକାଳ ୯ଟା।
- ନୂଆ ଓ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଜଗନ୍ନାଥ ଷ୍ଟାଡିୟମ,ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଥମ ପୁରୀ ଲିଟରେଚର ଫେଷ୍ଟିଭାଲ, ସ୍ଥାନ: ସଂସ୍କୃତି ଭବନ, ପୁରୀ,ସମୟ: ପୂର୍ବାହ୍ନ ୧୦ଟା।
- 'ଆମ ଓଡ଼ିଶା ନବୀନ ଓଡ଼ିଶା' ନିମାପଡ଼ା ବ୍ଲକ ଅଧୀନ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର, ସ୍ଥାନ: ଉଚ୍ଛୁପୁର ପଞ୍ଚାୟତ କାର୍ଯ୍ୟାଳୟ, ଦେଉଳିଆଠେଙ୍ଗ ଖେଳ ପଡ଼ିଆ, ଶଗଡା ପଞ୍ଚାୟତ ଜୟଦୁର୍ଗା କଲ୍ୟାଣ ମଣ୍ଡପ ଶ୍ରୀମୁଖୀ, କୋଟୁକସଙ୍ଗ ପଞ୍ଚାୟତ ସାଧୁ ଗୋସେଇଁ ମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ୧୦ଟା।
- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ବାର୍ଷିକ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଟାଉନ ହଲ୍, ପୁରୀ,ସମୟ: ପୂର୍ବାହ୍ନ ୧୧ଟା।
- ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନବମ ପଦ୍ମଚରଣ ସ୍ମାରକୀ ଅଲ୍ ଓଡ଼ିଶା ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାରବାଟୀ ମିନି ଷ୍ଟାଡିୟମ,ସମୟ: ଅପରାହ୍ନ ୨।

## କଟକ

- ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ମାତୃପିତୃ ପୂଜନ ଦିବସ, ସ୍ଥାନ: ଲାଲା ମଠ, ଶେଖ୍‌ବଜାର,କଟକ, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ଖଣ୍ଡାୟତ କ୍ଷତ୍ରୀୟ ସମାଜର ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ,କଟକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରଜକିଶୋର ସ୍ମୃତି ସଂସଦ ପକ୍ଷରୁ ବ୍ରଜକିଶୋର ସାହୁଙ୍କ ୧୭ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ବସୁନ୍ଧରା, ବିଡ଼ାନାସୀ, କଟକ, ସମୟ: ପୂର୍ବାହ୍ନ ୧୦ଟା।
- ଫାର୍ମାସିଉଟିକାଲ ଏମ୍ପ୍ଲଇଜ୍ ୟୁନିୟନର ବାର୍ଷିକ ସମ୍ମିଳନୀ, ସ୍ଥାନ: ସିଏମ୍‌ସି କଲ୍ୟାଣ ମଣ୍ଡପ,କଟକ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ମୋସନ ପିକ୍‌ଚର ଟେକ୍ନିସିଆନ୍ସ ଆଣ୍ଡ୍ ୱାର୍କର୍ସ ଆସୋସିଏଶନ୍‌ର ୩୨ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଟାଉନ୍ ହଲ, କଟକ,ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି କଟକ ଜିଲା ଶାଖା ପକ୍ଷରୁ ୨୦୨୪ ସଙ୍ଗଠନ କ୍ୟାଲେଣ୍ଡର ଉନ୍ମୋଚନ, ସ୍ଥାନ: ମାଛୁଆବଜାରସ୍ଥିତ ସଂଘ ଅଫିସ,କଟକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଗୋପୀନାଥ ବେହେରା ଫାଉଣ୍ଡେଶନ ପକ୍ଷରୁ ପୂଜ୍ୟପୂଜା ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର,କଟକ, ସମୟ: ସନ୍ଧ୍ୟା୫ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ସଂକୀର୍ତ୍ତନ ମାଳା, ସ୍ଥାନ: ବଡ଼ମ୍ବା ବ୍ଲକ କନ୍ତପଡ଼ା ଶିଶୁବଗିଚା ସାହି, ସମୟ: ପ୍ରାତଃ ୫ଟା।
- ସତ୍ୟବାଦୀ କଳା ନିକେତନ ତରଫରୁ ଖଣ୍ଡୁଆ ସମ୍ମାନ ୨୦୨୪, ସ୍ଥାନ: ଟିଗିରିଆ ବ୍ଲକ ନୂଆପାଟଣା ନୋଡାଲ ଉପ୍ରା ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ମହିଳା ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚ, ସ୍ଥାନ: ଟିଗିରିଆ ପାଞ୍ଚଗାଁ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ଚାରୁଲତା ଚାରିଟେବଲ ଟ୍ରଷ୍ଟ ତରଫରୁ ଅସହାୟ ମହିଳାଙ୍କୁ ସହାୟତା, ସ୍ଥାନ: ବଡ଼ମ୍ବା ବ୍ଲକ ରତାପାଟ ଜିପି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ମା'ତାରିଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନୟାଗଡ ରୋଡ୍, ସମୟ: ସକାଳ ୮ଟା।
- ଭାରତ ବିକାଶ ପରିଷଦ ଖୋର୍ଦ୍ଧା ଶାଖା ବୈଠକ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ମା'ବଘେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଦେଉଳଟାଙ୍ଗୀ, ସମୟ: ପୂର୍ବାହ୍ନ ୧୧ଟା।
- ବାଜପୁର ପଞ୍ଚାୟତ ପ୍ରିମିୟର ଲିଗ୍ ଉଦ୍‌ଯାପନୀ ମ୍ୟାଚ୍, ସ୍ଥାନ: ବାଜପୁର ପଡିଆ, ସମୟ: ଅପରାହ୍ନ ୪ଟା।
- ୪୮ତମ ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ଜଟଣୀ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପାଣ୍ଡବ ଜେନା ଫାଉଣ୍ଡେଶନ ଅଧକ୍ଷ ଡ.ସନ୍ତୋଷ ଜେନାଙ୍କ ଦ୍ୱାରା ବୁଥ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜଟଣୀସ୍ଥିତ ଅଗ୍ରୱାଲ ଧର୍ମଶାଳା, ସମୟ: ପୂର୍ବାହ୍ନ ୧୧ଟା।
- ମା'ବିମଳାକ୍ଷୀ ଜିଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ହରିହର ବିଦ୍ୟାପୀଠ ଖେଳପଡିଆ ଅସରଳା, ସମୟ: ଅପରାହ୍ନ ୩ଟା।
- ମା'ଜାଗୁଲାଇ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗୌଡିଆପଡ଼ା, ସମୟ: ଅପରାହ୍ନ ୩ଟା।
- କୋଲୁହାପାଟଣା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୋଲୁହାପାଟଣା, ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିଶୁ ମନ୍ଦିରର ସାମ୍ବତ୍ସରିକ ଉତ୍ସବ, ସ୍ଥାନ: କଣ୍ଠାବାଡ଼, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ସ୍ୱାଭିମାନ ଖଣ୍ଡାୟତ ମହାସଭା, ସ୍ଥାନ: ନିଷ୍ଟ କଲେଜ, ଗଡ଼ଗଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଯାଦବ ସମ୍ମିଳନୀ, ସ୍ଥାନ: ଷ୍ଟେଶନ କ୍ଲବ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ମିଷ୍ଟର ଆଣ୍ଡ ମିସେସ୍ ବାଘାଯତୀନ୍ କ୍ଲାସିକ ଏବଂ ମିଷ୍ଟର ବାଲେଶ୍ୱର, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୬ଟା।
- ଶିଶୁ ସୁରକ୍ଷା ଓ ବାଲ୍ୟବିବାହ ନିଷେଧ ଉପରେ ସଚେତନତା ଶିବିର, ସ୍ଥାନ: ଶାଳବଣୀ, ନୀଳଗିରି, ସମୟ: ପୂର୍ବାହ୍ନ ୧୧ଟା।
- ସନ୍ତରାଗଡ଼ିଆ ସରକାରୀ ନୋଡ଼ାଲ ହାଇସ୍କୁଲର ଡାଏମଣ୍ଡ ଜୁବୁଲି ସେଲିବ୍ରେଶନ-୨୦୨୪, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପାଟପୁର ବଜାର ଗୋଛାୟତ କମ୍ପ୍ଲେକ୍ସ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ରୂପସା ମହୋତ୍ସବ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ, ସ୍ଥାନ: ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପ, ରୂପସା, ସମୟ: ଅପରାହ୍ନ ୪ଟା।
- ମାଗଣା ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଖଇରା ବ୍ଲକ ଅଧୀନ ଡାଲଙ୍ଗ ଚଣ୍ଡୀ ମନ୍ଦିର ପାଖ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଖଇରା ବ୍ଲକ ଗଡ଼ପୋଖରୀ ପଞ୍ଚାୟତର ସିମୁଳିଆ ସ୍ଥିତ ଭଗବତୀ ବିହାର ଆଶ୍ରମ ପରିସର, ସମୟ: ସକାଳ ୮ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶାରେ ଖଇରା ବ୍ଲକ ବଡ଼ନୂଆଗାଁ, ବର୍ଡନା, କୁପାରୀ, ନୟାଖଣ୍ଡି ଓ ସାରକୋଣାରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ମଧୁପୁରା ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସିମୁଳିଆ ରାବଣପୋଡି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ୭ମ ବାର୍ଷିକ ଯମପଡ଼ିଆ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ମୁର୍ଗାବାଡ଼ିସ୍ଥିତ ଯମପଡ଼ିଆ, ସମୟ: ସକାଳ ୯ଟା।
- ଆମ ଗାଁ ଗୁରୁଜନ ଓ ପୂଜନ, ସ୍ଥାନ: ଉଁହିରାକୁଳ, ଉଦଳା, ସମୟ: ସକାଳ ୮ଟା୩୦।
- ମୟୂରଭଞ୍ଜ ଆଥେଲେଟିକ୍ ଆସୋସିଏସନର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ବାରିପଦା ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୪ଟା ୩୦।
- କୁଲିଅଣା ବ୍ଲକ ଶିକ୍ଷକ ସଂଘର କର୍ମକର୍ତ୍ତା ବୈଠକ, ସ୍ଥାନ: କୁଆବୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ ଟା।
- ଆଦିବାସୀ ନୃତ୍ୟ ଡାବୁଲ ତାମସା, ସ୍ଥାନ: ଖୁଣ୍ଟା ବ୍ଲକ୍ ତାଡ଼କିଷରଣ, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ହାବିଲଦାର ଓ କନ୍‌ଷ୍ଟେବଲ ସଂଘ ନିର୍ବାଚନ ଭୋଟ୍ ଗଣତି, ସ୍ଥାନ: ରିଜର୍ଭ ପୋଲିସ କାର୍ଯ୍ୟାଳୟ, ଚରମ୍ପା, ସମୟ: ସକାଳ ୮ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ ଓ ସତ୍‌ସଙ୍ଗ ମନ୍ଦିରର ୧୯ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସତ୍‌ସଙ୍ଗ ବିହାର, ବନ୍ତଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ, ସ୍ଥାନ: ପୁରୁଷୋତ୍ତମପୁର ମିନିଷ୍ଟାଡିୟମ, ବନ୍ତ, ସମୟ: ସକାଳ ୯ଟା।
- ଶରତ ମେମୋରିଆଲ ପ୍ରିମିୟର ଲିଗ୍ ଫାଇନାଲ ମ୍ୟାଚ୍, ସ୍ଥାନ: ଆନନ୍ଦପୁର ପଞ୍ଚାୟତ, ବାଲିପାଟଣା, ଧାମନଗର, ସମୟ: ସନ୍ଧ୍ୟା ୬ଟା।
- ବାସୁଦେବପୁର ମହୋତ୍ସବ 'ବାସୁଦେବାୟନ'ର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ମହରମପୁର ପଞ୍ଚାୟତ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ସୟା ପଞ୍ଚାୟତ, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ବାହାବଳପୁର ପଞ୍ଚାୟତ, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ପ୍ରଗତିଶୀଳ ଲେଖକ ସାମ୍ମୁଖ୍ୟର ବାର୍ଷିକୋତ୍ସବ, ସ୍ଥାନ: ପୀରହାଟ ବଜାର, ବାସନ୍ତୀ ପଡ଼ିଆ, ତିହିଡ଼ି, ସମୟ: ଅପରାହ୍ନ ୩ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଶ୍ରୀଶ୍ରୀଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୬ତମ ଜନ୍ମ ଉତ୍ସବ ଓ ଯୋଡା ମନ୍ଦିର ପ୍ରତିଷ୍ଠା, ସ୍ଥାନ: ବନେଇକଳା ଶ୍ରୀଶ୍ରୀଜୟଗୁରୁ ମନ୍ଦିର, ଯୋଡ଼ା, ସମୟ: ସକାଳ ୬ ଟା।
- ମିଡ଼ିଆ ମୈତ୍ରୀ କପ୍‌କ୍ରିକେଟ୍‌ଟୁର୍ଣ୍ଣାମେଣ୍ଟ, ସ୍ଥାନ:ଯୋଡ଼ା କେନ୍ଦ୍ରୀୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ ଟା।
- କେନ୍ଦୁଝର ମାଇନ୍ସ ଆଣ୍ଡ ଫରେଷ୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ନିଯୁକ୍ତି ଦାବିରେ ଶ୍ରମିକ ସମାବେଶ, ସ୍ଥାନ: କୁରୁଡ଼ି ହାଟପଦା, ଯୋଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଓଡ଼ିଆ ମାଧ୍ୟମିକ ସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଶିକ୍ଷକ ଭବନ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ।
- ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟ କ୍ୟାମ୍ପସ,କେନ୍ଦୁଝର ସମୟ: ପୂର୍ବାହ୍ନ: ୧୧.୩୦।
- ଢେଙ୍କିକୋଟ ହାଇସ୍କୁଲ ୧୯୮୬ ବ୍ୟାଚ୍‌ର ବନ୍ଧୁମିଳନ, ସ୍ଥାନ: ପୌରାଣିକ ପୀଠ ସୀତାବିଞ୍ଜି, ଢେଙ୍କିକୋଟ୍, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର

- ମହାନଦୀ ହାଫ୍ ମାରାଥନ ଶୁଭାରମ୍ଭ, ସ୍ଥାନ: ରିଂରୋଡ଼ ସମଲେଶ୍ୱରୀ ମନ୍ଦିର ଛକ, ସମୟ: ସକାଳ ୬ଟା।
- ଗୁରୁ ପଦ୍ମସମ୍ଭବଙ୍କ ତଥ୍ୟ ସଂଗ୍ରହ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀ ଡୁଙ୍ଗୁରୀ, ସମୟ: ସକାଳ ୮ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଓଡ଼ିଆ ଇକୋନୋମିକ ଆସୋସିଏଶନର ବାର୍ଷିକୋତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ଜ୍ୟୋତି ବିହାର ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୁଇଟର ୧୪ତମ ପ୍ରତିଷ୍ଠା ଦିବସ ଉତ୍ସବ, ସ୍ଥାନ: ସମ୍ବଲପୁର ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ଗୋବିନ୍ଦତୋଲା ୟୁନିୟନ ସ୍ପୋର୍ଟିଂ କ୍ଲବ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ହାୱା ମଇଦାନ, ସମୟ: ଅପରାହ୍ନ ୩ଟା।
- ସମ୍ବଲପୁର ମହୋତ୍ସବ ୨୦୨୪ର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ବିର୍ସା ମଇଦାନ, ସମୟ: ସନ୍ଧ୍ୟା ସାଢ଼େ ୬ଟା।

## ବଲାଙ୍ଗୀର

- ମୁରିବାହାଲ ବ୍ଲକସ୍ତରୀୟ ତୈଳିକ ସମାଜର ସାମାଜିକ ବୈଠକ, ସ୍ଥାନ: ଗୋଇମୁଣ୍ଡ ଗ୍ରାମ ପଞ୍ଚାୟତର ଚିତ୍ରାମୁଣ୍ଡା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ମୁରିବାହାଲ ଗ୍ରାମ ପଞ୍ଚାୟତ ତରଫରୁ ପିଠା କାର୍ଯ୍ୟକ୍ରମ, ସ୍ଥାନ: ମୁରିବାହାଲ ଧନୁଯାତ୍ରା ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ନୂଆ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ବ୍ଲକ ବାଘମୁଣ୍ଡ ଓ ଲୁହାସିଂହା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଶ୍ରୀ ବୈଭବ ଭେଙ୍କଟେଶ୍ୱର ସ୍ୱାମୀଙ୍କ ବ୍ରହ୍ମୋତ୍ସବ, ସ୍ଥାନ: ଡୁରୁଙ୍ଗା, ସମୟ: ସକାଳ ୮ଟା।
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପାଇକମାଲ ଧର୍ମଶାଳା, ସମୟ: ସକାଳ ୯ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଛିନ୍ଦେକେଲା, ପାଇକମାଲ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଏକାଦଶ ଆଞ୍ଚଳିକ ସ୍ୱାସ୍ଥ୍ୟ ସମ୍ମିଳନୀ, ଶ୍ରୀମା ଅରବିନ୍ଦ ଯୋଗ ମନ୍ଦିର, ସ୍ଥାନ: ସେକ୍ଟର-୫, ସମୟ: ସକାଳ ୮ଟା।
- ସୂର୍ଯ୍ୟକାନ୍ତ ମେମୋରିଆଲ ଟି-୨୦ କ୍ରିକେଟ, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ସକାଳ ୯ଟା।
- ବନ ବିଭାଗ ପକ୍ଷରୁ ଜରୁରୀ କାଳୀନ ବୈଠକ ଓ ନିର୍ବାଚନ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୧ଟା।
- ଆଶାସାଥୀ ବୈଠକ, ସ୍ଥାନ: ସେକ୍ଟର-୬ ସିଏସ୍‌ଆର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆରଏସ୍‌ଏସ୍‌ର ବାର୍ଷିକ ସମ୍ମିଳନୀ, ସ୍ଥାନ: ସେକ୍ଟର-୧୩ କମ୍ୟୁନିଟି ସେଣ୍ଟର, ସମୟ: ଅପରାହ୍ନ ୧ଟା।
- ଭାରତ ଓ ନେଦରଲ୍ୟାଣ୍ଡ ମହିଳା ହକି ଦଳ ଅଭ୍ୟାସ, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ରାଧାନାଥ ଜୟନ୍ତୀ, ସ୍ଥାନ: ଦକ୍ଷିଣ ରାଉରକେଲା, ସମୟ: ଅପରାହ୍ନ ୩ଟା।
- ସୁପର ସ୍ପେଶାଲିଷ୍ଟ ହସ୍ପିଟାଲର ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା ।
- ପୁସ୍ତକ ମେଳାର ୧୦ମ ସନ୍ଧ୍ୟା, ସ୍ଥାନ: ଆଦର୍ଶ ପାଠାଗାର, ସେକ୍ଟର-୫, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉଚ୍ଚ ପ୍ରାଥମିକ ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧।
- ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମକୁନ୍ଦପୁର ଗ୍ରାମ, ସମୟ: ଅପରାହ୍ନ ସାଢ଼େ ୪ ଟା।
- ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହା ସମାଜର ଉଦ୍‌ଯାପନୀ ଦିବସ, ସ୍ଥାନ: ପଦମପୁର ହାଇସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- କୋମନା ବ୍ଲକସ୍ତରୀୟ ଯାଦବ ସମ୍ମିଳନୀ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଆଞ୍ଚଳିକ ଯାଦବ ଭବନ, ସମୟ: ସକାଳ ସାଢ଼େ ୯ଟା।
- ବିଭିନ୍ନ ଲୋକାଭିମୁଖୀ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୁଲିଆବନ୍ଧା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ପବ୍ଲିକ ଗ୍ୟାଲେରୀ ନିର୍ମାଣ ପାଇଁ ଶିଳାନ୍ୟାସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଆମାନାରା ମିନିଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୪୫ ।
- ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଶିଳାନ୍ୟାସ, ସ୍ଥାନ: କୋମନା ବ୍ଲକ ତରବୋଡ ଖେଳ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା ୩୫ ।
- ମାଲିମୋରାର ପଟେଲ ସମାଜ ବାର୍ଷିକ ଉତ୍ସବ, ସ୍ଥାନ: ଖରିଆର ରୋଡ ମିନିଷ୍ଟାଡିୟମ, ସମୟ: ଅପରାହ୍ନ ୧ଟା ୪୫ ।

## କଳାହାଣ୍ଡି

- ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁରରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିର ପରିକ୍ରମା ପରିଦର୍ଶନ କଳାହାଣ୍ଡିର ବିଭିନ୍ନ ବ୍ଲକ, ଏନ୍‌ଏସି ଓ ପୌରପାଳିକା ୱାର୍ଡ଼ରୁ ଯିବେ ୪ଶହ ଯାତ୍ରୀ, ସ୍ଥାନ: ଭବାନୀପାଟଣା ନୂଆ ବସ୍‌ଷ୍ଟାଣ୍ଡ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରା ଧବଳେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ୧୪ତମ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ , ସ୍ଥାନ: ବନ୍ଧଗୋରା ଖେଳପଡିଆ, ସମୟ: ସକାଳ ୮ଟା।
- ହରଭଙ୍ଗା ବ୍ଲକର କୁଶଙ୍ଗଠାରେ ନୂତନ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: କୁଶଙ୍ଗ , ସମୟ: ସକାଳ ୮ଟା।
- ବୌଦ୍ଧରେ ବିଶ୍ୱଶାନ୍ତି ଧର୍ମ ମହାଯଜ୍ଞ ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ସିଦ୍ଧଗୁରୁ ଆଶ୍ରମ, ଉମ୍ବରଗଡ(କଙ୍କଲା), ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

ଆନ୍ତଃ ଜିଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ, ଇନ୍ଦିରାଗାନ୍ଧୀ ଷ୍ଟାଡିୟମ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ, ସ୍ଥାନ: ବିଶାଳପାଲି ସ୍କୁଲ ଖେଳପଡିଆ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ ଟା।
- ମା' ନାରାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ, ଘଣ୍ଟପାଲି ଖେଳପଡ଼ିଆ, ବୀରମହାରାଜପୁର, ପୂର୍ବାହ୍ନ ୧୧ଟା।
- ମା' ଖମ୍ବେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ, ସ୍ଥାନ: ଟେଭାପଦର ଖେଳପଡିଆ,ସମୟ: ପୂର୍ବାହ୍ନ ୧୧ଟା।
- ନବାହ୍ନ ପାରାୟଣ, ଚଣ୍ଡିଯଜ୍ଞର ସପ୍ତମ ଦିବସ, ସ୍ଥାନ: ଘିଚାପାଲି (ମେଟାକାନି ଛକ, ବୀରମହାରାଜପୁର), ସମୟ: ପୂର୍ବାହ୍ନ ୧୧ଟା।
- ପାତାଳୀ ମହୋତ୍ସବ ସାଂସ୍କୃତିକ ସନ୍ଧ୍ୟାର ଦ୍ୱିତୀୟ ଦିବସ, ସ୍ଥାନ: ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର, ସମୟ: ଅପରାହ୍ନ ୫ଟା।

## ଢେଙ୍କାନାଳ

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ଓଡ଼ାପଡ଼ା, ସମୟ:ପୂର୍ବାହ୍ନ ୧୦ଟା ୩୦।
- ରଘୁନାଥଜୀଉ ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ସାରଙ୍ଗଧର ଷ୍ଟାଡ଼ିୟମ୍ ଅଡିଟୋରିୟମ, ସମୟ:ଅପରାହ୍ନ ୫ଟା

## ଅନୁଗୋଳ

- ୨୬ ତମ ଉଦ୍‌ବୋଧନୀ ସ୍ମୃତି ମହୋତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର ଅନୁଗୋଳ, ସମୟ: ସକାଳ ୮ଟା।
- ବଇଣ୍ଡା ଧରଣୀଧର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ-ବଇଣ୍ଡା ସମୟ-ସକାଳ ୧୦ ଟା
- ମା'ଭଣେଶ୍ୱରୀଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ-ବାଲିପଟା ପୂଜାପୀଠ କଣିହାଁ, ସମୟ-ମଧ୍ୟାହ୍ନ ୧୨ଟା।
- ଅନୁଗୋଳ ରୋଟାରୀ ପବ୍ଲିକ ସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ସ୍କୁଲ ପରିସର ସମୟ: ଅପରାହ୍ନ ୪ଟା
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ:ଶିଶୁ ବିଦ୍ୟାମନ୍ଦିର ପରିସର ଅନୁଗୋଳ, ସମୟ: ଅପରାହ୍ନ ୩ଟା

## ଗଞ୍ଜାମ

- ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ। ସ୍ଥାନ-ଗୋଷାଣୀ ନୂଆ ଗାଁ ମଙ୍ଗଳା ମନ୍ଦିର, ବ୍ରହ୍ମପୁର, ସମୟ-ପୂର୍ବାହ୍ନ ୧୧ଟା।
- ଆମ ଓ ନବୀନ ଓ ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ମାଣିତରା ପଞ୍ଚାୟତ ପଡିଆ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ପଦ୍ମପୁର, ସମୟ- ମଧ୍ୟାହ୍ନ ୧୨ଟା।
- ଅର୍ଥମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦଘାଟନ, ସ୍ଥାନ: ଭଞ୍ଜନଗର ବ୍ଲକ ଜିଲୁଣ୍ଡି, ଲାଲସିଂ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ ଟା।
- ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ: ଆସିକା ବ୍ଲକ ଚଢିଆପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଓ ପୁସ୍ତକ ଉନ୍ମୋଚନ, ସ୍ଥାନ: ପାରାଦୀପଗଡ଼ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରଘୁନାଥପୁର ବ୍ଲକ ପୂରଣ ଓଡ଼ପଡ଼ା,ଅଢେଇକୁଲ ଓ ତାରପୁର ପଞ୍ଚାୟତ, ସମୟ: ସକାଳ ୯ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କୁଜଙ୍ଗ ବ୍ଲକ ଭୁତମୁଣ୍ଡାଇ ଓ ମଙ୍ଗରାଜପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ୬୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ଅଡିଟୋରିଅମ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜଗତ୍‌ସିଂହପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ହୀରକ ଜୟନ୍ତୀ ସମାରୋହ, ସ୍ଥାନ:ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା
- ବାଲିଘରର ୩୪ ତମ ବାର୍ଷିକ ଉତ୍ସବ ଓ ସାହିତ୍ୟ ମହାମିଳନ, ସ୍ଥାନ: ତିର୍ତ୍ତୋଲ ବ୍ଲକ ମୁଣ୍ଡିଦା, ପଣ୍ଡୁଆ, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ୬୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ଅଡିଟୋରିଅମ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ପରାଗ ସାହିତ୍ୟ ସଂସଦର ୪୨ତମ ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ସ୍ଥାନ: ମହମ୍ମଦ ହସିମୁଦ୍ଦିନ ବିଦ୍ୟାଳୟ, ମେଣ୍ଢପୁର, ଆଳି, ସମୟ: ପୂର୍ବାହ୍ନ ୯ଟା
- ଅର୍ଥନୀତି ବିଜ୍ଞାନ ବିଭାଗର ପୁରାତନ ଛାତ୍ର ସଙ୍ଗଠନର ୬ଷ୍ଠତମ ସମ୍ମିଳନୀ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିବେଣୀ ମେଳା, ସ୍ଥାନ: ଆର୍ତ୍ତେଶ୍ୱର ପୀଠ, ନହଙ୍ଗ, ଡେରାବିଶ, ସମୟ: ଅପରାହ୍ନ ୧ଟା।
- ମା' କ୍ଷେତ୍ରପାଳିନୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଙ୍କୁରାରୋପଣ, ସ୍ଥାନ: ମେଳଣ ପଡିଆ, ହରିଅଙ୍କ, ଡେରାବିଶ, ସମୟ: ଅପରାହ୍ନ ୪ଟା।
- ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା, ସ୍ଥାନ: ତେଜୋମହଲ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଶିଳିପୁର ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ନଳିନୀ ମହାନ୍ତି ସ୍ମୃତି କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ରାଜନଗର ବ୍ଲକ ଫିରିକିଦାଣ୍ଡିସ୍ଥିତ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଖଣ୍ଡପଡ଼ା ବ୍ଲକ ଖଳିସାହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ସେମି ଫାଇନାଲ ମ୍ୟାଚ, ସ୍ଥାନ: ଖଳିସାହି ବଡ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ।
- ବିଶ୍ୱଶାନ୍ତି ଶୈବ ମହାଯଜ୍ଞ, ସ୍ଥାନ: ନୟାଗଡ ବରପଲ୍ଲୀ ଶ୍ରୀ ଶ୍ରୀକପିଳେଶ୍ୱର ମହାଦେବ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତମ ବାର୍ଷିକ ଉତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାବା ବିଶ୍ୱନାଥ ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ ନୟାଗଡ ପୁରୁଣା ସହରର କରଣସାହି ବଡମଠ, ସମୟ: ପୂର୍ବାହ୍ନ ୧୦ଟା
- ଆମ ଓଡ଼ିଶା ନବୀନ ଓଡ଼ଶା ସଚେତନତା ଶିବିର, ସ୍ଥାନ: ନୟାଗଡ଼ ବାଉଁଶିଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ନୟାଗଡ଼ ଶରଧାପୁର, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ଓଡ଼ଗାଁ ଶରଧାପୁର, ସମୟ: ଅପରାହ୍ନ ୧ଟା।
- ମା' ଅନ୍ଧାର ବାଉତୀଙ୍କ ରତ୍ନମୁଦ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଓଡ଼ଗାଁ ଶାଳିଆଝରୀ, ସମୟ: ଅପରାହ୍ନ ସାଢ଼େ ୩ଟା।

## ଯାଜପୁର

- ବିରଜାକୃପା ସାହିତ୍ୟ ପରିବାରର ୩ୟ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନ ପର୍ବ। ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୯ଟା।
- ବରୀ ବ୍ଲକରେ ପଞ୍ଚାୟତସ୍ତରୀୟ ଜନସଚେତନତା ଶିବିର। ସ୍ଥାନ: ଇଶାଣପୁର, ସାହୁପଡ଼ା, ଅନ୍ୟାସୀପୁର, ଗମୁ ଓ ସେରପୁର। ସମୟ : ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶନିଯୁକ୍ତ ଏକାଦଶ ଚନ୍ଦ୍ର ହେତୁ ବୈଷୟିକ ଅଭିବୃଦ୍ଧି ସହ ଫଳପ୍ରଦ ଆଲୋଚନା କରିବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ନିକଟ ସମ୍ପର୍କୀୟମାନଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ ବ୍ୟବସାୟରୁ ଲାଭବାନ୍ ହେବେ। ଦିନ ଭିତରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ**
ଅଷ୍ଟମସ୍ଥ ଶୁକ୍ରଙ୍କ ଧନ ସ୍ଥାନକୁ ଦୃଷ୍ଟି ହେତୁ ବିଳାସ ଉପକରଣ କିଣିବେ। ପାରିବାରିକ କ୍ଷେତ୍ରରେ ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଭାଇ, ଭଉଣୀଙ୍କ କୌଣସି କାମ ହାସଲ ସକାଶେ ଘରେ ମତାନ୍ତର ସୃଷ୍ଟି ହୋଇପାରେ।

**ମିଥୁନ**
ଷଷ୍ଠାଧିପ ମଙ୍ଗଳଙ୍କ କର୍ମକ୍ଷେତ୍ରସ୍ଥ ହେତୁ କାମରେ ବିଘ୍ନ ଘଟିପାରେ। ପାରିବାରିକ କ୍ଷେତ୍ରରେ କୌଣସି ଦୃଢ଼ ପଦକ୍ଷେପ ନେଲେ ଝାମେଲା ଅଧିକ ବଢ଼ି ଯାଇପାରେ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କିଛି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**କର୍କଟ**
ରାଶ୍ୟାଧିପ ଚନ୍ଦ୍ର ଅଷ୍ଟମରେ ଶନିଯୁକ୍ତ କାରଣରୁ କୌଣସି ବ୍ୟକ୍ତି ହଇରାଣ କରିପାରନ୍ତି। କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାର ବିଷୟ ହେବ। ପରିବହନ, ବ୍ୟବସାୟ ଓ ସଙ୍ଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ**
ଧନାଧିପ ବୁଧ ବ୍ୟୟାଷ୍ଟମଧିପଯୁକ୍ତ ଆର୍ଥିକ ପରିସ୍ଥିତିରେ ଅବନତି ଘଟିପାରେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ସମସ୍ୟା ବୃଦ୍ଧି କରିବ। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂର ସ୍ଥାନକୁ ଯିବା ପାଇଁ ବାଧ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହୋଇଯିବ।

**କନ୍ୟା**
ଶୁଭସ୍ଥ ଚନ୍ଦ୍ର ପ୍ରଭାବରେ ଅର୍ଥଲାଭ ସହ ଶୁଭ ଖବର ପାଇ ମନଟି ଖୁସି ହୋଇଯିବ। ବନ୍ଧୁଙ୍କଠାରୁ ସାହାଯ୍ୟ ସହଯୋଗ ଆଶା ନିରାଶାରେ ପରିଣତ ହୋଇପାରେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ। ବନ୍ଧୁ ଗହଣରେ କିଛି କହିବା ବ୍ୟତୀତ ନୀରବତା ଅବଲମ୍ବନ ଗ୍ରହଣ କରିବା ଭଲ ହେବ।

**ତୁଳା**
ଆଜି ରାଶିର କେନ୍ଦ୍ର ସ୍ଥାନରେ ଚାରୋଟି ଗ୍ରହ ରହିଥିବାରୁ ସାମାଜିକ ସ୍ତରରେ ପ୍ରତିଷ୍ଠାର୍ଜନ କରିବେ। ସବୁ ଦିଗରୁ ଯେମିତି ଭଲ ଚାହୁଁଛନ୍ତି, ସେମିତି ପାଇପାରିବେ। କିନ୍ତୁ ପିଲାମାନଙ୍କର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ମନେ ମନେ ବିରକ୍ତି ପ୍ରକାଶ କରିପାରନ୍ତି।

**ବିଛା**
ରାହୁ ଚତୁର୍ଥସ୍ଥ ଥିବା ଯୋଗୁ ଯାହାକୁ ଭଲ ଭାବୁଛନ୍ତି ସେହି ବ୍ୟକ୍ତି ବଦଳି ଯାଇ ପାରନ୍ତି। ଅଳ୍ପ ଦିନର ପରିଚିତ ଲୋକଟି ଫାଇଦା ହାସଲ ସକାଶେ ସର୍ବଦା ଚେଷ୍ଟିତ ରହିପାରେ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ସଂଗଠନ ଓ ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା ମିଳିବ। ସାଧାରଣ କଥାରେ ପ୍ରତିବାଦ କରି ଟେନ୍ସନ୍‌କୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ**
ଶୁକ୍ର ରାଶିରେ ଥିବାରୁ ସମ୍ପର୍କରେ ଉନ୍ନତି ଏବଂ ବିଳାସ ଉପକରଣ କ୍ରୟ କରିବେ। ମୂଳା ନକ୍ଷତ୍ର ପାଇଁ ଶତ୍ରୁମାନେ ସମସ୍ୟା ଭିତରକୁ ଠେଲି ଦେଇପାରନ୍ତି। ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କୀୟ ଅଯଥା ଚିନ୍ତା କରିପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରଯତ୍ନ କରିପାରନ୍ତି।

**ମକର**
ପାପଗ୍ରହମାନେ ରାଶିରେ ଅବସ୍ଥାନ କରୁଥିବାରୁ କାର୍ଯ୍ୟପ୍ରଣାଳୀ ଠିକ୍ ନ ହୋଇପାରେ। ସମସ୍ୟା ସହ ଲଢ଼େଇ କରି କାର୍ଯ୍ୟ ହାତେଇବେ। ମାଲିମକଦ୍ଦମା, ନିର୍ମାଣ, ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ରାଶିରେ ଚନ୍ଦ୍ରଯୁକ୍ତ ଶନିଙ୍କ ଯୋଗୁ ଥଣ୍ଡା ରୋଗରେ ପୀଡ଼ା ପାଇପାରନ୍ତି।

**କୁମ୍ଭ**
ଏକାଦଶସ୍ଥ ଶୁକ୍ର କୋଣଭାବକୁ ଦେଖୁଥିବାରୁ ଆଲୋଚନା ଫଳପ୍ରଦ ହେବ। କଠିନ ଶ୍ରମଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସାହାଯ୍ୟ ମନୋଭାବରୁ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହୋଇପାରନ୍ତି।

**ମୀନ**
ରାଶିରେ ରାହୁ ଏକପ୍ରକାର ଗୁରୁଚାଣ୍ଡାଳ ଯୋଗର ଫଳ ସ୍ୱରୂପ ପରିବାର ପାଇଁ ପ୍ରତିକୂଳପ୍ରଭାବ ଅନୁଭବ କରିପାରନ୍ତି। ବନ୍ଧୁମାନଙ୍କ ସାହଚର୍ଯ୍ୟରେ ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିଶ୍ଚିତ ପୂରଣ ହୋଇପାରିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା କାରଣରୁ ମନ ହାଲୁକା ହୋଇଯିବ। ସରକାରୀ କ୍ଷେତ୍ରରେ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ।

ଆଜି ଫେବୃଆରୀ ୧୧ ତାରିଖ, ମାଘ ଶୁକ୍ଳ ଦ୍ୱିତୀୟା ରବିବାର, ବିଶ୍ୱ ବିବାହ ଦିବସ, (ଫେବୃଆରୀ ୨ୟ ରବିବାର) ରାଶିନକ୍ଷତ୍ର- ଶତଭିଷା/କୁମ୍ଭ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୬।୧୧ ଗତେ ଘ.୧୦।୦୭ ମଧ୍ୟେ, ଘ.୦୧।୨୫ ଗତେ ଘ.୦୧।୫୪ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୪।୧୫ ମି. ଗତେ ଘ.୦୫।୪୦ ମି. ମଧ୍ୟେ ରାହୁକାଳ।








# ଓଡ଼ିଶାରେ ହେବ ଇଲେକ୍ଟ୍ରିକ୍ ଭେହିକଲ୍ ପ୍ରକଳ୍ପ

ଭୁବନେଶ୍ୱର,୧୦।୨(ଅନିଲ ଦାସ)

କଟକ ଓ ପାରାଦୀପଠାରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ପକ୍ଷରୁ ଇଲେକ୍ଟ୍ରିକ୍ ଭେହିକଲ୍(ଇଭି) ଓ ଇଭି ବ୍ୟାଟେରି ନିର୍ମାଣ ପ୍ରକଳ୍ପ ସ୍ଥାପନ ହେବ । ଏଥିପାଇଁ ଶନିବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଜେଏସ୍‌ଡବ୍ଲ୍ୟୁ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି । କମ୍ପାନୀ କଟକରେ ଇଭି ଭେହିକଲ୍ ଓ ଏହାର ଯନ୍ତ୍ରାଂଶ ମାନୁଫାକ୍ଚରିଂ ପ୍ଲାଣ୍ଟ ସ୍ଥାପନ କରିବା ବେଳେ ପାରାଦୀପଠାରେ କପର ସ୍ମେଲ୍‌ଟର ଓ ଲିଥିୟମ ରିଫାଇନେରି ସ୍ଥାପନ କରିବ।

ଏହି ପ୍ରକଳ୍ପ ଲାଗି ୪୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏଥିରେ ୧୦ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟରେ ଆନୁଷଙ୍ଗିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବୃଦ୍ଧି ହେବ। ଏହା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶରେ ସହାୟତା କରିବା ସହ ଅଟୋ କମ୍ପୋନେଣ୍ଟ ସପ୍ଲାଏ ଚେନ ଏବଂ ସର୍ଭିସ ସେକ୍ଟର ପାଇଁ ସୁଯୋଗ ସୃଷ୍ଟି କରିବ।



- ରାଜ୍ୟ ସରକାର, ଜେଏସ୍‌ଡବ୍ଲ୍ୟୁ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ
- ୪୦ ହଜାର କୋଟି ପୁଞ୍ଜି ବିନିଯୋଗ ହେବ
- ୧୦ ହଜାରଙ୍କୁ ମିଳିବ ନିଯୁକ୍ତି ସୁଯୋଗ
- ଶିଳ୍ପ ଅଭିବୃଦ୍ଧି, ଦୀର୍ଘମିଆଦୀ ବିକାଶକୁ ତ୍ୱରାନ୍ୱିତ କରିବ: ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଶିଳ୍ପର ବିକାଶ ସହ ବୈଷୟିକ କ୍ଷେତ୍ରର ଅଭିବୃଦ୍ଧି ପାଇଁ ଓଡ଼ିଶା ସରକାର ଏହି ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ରିହାତି ପ୍ୟାକେଜ ଯୋଗାଇ ଦେଇଛନ୍ତି। ଏହା କେବଳ ଯେ ଓଡ଼ିଶାର ଶିଳ୍ପକୁ ପ୍ରୋତ୍ସାହନ ଦେବ ତାହା ନୁହେଁ ବରଂ ଦେଶର ଇଭି ନିର୍ମାଣ କ୍ଷେତ୍ରର ଦକ୍ଷତା ବୃଦ୍ଧିରେ ସହାୟକ ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟର ଶିଳ୍ପ ବିପ୍ଳବ ଏବଂ ଦୀର୍ଘମିଆଦୀ ବିକାଶ କ୍ଷେତ୍ରରେ ଏହି ପ୍ରକଳ୍ପ ସହାୟକ ହେବ । ଏହାଦ୍ୱାରା ଅଟୋମୋବାଇଲ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ପ୍ରବେଶ କରିବ । ଏହି ଅବସରରେ ଜେଏସ୍‌ଡବ୍ଲ୍ୟୁ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ କମ୍ପାନୀର ଓଡ଼ିଶା ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟର ସ୍ଥିର ନେତୃତ୍ୱ ପାଇଁ ଜେଏସ୍‌ଡବ୍ଲ୍ୟୁ ଓଡ଼ିଶାରେ ଇଭି ୟୁନିଟ୍ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଇଛି। ଶିଳ୍ପ ପାଇଁ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ସହାୟତା ରହିଛି ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିର ନୂତନ ଯୁଗ ଆରମ୍ଭ ହୋଇଛି।

ଏହି କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ମୁଖ୍ୟ ଶାସନ ସଚିବ ପି.କେ. ଜେନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଶିଳ୍ପ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଡ୍‌କୋ ଏମ୍‌ଡି ଧନ୍ୟବାଦ ଦେଇଥିଲେ।

# ଜନଜାତି କଳା, ସଂସ୍କୃତି ଓଡ଼ିଶାର ସଂସ୍କୃତିକୁ ସମୃଦ୍ଧ କରିଛି

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମହାସମାବେଶ

ଭୁବନେଶ୍ୱର,୧୦।୨(ଅନିଲ ଦାସ)

ସମଗ୍ର ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟର ସାମଗ୍ରିକ ବିକାଶରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ପାଳନ କରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଶନିବାର ସ୍ଥାନୀୟ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି)ର ହିତାଧିକାରୀଙ୍କ ଏକ ମହାସମାବେଶ ଅନୁଷ୍ଠିତ ହୋଇଛି। ଏହି ମହାସମାବେଶକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଏସ୍‌ଡିସି ଜରିଆରେ ଓଡ଼ିଶା ଏହି ନିଆରା ପଦକ୍ଷେପ ଗ୍ରହଣ କରିବା ସହ ଆଦିବାସୀ ସମ୍ପ୍ରଦାୟର ନୃତ୍ୟ, ସଙ୍ଗୀତ ଓ ପରିବେଶକୁ ସଂରକ୍ଷଣ କରିବାର ଗୌରବ ଅର୍ଜନ କରିଛି। ୧୩ଟି ଆଦିମ ଜନଜାତି ସମେତ ୬୨ଟି ଆଦିବାସୀ ସମ୍ପ୍ରଦାୟର ସାମାଜିକ-ସାଂସ୍କୃତିକ ଆବଶ୍ୟକତାକୁ ପୂରଣ କରିବାରେ ଏସ୍‌ଡିସିକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଓଡ଼ିଶାର ସାମଗ୍ରିକ ସଂସ୍କୃତିକୁ ଜନଜାତି କଳା ଓ ସଂସ୍କୃତି ସମୃଦ୍ଧ କରିଛି। ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ରାଜ୍ୟ ସରକାର ଆହୁରି ଅନେକ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ୧୧ ହଜାରରୁ ଅଧିକ ପବିତ୍ର ପୂଜାସ୍ଥଳୀର ସଂରକ୍ଷଣ କରାଯାଇଛି। ଏହାବ୍ୟତୀତ ବ୍ଲକ ଓ ଜିଲା ସ୍ତରରେ ୬୦୦ରୁ ଅଧିକ କ୍ରୀଡ଼ା ଓ ସଂସ୍କୃତି ଉତ୍ସବର ମଧ୍ୟ ଆୟୋଜନ କରାଯାଇଛି।୨୧ଟି ଦ୍ୱିଭାଷିକ ଶବ୍ଦକୋଷ ମଧ୍ୟ ପ୍ରସ୍ତୁତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଆଦିବାସୀ ବାଦ୍ୟଯନ୍ତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ୧୩ଟି ପିଭିଟିଜି ସମ୍ପ୍ରଦାୟର ଦମ୍ପତିଙ୍କ ସହ ଫଟୋ ଉଠାଇଥିଲେ। ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପ୍ରସାର ଦିଗରେ ଅବଦାନ ପାଇଁ କେନ୍ଦୁଝରର ଦେବହୁଡ଼ିର 'ହୋ ସମାଜ ସାଗନ ଅକଳା'କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜର ୭ଟି 'ଜାହିରା'କୁ ସାମୂହିକ ଜଙ୍ଗଲ ଅଧିକାରରେ ପଟ୍ଟା ପ୍ରଦାନ କରିଛନ୍ତି।

### ଜନଜାତି ସଂସ୍କୃତିର ସଂରକ୍ଷଣ ପାଇଁ ରାଜ୍ୟ ସରକାର ଆହୁରି ଅନେକ ପଦକ୍ଷେପ ନେବେ:ମୁଖ୍ୟମନ୍ତ୍ରୀ

ଏହାଛଡ଼ା ମାଲକାନଗିରିର କୋୟା ଆଦିବାସୀ ଦଳ, କନ୍ଧମାଳର କୁଟିଆ କନ୍ଧ ଆଦିବାସୀ ଦଳର ସଦସ୍ୟମାନଙ୍କୁ ବାଦ୍ୟଯନ୍ତ୍ର ଓ ନବରଙ୍ଗପୁରର ଗଣ୍ଡ ଆଦିବାସୀ ଗୋଷ୍ଠୀକୁ ନୃତ୍ୟ ପୋଷାକ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ 'ମୋ ପରିକଳ୍ପନା' ରିପୋର୍ଟକୁ ମଧ୍ୟ ଉନ୍ମୋଚନ କରିଛନ୍ତି। ଏହାବ୍ୟତୀତ ରାଜ୍ୟସ୍ତରୀୟ ପ୍ରଶାସନିକ ୟୁନିଟ୍‌ର ଗବେଷଣା ଦଳ ଦ୍ୱାରା ପ୍ରସ୍ତୁତ କଫି ଟେବୁଲ ପୁସ୍ତକ ସାକ୍ରେଡ ଗ୍ରୋଭସ୍ ଅଫ୍ ଟ୍ରାଇବାଲ ଓଡିଶା,ଏସ୍‌ସିଏସ୍‌ଟିଆର୍‌ଟିଆଇ ଦ୍ୱାରା ପ୍ରକାଶିତ ସମରେନ୍ଦ୍ର ଭୂତିଆଙ୍କ 'ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଜନଜାତି' ପୁସ୍ତକ, ଏସ୍‌ସିଏସ୍‌ଟିଆର୍‌ଟିଆଇ ଦ୍ୱାରା ପ୍ରକାଶିତ ୧୭ଟି ଏମ୍‌ଏଲ୍‌ଇ ପ୍ରାଇମର୍ସ ଏବଂ ରାୟଗଡ଼ା ଏସ୍‌ଡିସି ଦ୍ୱାରା ଓଡ଼ିଆରେ ଅନୁବାଦିତ ୨୫ଟି ସଉରା ଭାଷା ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ଓଡ଼ିଶା ହେଉଛି ଦେଶର ଏକମାତ୍ର ରାଜ୍ୟ, ଯେଉଁଠାରେ ଜନଜାତି ଐତିହ୍ୟ ଓ ପରମ୍ପରାର ସୁରକ୍ଷା କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଜନଜାତି କଳା ଓ ସଂସ୍କୃତି ପ୍ରତି ଆନ୍ତରିକ ଭଲ ପାଇବା ଓ ନିଷ୍ଠା ଅଛି ବୋଲି ସେ କହିଛନ୍ତି।

ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝି କହିଛନ୍ତି ଓଡ଼ିଶାରେ ହିଁ ଜନଜାତିମାନଙ୍କ ସ୍ୱପ୍ନ ପୂରଣ ହୋଇଛି। ଜନଜାତି ଯୁବକମାନେ ଆଜି ବଡ଼ ହେବାର ସ୍ୱପ୍ନ ଦେଖିପାରୁଛନ୍ତି। ସ୍ୱାଗତ ଭାଷଣ ଦେଇ ବିଭାଗୀୟ ସଚିବ ରୂପା ରୋଶନ ସାହୁ କହିଛନ୍ତି ଯେ ଜନଜାତିଙ୍କ ଅଧିକାରର ସୁରକ୍ଷା ଓ ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶା ସବୁଠାରୁ ଆଗରେ। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧,୭୫୦ ହିତାଧିକାରୀଙ୍କ ସମେତ ୨୩ଟି ଏସ୍‌ଡିସିର ପ୍ରାୟ ୨,୦୦୦ ସଦସ୍ୟ ଅଂଶଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ ଯେ ବର୍ତ୍ତମାନ ୧୭୫ ବ୍ଲକକୁ ମିଶାଇ ମୋଟ ୨୩ଟି ଜିଲାରେ ୧ କୋଟିରୁ ଅଧିକ ଆଦିବାସୀ ବସବାସ କରୁଛନ୍ତି। ଏସ୍‌ଡିସି ଅଧୀନରେ ହୋଇଥିବା ସାଂସ୍କୃତିକ ବିକାଶ କାର୍ଯ୍ୟ ପାଇଁ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ପ୍ରତି ବ୍ଲକକୁ ବର୍ଷକୁ ଦେଢ଼ କୋଟି ଟଙ୍କା ପ୍ରଦାନ କରାଯାଉଛି।

ଏସ୍‌ଡିସିଗୁଡିକ ଦ୍ୱାରା ୧୧ ହଜାରରୁ ଅଧିକ 'ପବିତ୍ର ପୀଠ'ର ସୁରକ୍ଷା, ୨,୮୩୦ଟି ଆଦିବାସୀ ସାଂସ୍କୃତିକ କ୍ଲବ ନିର୍ମାଣ, ୧,୧୩୩ଟି ଆଦିବାସୀ ହାଟର ଉନ୍ନତି, ୧,୯୩୪ଟି ସଙ୍ଗୀତ ଦଳକୁ ବାଦ୍ୟଯନ୍ତ୍ର ବଣ୍ଟନ, ୧,୩୨୬ଟି ନୃତ୍ୟ ଦଳକୁ ନୃତ୍ୟ ପୋଷାକ ପ୍ରଦାନ, ୯୪୨ଟି ଏସ୍‌ଡିସି ଚାମ୍ପିୟନଙ୍କୁ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ, କ୍ରୀଡ଼ାର ପ୍ରଚାର ପ୍ରସାର ପାଇଁ ପ୍ରାୟ ୨,୮୦୯ଟି ଆଦିବାସୀ ଯୁବ କ୍ଲବ ଏବଂ ୬୦୦ରୁ ଅଧିକ ବ୍ଲକ୍ ଓ ଜିଲା ସାଂସ୍କୃତିକ ଓ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ କରାଯାଇଛି। ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ୧୪,୯୨୬ ଜଣ ଆଦିବାସୀ ପ୍ରତିନିଧିଙ୍କ ପାଇଁ ଏକ୍ସପୋଜର ଭିଜିଟ ଏବଂ ୩୬,୩୦୯ ଜଣ ଆଦିବାସୀ କାରିଗରଙ୍କୁ ଏସ୍‌ଡିସି କାରିଗର ପରିଚୟ ପତ୍ର ପ୍ରଦାନ କରାଯାଇଛି।

ଆର୍ଥିକ କ୍ଷେତ୍ରରେ ୯ଟି ପୁରୁଣା ଏସ୍‌ଡିସିକୁ ଏହାର ପ୍ରତିଷ୍ଠା ତାରିଖଠାରୁ ୨୦୨୨-୨୩ ବର୍ଷ ପର୍ଯ୍ୟନ୍ତ ୩୯୭ କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ସମସ୍ତ ୨୩ଟି ଏସ୍‌ଡିସି ଜିଲା ପାଇଁ ମୋଟ ୪୦୧.୨୫ କୋଟି ଆବଣ୍ଟନ କରାଯାଇଛି। ରାଜ୍ୟ ସରକାର ଏହାର ପ୍ରତିଷ୍ଠା ଦିନରୁ ଏପର୍ଯ୍ୟନ୍ତ ଏସ୍‌ଡିସିଗୁଡ଼ିକୁ ମୋଟ ୭୯୮.୨୫ କୋଟି ଟଙ୍କା ଆବଣ୍ଟନ କରିସାରିଛନ୍ତି।


ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଶନିବାର ଅନୁଷ୍ଠିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମହାସମାବେଶରେ ହିତାଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଇଲେକ୍ଟୋରାଲ ବଣ୍ଡରୁ ଭାଜପା ପାଇଛି ୧୩୦୦ କୋଟି

ନୂଆଦିଲ୍ଲୀ,୧୦।୨(ପି.ଟି.)

କେନ୍ଦ୍ରର ଶାସକ ଦଳ ଭାଜପା ୨୦୨୨-୨୩ ବର୍ଷରେ ଇଲେକ୍ଟୋରାଲ ବଣ୍ଡ ବାବଦକୁ ପ୍ରାୟ ୧୩୦୦ କୋଟି ଟଙ୍କା ପାଇଛି, ଯାହାକି କଂଗ୍ରେସଠାରୁ ୭ଗୁଣ ଅଧିକ। ଏହି ଆର୍ଥିକ ବର୍ଷରେ ଭାଜପା ୨୧୨୦ କୋଟି ଟଙ୍କାର ମୋଟ ଦାନ ପାଇଛି। ସେଥିରୁ ୬୧ ପ୍ରତିଶତ ଇଲେକ୍ଟୋରାଲ ବଣ୍ଡରୁ ହାତେଇଥିବା ନିର୍ବାଚନ ଆୟୋଗରେ ଦାଖଲ ହୋଇଥିବା ଦଳର ବାର୍ଷିକ ଅଡିଟ୍ ରିପୋର୍ଟରୁ ଜଣାପଡ଼ିଛି। ୨୦୨୧-୨୨ରେ ଭାଜପା ମୋଟ ଦାନ ଆକାରରେ ୧୭୭୫ କୋଟି ଟଙ୍କା ପାଇଥିଲା। ଅଡିଟ୍ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୨୨-୨୩ରେ ଭାଜପାର ମୋଟ ଆୟ ରହିଛି ୨୩୬୦.୮ କୋଟି ଟଙ୍କା। ୨୦୨୧-୨୨ରେ ଦଳର ମୋଟ ଆୟ ଥିଲା ୧୯୧୭ କୋଟି। ଅନ୍ୟପକ୍ଷରେ କଂଗ୍ରେସ ଇଲେକ୍ଟୋରାଲ ବଣ୍ଡରୁ ପୂର୍ବ ବର୍ଷ ତୁଳନାରେ କମ୍ ଅର୍ଥ ପାଇଛି। ୨୦୨୨-୨୩ରେ ଦଳ ୧୭୧ କୋଟି ଟଙ୍କା ପାଇଥିବାବେଳେ ୨୦୨୧-୨୨ରେ ୨୩୬ କୋଟି ଟଙ୍କା ପାଇଥିଲା। ଉପରୋକ୍ତ ଦୁଇ ଜାତୀୟ ଦଳ ବ୍ୟତୀତ କେତେକ ରାଜ୍ୟସ୍ତରୀୟ ଦଳ ମଧ୍ୟ ଇଲେକ୍ଟୋରାଲ ବଣ୍ଡରୁ ଅର୍ଥ ପାଇଛନ୍ତି। ଆନ୍ଧ୍ରପ୍ରଦେଶର ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଦଳ ତେଲୁଗୁ ଦେଶମ ପାର୍ଟି (ଟିଡିପି)

## ୨୦୨୨-୨୩

### କଂଗ୍ରେସଠାରୁ ୭ ଗୁଣ ଅଧିକ

୨୦୨୨-୨୩ରେ ୩୪ କୋଟି ଟଙ୍କା ପାଇଛି, ଯାହାକି ପୂର୍ବବର୍ଷ ତୁଳନାରେ ୧୦ଗୁଣ ଅଧିକ। ହେଲେ ଅନ୍ୟତମ ରାଜ୍ୟସ୍ତରୀୟ ଦଳ ସମାଜବାଦୀ ପାର୍ଟି (ଏସ୍‌ପି) ୨୦୨୨-୨୩ରେ ଟଙ୍କାଟିଏ ମଧ୍ୟ ଇଲେକ୍ଟୋରାଲ ବଣ୍ଡରୁ ପାଇପାରିନାହିଁ। ଉତ୍ତରପ୍ରଦେଶର ଅଖିଳେଶ ଯାଦବଙ୍କ ନେତୃତ୍ୱାଧୀନ ଏହି ଦଳ ୨୦୨୧-୨୨ ଇଲେକ୍ଟୋରାଲ ବଣ୍ଡରୁ ୩.୨ କୋଟି ଟଙ୍କା ପାଇଥିଲା।

ଦଳର ଜମା ଟଙ୍କା ଉପରେ ସୁଧ ବାବଦକୁ ଭାଜପା ୨୦୨୨-୨୩ରେ ୨୩୭ କୋଟି ଟଙ୍କା ପାଇଥିବାବେଳେ ୨୦୨୧-୨୨ରେ ୧୩୫ ଟଙ୍କା ପାଇଥିଲା। ଅନ୍ୟପକ୍ଷରେ ଦଳର ସମୁଦାୟ ବ୍ୟୟ ମଧ୍ୟରୁ ନିର୍ବାଚନ ଏବଂ ପ୍ରଚାର କାର୍ଯ୍ୟ ନିମନ୍ତେ ଏୟାରକ୍ରାଫ୍ଟ ଓ ହେଲିକପ୍ଟର ବ୍ୟବହାର ବାବଦକୁ ଭାଜପା ୭୮.୨ କୋଟି ଟଙ୍କା ଖର୍ଚ୍ଚ କରିଛି। ଏ ବାବଦରେ ୨୦୨୧-୨୨ରେ ଦଳ ୧୧୭.୪ କୋଟି ଟଙ୍କା ବ୍ୟୟ କରିଥିଲା। ସେହିପରି ପ୍ରାର୍ଥୀମାନଙ୍କୁ ଆର୍ଥିକ ସହାୟତା ବାବଦକୁ ଭାଜପା ୨୦୨୨-୨୩ରେ ୭୬.୫ କୋଟି ଟଙ୍କା ପ୍ରଦାନ କରିଛି। ୨୦୨୧-୨୨ରେ ଦଳ ପ୍ରାର୍ଥୀମାନଙ୍କୁ ୧୪୬.୪ କୋଟି ଟଙ୍କାର ଆର୍ଥିକ ସହାୟତା ଦେଇଥିଲା।





Benefits, you'll fall in love with.

| | Cash benefits up to* | Exchange | Pride of India / Corporate | Total benefits up to* |
|---|---|---|---|---|
| Grand i10 NIOS | ₹30 000 | ₹10 000 | ₹3 000 | ₹43 000 |
| AURA | ₹20 000 | ₹10 000 | ₹3 000 | ₹33 000 |
| VENUE | ₹20 000 | ₹10 000 | - | ₹30 000 |
| i20 | ₹15 000 | ₹10 000 | - | ₹25 000 |

Hyundai ClicktoBuy Scan here
3 YEAR 1 00 000km** Warranty Coverage | UPTO 7 YEARS Extended Warranty^ | 3 YEARS Road Side Assistance (RSA) | UPTO 5 YEARS Shield of Trust Running Repair Package | UPTO 5 YEARS Shield of Trust Super Maintenance Package

HYUNDAI

FOR INFORMATION CONTACT: TOLL FREE: 1800114645; ANGUL: BINOD HYUNDAI, PH: 8093147272, BALANGIR: BINOD HYUNDAI, PH: 8117067272; BHUBANESWAR: ADITYA HYUNDAI, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; UTKAL HYUNDAI, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; BERHAMPUR: UTKAL HYUNDAI, PH: 9437964843; BALASORE: PREMIER HYUNDAI, PH: 9938449810; BHADRAK, PH: 9938449806; BARIPADA: PREMIER HYUNDAI, PH: 9938449811; CUTTACK: OSL HYUNDAI, PH: 9338104597; PARADEEP, PH: 7077736600; JAGATSINGHPUR, PH: 7077736556, DHENKANAL, PH: 9338685216; UTKAL HYUNDAI, PH: 9437063221; KEONJHAR, PH: 9937117471, JAJPUR, PH: 7077719045; ROURKELA: KOSHALA HYUNDAI, PH: 7440022333; RAJGANGPUR, PH: 8093598037; SAMBALPUR: AAKASHDEEP HYUNDAI, PH: 9437070126; BARGARH: SAKAMBARI HYUNDAI, PH: 6370101797; JHARSUGUDA: INFINITY HYUNDAI, PH: 7077011114; SUNDERGARH, PH: 7606003303; JEYPORE: HSPL HYUNDAI, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; UTTARA: ADITYA HYUNDAI, PH: 7873999545, PURI, PH: 7873999980;

my Hyundai app | Hyundai Promise Certified Pre-Owned Car | To know more, WhatsApp us on 8447228019

*Terms & Conditions apply. Benefits include cash discount, exchange bonus and benefits for government or corporate employees, whichever is applicable. Benefits may vary with variants and are subject to change without prior notice. **3-year warranty or upto 1 00 000 km whichever is earlier for Grand i10 NIOS, AURA, i20 & i20 N line. 3-year unlimited km warranty is applicable for VENUE, VENUE N Line, CRETA, ALCAZAR, TUCSON, VERNA, KONA Electric and IONIQ 5. ^Upto 7 years extended warranty is applicable only for petrol variants. Source: Cardekho.com. HMIL reserves the right to withdraw/modify the scheme without prior notice. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.

# ଶାସନ ପାଇଁ ଅଭିଶାପ



ଆକାର ପଟେଲ

ଚଳିତ ମାସରେ ଉତ୍ତରାଖଣ୍ଡରେ ବିଲ୍ଡିଂ ଭଙ୍ଗା (ଡିମୋଲିଶନ)କୁ ନେଇ ସୃଷ୍ଟି ହୋଇଥିବା ହିଂସାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ପ୍ରକାର ଡିମୋଲିଶନ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଦେଖିବାକୁ ପାଇଥାଉ। ସାମ୍ପ୍ରଦାୟିକ ହିଂସା କିମ୍ବା ଭେଦଭାବ ବିରୋଧୀ ପ୍ରତିବାଦ ପରେ ମ୍ୟୁନିସିପାଲ କର୍ତ୍ତୃପକ୍ଷ କିମ୍ବା ପୋଲିସ ତରଫରୁ ଏକ ନ୍ୟାୟିକ ଦଣ୍ଡ ଭାବେ ଏଭଳି ଘର ଭାଙ୍ଗି ଧ୍ୱଂସ କରାଯାଉଛି। ଏହି ଧରଣର ଭଙ୍ଗା ପ୍ରକ୍ରିୟା ସମ୍ପର୍କରେ ସିଟିଜେନ୍ସ ଆଣ୍ଡ ଲୟର୍ସ ଇନିସିଏଟିଭ ଦ୍ୱାରା ପ୍ରସ୍ତୁତ 'କ୍ରୋଧର ମାର୍ଗ: ଧର୍ମୀୟ ଶୋଭାଯାତ୍ରାର ଅସ୍ତ୍ରକରଣ' ଶୀର୍ଷକ ରିପୋର୍ଟ (ଏପ୍ରିଲ ୨୦୨୨)ରେ ଉଲ୍ଲେଖ କରାଯାଇଥିଲା। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରୋହିନ୍ଟନ ନରିମାନ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ଏପ୍ରିଲ ୨୦୨୨ରେ ରାମନବମୀ ଓ ହନୁମାନ ଜୟନ୍ତୀ ପାଳନ ସମୟରେ ଏହି ଦେଶରେ ୯ଟି ରାଜ୍ୟରେ ବ୍ୟାପକ ଉପଦ୍ରବ ଓ ହିଂସା ଦେଖାଯାଇଥିଲା। ଏହା ପରେ ଜେସିପିଗୁଡ଼ିକ ବାହାରି ଆସିଥିଲା। ଆମ୍ନେଷ୍ଟି ଇଣ୍ଟରନ୍ୟାଶନାଲର ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଘରଭଙ୍ଗା ଯୋଗୁ ଲୋକେ ଗୃହହୀନ ହେବା ସହ ଜୀବିକା ହରାଇଥିଲେ। ଜାଗା ଛାଡ଼ିବାକୁ ସେମାନଙ୍କୁ ବାଧ କରାଯାଇଥିଲା। ସେମାନଙ୍କୁ ପୋଲିସ ଭୟଭୀତ କରାଇବା ସହ ବେଆଇନ ବଳ ପ୍ରୟୋଗ କରାଯାଇଥିଲା। ବିଭିନ୍ନ ସ୍ଥାନରେ ମୁସଲମାନ ବହୁଳ ଅଞ୍ଚଳକୁ କିମ୍ବା ମୁସଲମାନ ମାଲିକାନାରେ ଥିବା ସମ୍ପତ୍ତିକୁ ଭାଙ୍ଗିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ବିଶେଷକରି ଗୁଜରାଟରେ ଏବଂ ମଧ୍ୟପ୍ରଦେଶରେ ହିନ୍ଦୁମାନଙ୍କ ସମ୍ପତ୍ତି, ଯାହା ସରକାରୀ ଜମିକୁ ଜବରଦଖଲ କରିଥିବା ଅଭିଯୋଗ କରାଯାଇଥିଲା, ସେସବୁକୁ ପ୍ରଶାସନ ଛୁଇଁ ନ ଥିଲା। ଭାରତର ରାଜ୍ୟଗୁଡ଼ିକ ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ସ୍ୱେଚ୍ଛାଚାରୀ ଡିମୋଲିଶନ ଯୁକ୍ତିସଙ୍ଗତ କହୁଛନ୍ତି। ବାସ୍ତବରେ ନିର୍ମାଣ ଆଇନଗୁଡ଼ିକର କାର୍ଯ୍ୟକାରିତାରେ ପ୍ରବର୍ତ୍ତନର ବ୍ୟାପକ ଅଭାବ ଯୋଗୁ ଦେଶରେ ଆବଶ୍ୟକ ଅନୁମତି ବିନା ଅତ୍ୟଧିକ ନିର୍ମାଣ କାର୍ଯ୍ୟ କରାଯାଉଛି। ରାଜଧାନୀରେ ବେଆଇନ ନିର୍ମାଣ ଉପରେ ରିପୋର୍ଟ କରିବାକୁ ୨୦୧୭ରେ ଦିଲ୍ଲୀ ହାଇକୋର୍ଟ ଦ୍ୱାରା ଗଠିତ ଏକ କମିଟି ଦର୍ଶାଇଥିଲା ଯେ, ନିର୍ମାଣ କରାଯାଇଥିବା ଘରଗୁଡ଼ିକ ମଧ୍ୟରୁ ୯୦ ପ୍ରତିଶତ ନିର୍ମାଣ ଆଇନ କିମ୍ବା ଅନ୍ୟ କଟକଣାକୁ କୌଣସି ବାଟରେ ଉଲ୍ଲଂଘନ କରିଛନ୍ତି। ଏଭଳି ଏକ ସ୍ଥାନର ଉଦାହରଣ ହେଉଛି ଦିଲ୍ଲୀର ସୈନିକ ଫାର୍ମ ବା କଲୋନି। ଏହି ସ୍ଥାନଟି କେବେ ବି ଜେସିପି ଦେଖିନାହିଁ କିମ୍ବା ସେଠାରେ ଧନୀମାନଙ୍କ ଘର ଭଙ୍ଗାଯାଇନାହିଁ। ୨୦୨୩ରେ 'ଦିଲ୍ଲୀର ସୈନିକ ଫାର୍ମର ଆଇନଗତ ଭାବେ ସ୍ଥିତିକୁ ଶୀଘ୍ର ପରିବର୍ତ୍ତନ କର: ହାଇକୋର୍ଟ' ଶୀର୍ଷକ ଏକ ରିପୋର୍ଟ ଏହାର ବାସ୍ତବତାକୁ ଦର୍ଶାଇଥିଲା। ଅବଶ୍ୟ ମୁସଲମାନ ଗରିବଙ୍କୁ ଏଭଳି କୌଣସି ସୁବିଧା ଦିଆଯାଇ ନ ଥାଏ। ସେମାନଙ୍କୁ ଆଇନଗତ ଏବଂ ଅନ୍ୟାନ୍ୟ ସୁରକ୍ଷା ବିନା ନିଜ ଘର ବା ଜମିରୁ ସେମାନଙ୍କ ଇଚ୍ଛା ବିରୋଧରେ ସ୍ଥାୟୀ କିମ୍ବା ଅସ୍ଥାୟୀ ଭାବେ ବହିଷ୍କାର କରାଯାଇଛି। ବଳପ୍ରୟୋଗକରି ଘର ଉଚ୍ଛେଦ କରିବା ହେଉଛି ମାନବ ଅଧିକାରର ଉଲ୍ଲଂଘନ। ଅନ୍ତର୍ଜାତୀୟ ମାନବ ଅଧିକାର ଆଇନ ଅନୁଯାୟୀ ବହିଷ୍କାର କେବଳ ଅସାମାନ୍ୟ ପରିସ୍ଥିତିରେ ଏବଂ ପୂରା ନ୍ୟାୟିକ ଓ ପର୍ଯ୍ୟାପ୍ତ ଆଇନଗତ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ହେବ ବୋଲି ରାଜ୍ୟଗୁଡ଼ିକ ନିଶ୍ଚିତ କରିବା ଉଚିତ। ଅବଶ୍ୟ ନୂଆ ଭାରତରେ ଏସବୁ ମଧ୍ୟରୁ କୌଣସିଟି ନାହିଁ।

ଭାରତରେ ଘରଭଙ୍ଗିବା ପାଇଁ ଅନେକ ରାଜ୍ୟରେ ଅଧିକାରୀମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ବୁଲ୍‌ଡୋଜର ବ୍ୟବହାର କରୁଛନ୍ତି। ବିଶ୍ୱାସଯୋଗ୍ୟ ପ୍ରମାଣ ରହିଛି ଯେ, ଏହିସବୁ ଡିମୋଲିଶନ ପକ୍ଷପାତପୂର୍ଣ୍ଣ ଏବଂ ଏହାକୁ ଭାରତରେ ମୁସଲମାନଙ୍କ ବିରୋଧରେ ଏକ ଘୃଣା ଅଭିଯାନ ଭାବେ ବ୍ୟବହାର କରାଯାଉଛି। ଆମ୍ନେଷ୍ଟିର ଡିମୋଲିଶନ ସମ୍ପର୍କରେ ତଥ୍ୟ ଉପସ୍ଥାପନର ଦେଢ଼ ବର୍ଷ ପରେ ବି ଘର ଓ ବ୍ୟବସାୟ ହରାଇ ଆର୍ଥିକ ଅଭାବରେ ଥିବା ଲୋକମାନେ ନ୍ୟାୟ ପାଇଁ ଅପେକ୍ଷାରେ ରହିଛନ୍ତି। ମାମଲାଗୁଡ଼ିକ କୋର୍ଟରେ ପଡ଼ିରହିଛି। ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶରେ ଗଠିତ ଅର୍ଦ୍ଧ-ନ୍ୟାୟିକ ଟ୍ରିବ୍ୟୁନାଲକୁ ଦେଖିଲେ ଜଣାଯାଏ ଯେ, ଏହା ପୂର୍ବ ହିଂସାରେ କ୍ଷତିଗ୍ରସ୍ତ ହିନ୍ଦୁମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିଥିବାବେଳେ ହିଂସାର ଶିକାର ହୋଇଥିବା ମୁସଲମାନମାନେ ଘରଭଙ୍ଗା ପରେ ସଂଘର୍ଷ ଜାରି ରଖିଛନ୍ତି। ସିଟିଜେନ୍ସ ଆଣ୍ଡ ଲୟର୍ସ ଇନିସିଏଟିଭର ରୁଟ୍ସ ଅଫ୍ ୱାର୍ଥ(କ୍ରୋଧର ମାର୍ଗ) ରିପୋର୍ଟର ସିଦ୍ଧାନ୍ତରେ କୁହାଯାଇଛି ଯେ, ପୂର୍ବରୁ ଭାରତରେ ସାମ୍ପ୍ରଦାୟିକ ହିଂସା ବିଶେଷ ଭାବରେ ଭାରତୀୟ ମୁସଲମାନମାନଙ୍କ ପାଇଁ ସାମାଜିକ-ଅର୍ଥନୈତିକ ଗତିଶୀଳତାରେ ସ୍ଥାୟୀ ପ୍ରତିବନ୍ଧକ ସୃଷ୍ଟି କରିଥିଲେ ମଧ୍ୟ ସେସବୁ ସମାଜ କିମ୍ବା ଅନୁଷ୍ଠାନିକ ଅଧିକାର ଉପରେ ରାଜ୍ୟ ନିୟନ୍ତ୍ରଣକୁ କ୍ଷୁଣ୍ଣ କରି ନ ଥିଲା। କିନ୍ତୁ ଏହା ଏବେ ଦେଖାଯାଉଛି। ହିନ୍ଦୁତ୍ୱ ସଂସ୍ଥାଗୁଡ଼ିକ, ପୋଲିସ ଏବଂ ଜିଲା ପ୍ରଶାସନ ମଧ୍ୟରେ ସମନ୍ୱୟର ଅର୍ଥ ହେଉଛି ଏକ ଶୀର୍ଷ ବୈଚାରିକ ସଂସ୍ଥାକୁ ନାଗରିକ ସେବା ସହ ଜଡ଼ିତ କରିବା। କିନ୍ତୁ ଯାହା ଅନୁଭବ କରାଯାଉଛି, ସେମାନଙ୍କ କ୍ଷମତା କମିବା ସହ ସେମାନେ ସ୍ୱାଧୀନ ଭାବରେ କାମ କରୁଛନ୍ତି। ଏଗୁଡ଼ିକ ଶାସନର ଏକ ହିଂସାତ୍ମକ ଅଗଣତାନ୍ତ୍ରିକ ଢାଞ୍ଚାକୁ ଧାରଣ କରିଛନ୍ତି ଯାହା ଆଇନର ଶାସନ ପାଇଁ ଅଭିଶାପ ପାଲଟିଯାଇଛି। ଏପ୍ରିଲ ୨୦୨୨ରେ ୧୦୦ରୁ ଅଧିକ ଅବସରପ୍ରାପ୍ତ ବରିଷ୍ଠ ସରକାରୀ କର୍ମଚାରୀ ପ୍ରଧାନମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଦର୍ଶାଇଥିଲେ ଯେ, ସଂଖ୍ୟାଲଘୁ ବିଶେଷକରି ମୁସଲମାନ ସମ୍ପ୍ରଦାୟକୁ ସ୍ଥାୟୀ ଭୟ ମଧ୍ୟରେ ରଖିବାରେ ଆଇନର ଶାସନ ଏକ ମାଧ୍ୟମ ହୋଇଯାଇଛି। ସେମାନେ କହିଥିଲେ, ପ୍ରଶାସନର ସମସ୍ତ ସ୍ତରରେ ଅର୍ଥାତ୍ ସ୍ଥାନୀୟ ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭକରି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ସର୍ବୋଚ୍ଚ ରାଜନୈତିକ ସ୍ତରରେ ସାମ୍ପ୍ରଦାୟିକ ଉନ୍ମାଦକୁ ସଞ୍ଚାଳନ ତଥା ସହାୟତା ଯୋଗାଇ ଦିଆଯାଉଛି। ଶେଷରେ ସିଟିଜେନ୍ସ ଆଣ୍ଡ ଲୟର୍ସ ଇନିସିଏଟିଭ ରିପୋର୍ଟରୁ ଏହା ପ୍ରମାଣିତ ହୁଏ ଯେ, ଭାରତ ଚିରସ୍ଥାୟୀ ହିଂସା ସ୍ତରରେ ପହଞ୍ଚିଛି ବୋଲି ନାଗରିକ ସମାଜ ଗୋଷ୍ଠୀ, ଆଇନଜୀବୀ, ବୁଦ୍ଧିଜୀବୀ ଏବଂ କାର୍ଯ୍ୟକର୍ତ୍ତାମାନେ ଯାହା କହିଛନ୍ତି ତାହା ଯୁକ୍ତିଯୁକ୍ତ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 7 | |
| | | | 9 | | | | | 3 |
| | | 5 | | | | 8 | 4 | 6 |
| | 8 | 4 | | 6 | 2 | | | |
| | | 6 | 3 | 8 | | | | |
| | 5 | | | | | | | |
| | | 1 | | 3 | 6 | | 5 | 7 |
| | | | 8 | | | 1 | 6 | 9 |
| | | | 7 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 1 | 6 | 5 | 9 | 2 | 8 | 4 |
| 9 | 6 | 4 | 7 | 8 | 2 | 3 | 1 | 5 |
| 5 | 8 | 2 | 1 | 3 | 4 | 6 | 7 | 9 |
| 1 | 2 | 3 | 5 | 6 | 8 | 9 | 4 | 7 |
| 6 | 9 | 8 | 4 | 7 | 3 | 5 | 2 | 1 |
| 4 | 5 | 7 | 2 | 9 | 1 | 8 | 6 | 3 |
| 2 | 3 | 5 | 8 | 4 | 7 | 1 | 9 | 6 |
| 7 | 1 | 9 | 3 | 2 | 6 | 4 | 5 | 8 |
| 8 | 4 | 6 | 9 | 1 | 5 | 7 | 3 | 2 |

ଗତ କାଲିର ଉତ୍ତର

# ମନର ଯାନ୍ତ୍ରିକ ସହଚର



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଦାର୍ଶନିକ ପ୍ଲୁଟୋ ହୁଏତ ଭାବିପାରନ୍ତି ଯେ, ମନ ଓ ମସ୍ତିଷ୍କ ପରସ୍ପରଠାରୁ ଭିନ୍ନ ଏବଂ କହିପାରନ୍ତି, ''ମନ ହେଉଛି ଏକ ବୌଦ୍ଧିକ ସତ୍ତା, ଯାହାକୁ ପରୀକ୍ଷା କରିବା ଫଳରେ ସତ୍ୟର ସନ୍ଧାନ ମିଳିଥାଏ। ଅନ୍ୟପକ୍ଷରେ, ଆମେ ମସ୍ତିଷ୍କ ଦ୍ୱାରା ଇନ୍ଦ୍ରିୟମାନଙ୍କ ମାଧ୍ୟମରେ ଯାହାସବୁ ଅନୁଭବ କରୁ, ସେଗୁଡ଼ିକ ଆମ ଭୌତିକ ଶରୀରର ଏକ ଅଂଶ ଏବଂ ସେଗୁଡ଼ିକୁ ପ୍ରତାରିତ କରାଯାଇପାରିବ।'' କିନ୍ତୁ ସାଧାରଣ ଲୋକଙ୍କ ପାଇଁ ମନ ଏପରି ଏକ ଅବସ୍ଥା ଯାହାଦ୍ୱାରା ସେମାନେ ଭାବନ୍ତି, କଳ୍ପନା କରନ୍ତି, ମନେରଖନ୍ତି, ଇଚ୍ଛା କରନ୍ତି ଏବଂ ଅନୁଭବ କରନ୍ତି। ଏହା ମଧ୍ୟ ତାଙ୍କର ଅବବୋଧ, ସୁଖ ଓ ଯନ୍ତ୍ରଣା, ବିଶ୍ୱାସ, କାମନା, ଲକ୍ଷ୍ୟ ଏବଂ ଭାବପ୍ରବଣତା ସହ ସମ୍ପୃକ୍ତ। ମସ୍ତିଷ୍କ ସହିତ ଏହାର ସମ୍ପୃକ୍ତି ରହିଛି। କାରଣ ଏହା ସେମାନଙ୍କ ଭାବନା, ଅନୁଭବ ଏବଂ ଦୈହିକ କାର୍ଯ୍ୟକଳାପ କରିବାର ଦକ୍ଷତାକୁ ସୂଚିତ କଲାବେଳେ ମସ୍ତକ ମଧ୍ୟରେ ଥିବା ଅନ୍ୟଟି ଦେହର ଏକ ଭୌତିକ ଅଙ୍ଗ, ଯାହାକି ଏସବୁ କାର୍ଯ୍ୟକଳାପଗୁଡ଼ିକୁ ପରିଚାଳିତ କରେ। ଏପରିସ୍ଥଳେ ବିଗତ ୨୮।୧।୨୦୨୪ ଦିନ ଆମେରିକୀୟ କୋଟିପତି ଏଲନ୍ ମସ୍କଙ୍କ 'ନ୍ୟୁରାଲିଂକ' କମ୍ପାନୀର ବୈଜ୍ଞାନିକମାନେ ମସ୍ତିଷ୍କ ମଧ୍ୟରେ କମ୍ପ୍ୟୁଟର ଚିପ୍ ପ୍ରତିରୋପଣ କରିବା ଏବଂ ଏହି ଯାନ୍ତ୍ରିକ ବ୍ୟବସ୍ଥାଟି ମନ ସହିତ ମିଳିତ ଭାବେ କାର୍ଯ୍ୟ କରିବା ସେ ଦୁଇଟି ପରସ୍ପରଠାରୁ ଅଭିନ୍ନ ବୋଲି ପ୍ରମାଣିତ କରେ। ଅତଏବ ଏ ବ୍ୟବସ୍ଥାକୁ ମନର ସହଚର ବୋଲି କୁହାଯିବା ମଧ୍ୟ ଯୁକ୍ତିସିଦ୍ଧ।

'ଟେଲିପାଥି' ରୂପେ ନାମିତ ଏହି ବ୍ୟବସ୍ଥାଟି ହେଲା ଏକ ଛୋଟ ମୁଦ୍ରା ଆକାରର କମ୍ପ୍ୟୁଟର ଚିପ୍। ଅସ୍ତ୍ର ଚିକିତ୍ସା ବଳରେ ଏହାକୁ ଜଣେ ସ୍ୱେଚ୍ଛାସେବୀଙ୍କ ମସ୍ତିଷ୍କ ତଳେ ପ୍ରତିରୋପଣ କରାଯାଇଛି। ଫଳରେ ଏହା ତାଙ୍କୁ କେବଳ ଚିନ୍ତା କରିବା ମାଧ୍ୟମରେ କମ୍ପ୍ୟୁଟର ଏବଂ ଟେଲିଫୋନ୍ ବ୍ୟବହାର କରିବାକୁ ସମର୍ଥ କରିଛି। ଏଥିରେ ରହିଛି ୧୦୨୪ଟି କେଶଠାରୁ ପତଳା ତାର। ସେଗୁଡ଼ିକୁ ତାଙ୍କ ମସ୍ତିଷ୍କର ନିର୍ଦ୍ଦିଷ୍ଟ ଅଂଶମାନଙ୍କରେ ଖଞ୍ଜି ଦିଆଯାଇଛି। ଏହାର ଶେଷ ଭାଗକୁ ରହିଛି ସୂକ୍ଷ୍ମାତି ସୂକ୍ଷ୍ମ ନମନୀୟ ବିଦ୍ୟୁତ୍‌ଦଣ୍ଡ। କୌଣସି କଥା ଚିନ୍ତା କଲେ ତଦନୁଯାୟୀ ମସ୍ତିଷ୍କରେ ସ୍ନାୟୁକୋଷମାନେ ସକ୍ରିୟ ହୋଇ ଏହାକୁ ବୈଦ୍ୟୁତିକ ସଙ୍କେତ ମାଧ୍ୟମରେ ସୂଚନା ଦିଅନ୍ତି। ଅନ୍ୟପକ୍ଷରେ ଏ ବ୍ୟବସ୍ଥାଟି ବାହାରେ ଥିବା ଯନ୍ତ୍ର (କମ୍ପ୍ୟୁଟର ବା ଫୋନ୍)କୁ କାମ କରିବାକୁ ନିର୍ଦ୍ଦେଶ ଦିଏ।

ଏ ପ୍ରକାର ମସ୍ତିଷ୍କ-କମ୍ପ୍ୟୁଟର ପାରସ୍ପରିକ କ୍ରିୟା ସମ୍ପର୍କରେ ପରୀକ୍ଷା ଲସ୍ ଏଞ୍ଜେଲସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟଠାରେ ଆରମ୍ଭ ହୋଇଥିଲା ୧୯୭୦ ମସିହାରେ। ଏହା ଥିଲା ଏକ ସ୍ନାୟବିକ ପ୍ରଯୁକ୍ତିବିଦ୍ୟା। ବର୍ତ୍ତମାନ



'ନ୍ୟୁରାଲିଙ୍କ'ର ସଫଳତା ଏହାକୁ ଗୋଟିଏ ପାଦ ଆଗକୁ ନେଇଛି। ଏହାଦ୍ୱାରା ପ୍ରତିରୋପଣ ହୋଇଥିବା ବ୍ୟବସ୍ଥାଟି ମଣିଷର ଅଙ୍ଗପ୍ରତ୍ୟଙ୍ଗର ଚଳାଚଳ ସହିତ ସମ୍ପୃକ୍ତ ମସ୍ତିଷ୍କର 'ମୋଟର କୋର୍‌ଟେକସ୍' ଅଂଶରେ କରାଯାଇଛି। ଏହାକୁ ଅନ୍ୟ ଏକ କ୍ଷୁଦ୍ର ବାହ୍ୟ ବ୍ୟବସ୍ଥା (କମ୍ପ୍ୟୁଟର) ସହିତ ବିନା ତାରରେ ସମ୍ପୃକ୍ତ କରାଯାଇଛି, ଯାହାକି ମସ୍ତିଷ୍କର ସୂଚନାଗୁଡ଼ିକୁ ପ୍ରକ୍ରିୟାକରଣ ଓ ବ୍ୟାଖ୍ୟା କରେ। ତାହା ସ୍ନାୟୁ କୋଷମାନଙ୍କ କ୍ରିୟାଶୀଳତା ଦ୍ୱାରା ଉତ୍ପନ୍ନ ସୂଚନାଗୁଡ଼ିକୁ ନିର୍ଦ୍ଦେଶରେ ପରିବର୍ତ୍ତିତ କରୁଛି।

ଆଗରୁ ମାଙ୍କଡ଼ମାନଙ୍କଠାରେ ଏପରି ବ୍ୟବସ୍ଥାମାନ ସଫଳତାର ସହ ପ୍ରତିରୋପଣ କରାଯାଇଥିଲା। ଫଳରେ ସେମାନେ ମନ ବା ଚିନ୍ତା କରିବା ମାଧ୍ୟମରେ କମ୍ପ୍ୟୁଟର କାର୍ଯ୍ୟକୁ ନିୟନ୍ତ୍ରଣ କରିପାରିଥିଲେ। ଅତଏବ ଏହାଦ୍ୱାରା ଶବ୍ଦମାନ ଟାଇପ୍ କରିବା ତାଙ୍କ ଦ୍ୱାରା ସମ୍ଭବ ହେଉଥିଲା। ଏଥିରୁ ଏହି ଅବସ୍ଥାର ସୁଦୂରପ୍ରସାରୀ ସମ୍ଭାବନାମୟ ଭବିଷ୍ୟତର ସୂଚନା ମିଳିପାରିଥିଲା। ତହିଁରୁ ଏବେ ସ୍ପଷ୍ଟ ମନେହୁଏ ଯେ, 'ନ୍ୟୁରାଲିଂକ୍' ଭବିଷ୍ୟତରେ ପକ୍ଷାଘାତ ରୋଗୀମାନଙ୍କ ଭାବନା ଏବଂ ତାଙ୍କ ଚତୁଃପାର୍ଶ୍ୱର ଦୁନିଆ ମଧ୍ୟରେ ସଂଯୋଗର ସେତୁଭଳି କାର୍ଯ୍ୟକରିବ। ସେଥିପାଇଁ ମସ୍କ ମତ ଦେଇଛନ୍ତି ଯେ, ମୋଟର ନ୍ୟୁରୋନ ରୋଗ ହେତୁ ଜୀବନସାରା ଅଚଳ ରହି କମ୍ପ୍ୟୁଟର ସହାୟତାରେ ଗବେଷଣା ଓ ଜୀବନଯାପନ କରୁଥିବା ସୁପ୍ରସିଦ୍ଧ ବୈଜ୍ଞାନିକ ଷ୍ଟିଫେନ ହକିଂ ଯଦି ଆଜି ବଞ୍ଚିଥାନ୍ତେ ଏବଂ ତାଙ୍କଠାରେ ଏ ବ୍ୟବସ୍ଥା ଖଞ୍ଜାଯାଇ ପାରିଥାନ୍ତା ତା' ହେଲେ ବିଜ୍ଞାନଜଗତ ତଦ୍ଦ୍ୱାରା ବହୁଳଭାବେ ଉପକୃତ ହୋଇଥା'ନ୍ତା।

ଏ ବ୍ୟବସ୍ଥା ବିକଶିତ ହେଲେ ପାର୍କିନ୍‌ସନ୍ସ ରୋଗ, ବାର୍ଦ୍ଧକ୍ୟଜନିତ ସ୍ମୃତି ଶକ୍ତିହୀନତା ଏବଂ ଅନ୍ୟାନ୍ୟ ମାନସିକ ତଥା ଶାରୀରିକ ଅକ୍ଷମତା ଭୋଗୁଥିବା ରୋଗୀମାନଙ୍କଠାରେ ଏହା ବ୍ୟବହାର ହୋଇପାରିବ ବୋଲି ଆଶା କରନ୍ତି ବୈଜ୍ଞାନିକମାନେ। ଏପରିକି ସୁସ୍ଥ ଲୋକେ ମଧ୍ୟ ଏହାଦ୍ୱାରା ଉପକୃତ ହୋଇପାରିବେ। ତେବେ ସେ ପ୍ରକାର ବ୍ୟବହାର ପାଇଁ ଏ ବ୍ୟବସ୍ଥାକୁ ଉପଯୋଗୀ କରିବାକୁ ଆହୁରି ୫/୧୦ ବର୍ଷ ପର୍ଯ୍ୟନ୍ତ ଲାଗିଯିବ ବୋଲି ମନେକରାଯାଏ।

'ନ୍ୟୁରୋଲିଂକ୍'ର ବ୍ୟବହାରକୁ ନେଇ ମଧ୍ୟ ଅନେକ ବିପଦର ଆଶଙ୍କା ରହିଛି। ଉଦାହରଣ ସ୍ୱରୂପ ଏଥିରେ ଅସ୍ତ୍ର ଚିକିତ୍ସା ଦ୍ୱାରା ଖପୁରିରେ ଗର୍ତ୍ତ କରି ତନ୍ମଧ୍ୟ ଦେଇ ମସ୍ତିଷ୍କକୁ ସୁରକ୍ଷିତ ରଖିଥିବା ସ୍ତରଗୁଡ଼ିକୁ କାଟିବାକୁ ହୁଏ। ଏଥିରେ ସଂକ୍ରମଣ, ପ୍ରତିରୋପିତ ପଦାର୍ଥର ପ୍ରତ୍ୟାଖ୍ୟାନ (ଶରୀରର ପ୍ରତିରକ୍ଷା ବ୍ୟବସ୍ଥା ଦ୍ୱାରା) ଆଦିର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ମଣିଷର ମନ ଭିତରକୁ ଏ ପ୍ରକାର ଅଭୂତପୂର୍ବ ଅନୁପ୍ରବେଶ ବହୁ ନୈତିକ ପ୍ରଶ୍ନ ଉତ୍‌ଥାପନ କରିଛି। ତନ୍ମଧ୍ୟରୁ ପ୍ରଥମଟି ହେଲା, ବ୍ୟକ୍ତିଗତ ଜୀବନ ଉପରେ ପ୍ରଭାବ। ଏହା ସାହାଯ୍ୟରେ ଜଣେ ଲୋକ କ'ଣ ଚିନ୍ତା କରୁଛି, ତା'ର ଅତୀତର ସ୍ମୃତି ଆଦି ଜାଣିହେବ। ଅତଏବ ତାହାକୁ ସର୍ବସାଧାରଣ କରାଯାଇପାରିବ। ଅନ୍ୟପକ୍ଷରେ ଏହା ଉପରେ ବାହାରୁ ପ୍ରଭାବ ପକାଇ ଜଣେ ବ୍ୟକ୍ତିର ମନକୁ ଅନ୍ୟ ଜଣେ ନିୟନ୍ତ୍ରଣ କରିବା ମଧ୍ୟ ଭବିଷ୍ୟତରେ ସମ୍ଭବ ହୋଇପାରେ। ପୁନଶ୍ଚ ଏହା ମଧ୍ୟ ମଣିଷ ଓ ଯନ୍ତ୍ର ମଧ୍ୟରେ ଥିବା ସୀମାରେଖାକୁ ଅସ୍ପଷ୍ଟ କରିଦେଇପାରେ ଏବଂ ସେ ତା'ର ପରିଚୟ ହଜାଇ ଦେଇପାରେ। ଏହିଭଳି ବିବିଧ ପ୍ରଶ୍ନ ଉଠୁଛି ଅନେକ ମହଲରୁ।

ଅନ୍ୟପକ୍ଷରେ ମସ୍କ ସାନ୍ତ୍ୱନାବାଣୀ ଶୁଣାଇ ସାରିଲେଣି ଯେ ଅନ୍ତତଃ ବର୍ତ୍ତମାନ ପାଇଁ ଏ ବ୍ୟବସ୍ଥାର ବ୍ୟବହାର କେବଳ ଚିକିତ୍ସା କ୍ଷେତ୍ର ମଧ୍ୟରେ ହିଁ ସୀମାବଦ୍ଧ ରହିବ। ଆମେରିକା ସରକାର ବି ତାହା ନିୟନ୍ତ୍ରଣ କରିବାକୁ ନେଇ ଆଇନ ପ୍ରଣୟନ କଥା ଘୋଷଣା କଲେଣି। ତେବେ ସାଧାରଣତଃ ବହୁ ଉଚ୍ଚତର ତଥା ଶ୍ରେଷ୍ଠ ଗବେଷଣାର ଫଳାଫଳ ଦୁର୍ବ୍ୟବହାରୀମାନଙ୍କ ହାତକୁ ଚାଲିଯିବାର ଦେଖାଯାଏ। ପ୍ରକୃତରେ ଏହା ହିଁ ଏ କ୍ଷେତ୍ରରେ ଚିନ୍ତାର କାରଣ ହୋଇଛି। ତଥାପି ମଣିଷର ଜୀବନଧାରଣ ମାନ ବୃଦ୍ଧି ତଥା ସାର୍ବଜନୀନ ମଙ୍ଗଳ ଦିଗରେ ବିଜ୍ଞାନକୁ ଅଗ୍ରସର ହେବାକୁ ପଡ଼ିବ। ସେଥିପାଇଁ ଏଭଳି ବ୍ୟବସ୍ଥାର ସଦୁପଯୋଗ ଲାଗି ଆମକୁ ଅଧିକ ଦାୟିତ୍ୱବାନ ହେବାକୁ ହେବ।

ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

# ଭାଷା ଜାତିର ଜୀବନ



ଉପେନ୍ଦ୍ର ବିଶ୍ୱାଳ

ଲୋକମୁଖରେ ବୋଲାଯାଇଥାଏ ବହୁ ପ୍ରଚଳିତ ପ୍ରବାଦଟିଏ-''ଚାଷ ହୁଡ଼ିଲେ ବରଷେ, ଭାଷା ହୁଡ଼ିଲେ ପୁରୁଷେ।'' ଅର୍ଥାତ୍ ଚାଷକାମରେ ଜଣେ ବିଫଳ ହେଲେ ବା ଚାଷ ପ୍ରତି ବିମୁଖ ହେଲେ, ଚାଷୀକୁ ବର୍ଷଟିଏ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥାଏ। ମାତ୍ର ଭାଷା ବିମୁଖତା ବା ଅବହେଳା ପାଇଁ ଗୋଟେ ପୁରୁଷ ପର୍ଯ୍ୟନ୍ତ ଦୁର୍ଦ୍ଦିନକୁ ସାମ୍ନା କରିଥାଏ ଜାତି। ସଂସ୍କୃତି ଯେମିତି ମାଟିର ସୁରଭି, ମାତୃଭାଷା ବି ସେମିତି ଭୂମିର ବିଭବ। ଭାଷା ଓ ସଂସ୍କୃତି କେବଳ ଗୋଟେ ଜାତିର ପରିଚୟ ଫର୍ଦ୍ଦ ନୁହେଁ ବରଂ ପ୍ରଗତିର ପରିମାପକ। ଭାଷା -ସଭ୍ୟତାର ସ୍ୱାକ୍ଷର। ସ୍ୱାଭିମାନର ସନ୍ତକ। ଅସ୍ମିତାର ଅର୍ଘ୍ୟ। ଅଭିବ୍ୟକ୍ତିର ଅରୁଣରାଗ।

ଜାତିର ଜାତକ ଲେଖେ ଭାଷା। ଭୂମିର ସୀମାରେଖା ଆଙ୍କେ ଭାଷା। ଭାଷା ଯେତେ ଉଦ୍ଭାସିତ ହେବ ସାହିତ୍ୟ ଓ ସଂସ୍କୃତି ସେତେ ଐଶ୍ୱର୍ଯ୍ୟମୟ ହେବ। ଭାଷା ବି ଗୋଟେ ଭୂମିର ଭାଗ୍ୟ ଓ ଭବିଷ୍ୟତକୁ ନିର୍ଦ୍ଧାରଣ କରିଥାଏ, ଯାହାର ଜ୍ୱଳନ୍ତ ନମୁନା ହେଉଛି- 'ଇସ୍ରାଏଲ'ର 'ହିବ୍ରୁ' ଭାଷା। ଏହି ପରିପ୍ରେକ୍ଷୀରେ ସବୁଠୁ ପ୍ରଣିଧାନ ପ୍ରସଙ୍ଗ, ଯାହା ଗୋଟେ ଜାତି ପାଇଁ ଅତୀବ ଅପରିହାର୍ଯ୍ୟ ତାହା ହେଉଛି ମାତୃଭାଷାର ସୁରକ୍ଷା, ସମୃଦ୍ଧି। ସେଥିପାଇଁ ଉତ୍କୃଷ୍ଟ ଉପାୟ ହେଉଛି ମାତୃଭାଷାର ଉପଯୁକ୍ତ ଜ୍ଞାନ ଆହରଣ। ମାତୃଭାଷାର ମହତ୍ତ୍ୱକୁ ସୂଚାଇବାକୁ ଯାଇ କବି କହୁଛନ୍ତି- ମାତା, ମାତୃଭାଷା, ମାତୃଭୂମି ତିନି ସ୍ୱର୍ଗୁ ଗରୀୟସୀ ଚୌବର୍ଗଦାୟିନୀ। ମାଆ ଆମକୁ ଦୁନିଆ ସହିତ ପରିଚିତ କରାଇଲା ପରି ମାତୃଭାଷା ସେମିତି ଦୁନିଆ ସହିତ ପରିଚିତ ଓ ସମ୍ପର୍କ ବଢ଼ାଇବାର ମୂଳ ଆଧାର। ମାଆର ପଣତକାନି ପରି ମାତୃଭାଷା ହେଉଛି ଶୁଦ୍ଧ ଓ ଆନନ୍ଦଦାୟିନୀ। 'ମାଆ ମୁହଁର ଭାଷା'କୁ ଭୁଲିଯିବା ଅର୍ଥ ମାଆ ମୁହଁକୁ ଭୁଲିଯିବା। ମାଆର ଅନାଦର ଭଳିଆ ମାତୃଭାଷାକୁ ଅନାଦର କରିବା ହେଉଛି ଏକପ୍ରକାର ପାପାଚାର। ପୁଣି ଭାଷା ସହିତ ସଂଶ୍ଳିଷ୍ଟ ମାନସିକସ୍ତର। ଭାଷା ଯେତେ ସରଳ, ସାବଲୀଳ, ମାଧୁର୍ଯ୍ୟ ହେବ, ମନ ସେତେ ଶାନ୍ତ, କୋମଳ ଓ ସୁନ୍ଦର ହେବ। ତଦନୁଯାୟୀ ବ୍ୟବହାର ମଧ୍ୟ ମଧୁର ହେବ। ଭାଷା ଉତୁରିଆସେ ମନରୁ, ମନର ଭାବନାରୁ। ମନ ଯାହା ଚିନ୍ତାକରେ ମୁଖ ତାହା ହିଁ ପ୍ରକାଶ କରେ। ଅର୍ଥାତ୍ ଭାଷା ଉତ୍ପତ୍ତିର ମୂଳ ହେଉଛି ମନ। ବିଭିନ୍ନ ଗବେଷଣାର ନିଷ୍କର୍ଷ ଅନୁଯାୟୀ ମାତୃଭାଷା ହେଉଛି ବୁଝିହେଲା ଭଳିଆ ସବୁଠୁ ସହଜ ଭାଷା। ଅର୍ଥାତ୍ ସବୁଠୁ ବୋଧଗମ୍ୟ ଭାଷା ହେଉଛି ମାତୃଭାଷା।

ପିଲାଙ୍କ ବୌଦ୍ଧିକ ଦକ୍ଷତା ଓ କଳ୍ପନାଶକ୍ତିର ବୃଦ୍ଧି ଘଟିଥାଏ ମାତୃଭାଷା ଦ୍ୱାରା। କାରଣ ମନଟି ବେଶି ଚିନ୍ତା କରିପାରେ ମାତୃଭାଷାରେ ଏବଂ ବେଶି ମନେ ରଖିପାରେ। ମାତୃଭାଷାକୁ ଏଡ଼ାଇ ଚାଲିବା ଅର୍ଥ ଭାଷା ଓ ଜାତି ବିରୁଦ୍ଧରେ ଛଳନାପୂର୍ବକ ଛନ୍ଦ ରଚିବା। ଇଂଲିଶ୍ ସମେତ ଅନ୍ୟ ଭାଷା ଶିଖିବା ଓ ତା'ର ପ୍ରୟୋଗ କରିବା ଖୁବ୍ ଭଲ। ମାତ୍ର ନିଜ ଭାଷାକୁ ଅନାଦର କରିବା ଅପରିଣାମଦର୍ଶିତାର ପରିଚୟ; ଯାହା ଜାତି ପାଇଁ ଆତ୍ମଘାତୀ ସଦୃଶ। ଯେଉଁ ଭୂମି ନିଜ ଭାଷା, ନିଜ ସଂସ୍କୃତି, ନିଜ ଇତିହାସଠାରୁ ଦୂରେଇଯାଏ, ସେ ଭୂମିର ଭୂଗୋଳ ବଦଳିବାକୁ ବେଶି ସମୟ ଲାଗେନାହିଁ। ଯେଉଁ ଜାତି ମାତୃଭାଷା ପ୍ରତି ଯେତିକି ଅନୁରକ୍ତ, ସେ ଜାତି ସେତିକି ସମୁନ୍ନତ। ଭାଷା ଓ ଭୂମି ପ୍ରତି ବିମୁଖ ହେବା ବା ସେଥିରୁ ବିଚ୍ଛିନ୍ନ ହୋଇ ରହିବା ଜାତି ପ୍ରତି ଆତ୍ମଘାତୀ ସଦୃଶ। ମନୋବିଶେଷଜ୍ଞଙ୍କ କହିବାନୁଯାୟୀ ସର୍ବଦା ମାଆ, ମାତୃଭାଷା, ମାତୃଭୂମି ସମ୍ବନ୍ଧେ ଚିନ୍ତାକଲେ ମନ ସ୍ୱତଃ ଦେବଭୂମିରେ ପରିଣତ ହୋଇଯାଏ।



ମାତୃଭାଷା ସହିତ ବିଜଡ଼ିତ ମାଟିର ମମତ୍ୱବୋଧ। ଭାଷାର ସୁରକ୍ଷା ସହିତ ମାତୃଭାଷା ପ୍ରତି ସମସ୍ତଙ୍କର ଆଦରଭାବ, ଅନୁରାଗ ବଢ଼ିବା ଦରକାର। ଆମେ ଯଦି ଆମ ମାତୃଭାଷାକୁ ନ୍ୟୂନକରି ଇଂଲିଶ୍ ଭାଷାକୁ ଅଯଥା ଗୁରୁତ୍ୱ ଦେଉ, ତେବେ ଏହାଠାରୁ ବଳି ଦୁର୍ଭାଗ୍ୟର ବିଷୟ ଆଉ କ'ଣ ବା ଥାଇପାରେ? ବିଶ୍ୱର ଛଅ ହଜାର ଭାଷା ଭିତରୁ ପ୍ରାୟ ଅଢ଼େଇ ହଜାର ଭାଷା ଆଜି ବିପନ୍ନ ସ୍ଥିତିରେ ବୋଲି 'ୟୁନେସ୍କୋ' କହୁଛି। ଭାଷାର ଅସ୍ତିତ୍ୱ ନିର୍ଭରକରେ ବ୍ୟବହାର ଉପରେ। ଅର୍ଥାତ୍ ନିର୍ଭରକରେ ବର୍ତ୍ତମାନର ଓ ଆଗାମୀ ପିଢ଼ି ବ୍ୟବହାର ଉପରେ। ଆମ ଓଡ଼ିଆ ଭାଷା ହେଉଛି ପ୍ରାୟ ଦୁଇ ହଜାର ବର୍ଷର ପୁରୁଣା, ଯେଉଁଠି ଇଂଲିଶ୍ ଭାଷା ହେଉଛି କେଇଶହ ବର୍ଷ ତଳର। ପୁନଶ୍ଚ ଆମ ମାତୃଭାଷା 'ଓଡ଼ିଆ' ହେଉଛି ପୂର୍ବ ଭାରତର ପ୍ରାଚୀନତମ ଭାଷା, ଏପରିକି ବଙ୍ଗଳା ଭାଷାଠାରୁ ବି ପୁରୁଣା। ଓଡ଼ିଆ ଭାଷା ଏକ ପୂର୍ଣ୍ଣାଙ୍ଗ ଏବଂ ପ୍ରାଚୀନ ଭାଷା। ବିଶ୍ୱର ସମୁଦାୟ ଭାଷା ମଧ୍ୟରେ ବହୁ କଥିତ ୩୭ତମ ଭାଷା ହେଉଛି ଓଡ଼ିଆ ଭାଷା। ଭାରତର ୨୯ଟି ସ୍ୱୀକୃତ ଭାଷା ମଧ୍ୟରୁ ଓଡ଼ିଆ ଭାଷାର ସ୍ଥାନ ଦଶମ। ଏହା ମଧ୍ୟ ଦେଶର ୬ଷ୍ଠ ଶାସ୍ତ୍ରୀୟ ଭାଷାର ଗୌରବ ବହନ କରେ। ଓଡ଼ିଆ ଭାଷା-ଆମ ଉତ୍କର୍ଷର ଉତ୍ପ୍ରେରକ। ସ୍ୱପ୍ନର ସ୍ୱରାଜ୍ୟ। ସମୃଦ୍ଧ ସମ୍ଭାବନାର ଶୁକ୍ଳପକ୍ଷ। ଅତି ସୁନ୍ଦର ଆମ ମାତୃଭାଷାକୁ ଅଣଦେଖା କରି 'ଇଂଲିଶ୍' ଭାଷାକୁ ପ୍ରାଧାନ୍ୟ ଦେଉଥିବା ଆମ ଯୁବବର୍ଗ ଜାଣିରଖିବା ଉଚିତ ଯେ ଆଜି ସୁଦ୍ଧା ସାରା ବିଶ୍ୱର ମାତ୍ର ୧୧ଟି ଦେଶରେ ଇଂଲିଶ୍ ଭାଷା ପ୍ରଚଳିତ। ମିଳିତ ଜାତିସଂଘରେ ମଧ୍ୟ ଏହା ପ୍ରଚଳିତ ଭାଷା ନୁହେଁ(ପ୍ରଚଳିତ ଭାଷା-ଫରାସୀ)। ଏଭଳି ସ୍ଥଳେ ଇଂଲିଶ୍ କେମିତି ହେଲା ଏକ ଆନ୍ତର୍ଜାତିକ ଭାଷା? ପୁଣି ଏହା ଏକ ଜଟିଳ ଭାଷା, ଉଭୟ ପଢ଼ିବା-ଲେଖିବା-କହିବାରେ। ଅନ୍ୟପକ୍ଷରେ ଓଡ଼ିଆ ଏକ ସରଳ, ସାବଲୀଳ, ବିଜ୍ଞାନସିଦ୍ଧ ସମୃଦ୍ଧ ଭାଷା। ମାତୃଭାଷାକୁ ଯଦି ଆମେ ଯଥୋଚିତ ସମ୍ମାନ ନ ଦେବୁ କି ତା'ର ସୁରକ୍ଷା ଓ ସମୃଦ୍ଧି ପାଇଁ ଯତ୍ନବାନ୍ ନ ହେବୁ ତା'ହେଲେ କିଏ କରିବ ସେ କାମ? ଆମ ଭାଷା ପ୍ରତି ଯଦି ଆମେ ଯତ୍ନବାନ୍ ନ ହେବୁ ତେବେ ଅନ୍ୟ କିଏ ବା କାହିଁକି ସେଥିପ୍ରତି ମନୋନିବେଶ କରିବ। ଆମ ଜାତିର ଜାତକ ଆମେ ନିଜେ ଲେଖିବାନାହିଁ କାହିଁକି? ସେଥିପାଇଁ ଉତ୍କଳର ବରପୁତ୍ରମାନେ ତ କଣ୍ଠ ଫଟାଇ ଆମକୁ ଚେତେଇ ଯାଇଛନ୍ତି-''ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗ ନିଜ ମାତୃଭାଷା''(ଗଙ୍ଗାଧର ମେହେର)। ''ମାତୃଭୂମି, ମାତୃଭାଷା ଉଭୟ ଜନନୀ, ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ, ଏ ମାନବ ଜନ୍ମ ହେଉ ସଫଳ ମୋହର''(ମଧୁସୂଦନ ରାଓ)। ଆମ ଭାଷାର ସୁଯୋଗ୍ୟ ସେନାପତି 'ଫକୀର ମୋହନ' ବି ଉଦ୍‌ଘୋଷ କରିଯାଇଛନ୍ତି-'ଭାଷା ହିଁ ଜୀବନୀଶକ୍ତି ଜାତିମାନଙ୍କର।' ଏଣୁ ଆମେ ସମସ୍ତ ଓଡ଼ିଆପ୍ରାଣ ଓଡ଼ିଆ ଭାଷାର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ବିଶେଷ ଯତ୍ନବାନ୍ ହେବା।

ଗୋଡ଼ିଶୂଳ, ସଜନାଗଡ଼, ବାଲେଶ୍ୱର,
ମୋ- ୯୪୩୭୪୩୬୦୭୩

## ଏଇ ଭାରତରେ

କାଠ, ବେତ, ପ୍ଲାଷ୍ଟିକ କିମ୍ବା ଷ୍ଟିଲ୍ ଚେୟାରରେ ସମସ୍ତେ ବସିଛନ୍ତି। କିନ୍ତୁ ଏବେ ବାଉଁଶ ଚେୟାରରେ ବସି ଆରାମ କରିବେ। ଗୁଜରାଟର ଅଙ୍କିତ କୁମାର ଛଙ୍ଗୱାଲ ଏମିତିକା ବାଉଁଶ ଚେୟାର ତିଆରି କରିଛନ୍ତି। ଏହାକୁ ଭାରତର ପ୍ରଥମ ବାଉଁଶ ଚେୟାର ପାଣ୍ଟେଟ ମିଳିଛି। ଅଙ୍କିତ ବାମ୍ବୁସା କିସମର ବାଉଁଶରେ ଏହାକୁ ତିଆରି କରିଛନ୍ତି, କାରଣ ଏହି ବାଉଁଶ ଅନ୍ୟଠାରୁ ମଜଭୁତ। ଏହି ଚେୟାର ୧୫୦ କେ.ଜି. ଓଜନ ସମ୍ଭାଳିପାରିବ ଓ ଏହାର ସମୟକାଳ ୨୦ ବର୍ଷ। ଅଙ୍କିତ ବୀର ନର୍ମଦା ସାଉଥ ଗୁଜରାଟ ୟୁନିଭର୍ସିଟିରେ ଇଣ୍ଟେରିୟର ଡିଜାଇନରେ ସହକାରୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ। ୨୦୧୯ରେ ମଣିପୁରରେ ୱାର୍ଲ୍ଡ ବାମ୍ବୋ ୱାର୍କଶପ୍‌ରେ ଯୋଗଦେବା ସମୟରେ ସେ ଏଭଳି ଚେୟାର ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୧ରେ ତାଙ୍କର କେତେଜଣ ଛାତ୍ର ଓ ୪ଜଣ ସ୍ଥାନୀୟ ବାଉଁଶ କାରିଗରଙ୍କ ସହାୟତାରେ ଏହାର ଏକ ପ୍ରତିକୃତି ପ୍ରସ୍ତୁତ କରିଥିଲେ। ଏହାର ଡିଜାଇନ ଚୂଡ଼ାନ୍ତ କରିବାକୁ ଅଙ୍କିତଙ୍କୁ ୨ ବର୍ଷ ଲାଗିଯାଇଥିଲା। ବିଭିନ୍ନଆଡୁ ଏଥିପାଇଁ ଅର୍ଡର ଆସୁଥିଲେ ବି ସେ ଏହାର ବ୍ୟବସାୟ ଆରମ୍ଭ କରିନାହାନ୍ତି। ଏହି ଚେୟାର ତିଆରି ପାଇଁ ସେ କାରିଗରଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଯୋଜନା ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୧ ଫେବୃଆରୀ ୧୯୭୫

- ଭାରତ ରକ୍ଷା ଆଇନ ଓ ଭାରତୀୟ ଦଣ୍ଡବିଧି ଆଇନ ବଳରେ ବିଭିନ୍ନ ରାଜ୍ୟରୁ ୮୦୦ରୁ ଅଧିକ ଧର୍ମଘଟକାରୀ ଖାଦ୍ୟ କର୍ପୋରେଶନ କର୍ମଚାରୀ ଗିରଫ।
- କୋଝିକୋଡ଼ଠାରୁ ୭୫ କିଲୋମିଟର ଦୂରବର୍ତ୍ତୀ କାଲଟୀ ନିକଟରେ ଗୋଟିଏ ଘରୋଇ ଯାତ୍ରୀବାହୀ ବସ୍ ରାସ୍ତା ଉପରୁ ଏକ ନଦୀଗର୍ଭକୁ ଖସିପଡ଼ିବା ଫଳରେ ୧୨ ଯାତ୍ରୀ ନିହତ।
- ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶ୍ରୀ ସିଦ୍ଧାର୍ଥ ଶଙ୍କର ରାୟଙ୍କ ଦ୍ୱାରା ରାଜା ରାମମୋହନ ରାୟଙ୍କ ନାମରେ ନାମିତ ଏକ ନୂତନ ସେତୁ ଉଦ୍‌ଘାଟିତ।

## ଚିରନ୍ତନୀ

କିପାଇଁ ଆସ ଯାଅ କିପାଇଁ
ନ କହ କିପାଁ ପଦେ ତ କଥା
କ୍ଷଣକେ ଚାହିଁ ଯାଅ ଉଭାଇ
ଚିରଦିନକୁ ଲଗାଇ ବ୍ୟଥା।
(ନିଜ ଭୁଲ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଯାତ୍ରୀ ଯନ୍ତ୍ରଣା ଭୋଗୁଛନ୍ତି

ଭୁବନେଶ୍ୱର ମହାନଗର ନିଗମ ଅଧୀନ ୱାର୍ଡ ନଂ.୧୦ର ଚକେଇସିହାଣୀ-ଭିଏସ୍‌ଏସ୍‌ନଗର ମୁଖ୍ୟ ରାସ୍ତା ଏବେ ମୃତ୍ୟୁଯନ୍ତା ପାଲଟିଛି। ମୋ ବସ୍ ରାସ୍ତା ଉପରେ ରହୁଛି। ମୋ ବସ୍ କେଉଁଠିକୁ ଯାଉଛି ଆଉ କେଉଁ ବାଟେ ଯାଉଛି ଇତ୍ୟାଦି ଯାତ୍ରୀଙ୍କ ପକ୍ଷେ ଜାଣିବା କଷ୍ଟକର ବ୍ୟାପାର। ମୋ ବସ୍ ଯାତ୍ରା ପୂର୍ବ ଟାଉନ୍ ବସ୍ ଯାତ୍ରାର ଅନୁଭୂତିକୁ ସ୍ମରଣ କରାଇ ଦେଉଛି। ଯାତ୍ରୀଙ୍କ ଯନ୍ତ୍ରଣା ଅକଥନୀୟ ଓ ଅସହ୍ୟ। ଏହି ୱାର୍ଡର ଫୁଟ୍‌ପାଥ୍ ଜବରଦଖଲରେ। ଯାତ୍ରୀମାନେ ଗଛମୂଳ ଚଉପାଢ଼ିରେ ବସି ଅସହ୍ୟ ଯନ୍ତ୍ରଣାବୋଧ କରୁଛନ୍ତି। ପୂତିଗନ୍ଧମୟ ଡ୍ରେନ୍ ପରିବେଶ ଯାତ୍ରୀଙ୍କ ପାଇଁ କଷ୍ଟଦାୟକ। ଏଭଳି ସ୍ଥିତି ଯଦି ରାଜଧାନୀରେ ତା'ହେଲେ ଅନ୍ୟ ସହରଗୁଡ଼ିକରେ ଅବସ୍ଥା କେମିତି ଥିବ ତାହା ସହଜରେ ଅନୁମେୟ।

-ବାବୁଲି ଭାଇ, ଚକେଇସିହାଣୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିରୋଧୀଙ୍କ ନୂଆ ଚେହେରା ଦେଇପାରେ ଟକ୍କର

## କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ


ଅଶୋକ କୁମାର ବଳ


ଆକାଶଦାସ ନାୟକ


ବନ୍ଦିତା ପରିଡ଼ା


ବିଶ୍ୱଜିତ୍ ନାୟକ

କୋରେଇ, ୧୦।୨ (ଚନ୍ଦ୍ରକାନ୍ତ ପତି)

ଦୀର୍ଘ ବର୍ଷ ଧରି ଯାଜପୁର ଜିଲା କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରୁ ଅଣ-କଂଗ୍ରେସ ନେତା ବିଜୟୀ ହୋଇଆସୁଛନ୍ତି। ଯଦି ୨୦୦୯ରୁ ଦେଖାଯାଏ ବିଜେଡି ଅଦ୍ୟାବଧି ଏହି ଆସନକୁ ନିଜ ଅକ୍ତିଆର ରଖିଆସିଛି। ୨୦୦୯ରେ ପ୍ରୀତିରଞ୍ଜନ ଘଡ଼ାଇ, ୨୦୧୪ରେ ଆକାଶଦାସ ନାୟକ ଓ ୨୦୧୯ରେ ଅଶୋକ କୁମାର ବଳ ବିଧାୟକ ହୋଇଥିଲେ। ଅନ୍ୟପକ୍ଷରେ କୁହାଯାଉଛି ଉଭୟ କଂଗ୍ରେସ ଓ ଭାଜପାରେ ସେଭଳି ପ୍ରଭାବଶାଳୀ ନେତା ନିର୍ବାଚନ ରଣାଙ୍ଗନକୁ ଆସୁ ନ ଥିବାରୁ ବିଜେଡି ଜିତିବା ସହଜ ହୋଇଯାଉଛି। ଆସନ୍ତା ନିର୍ବାଚନରେ ବିରୋଧୀ ନୂଆ ଚେହେରା ଦେଲେ ବିଜେଡି ସହ ମୁକାବିଲା ହୋଇପାରେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମତ ରଖୁଛନ୍ତି।

ଜିଲାର ଅନ୍ୟ ନିର୍ବାଚନମଣ୍ଡଳୀ ଅପେକ୍ଷା ବିଜେଡି ସ୍ଥିତି ଏଠାରେ ଭଲ ଥିବାରୁ ଦଳ ପ୍ରତି ନିର୍ବାଚନରେ ପ୍ରାର୍ଥୀ ପରିବର୍ତ୍ତନ କରୁଥିବା ଦେଖିବାକୁ ମିଳୁଛି। ତେବେ ବର୍ତ୍ତମାନର ବିଧାୟକଙ୍କୁ ବିଭିନ୍ନ ସ୍ଥାନରେ ବିରୋଧ କରାଯାଉଥିବାରୁ ଦଳ ଭିତରେ ଥିବା ଗୋଷ୍ଠୀକନ୍ଦଳ ପଦାକୁ ଆସୁଛି। ସାଧାରଣରେ ଆଲୋଚନା ହେଲାଣି ଆସନ୍ତା ନିର୍ବାଚନରେ ଆକାଶଦାସ ନାୟକ କିମ୍ବା ନୂଆ ଚେହେରା ଦିଆଗଲେ ତାହା ପାର୍ଟି ପାଇଁ ସୁବିଧାଜନକ ହୋଇପାରେ। ପୁଣି କଥା ଉଠିଛି ଯଦି ଆକାଶଦାସ ବିଜେଡିରୁ ଟିକେଟ ନ ପାଆନ୍ତି ସେ ଭାଜପାକୁ ଯାଇପାରନ୍ତି। ଅଶୋକଙ୍କ ପ୍ରାର୍ଥିତ୍ୱକୁ ବିଜେଡି ମୋହର ଦେଲେ ଓ ଆକାଶଦାସ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କଲେ ଆକାଶଙ୍କ ପଲା ଭାରି ରହିବ ବୋଲି ଚର୍ଚ୍ଚା ହେଲାଣି।

ବିଗତ ନିର୍ବାଚନଗୁଡ଼ିକୁ ଦେଖିଲେ ବିଜେଡି ଜିତିବା ପରେ ବିରୋଧୀ ଦଳ ଭାବେ ଭାଜପା ଓ କଂଗ୍ରେସ ପ୍ରାର୍ଥୀମାନେ ସେତେଟା ସକ୍ରିୟ ହୋଇପାରୁନାହାନ୍ତି। ୨୦୧୪ରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ୩୧ ହଜାର ଭୋଟ ପାଇ ପରାଜିତ ହୋଇଥିବା ବିଶ୍ୱଜିତ୍ ନାୟକ ପରବର୍ତ୍ତୀ ସମୟରେ ଭାଜପାରେ ମିଶିଥିଲେ। ୨୦୧୯ ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇ ୪୨ ହଜାର ଭୋଟ ପାଇ ପରାସ୍ତ ହୋଇଥିଲେ। ସେହିପରି ବନ୍ଦିତା ପରିଡ଼ା ୨୦୧୯ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ୨୮ ହଜାର ଭୋଟ ହାତେଇବାକୁ ସକ୍ଷମ ହୋଇଥିଲେ। ହେଲେ ୨୦୧୯ ନିର୍ବାଚନ ପରଠୁ ଏଠାରେ ଦୁଇ ପ୍ରମୁଖ ବିରୋଧୀ ଦଳର ସ୍ଥିତି ଦୁର୍ବଳ ହୋଇପଡ଼ିଛି । ୪ ବର୍ଷ ହେବ ଦେଖା ନ ଥିବା ଭାଜପା ନେତା ବିଶ୍ୱଜିତ୍ ନାୟକ ମଧ୍ୟ ଗତ ୬ ମାସ ହେବ ସକ୍ରିୟ ହୋଇ ନିର୍ବାଚନ ରଣକୌଶଳ ପ୍ରସ୍ତୁତ କରୁଛନ୍ତି। ସେହିପରି ଗତ ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହେବାକୁ ଅଣ୍ଟା ଭିଡ଼ିଥିବା ଯୁବନେତା ଆଲେକ୍‌ଜାଣ୍ଡାର ଦାସ ଶେଷ ସମୟରେ ଟିକେଟ ପାଇବାରୁ ବାଦ୍ ପଡ଼ିଥିଲେ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଆଲେକ୍‌ଜାଣ୍ଡାର ପୁଣି ଟିକେଟ ଦୌଡ଼ରେ ଅଛନ୍ତି। ଜନଜାଗରଣ ଯାତ୍ରା କରି ଗାଁ କୁ ଗାଁ ବୁଲି ଲୋକଙ୍କୁ ଭେଟୁଛନ୍ତି। ହେଲେ ତାଙ୍କ ସାଙ୍ଗଠନିକ ଦକ୍ଷତା ସେତେ ପାକଳ ହୋଇ ନ ଥିବାରୁ ସେ ବିଜେଡି ପ୍ରାର୍ଥୀଙ୍କୁ ଟକ୍କର ଦେବା କାଠିକର ପାଠ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଅନ୍ୟପକ୍ଷେ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ କଂଗ୍ରେସ ସେଭଳି ଶକ୍ତି ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳୁନାହିଁ। କେବଳ କେତେ ଜଣ ପୁରୁଣା କର୍ମୀଙ୍କୁ ଛାଡ଼ିଲେ ଯୁବ ଭୋଟରମାନେ କଂଗ୍ରେସ ପ୍ରତି ସେଭଳି ଆକର୍ଷିତ ହେଉଥିବା ଆଭାସ ମିଳୁନାହିଁ। ତଥାପି କଂଗ୍ରେସ ନେତ୍ରୀ ବନ୍ଦିତା ପରିଡ଼ା ନିଜର ନିର୍ବାଚନୀ ରଣନୀତି ପ୍ରସ୍ତୁତ କରି ଅଭିଯାନ ଚଳାଇଛନ୍ତି।

ଦେଖିବାକୁ ଗଲେ ଗତ ନିର୍ବାଚନ ପରଠାରୁ ଏହି ନିର୍ବାଚନମଣ୍ଡଳୀର ପ୍ରତି ପଞ୍ଚାୟତ ତଥା ପ୍ରାୟ ସବୁ ଗାଁରେ ବିଜେଡିର ଗୋଷ୍ଠୀକନ୍ଦଳ ଲାଗିରହିଛି। ଏହାର ଫାଇଦା ମୁଖ୍ୟତଃ ବିରୋଧୀ ଦଳ ନେବା କଥା। ଅଥଚ ଦୁର୍ବଳ ନେତୃତ୍ୱ ପାଇଁ ଲୋକେ ବିରୋଧୀ ଦଳଗୁଡ଼ିକ ଉପରେ ଭରସା କରୁପାରୁନାହାନ୍ତି। ବିଜେଡିରୁ ପୂର୍ବତନ ବିଧାୟକ ଆକାଶଦାସ ନାୟକ ଓ ବିଧାୟକ ଅଶୋକ କୁମାର ବଳ ଟିକେଟ ଦୌଡ଼ରେ ଥିବା ବେଳେ ବିଜେଡି ମହିଳା କାର୍ଡ ଖେଳିପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ତା' ହେଲେ କଂଗ୍ରେସର ବନ୍ଦିତା ପରିଡ଼ା କିମ୍ବା ବ୍ୟାସନଗର ପୂର୍ବତନ ପୌରାଧକ୍ଷା ସବିତା ରାଉତଙ୍କ ମଧ୍ୟରୁ ବିଜେଡି କାହାକୁ ପ୍ରାର୍ଥୀ କରିପାରେ। ଏହା ମଧ୍ୟ ଆଲୋଚନା ହେଉଛି ଯେ, ବନ୍ଦିତା ଉଭୟ ବିଜେଡି ଓ ଭାଜପା ସହ ସମ୍ପର୍କରେ ରଖିଛନ୍ତି। ବେଳକାଳ ଦେଖି ସେ କଂଗ୍ରେସରୁ ଡେଇଁପାରନ୍ତି। କୋରେଇ ରାଜନୀତିକୁ ଦେଖିଲେ ସମୀକରଣ ଘନ ଘନ ବଦଳୁଛି। ଅର୍ଥାତ୍ ବିଜେଡିରୁ ଅଶୋକଙ୍କ ପରିବର୍ତ୍ତେ ନୂଆ ଚେହେରା ଏବଂ ଉଭୟ ବିରୋଧୀ ଦଳରୁ ନୂଆ କେହି ପ୍ରାର୍ଥୀ ହେଲେ ପ୍ରତିଦ୍ୱନ୍ଦ୍ୱିତା ଅଧିକ ତୀବ୍ର ହେବ ବୋଲି କୁହାଗଲାଣି।

# କଂଗ୍ରେସରେ ଅଭିନେତା ମନୋଜ ମିଶ୍ର


କଂଗ୍ରେସ ଭବନଠାରେ ଶନିବାର ଚଳଚ୍ଚିତ୍ର ଅଭିନେତା ମନୋଜ ମିଶ୍ର କଂଗ୍ରେସରେ ଯୋଗ ଦେଇଛନ୍ତି।

ଭୁବନେଶ୍ୱର, ୧୦।୨ (ଅନିଲ ଦାସ)

ଚଳଚ୍ଚିତ୍ର ଅଭିନେତା ମନୋଜ ମିଶ୍ର ବିଧିବଦ୍ଧ ଭାବରେ କଂଗ୍ରେସରେ ଯୋଗଦେଇଛନ୍ତି। ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଓ ପିସିସିର ପୂର୍ବତନ ସଭାପତି ଜୟଦେବ ଜେନାଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ସେ ହିନ୍ଦୀ, ତାମିଲ ଓ ଓଡ଼ିଆ ଭାଷାରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିବା ସହ ଦୁଇଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭକରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କଂଗ୍ରେସରେ ମିଶିବା ପରେ ପ୍ରତିକ୍ରିୟାରେ ମନୋଜ କହିଛନ୍ତି ଯେ କଂଗ୍ରେସର ନୀତି, ଆଦର୍ଶ ଓ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ସେ ଦଳରେ ଯୋଗ ଦେଇଛନ୍ତି। କେନ୍ଦ୍ରରେ ଥିବା ଭାଜପା ସରକାର ଓ ରାଜ୍ୟରେ ଥିବା ବିଜେଡି ସରକାର ଓଡ଼ିଶାର ଜନସାଧାରଣଙ୍କୁ ପ୍ରତାରଣା କରୁଛନ୍ତି। ଓଡ଼ିଶାବାସୀଙ୍କ ପାଇଁ ସେବା ଏବଂ ଓଡ଼ିଆ ଚଳଚ୍ଚିତ୍ର ଜଗତର ଉନ୍ନତି ପାଇଁ ଆଗାମୀ ଦିନରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ପରେ ସେ କଂଗ୍ରେସରେ ମିଶିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

# ଯୁବ ଓ ଛାତ୍ର ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ


କାର୍ଯ୍ୟକାରିଣୀ ବୈଠକରେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ବୋଧନ ଦେଉଛନ୍ତି।

## ବିଜୁ ଯୁବ ଛାତ୍ର ଜନତା ଦଳର କାର୍ଯ୍ୟକାରିଣୀ

ଜଳେଶ୍ୱର, ୧୦।୨ (ନବୀନ ସାହୁ)

ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଯୁବ ଛାତ୍ର ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ମୂରଲୀ କଲ୍ୟାଣ ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ନିର୍ବାଚନମଣ୍ଡଳୀ ଯୁବ ସଭାପତି ବିଶ୍ୱଜିତ ପାଳଙ୍କ ସଭାପତିତ୍ୱରେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଜେଡି ମୁଖପାତ୍ର ଡ. ଲେଲିନ କୁମାର ମହାନ୍ତି, ଯୁବ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲା ଛାତ୍ର ସଭାପତି ସିମନ ଦାସମହାପାତ୍ର, ଜିଲା ଯୁବ ସଭାପତି ତାପସ ପରିଡା, ବ୍ଲକ ଯୁବ ସଭାପତି ନିମାଇଁ ଘୋଷ, ବ୍ଲକ ଛାତ୍ର ସଭାପତି ଗୌରବ ଦାସ, ପୌର ପରିଷଦ ଯୁବ ସଭାପତି ଆନନ୍ଦ କର, ଛାତ୍ର ସୁରଜ ଚୌରସିଆ, ଜିଲା ଯୁବ ସାଧାରଣ ସମ୍ପାଦକ ଦେବେନ୍ଦ୍ର ଘୋଷ, ଜିଲା ଛାତ୍ର ସମ୍ପାଦକ ସମୀର ଚାନ୍ଦ ପ୍ରମୁଖ ଯୋଗ ଦେଇ ଯୁବ ଓ ଛାତ୍ର ସଙ୍ଗଠନକୁ ସୁଦୃଢ଼ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ଦଳକୁ ମଜଭୁତ କରିବା ସହିତ ଦଳକୁ ବିଜୟୀ କରିବାରେ ଯୁବ ଓ ଛାତ୍ର ବିଜେଡି ପ୍ରମୁଖ ସ୍ଥାନ ଗ୍ରହଣ କରିବେ ବୋଲି ଅତିଥିମାନେ କହିଥିଲେ। ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବାକୁ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲିଟି ଚେୟାରମ୍ୟାନ ପ୍ରତୀପ କୁମାର ପ୍ରଧାନ, ବ୍ଲକ ଚେୟାରମ୍ୟାନ ମାନସ କୁମାର ଜେନା, ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ବ୍ଲକ ବିଜେଡି ସଭାପତି ଦିଲୀପ ସାମଲ, ବ୍ରିଜେଶ ରଣା, ସୁବିନିତା ଦତ୍ତ, ଦେବଯାନୀ ମହାନ୍ତି, ଅରୁଣ ରାଉଳ, ଜଗଦୀଶ ଜେନା, ଲେଲିନ ପ୍ରଧାନ, ମଧୁସୂଦନ ସେନାପତି ପ୍ରମୁଖ ଉପସ୍ଥିତ ରହି ଦଳକୁ ଅଧିକ ମଜଭୁତ କରିବାକୁ ଯୁବଶକ୍ତିକୁ ଆହ୍ୱାନ ଦେଇଥିଲେ।

# ସୋନିଆଙ୍କୁ ଭେଟିଲେ ସପ୍ତଗିରି

## କୋରାପୁଟ ସଂସଦୀୟ କ୍ଷେତ୍ରକୁ କଲେ ଆମନ୍ତ୍ରଣ

### ରାହୁଲ, ପ୍ରିୟଙ୍କା, ରେଭନ୍ତ ପ୍ରଚାରରେ ଆସିବା ନେଇ ଦେଲେ ସୂଚନା


ନୂଆଦିଲ୍ଲୀଠାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସହ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା।

ରାୟଗଡ଼ା, ୧୦।୨ (ଆଶିଷ ରଞ୍ଜନ ପଣ୍ଡା)

ଆଗାମୀ ସାଧାରଣ ନିର୍ବାଚନକୁ ନେଇ ରାୟଗଡ଼ା ଜିଲାରେ ରାଜନୀତି ସରଗରମ ହେବାକୁ ଲାଗିଲାଣି। ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପାର ଆଶାୟୀ ନିଜ ନିଜ ନିର୍ବାଚନମଣ୍ଡଳୀରେ ପ୍ରଚାର ଜୋର୍‌ଦାର କରୁଛନ୍ତି। ତେବେ ପୂର୍ବରୁ କଂଗ୍ରେସର ଅଭେଦ୍ୟ ଗଡ଼ ଭାବେ ପରିଚିତ ଅବିଭକ୍ତ କୋରାପୁଟ ଜିଲାର ରାଜନୈତିକ ହାଲ୍‌ଚାଲ୍ ଓ ଦଳର ରଣନୀତି ନେଇ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ଶନିବାର ନୂଆଦିଲ୍ଲୀଠାରେ ସୋନିଆ ଗାନ୍ଧୀଙ୍କୁ ଭେଟିଛନ୍ତି । ପୁଣି ଥରେ କଂଗ୍ରେସକୁ କିଭଳି ନିଜ ଗଡ଼କୁ ଫେରାଇ ଆଣି ହେବ ସେନେଇ ସୋନିଆଙ୍କ ସହ ସେ ଆଲୋଚନା କରିଛନ୍ତି। ଭେଟଘାଟ ସଂକ୍ରାନ୍ତରେ ସପ୍ତଗିରିଙ୍କୁ ପଚାରିବାରୁ ଆଗାମୀ ନିର୍ବାଚନ ପାଇଁ ସୋନିଆଙ୍କଠାରୁ ଆଶୀର୍ବାଦ ନେବା ସହିତ କୋରାପୁଟ ସଂସଦୀୟ କ୍ଷେତ୍ରକୁ ଆସିବା ପାଇଁ ତାଙ୍କୁ ନିମନ୍ତ୍ରଣ କରିଥିବା ସେ ପ୍ରକାଶ କରିଛନ୍ତି। ଏଥିସହ ଆଗାମୀ ନିର୍ବାଚନ ପ୍ରଚାର ପାଇଁ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ରାୟଗଡ଼ା ଓ କୋରାପୁଟ ଆସିବେ ବୋଲି ସପ୍ତଗିରି ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ୨୦୦୯ ପରଠାରୁ ଅବିଭକ୍ତ କୋରାପୁଟ ଜିଲାରେ କଂଗ୍ରେସ ନିଜର ଅସ୍ତିତ୍ୱ ହରାଇ ବସିଥିଲା। ୨୦୧୯ରେ କୋରାପୁଟ ଲୋକ ସଭା ଆସନରୁ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ପ୍ରଥମଥର ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ସପ୍ତଗିରି ୩,୬୧୩ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ଏହି ରାଜ୍ୟରୁ ସେ ଏକମାତ୍ର ଏମ୍‌ପି ଭାବେ କଂଗ୍ରେସରୁ ନିର୍ବାଚିତ ହୋଇଥିଲେ। ସପ୍ତଗିରିଙ୍କ ଏହି ବିଜୟ ଜିଲାର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଥିଲା।

କଂଗ୍ରେସ ରାଜନୀତିର ଅନ୍ୟ ଏକ ପାର୍ଶ୍ୱକୁ ଦେଖିଲେ ୨୦୧୯ ନିର୍ବାଚନରେ ବିଧାନସଭା ଆସନ ପାଇଁ ସେତେଟା ଆଶାୟୀ ପ୍ରାର୍ଥୀ ନ ଥିଲେ। କିନ୍ତୁ ୨୦୨୪ ନିର୍ବାଚନ ସକାଶେ ଅନେକ ଆଶାୟୀ କଂଗ୍ରେସରୁ ପ୍ରାର୍ଥୀ ହେବାକୁ ଆବେଦନ କରୁଛନ୍ତି। ତେବେ ଚଳିତଥର ଅନ୍‌ଲାଇନ ମାଧ୍ୟମରେ ଆଶାୟୀ ଆବେଦନ କରୁଥିବା ଦେଖାଯାଉଛି। ଫଳରେ ପୂର୍ବାପେକ୍ଷା ଚଳିତଥର ଅଧିକା ଆଶାୟୀ ଆବେଦନ କରୁଥିବା କର୍ମୀ ମହଲରେ ଆଲୋଚନା ଚାଲିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ରାୟଗଡ଼ା ବିଧାନସଭା ଆସନ ପାଇଁ ୩, ବିଷମକଟକ ୨ ଓ ଗୁଣପୁର ନିମନ୍ତେ ୬ଜଣ ପ୍ରାର୍ଥୀ ଟିକେଟ ଲାଗି ଅନ୍‌ଲାଇନ ଆବେଦନ କରିଛନ୍ତି। ରବିବାର ଅନ୍‌ଲାଇନ ଆବେଦନ ପାଇଁ ଶେଷଦିନ ରହିଥିବାରୁ ଆବେଦନ ସଂଖ୍ୟା ବଢ଼ିପାରେ ବୋଲି କର୍ମୀ ମହଲରେ ଚର୍ଚ୍ଚା ଚାଲିଛି।

ଅନ୍ୟ ଏକ ସୂତ୍ରରୁ ମିଳିଥିବା ଖବର ଅନୁସାରେ, ଶନିବାର ଭୁବନେଶ୍ୱରରେ ରାୟଗଡ଼ା ଜିଲାର ୩ ନିର୍ବାଚନମଣ୍ଡଳୀରେ ପ୍ରଚାରପ୍ରସାର ସହ ଲୋକଙ୍କ ନିକଟତର ହେବା ପାଇଁ ଆଶାୟୀ ପ୍ରାର୍ଥୀଙ୍କୁ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଗୁରୁମନ୍ତ୍ର ଦେଇଛନ୍ତି। ସୋସିଆଲ ମିଡିଆରେ ପ୍ରଚାର ପ୍ରସାର, ହ୍ୱାଟ୍ସଆପ୍ ଗ୍ରୁପ୍, ଆଶାୟୀଙ୍କ ଫଟୋ ସହିତ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ଫଟୋ ପଞ୍ଚାୟତସ୍ତରରେ ବଡ଼ ବଡ଼ ବ୍ୟାନର କରି ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଭୁବନେଶ୍ୱର ଭଳି ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ବିଜେଡି-ଭାଜପା ବିବାହ କାର୍ଯ୍ୟ ଅନୁଷ୍ଠିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ଏହି ସମସ୍ତ କାର୍ଯ୍ୟକୁ ସଫଳତାର ସହ ଆୟୋଜନ କରି ଏହାର ଭିଜୁଆଲ ଏବଂ ଫଟୋ ସହ ପୁଣିଥରେ ୧୮ ତାରିଖରେ ପ୍ରଭାରୀ ଅଜୟ କୁମାରଙ୍କ ସଭାପତିତ୍ୱରେ ଏକ ବୈଠକ କରାଯିବ ବୋଲି ସୂଚନା ମିଳିଛି।

# ଅସନ୍ତୁଷ୍ଟ ନାହିଁ, ଦଳରେ ଅଛି: ଆଠମଲ୍ଲିକ ବିଧାୟକ


ରମେଶ ଚନ୍ଦ୍ର ସାଏ

ବଇଣ୍ଡା, ୧୦।୨ (ପରିକ୍ଷିତ ସାହୁ)

କେନ୍ଦୁଝର ଜିଲା ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ ଶୁକ୍ରବାର ବିଜେଡିରୁ ଇସ୍ତଫା ଦେବା ପରେ ଅନୁଗୋଳ ଜିଲା ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଇସ୍ତଫା ଦେବେ ବୋଲି ଗୁଜବ ସୃଷ୍ଟି ହୋଇଥିବାବେଳେ ଶନିବାର ଏହି ଗୁଜବରେ ପୂର୍ଣ୍ଣଚ୍ଛେଦ ପଡିଛି। ଏ ନେଇ ଆଠମଲ୍ଲିକ ବିଧାୟକ ରମେଶ କହିଛନ୍ତି, ସେ ବିଜେଡିରେ ଅଛନ୍ତି। ବିଜେଡି ପକ୍ଷରୁ ଟିକେଟ ପାଇଁ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ୫୦ ହଜାର ଭୋଟରେ ବିଜୟୀ ହୋଇଛି। ବିଜେଡିରୁ ରାଜନୈତିକ କ୍ୟାରିୟର ଆରମ୍ଭ ହୋଇଛି। ସେ ଅସନ୍ତୁଷ୍ଟ ନାହାନ୍ତି ଓ ଅଯଥାରେ ପ୍ରଚାର କରାଯାଉଛି ବୋଲି ସେ କହିଛନ୍ତି। ଦଳ ପାଇଁ ସର୍ବଦା କାମ କରିବେ ବୋଲି ରମେଶ ପ୍ରକାଶ କରିଛନ୍ତି। ଏଥିସହ ତାଙ୍କ ନାମରେ ଉଠୁଥିବା ଇସ୍ତଫା କଥା ସମ୍ପୂର୍ଣ୍ଣ ମିଛ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ତାଙ୍କ ନିର୍ବାଚନମଣ୍ଡଳୀରେ ଅନେକ କାମ ହୋଇପାରୁନାହିଁ। ଏହାକୁ ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଆଗକୁ କିଭଳି କାମ ହେବ ସେ ନେଇ ଅଧିକ ଗୁରୁତ୍ୱ ଦେବେ। ସେ ବିଜେଡି ଟିକେଟ ପାଇଁ ଆଶାୟୀ ଥିବାବେଳେ ଦଳ ଚାହିଁଲେ ପୁଣି ଥରେ ଆଠମଲ୍ଲିକ ବିଧାନସଭା ଆସନରୁ ଲଢ଼ିବା ସହ ଲୋକଙ୍କ କାମ କରିବେ ଏବଂ ଦଳ ଯଦି ଟିକେଟ ନ ଦିଏ ତଥାପି ସେ ଦଳ ପାଇଁ କାମ କରିବେ ବୋଲି କହିଛନ୍ତି। ତାଙ୍କ ଗ୍ରାମ ଆମ୍ବସରମୁଣ୍ଡାଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବାବେଳେ କିଛି ଲୋକେ ଅଯଥା ଅପ ପ୍ରଚାର କରୁଛନ୍ତି। ତାଙ୍କୁ ତାଙ୍କ ସମାଜ ପକ୍ଷରୁ ନିମନ୍ତ୍ରିତ କରାଯାଇଥିଲା। ଏପରିକି ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ନିମନ୍ତ୍ରିତ କରାଯାଇଥିଲା। ୨ ଜଣ ମନ୍ତ୍ରୀ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ସୌଭିକ୍‌ଙ୍କ ପାଇଁ ଅଡୁଆ ରୂପାଲୀ

## ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ

■ ଦଳରେ ନ ଥାଇ କାର୍ଯ୍ୟକ୍ରମ କରୁଛନ୍ତି



ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି ରୂପାଲୀ ଲେଙ୍କା।

କଟକ, ୧୦।୨ (ଶିଲ୍ପା ପ୍ରିୟଦର୍ଶିନୀ)

କଟକ ଜିଲାର ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ଏବେ ନୂଆ ରାଜନୈତିକ ସ୍ଥିତି ଉତ୍ପନ୍ନ ହୋଇଛି। ବିଜେଡି ଟିକେଟ ପାଇ ୨୦୧୯ରେ ବିଧାୟକ ହୋଇଥିବା ସୌଭିକ୍ ବିଶ୍ୱାଳଙ୍କ ପାଇଁ ନୂଆ ନେତ୍ରୀ ରୂପାଲୀ ଲେଙ୍କା ପ୍ରତିବନ୍ଧକ ଭାବେ ଉଭା ହୋଇଛନ୍ତି। ବିଜେଡିରେ ନ ଥାଇ ମଧ୍ୟ ସେ ଦଳୀୟ ବ୍ୟାନରରେ କିଛିମାସ ତଳେ ପଦଯାତ୍ରା କରି ଶକ୍ତି ପ୍ରଦର୍ଶନ କରିଥିଲେ। ଶନିବାର କଟକ ମହାନଦୀ ବିହାରସ୍ଥିତ ଏକ ମଣ୍ଡପଠାରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସମ୍ମୁଖରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଓ ପରିବାର ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ରୂପାଲୀ ଏହାର ନେତୃତ୍ୱ ନେଇ ସମସ୍ତଙ୍କୁ ଆଚମ୍ୱିତ କରିଦେଇଛନ୍ତି। ସେ ତାଙ୍କ ସମର୍ଥକଙ୍କ ସହିତ ୪୭ ଓ ୫୪ ନମ୍ବର ୱାର୍ଡର ପ୍ରତ୍ୟେକଙ୍କ ଘରେ ଶଙ୍ଖଚିହ୍ନ ଥିବା ପୋଷ୍ଟର ଲଗାଇବା ସହ ସ୍ଥାନୀୟ ଅଞ୍ଚଳର ମୁରବୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ଏହି ପଦଯାତ୍ରା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ହେଉଛି ମୂଳଲକ୍ଷ୍ୟ। ଆସନ୍ତା ନିର୍ବାଚନ ପାଇଁ ଟିକେଟ ଆଶାୟୀ ଥିବା ସହ ସେଥିପାଇଁ ସମସ୍ତ ପ୍ରସ୍ତୁତି କରିଥିବା ସେ କହିଛନ୍ତି।

ଅପରପକ୍ଷରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଦଳୀୟ କାର୍ଯ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏପରି କି ପିତା ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ କିଛିଦିନ ତଳେ ମହାନଦୀ ବିହାର ଅଞ୍ଚଳରେ ହୋଇଥିବା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମକୁ ସୌଭିକ୍ ଉଦ୍‌ଘାଟନ କରିଥିଲେ। ହେଲେ ଶନିବାର ଉକ୍ତ ଅଞ୍ଚଳରେ ରୂପାଲୀ ଶଙ୍ଖ କାର୍ଯ୍ୟକ୍ରମ କରି ଲୋକଙ୍କ ନିକଟତର ହେବା ବିଧାୟକ ଓ ତାଙ୍କ ସମର୍ଥକଙ୍କୁ କଥାଟା ହଜମ ହେଉନାହିଁ । ସୌଭିକ୍ କରୁଥିବା କାର୍ଯ୍ୟକୁ ରୂପାଲୀ ଦୋହରାଇବା ଏବଂ ନିର୍ବାଚନ ପାଇଁ ପ୍ରସ୍ତୁତ ଥିବା ନେଇ ସମସ୍ତଙ୍କୁ ସୂଚାଇ ଦେବା ପ୍ରସଙ୍ଗ ଚୌଦ୍ୱାର-କଟକ ରାଜନୀତିକୁ ରୋଚକ କରିଛି। ରୂପାଲୀଙ୍କ ଏଭଳି କାର୍ଯ୍ୟକ୍ରମ ସୌଭିକ୍‌ଙ୍କ ପାଇଁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିପାରେ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ଏ ସମସ୍ତ ପ୍ରସଙ୍ଗରେ ବିଜେଡି ନଗର ସଭାପତି ମଧୁସୂଦନ ସାହୁ କହିଛନ୍ତି, ଦଳରେ କିଏ ଟିକେଟ ପାଇବେ, ତାହା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ। ରୂପାଲୀ ଦଳରେ ନାହାନ୍ତି ଏହା ସ୍ପଷ୍ଟ। ଯଦିଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ କରୁଛନ୍ତି, ତାହା କେବଳ ଦଳର ପ୍ରଚାର ହିସାବରେ ଗଣାଯିବ। ଏହି କାର୍ଯ୍ୟକ୍ରମ ପଛରେ ଥିବା ତାଙ୍କର ସ୍ୱାର୍ଥ କେବେ ପୂରଣ ହୋଇପାରିବ ନାହିଁ। ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ କାର୍ଯ୍ୟକୁ ଜନସାଧାରଣ ପସନ୍ଦ କରୁଛନ୍ତି। ଯଦିଓ ତାଙ୍କୁ ବ୍ୟକ୍ତିଗତ ଭାବେ ପଚରାଯାଏ ତେବେ ସୌଭିକ୍ ଟିକେଟ ପାଇବା ପାଇଁ ଯୋଗ୍ୟ ଏବଂ ସେ ଦଳକୁ ବିଜୟୀ ମଧ୍ୟ କରାଇବେ ବୋଲି ମଧୁସୂଦନ କହିଛନ୍ତି।

# ସିଏଏକୁ ନେଇ ଘଟଣାକ୍ରମ

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ଚଳିତ ଲୋକ ସଭା ନିର୍ବାଚନ ପୂର୍ବରୁ ଲାଗୁ କରାଯିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶନିବାର ସୂଚନା ଦେଇଛନ୍ତି। ତେବେ ୨୦୧୯ ଡିସେମ୍ବର ୧୧ରେ ଏହି ବିଲ ପାଲାମେଣ୍ଟରେ ପାସ ହୋଇଥିଲା। ପଡ଼ୋଶୀ ଆଫଗାନିସ୍ତାନ, ପାକିସ୍ତାନ , ବାଂଲାଦେଶର ଅଣ ମୁସଲିମ୍ ଶରଣାର୍ଥୀମାନଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରିବ ଏହି ଆଇନ। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତର ଶରଣ ନେଇଥିବା ହିନ୍ଦୁ, ଶିଖ ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିଆନମାନଙ୍କୁ ଏହି ଆଇନ ଦ୍ୱାରା ନାଗରିକତ୍ୱ ପ୍ରଦାନ କରାଯିବ। ତେବେ ଏହି ଆଇନରେ ମୁସଲମାନ ଧର୍ମକୁ ବାଦ ଦିଆଯାଇଥିବାରୁ ଏହାକୁ ନେଇ ଦେଶବ୍ୟାପି ବିଭିନ୍ନ ବିରୋଧୀ ରାଜନୈତିକ ଦଳ ଓ ସଂଗଠନ ତରଫରୁ ମାସ ମାସ ଧରି ପ୍ରତିବାଦ କରାଯାଇଥିଲା। ଡିସେମ୍ବର ୧୦, ୨୦୧୯ରେ ଲୋକସଭାରେ ଏହି ବିଲ୍ ପାସ ହୋଇଥିଲା। ବିଲ ସପକ୍ଷରେ ୩୧୧ଟି ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୮୦ଟି ଭୋଟ ପଡ଼ିଥିଲା। ଡିସେମ୍ବର ୧୧, ୨୦୧୯ରେ ରାଜ୍ୟସଭାରେ ଏହି ବିଲ ପାସ୍ ହୋଇଥିଲା। ବିଲ ସପକ୍ଷରେ୧୨୫ଟି ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୧୦୫ଟି ଭୋଟ ପଡ଼ିଥିଲା ରାଷ୍ଟ୍ରପତିଙ୍କ ମଞ୍ଜୁରି ମିଳିବା ପରେ ଡିସେମ୍ବର ୧୨, ୨୦୧୯ରେ ଏହା ଆଇନରେ ପରିଣତ ହୋଇଥିଲା।



ସିଏଏ ବିରୋଧରେ ଚାଲିଥିବା ଆନ୍ଦୋଳନରେ ଯୋଗଦେଇଥିଲେ ସିପିଏମ୍ ମହାସଚିବ ସୀତାରାମ ୟେଚୁରି।



ସିଏଏକୁ ବିରୋଧ କରି ଆସାମର ଗୁଆହାଟୀଠାରେ ଆନ୍ଦୋଳନ କରୁଥିଲେ ସ୍ଥାନୀୟ ଲୋକେ।


ଦିଲ୍ଲୀର ସାହିନବାଗରେ ବହୁସଂଖ୍ୟାରେ ମୁସଲମାନ ଗୃହିଣୀ ସିଏଏ ବିରୋଧରେ ଧାରଣା ଦେଉଥିଲେ।


ଦିଲ୍ଲୀର ଇଣ୍ଡିଆ ଗେଟ୍ ସମ୍ମୁଖରେ କଂଗ୍ରେସର ବରିଷ୍ଠ ନେତା ଓ କର୍ମୀଙ୍କ ସହ ଧାରଣାରେ ବସିଥିଲେ ପ୍ରିୟଙ୍କା ଭଦ୍ରା।


ସିଏଏକୁ ବିରୋଧ କରି ଅଲିଗଡ଼ ମୁସଲିମ୍ ୟୁନିଭର୍ସିଟି ସମ୍ମୁଖରେ ଆନ୍ଦୋଳନ।

**୪ ଡିସେମ୍ବର ୨୦୧୯:** କେନ୍ଦ୍ର ସରକାରଙ୍କ ଦ୍ୱାରା ନାଗରିକତ୍ୱ ସଂଶୋଧନ ବିଲ୍ (ସିଏଏ)କୁ ୨୦୨୨ ପାର୍ଲାମେଣ୍ଟରେ ଆଗତ ନେଇ ସ୍ପଷ୍ଟ ସୂଚନା ଦିଆଗଲା।
■ଆସାମର ଗୁଆହାଟୀ ଓ ଅନ୍ୟ ସ୍ଥାନରେ ଏହି ବିଲ୍‌କୁ କେନ୍ଦ୍ର କରି ପ୍ରତିବାଦ ଆରମ୍ଭ ହେଲା।
■ବିଲକୁ ବିରୋଧ କରି ଆସାମ ରାଜଧାନୀ ଦିସପୁରରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲେ ଉଗ୍ର ଆନ୍ଦୋଳନକାରୀ ତ୍ରିପୁରାର ରାଜଧାନୀ ଅଗରତାଲାରେ ବିଲ୍ ବିରୋଧରେ ଚାଲିଥିବା ଆନ୍ଦୋଳନରେ ହିଂସା ଘଟି ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୫୦ ଜଣ ଆହତ ହୋଇଥିଲେ।
**୯ ଡିସେମ୍ବର ୨୦୧୯:** ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଲୋକ ସଭାରେ ନାଗରିକତ୍ୱ ସଂଶୋଧନ ବିଲ (ସିଏଏ)କୁ ଆଗତ କଲେ।
**୧୦ ଡିସେମ୍ବର ୨୦୧୯:** ୩୧୧ ଭୋଟ ସହ ଲୋକ ସଭାରେ ପାସ ହେଲା ନାଗରିକତ୍ୱ ସଂଶୋଧନ ବିଲ।
**୧୧ ଡିସେମ୍ବର ୨୦୧୯:** ୧୨୫ ଭୋଟ ସହ ରାଜ୍ୟ ସଭାରେ ପାସ ହେଲା ନାଗରିକତ୍ୱ ସଂଶୋଧନ ବିଲ।
**୧୨ ଡିସେମ୍ବର ୨୦୧୯:** ରାଷ୍ଟ୍ରପତିଙ୍କଠାରୁ ଅନୁମତି ପାଇ ନାଗରିକତ୍ୱ ସଂଶୋଧନ ବିଲ୍ ଆଇନରେ ପରିଣତ ହେଲା।
■ନାଗରିକତ୍ୱ ସଂଶୋଧନ ବିଲ ନେଇ ଚାଲିଥିବା ଆନ୍ଦୋଳନରେ ପୋଲିସ ଗୁଳିରେ ଦୁଇ ଜଣ ଆନ୍ଦୋଳନକାରୀଙ୍କର ମୃତ୍ୟୁ ଘଟିଥିଲା
**୧୩ ଡିସେମ୍ବର ୨୦୧୯:** ଆମେରିକା, ବ୍ରିଟେନ, ଫ୍ରାନ୍ସ, ଇସ୍ରାଏଲ, କାନାଡ଼ା ପରି ଦେଶ ଉତ୍ତର ପୂର୍ବ ଭାରତକୁ ଯାତ୍ରା ପାଇଁ ନିଜ ନାଗରିକଙ୍କ ଉପରେ ଚେତାବନୀ ଜାରି କଲେ।
■ପଶ୍ଚିମବଙ୍ଗ, କେରଳ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ପଞ୍ଜାବର ମୁଖ୍ୟମନ୍ତ୍ରୀ ମାନେ ଏହି ଆଇନକୁ ନିଜ ରାଜ୍ୟରେ ଲାଗୁ ନ କରିବାକୁ ନିଷ୍ପତ୍ତି ନେଲେ
**୧୪ ଡିସେମ୍ବର ୨୦୧୯:** ପୋଲିସ ଗୁଳିରେ ପୁଣି ଆସାମର ଈଶ୍ୱର ନାୟକ ନାମକ ଜଣେ ଆନ୍ଦୋଳନକାରୀଙ୍କ ମୃତ୍ୟୁ ଘଟିଲା।
■ ଦିଲ୍ଲୀର ଜନ୍ତରମନ୍ତରଠାରେ ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀ ବିଲ୍ ବିରୋଧରେ ଏକାଠି ହେଲେ।
**୧୫ ଡିସେମ୍ବର ୨୦୧୯:** ଦିଲ୍ଲୀରେ ସିଏଏ ବିରୋଧୀ ଆନ୍ଦୋଳନ ଉଗ୍ରରୂପ ଧାରଣ କଲା। ଦିଲ୍ଲୀ ପରିବହନ ନିଗମର ୩ ବସ୍‌କୁ ଉତ୍ୟକ୍ତ ଆନ୍ଦୋଳନକାରୀମାନେ ଜାଳିଦେଲେ।
■ଦିଲ୍ଲୀର ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରି ଜବରଦସ୍ତି ପୋଲିସ ଛାତ୍ରଙ୍କୁ ଗିରଫ କରିଥିଲା।
■ଆଲିଗଡ଼ ବିଶ୍ୱବିଦ୍ୟାଳୟ ସାମନାରେ ଆନ୍ଦୋଳନ ଉଗ୍ରରୂପ ହେବାରୁ ଛାତ୍ରମାନଙ୍କ ଉପରେ ଲାଠି ଚାର୍ଜ କରିଥିଲା ପୋଲିସ।
■ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାର ଉଗ୍ର ଆନ୍ଦୋଳନକାରୀମାନେ ୫ଟି ଟ୍ରେନ ଜାଳିଦେଇଥିଲେ।
**୧୬ ଡିସେମ୍ବର ୨୦୧୯:** ଇଣ୍ଡିଆ ଗେଟ ସମ୍ମୁଖରେ ୩୦୦ କଂଗ୍ରେସ କର୍ମୀଙ୍କ ସହ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ।
■ଶାନ୍ତି ବଜାୟ ରଖିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଅପିଲ କରିଥିଲେ।
**୧୭ ଡିସେମ୍ବର ୨୦୧୯**
■ଦିଲ୍ଲୀର ସଲିମପୁରରେ ଉତ୍ୟକ୍ତ ଆନ୍ଦୋଳନକାରୀ ଏକ ଥାନା ଜାଳିଦେଇଥିଲେ।
୧୭ ଡିସେମ୍ବର ୨୦୨୨।
■କର୍ନାଟକର ଦୁଇଜଣ ଓ ଉତ୍ତରପ୍ରଦେଶରେ ଜଣେ ଆନ୍ଦୋଳନକାରୀ ପୋଲିସ ଗୁଳିରେ ନିହତ ହୋଇଥିଲେ।
■ଭାଜପା ଶାସିତ କର୍ଣ୍ଣାଟକ, ଉତ୍ତରପ୍ରଦେଶରେ ସାର୍ବଜନୀନ ସଭା କରିବା ପାଇଁ ବାରଣ କରାଗଲା
ଦିଲ୍ଲୀରେ ସିପିଏମ ନେତା ସୀତାରାମ ୟେଚୁରୀଙ୍କ ସହ ୧୨୦୦ ଆନ୍ଦୋଳନକାରୀଙ୍କୁ ଗିରଫ କଲା ପୋଲିସ।
■ମଧ୍ୟ ଉତ୍ତରପ୍ରଦେଶର କିଛି ଜିଲାରେ ଇଣ୍ଟରନେଟ ସେବା ବନ୍ଦ କଲେ ରାଜ୍ୟ ସରକାର
**୨୨ ଡିସେମ୍ବର ୨୦୧୯:** ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସମ୍ବିଧାନ ବଚାଓ ରାଲି ଆରମ୍ଭ କରିଥିଲେ।
**୨୯ ଡିସେମ୍ବର ୨୦୧୯**
ଦିଲ୍ଲୀର ସାହିନବାଗ ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ମୁସ୍‌ଲିମ୍ ଗୃହିଣୀ ସିଏଏ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ।
**୧ ଜାନୁୟାରୀ ୨୦୨୦:** କୋଟାର ବିଭିନ୍ନ ମୁସଲିମ ସଂଗଠନ ପକ୍ଷରୁ ସିଏଏ ବିରୋଧୀ ରାଲିରେ ପ୍ରାୟ ୨ ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା

## ରାଜ୍ୟ

# ବୃଦ୍ଧାଙ୍କ ବେକ କାଟି ହତ୍ୟା ଅଭିଯୋଗ

## ପରିତ୍ୟକ୍ତ କୂଅରୁ ମିଳିଲା ମୃତଦେହ

ଅମରପାଲି,୧୦।୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ହିଲୁଙ୍ଗ ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଜଣେ ବୃଦ୍ଧାଙ୍କ କ୍ଷତାକ୍ତ ମୃତଦେହ ଶନିବାର ଜବତ ହୋଇଛି। ମୃତକ ହେଲେ ହିଲୁଙ୍ଗ ଗ୍ରାମର ଶୋଭା ଭୋଇ(୬୫) । ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ଗୁରୁବାର ସନ୍ଧ୍ୟାରୁ ଶୋଭା ନିଖୋଜ ଥିଲେ । ତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଯାଇଥିବା ବେଳେ ଏକମାତ୍ର ଝିଅ ଶ୍ରାବଣୀଙ୍କୁ ଭୂତିଆପାଲି ଗ୍ରାମରେ ବିବାହ ଦେଇଥିଲେ। ଶୋଭା ନିଖୋଜ ଥିବା ନେଇ ଖବରପାଇ ଝିଅ ଓ ଜ୍ୱାଇଁ ଆସି ଖୋଜାଖୋଜି କରିଥିଲେ। ତାଙ୍କୁ ନ ପାଇବାରୁ ଏନେଇ ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ଶନିବାର ସକାଳେ ଶୋଭାଙ୍କ ଘରଠାରୁ ୧୦୦ମିଟର ଦୂରରେ ଥିବା ଏକ ପରିତ୍ୟକ୍ତ କୂଅରେ ମୃତଦେହ ଭାସୁଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଦେଖିବାକୁ ପାଇଥିଲେ । ଏ ସମ୍ପର୍କରେ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୀରମହାରାଜପୁର ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲା । ଅଗ୍ନିଶମ ବାହିନୀ କୂଅରୁ ମୃତଦେହ ବାହାର କରିଥିଲେ। ମୃତଦେହ ଶୋଭାଙ୍କର ବୋଲି ଚିହ୍ନଟ ହୋଇଥିଲା । କେହି ଦୁର୍ବୃତ୍ତ ତାଙ୍କର ବେକ କାଟିବା ସହ ପେଟକୁ କୌଣସି ଧାରୁଆ ଅସ୍ତ୍ର ସାହାଯ୍ୟରେ ଆଘାତ କରି ହତ୍ୟା କରିଥିବା ଜଣାପଡ଼ିଥିଲା । ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ । ଖବର ଲେଖାଯିବା ପର୍ଯ୍ୟନ୍ତ ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୃଦ୍ଧାଙ୍କ ଜ୍ୱାଇଁଙ୍କ ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୪) ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି।

# ରନ୍ଧନ ଗ୍ୟାସ୍ ଲିକ୍‌ହୋଇ ନିଆଁ ଲାଗିଲା, ୬ ଗୁରତର

ବେଲପଡ଼ା,୧୦।୨ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅନ୍ତର୍ଗତ କାନୁଟ ଉପରପଡାର ମୁନା ଅଦାବରିଆଙ୍କ ଘରେ ରନ୍ଧନ ଗ୍ୟାସ୍ ପାଇପ ଲିକ୍ ହୋଇ ନିଆଁ ଲାଗିଯିବାରୁ ୬ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ହେବାରୁ ସେମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ମୁନା ଅଦାବରିଆଙ୍କ ମା' ଭାନୁ ଅଦାବରିଆ(୬୫), ପୁଅ ମହେଶ୍ୱର ଅଦାବରିଆ(୨୩), ଖୁଡ଼ୀ ଭାଗ୍ୟ ଅଦାବରିଆ(୪୫), ସମ୍ପର୍କୀୟ ଦୃତି ଅଦାବରିଆ(୩୦) ଏବଂ ପଡ଼ୋଶୀ ମାଳତୀ ମହାଖୁଡ଼(୪୫) ଓ ଭୈରବୀ ଅଦାବରିଆ(୪୫)। ଶୁକ୍ରବାର ମୁନା ଅଦାବରିଆଙ୍କ ଘରେ ଏକ ଗୁରୁପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର ମଧ୍ୟାହ୍ନରେ ପୂଜାର୍ଚ୍ଚନା ସରିଥିଲା। ପୂଜା ପ୍ରସାଦ ପାଇଁ ଘରର ଏକ କୋଠରିରେ ପୁରି, କ୍ଷୀରି ଓ ତରକାରି ରନ୍ଧା ଯାଇଥିଲା। ପରେ ପରିବାର ଲୋକଙ୍କ ସହ ଅନ୍ୟ କେତେଜଣ ଏହାକୁ ଭୋଜନ କରିଥିଲେ। ଅପରାହ୍ନରେ ସେହି କୋଠରିରେ ପରିବାର ଲୋକଙ୍କ ସହ ପଡୋଶୀ କେତେଜଣ ବସିଥିଲେ। ସେତେବେଳେ କୌଣସି କାରଣବଶତଃ ଗ୍ୟାସ ସିଲିଣ୍ଡରକୁ ସଂଯୋଗ ଥିବା ପାଇପ୍ ଫାଟି ନିଆଁ ଲାଗିଯାଇଥିଲା। ସେତେବେଳେ ସେହି କୋଠରିରେ ଥିବା ଉପରୋକ୍ତ ୬ଜଣଙ୍କ ଦେହରେ ନିଆଁ ଲାଗିଯାଇଥିଲା।

# ରୟାଲଷ୍ଟାର ଫୁଟବଲ: ହାତିସରା ଚାମ୍ପିୟନ

ଦେଓଗାଁ,୧୦।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)


ଉଦଯାପନୀ ଦିବସରେ ଉଭୟ ଦଳର ଖେଳାଳି ଗହଣରେ ଅତିଥିବୃନ୍ଦ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ଖେଳପଡିଆରେ ଚାଲିଥିବା ସିଲେଟକାନୀ ରୟାଲଷ୍ଟାର ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ହାତିସରା ଓ ବଡଗୋମୁଣ୍ଡା ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ଜରିଆରେ ହାତିସରା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଖେଳକୁ ସର୍ଜନ କୁଦେଇ ପରିଚାଳନା କରିଥିବାବେଳେ ରିତୁ ବୁଡେକ ଓ ସୁକାନ୍ତ ପୁଟେଲ ଲାଇନରେ ସହଯୋଗ କରିଥିଲେ । ଲକ୍ଷ୍ମୀ ପ୍ରସାଦ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳକେଶ ନାରାୟଣ ସିଂଦେଓ, ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଜେଡି ବ୍ଲକ ସଭାପତି ଶୁଶିଲ କୁମାର ଚାନ୍ଦ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ରାଜପ୍ରତାପ ସିଂଦେଓ ଯୋଗଦେଇ ଚାମ୍ପିୟନ ଓ ରାନରଅପ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟକୁ କମିଟି ସଭାପତି ଶେଷଦେବ ବେହେରା, ସମ୍ପାଦକ ପ୍ରଭାସ ବେହେରା, ବିନୋଦ ନାଗ, ପ୍ରଦୀପ ବଗର୍ତ୍ତି, ରିଙ୍କୁ ବେହେରା, ଭଗବାନ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ଗୋଲ୍ଡେନ୍ ଲ୍ୟାଣ୍ଡ ଡେଭଲପର୍ସର ସମ୍ପତ୍ତି ଜବତ

## ୧୫ ଶହ ଏକର ଜମିର କାଗଜପତ୍ର, ୪୩.୪୮ ଲକ୍ଷ ଟଙ୍କା, ବିପୁଳ ବ୍ୟାଙ୍କ ଜମା ରହିଛି

ଭୁବନେଶ୍ୱର,୧୦।୨(ସୂର୍ଯ୍ୟକାନ୍ତ ବେହେରା)

ଚିଟ୍‌ଫଣ୍ଡ ସଂସ୍ଥା ଗୋଲ୍ଡେନ୍ ଲ୍ୟାଣ୍ଡ ଡେଭଲପର୍ସ ପ୍ରାଇଭେଟ୍ ଲିମିଟେଡ୍ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଥିଲା। ୯୦୦ କୋଟି ଟଙ୍କାର ଚିଟ୍‌ଫଣ୍ଡ ଠକେଇ ମାମଲାରେ ଇଡିର ଏକାଧିକ ଟିମ୍ ଓଡ଼ିଶା ସମେତ ପଞ୍ଜାବ, ଚଣ୍ଡୀଗଡ଼, ଦିଲ୍ଲୀ ସମେତ ଦେଶର ପ୍ରାୟ ୧୯ଟି ସ୍ଥାନରେ ଏକକାଳୀନ ଚଢାଉ କରିଥିଲା। ଚଢାଉ ବେଳେ ୧୫ଶହ ଏକର ଜମିର କାଗଜପତ୍ର, ନଗଦ ୪୩. ୪୮ ଲକ୍ଷ ଏବଂ ୬୪ ଲକ୍ଷରୁ ଅଧିକ ଟଙ୍କାର ବ୍ୟାଙ୍କ ଜମା ସମେତ ୩୫ ଲକ୍ଷ ଟଙ୍କାର ଏକ ଦାମୀ କାର୍ ଜବତ ହୋଇଥିବା ଶନିବାର ଇଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଉକ୍ତ ସଂସ୍ଥା ସହ ଜଡ଼ିତ ଥିବା ଅଭିଯୁକ୍ତ ଏବଂ ଅନ୍ୟମାନେ ଲୋକଙ୍କଠାରୁ ରିଏଲ ଇଷ୍ଟେଟ ଡେଭଲପ୍ ନାଁରେ ବିପୁଳ ପରିମାଣର ଟଙ୍କା ସଂଗ୍ରହ କରୁଥିଲେ। ଏଥିସହ ବେଆଇନ ଆର୍ଥିକ ବ୍ୟବସାୟ, ଅଧିକ ଟଙ୍କାର ରିଟର୍ନ ପଲିସି ଏବଂ ବିଭିନ୍ନ ସ୍କିମ୍‌ରେ ଲାଭ ପାଇବାର ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକୁଥିବା ଇଡି ତଦନ୍ତ ବେଳେ ଜାଣିବାକୁପାଇଛି। ସେହିଭଳି ସଂସ୍ଥାର ନିର୍ଦ୍ଦେଶକ ଏବଂ ସହଯୋଗୀଙ୍କ ଆକାଉଣ୍ଟକୁ ନଗଦ ଅର୍ଥ କାରବାର ହୋଇ ବିନିଯୋଗ ହୋଇଥିବାର ପ୍ରମାଣ ପାଇଛି ଇଡି।
ସୂଚନାନୁଯାୟୀ, ଦିଲ୍ଲୀରେ ପଞ୍ଜୀକୃତ ହୋଇଥିବା ଏହି ସଂସ୍ଥା ୨୦୦୭-୨୦୦୮ ମସିହାରେ ଓଡ଼ିଶାର କନ୍ଧମାଳ, ବୌଦ୍ଧ, ଗଞ୍ଜାମ ଓ ପୁରୀ ଆଦିରେ ଶାଖା କାର୍ଯ୍ୟାଳୟ ଖୋଲି କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲା। ଉକ୍ତ ସଂସ୍ଥା କର୍ମଚାରୀମାନଙ୍କ ଦ୍ୱାରା ଅନେକ ଲୋକଙ୍କଠାରୁ ବହୁ ଟଙ୍କା ଗ୍ରହଣ କରି ଠକେଇ କରିଥିଲା। ଏନେଇ କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ ନିକଟରେ ବହୁ ଲୋକ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା। ଏଥିସହ ଅନ୍ୟ ତଦନ୍ତ ଏଜେନ୍ସି ମଧ୍ୟ ୪ରୁ ଉର୍ଦ୍ଧ୍ୱ ମାମଲା ରୁଜୁ କରିଥିଲା। ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବାବେଳେ ନିକଟରେ ଚାର୍ଜସିଟ୍ ଦାଖଲ କରାଯାଇଛି। ଏହାକୁ ଆଧାର କରି ଇଡି ଅଧିକାରୀମାନେ ତଦନ୍ତକୁ ଆଗକୁ ବଢ଼ାଇବା ସହ ଗୁରୁବାର ସକାଳେ ଭୁବନେଶ୍ୱର, ଗଞ୍ଜାମର ବିଭିନ୍ନ ସ୍ଥାନରେ ଯାଞ୍ଚ କରି ବହୁ ସନ୍ଦେହ ଜନକ କାଗଜପତ୍ର ଜବତ କରିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିଆକୁ ଦିଆ**
**ଅଦିଆକୁ ଦୁଆର ଦିଆ।**
ଦେବା ଲୋକକୁ ସମସ୍ତେ ସ୍ୱାଗତ କରିଥାନ୍ତି। କିଛି ଅସୁବିଧାର ସମ୍ମୁଖୀନ ହେଲେ ଦେଉଥିବା ବ୍ୟକ୍ତି ପ୍ରତି ସମବେଦନା ଜ୍ଞାପନ କରିଥାନ୍ତି। ଭଲରେ ମନ୍ଦରେ ସାହାଯ୍ୟ କରିବାକୁ ଆଗେଇ ଆସିଥାନ୍ତି। କିନ୍ତୁ ଯିଏ କେବେ ଦିଏ ନାହିଁ, ଦେବାକଥା ପଡ଼ିଲେ ମୁହଁ ବୁଲାଇଦିଏ, ତାକୁ କେହି କେବେ ପସନ୍ଦ କରି ନ ଥାନ୍ତି। ପରୋପକାରୀ ହୋଇ ନ ଥିବା ହେତୁ ତାଙ୍କ ପ୍ରତି କେହି ସହାନୁଭୂତି ଦେଖାଇବାକୁ ଉଚିତ ମଣୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।
**ଦକ ପଶିଲା ଛାତିରେ;**
**ନିଦ ନ ମାଡ଼ିଲା ରାତିରେ।**
ଏକୁଟିଆ ରହିଥିବା ବ୍ୟକ୍ତି ସଦାସର୍ବଦା ଆତଙ୍କିତ ଅବସ୍ଥାରେ ରହିଥାନ୍ତି। ସେହିପରି ରାତ୍ରି ସମୟରେ କିଛି ଅଘଟଣ ଘଟିବା ଭୟରେ ମନରେ ଛନକା ପଶିବା ସହ ଆହୁରି ଶଙ୍କାଗ୍ରସ୍ତ ହୋଇପଡିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## ୫୦୦ ଟଙ୍କା ବଢ଼ିଲା ...

ନିକଟରେ ମୁଖ୍ୟମନ୍ତ୍ରୀ ମଧୁବାବୁ ପେନସନ ଯୋଜନାର ହିତାଧିକାରୀମାନଙ୍କ ସଂଖ୍ୟା ବୃଦ୍ଧି କରିଥିଲେ। ୨୦୨୩ ଅଗଷ୍ଟରେ ୪.୧୩ ଲକ୍ଷ ବୃଦ୍ଧିପାଇଥିଲା। ଏବେ ଆଉ ୪ ଲକ୍ଷ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ବର୍ତ୍ତମାନ ସମୁଦାୟ ୩୬.୭୫ ଲକ୍ଷ ହିତାଧିକାରୀ ଏହି ଯୋଜନାର ଲାଭ ପାଉଛନ୍ତି।
ସୂଚନାଯୋଗ୍ୟ, ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସାମାଜିକ ସୁରକ୍ଷା ପେନ୍‌ସନ ବ୍ୟବସ୍ଥା କରିଛନ୍ତି। ଏଥିରେ ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଅବିବାହିତ ମହିଳା, ସୁସ୍ଥ ହୋଇଥିବା କୁଷ୍ଠରୋଗୀ, ଓଡ଼ିଶା ରାଜ୍ୟ ଏଡ୍‌ସ ସେଲ୍ ଦ୍ୱାରା ଚିହ୍ନଟୀକୃତ ଏଡ୍‌ସ ରୋଗୀ, ଛାଡ଼ପତ୍ର ପାଇଥିବା ମହିଳା, କିନ୍ନର, କୋଭିଡ୍ ଦ୍ୱାରା ହୋଇଥିବା ଅନାଥ ପିଲା ଓ ବିଧବାଙ୍କ ସହିତ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କୁ ସାମିଲ କରାଯାଇଛି। ଏଥିସହିତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ହିତାଧିକାରୀମାନଙ୍କୁ ମଧ୍ୟ ରାଜ୍ୟ ସରକାର ଅତିରିକ୍ତ ସହାୟତା ଦେଉଛନ୍ତି। ଏହି ଯୋଜନାରେ ଛୋଟପିଲାଠାରୁ ୭୯ ବର୍ଷ ପର୍ଯ୍ୟନ୍ତ ହିତାଧିକାରୀମାନେ ମାସକୁ ୫୦୦ ଟଙ୍କା ପାଉଛନ୍ତି। ୮୦ ବର୍ଷ ବା ଅଧିକ ବୟସର ଲୋକ ମାସକୁ ୭୦୦ ଟଙ୍କା ପାଉଛନ୍ତି। ଭିନ୍ନକ୍ଷମ ବ୍ୟକ୍ତିଙ୍କ କ୍ଷେତ୍ରରେ ୪୦ରୁ ୫୯ ପ୍ରତିଶତ ଅକ୍ଷମତା ଥିବା ଲୋକ ମାସକୁ ୫୦୦ ଟଙ୍କା ପାଉଥିବା ବେଳେ ୬୦ ପ୍ରତିଶତ ବା ଅଧିକ ଅକ୍ଷମତା ଥିବା ବ୍ୟକ୍ତି ୭୦୦ ଟଙ୍କା ପାଉଛନ୍ତି। ୬୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାସିକ ୯୦୦ ଟଙ୍କା ମିଳିଥାଏ। ବର୍ତ୍ତମାନ ସମସ୍ତ ହିତାଧିକାରୀ ଏହି ବର୍ଦ୍ଧିତ ଭତ୍ତା ପାଇବେ।

## ନିର୍ବାଚନ ପୂର୍ବରୁ ...

ନେତୃତ୍ୱର ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ତେବେ କଂଗ୍ରେସ ନେତାମାନେ ସେମାନଙ୍କ ପ୍ରତିଶ୍ରୁତିରୁ ମୁହଁ ଫେରାଇ ନେଇଥିଲେ ବୋଲି ଶାହା କହିଛନ୍ତି। କାହାର ନାଗରିକତ୍ୱ ଛଡ଼ାଇନେବା ପାଇଁ ସିଏଏ ଅଣାଯାଇ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି। ଆଇନରେ ସେଭଳି କୌଣସି ବ୍ୟବସ୍ଥା ନାହିଁ। ପଡୋଶୀ ଦେଶରୁ ଆସି ଏଠାରେ ରହିଥିବା ଲୋକମାନଙ୍କୁ ନାଗରିକତ୍ୱ ଦେବା ନିମନ୍ତେ ସିଏଏ ଅଣାଯାଇଛି। କିନ୍ତୁ ଆମ ମୁସଲମାନ ଭାଇମାନଙ୍କ ମଧ୍ୟରେ ଭୁଲ୍ ଧାରଣା ସୃଷ୍ଟି କରାଯାଇ ସେମାନଙ୍କୁ ଉସୁକାଯାଉଛି। ଏହି ଆଇନକୁ କେହି ବିରୋଧ କରିବା ଉଚିତ ନୁହେଁ ବୋଲି ଶାହା କହିଛନ୍ତି। ୨୦୧୯ ଡିସେମ୍ବରରେ ସିଏଏ ପାର୍ଲାମେଣ୍ଟରେ ଗୃହୀତ ହେବା ଏବଂ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇବା ପରେ ଦେଶର କେତେକ ଭାଗରେ ବ୍ୟାପକ ବିକ୍ଷୋଭ ହୋଇଥିଲା। ଏହି ଆନ୍ଦୋଳନବେଳେ ହିଂସାକାଣ୍ଡ ଘଟି ଶତାଧିକ ଲୋକଙ୍କ ଜୀବନ ଯାଇଥିଲା। ସିଏଏକୁ କାର୍ଯ୍ୟକାରୀ କରିବାରେ ୪ ବର୍ଷ ବିଳମ୍ବ ହୋଇଥିବାରୁ କାର୍ଯ୍ୟକାରିତା ପାଇଁ ନିୟମାବଳୀ ଜରୁରୀ। ନିୟମାବଳୀ ପ୍ରସ୍ତୁତ ହେବା ସହ ସମସ୍ତ ପ୍ରକ୍ରିୟା ଅନ୍‌ଲାଇନ୍‌ରେ ହେବା ଲାଗି ଅନ୍‌ଲାଇନ ପୋର୍ଟାଲ ମଧ୍ୟ ପ୍ରସ୍ତୁତ ରହିଛି। ନାଗରିକତ୍ୱ ପାଇଁ ଆବେଦନ କରିବାକୁ ଚାହୁଁଥିବା ଲୋକମାନେ ବିନା କାଗଜପତ୍ରରେ କେବେ ଭାରତରେ ପ୍ରବେଶ କରିଥିଲେ, ତାହା ଘୋଷଣା କରିବାକୁ ହେବ। ଆବେଦନକାରୀଙ୍କଠାରୁ କୌଣସି ଦସ୍ତାବିଜ୍ ମଗାଯିବ ନାହିଁ। ସିଏଏ ଆଇନ ଅନୁଯାୟୀ ବିନା ଡକ୍ୟୁମେଣ୍ଟରେ ଆସିଥିବା ଉପରୋକ୍ତ ୩ ଦେଶର ସଂଖ୍ୟାଲଘୁମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ।
ବିବାଦୀୟ ସିଏଏ ଲାଗୁ କରିବା ଗତ ଲୋକ ସଭା ଏବଂ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାର ବଡ଼ ପ୍ରତିଶ୍ରୁତି ଥିଲା। ପଶ୍ଚିମବଙ୍ଗରେ ଭାଜପାର ଉତ୍ଥାନରେ ଏହା ଏକ ପ୍ରଶଂସନୀୟ କାରଣ ଥିଲା ବୋଲି ଭାଜପା ନେତାମାନେ ବିଚାର କରିଥାନ୍ତି। ସଂସଦୀୟ କାର୍ଯ୍ୟ ନିୟମାବଳୀ ଅନୁଯାୟୀ, କୌଣସି ବିଲ୍ ଉପରେ ରାଷ୍ଟ୍ରପତିଙ୍କ ମୋହର ଲାଗିବାର ୬ ମାସ ମଧ୍ୟରେ ଏହା ଉପରେ ନିୟମାବଳୀ ପ୍ରଣୟନ ହେବା ଆବଶ୍ୟକ କିମ୍ବା ସମୟ ବଢ଼ାଇବା ପାଇଁ ଲୋକ ସଭା ଏବଂ ରାଜ୍ୟ ସଭାର କମିଟିଗୁଡ଼ିକଠାରୁ ଅନୁମତି ନେବାକୁ ହେବ। ନିୟମାବଳୀ ପ୍ରଣୟନ ପାଇଁ ସମୟ ଗଡ଼ାଇବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୨୦୨୦ରୁ ନିୟମିତ ବ୍ୟବଧାନରେ ସଂସଦୀୟ କମିଟିରେ ଅନୁମତି ନେଉଥିଲା। ନାଗରିକତ୍ୱ ଆଇନ, ୧୯୫୫ ଅନୁଯାୟୀ ୩ ପଡୋଶୀ ଦେଶରୁ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ଗତ ୨ ବର୍ଷରେ ୯ ରାଜ୍ୟର ଗୃହ ସଚିବ ଏବଂ ୩୦ରୁ ଉର୍ଦ୍ଧ୍ୱ ଜିଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୨୦୨୧-୨୨ ବର୍ଷର ରିପୋର୍ଟ ଅନୁଯାୟୀ ୨୦୨୧ ଏପ୍ରିଲ ୧ରୁ ଡିସେମ୍ବର ୩୧ ମଧ୍ୟରେ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ୧,୪୧୪ ଅଣମୁସଲମାନ ସଂଖ୍ୟାଲଘୁଙ୍କୁ ନାଗରିକତ୍ୱ ଆଇନ, ୧୯୫୫ ଅନୁଯାୟୀ ନାଗରିକତ୍ୱ ପ୍ରଦାନ କରାଯାଇଛି। ସେହି ରାଜ୍ୟଗୁଡ଼ିକ ହେଲେ ଗୁଜରାଟ, ରାଜସ୍ଥାନ, ଛତିଶଗଡ଼, ହରିୟାଣା, ପଞ୍ଜାବ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ ମହାରାଷ୍ଟ୍ର।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟାଟା ଷ୍ଟିଲ୍‌ର ନୂତନ ମାଇଲଖୁଣ୍ଟ

**ଭୁବନେଶ୍ୱର,୧୦।୨**

ଦେଶର ପ୍ରମୁଖ ଘରୋଇ ଶିଳ୍ପ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଟାଟା ଷ୍ଟିଲ୍‌କୁ ନିକଟରେ ଆଉ ଏକ ମାନ୍ୟତା ପ୍ରଦାନ କରାଯାଇଛି। ଏପରିକି ଟାଟା ଷ୍ଟିଲ୍‌ର କଳିଙ୍ଗନଗର ଏବଂ ମେରାମଣ୍ଡଳୀ କାରଖାନା ରେସ୍‌ପନ୍‌ସିବଲ୍ ଷ୍ଟିଲ୍ ସାର୍ଟିଫିକେଶନ ସହ ନୂତନ ମାଇଲଖୁଣ୍ଟ ହାସଲ କରିଛନ୍ତି। ୨୦୨୨ରେ ଟାଟାର ଜାମଶେଦପୁର କାରଖାନା ପ୍ରଥମ ଭାରତୀୟ ଇସ୍ପାତ କାରଖାନା ଭାବେ ଏହି ଐତିହାସିକ ସଫଳତା ହାସଲ କରିଥିଲା। ବର୍ତ୍ତମାନ ଟାଟା ଷ୍ଟିଲ୍ ରେସ୍‌ପନ୍‌ସିବଲ୍ ଷ୍ଟିଲ୍ ସାର୍ଟିଫିକେଶନ ହାସଲ କରିଥିବା କାରଖାନାରୁ ପ୍ରାୟ ୯୦% ଇସ୍ପାତ ଉତ୍ପାଦନ କରୁଛି। ସେହିଭଳି ୨୦୨୨ ଅକ୍ଟୋବରରେ ଟାଟାର ଜାମଶେଦପୁର କାରଖାନାର ୩ଟି ଡିଭିଜନ ଯଥା ଷ୍ଟିଲ୍ ୱାର୍କସ୍, ଟ୍ୟୁବ୍‌ସ ଡିଭିଜନ ଓ କୋଲ୍ଡ ରୋଲିଂ ମିଲ୍‌କୁ ରେସ୍‌ପନ୍‌ସିବଲ୍ ଷ୍ଟିଲ୍ ସାର୍ଟିଫିକେଶନ ମିଳିଥିଲାବେଳେ କଳିଙ୍ଗନଗର ଓ ମେରାମଣ୍ଡଳୀ କାରଖାନାକୁ ସେଥିରେ ସାମିଲ କରାଯିବା ଦାୟିତ୍ୱବାନ ବ୍ୟବସାୟ ଅଭ୍ୟାସ ଓ ପରିବେଶ ଦାୟିତ୍ୱ ପ୍ରତି କମ୍ପାନୀର ରହିଥିବା ସମର୍ପଣ ଭାବକୁ ଏହା ଦର୍ଶାଉଛି।

ରେସ୍‌ପନ୍‌ସିବଲ୍ ଷ୍ଟିଲ୍ ହେଉଛି, ଇସ୍ପାତ ଶିଳ୍ପର ପ୍ରଥମ ବିଶ୍ୱସ୍ତରୀୟ ବହୁବିଧ-ଅଂଶୀଦାର ଭିତ୍ତିକ ସାର୍ଟିଫିକେଶନ ଅଭିଯାନ; ଯାହା ଇସ୍ପାତ ଉତ୍ପାଦନକାରୀ, ଗ୍ରାହକ ଓ ମଧ୍ୟସ୍ଥମାନଙ୍କ ସହ ମିଶି କାମ କରୁଥିବା ବେଳେ ଜଳବାୟୁ ପରିବର୍ତ୍ତନ, ବିବିଧତା, ମାନବିକ ଅଧିକାର ଆଦି ଆହ୍ୱାନର ମୁକାବିଲା କରି ଏକ ଦୀର୍ଘସ୍ଥାୟୀ ଇସ୍ପାତ ଶିଳ୍ପ ଗଠନ ଦିଗରେ କାମ କରୁଛି।

# ଏମ୍‌ଏସ୍‌ଏମ୍‌ଇ ଟିସିବି ସହ ଜେଏସ୍‌ଏଲ୍‌ର ବୁଝାମଣା

**ଭୁବନେଶ୍ୱର,୧୦।୨ (ଅଭୟ ଦାଶ)**



ଦେଶର ପ୍ରମୁଖ ଘରୋଇ ଶିଳ୍ପ ସଂସ୍ଥା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ଏବଂ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଟେକ୍ନୋଲୋଜି ସେଣ୍ଟର ବିଶାଖାପାଟଣା (ଟିସିବି) ବା ଏମ୍‌ଏସ୍‌ଏମ୍‌ଇ ଟିସିବି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଦେଶରେ ପ୍ରତିରକ୍ଷା ତଥା ଏରୋସ୍ପେସ୍ ଉତ୍ପାଦନକୁ ମଜଭୁତ କରିବା ପାଇଁ ଉଭୟ ସଂସ୍ଥାଙ୍କ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏପରିକି କ୍ଷେପଣାସ୍ତ୍ର ଏବଂ ଉପଗ୍ରହ ଉତ୍କ୍ଷେପଣ ଯାନ ପାଇଁ ମୂଲ୍ୟଯୁକ୍ତ ଉତ୍ପାଦ ଓ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଏହା ବେଶ୍ ସହାୟକ ହେବ। ସେହିଭଳି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଯୋଗାଣରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ଙ୍କ ପାରଦର୍ଶିତା ଏବଂ ଏମ୍‌ଏସ୍‌ଏମ୍‌ଇ ଟିସିବିର ଉତ୍ପାଦନ କ୍ଷମତାକୁ ବୃଦ୍ଧି କରାଇବା ହେଉଛି ଉକ୍ତ ଏମ୍‌ଓୟୁର ମୂଳ ଉଦ୍ଦେଶ୍ୟ। ଏଥିରେ ଉତ୍ପାଦନ ଅର୍ଡର ପାଇଁ ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇ ସହ ଭାଗୀଦାର ହୋଇ ସେମାନଙ୍କୁ ଉତ୍ସାହିତ ଏବଂ ସମର୍ଥନ କରିବାକୁ ଏହା ଲକ୍ଷ୍ୟ ରହିଛି। ଉକ୍ତ ଏମ୍‌ଓୟୁ ଦ୍ୱାରା ତିଆରି ହେବାକୁ ଥିବା ଉତ୍ପାଦଗୁଡିକ ମୋଟର କେସିଙ୍ଗ୍, ମିଶାଇଲ୍ ୱିଙ୍ଗ, ମିଶାଇଲ୍ ଲଞ୍ଚର୍ ସରଞ୍ଜାମ ଏବଂ ରକେଟ୍ ମୋଟର ବୁଷ୍ଟର୍ ଇତ୍ୟାଦିରେ ପ୍ରୟୋଗ ହେବ। ଏହି ସହଭାଗିତା ପ୍ରତିରକ୍ଷା, ଏରୋସ୍ପେସ୍ ଏବଂ ଅନ୍ୟାନ୍ୟ ଶିଳ୍ପଗୁଡିକରେ ବ୍ୟବହୃତ ଯନ୍ତ୍ରପାତିର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏବଂ ସବ୍-ଆସେମ୍ବ୍ଲିଗୁଡିକର ଉତ୍ପାଦନକୁ ଯଥେଷ୍ଟ ବୃଦ୍ଧି କରିବ। ଏହି ଅବସରରେ ଜିନ୍ଦଲ ଡିଫେନ୍ସ ଏବଂ ଏରୋସ୍ପେସ୍‌ର ବ୍ୟବସାୟ ବିକାଶ ଷ୍ଟ୍ରାଟେଜିକ୍ ଭର୍ଟିକାଲ୍ ମୁଖ୍ୟ, କର୍ଣ୍ଣେଲ (ଅବସରପ୍ରାପ୍ତ) ପୀୟୁଷ ବର୍ମା, ଏମ୍‌ଏସ୍‌ଏମ୍‌ଇ ଟିସିବିର ମୁଖ୍ୟ (ବିକ୍ରୟ ଏବଂ ମାର୍କେଟିଂ) ଅମିତ ଗୋୟଲଙ୍କ ଉପସ୍ଥିତିରେ ଉକ୍ତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଉକ୍ତ ଏମ୍‌ଓୟୁ ମାଧ୍ୟମରେ ଆମର ଲକ୍ଷ୍ୟ ହେଉଛି, ପ୍ରତିରକ୍ଷା ଏବଂ ଏରୋସ୍ପେସ୍ କ୍ଷେତ୍ରରେ ଉନ୍ନତମାନର ଉତ୍ପାଦ ପ୍ରଦାନ କରିବା। ସରକାରଙ୍କ ଆତ୍ମନିର୍ଭର ଭାରତ ପଦକ୍ଷେପ ସହ ତାଳଦେଇ ଆମର ଏହି ପଦକ୍ଷେପ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ବେଶ୍ ସହାୟକ ହେବ। ଭାରତୀୟ ସଶସ୍ତ୍ର ବାହିନୀର ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାରୀ-ବେସରକାରୀ ଭାଗୀଦାରି ପ୍ରତି ସରକାରଙ୍କ ଗୁରୁତ୍ୱ ଉପରେ ଏହା ବିଶେଷ ଧ୍ୟାନ ଦେଇଛି।

# ଭିଆର୍‌ଏଲ୍ ପକ୍ଷରୁ ୭୭୯ ନିୟୁତ ଡଲାର ପରିଶୋଧ

**ଭୁବନେଶ୍ୱର,୧୦।୨**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଧାତୁ ଏବଂ ଖଣି କମ୍ପାନୀ ବେଦାନ୍ତ ରିସୋର୍ସେସ୍ ଲିମିଟେଡ୍ (ଭିଆର୍‌ଏଲ୍) ପକ୍ଷରୁ ନିକଟରେ ୭୭୯ ନିୟୁତ ଡଲାର ପରିଶୋଧ କରାଯାଇଛି। ବିଶେଷକରି ଋଣ ପୁନର୍ଗଠନ ପ୍ରକ୍ରିୟାର ଏକ ଅଂଶ ଭାବେ କମ୍ପାନୀ ବଣ୍ଡଧାରକମାନଙ୍କୁ ୭୭୯ ନିୟୁତ ଡଲାର ଆଗୁଆ ପୈଠ କରିବା ସହ ସେମାନଙ୍କ ପ୍ରାପ୍ୟ ପରିଶୋଧ ସମ୍ପୂର୍ଣ୍ଣ କରିଛି। ଏ ନେଇ ଭିଆର୍‌ଏଲ୍ ପକ୍ଷରୁ କୁହାଯାଇଛି, ନିକଟରେ ବଣ୍ଡଧାରକମାନଙ୍କୁ ଆଗୁଆ ଦେୟ ପ୍ରଦାନ କରାଯାଇଛି। ଚଳିତ ବର୍ଷ ପ୍ରାରମ୍ଭରେ ମିଳିଥିବା ସମ୍ମତି ଅନୁଯାୟୀ ଭିଆର୍‌ଏଲ୍ ତା'ର ବଣ୍ଡଧାରକମାନଙ୍କୁ ୨୦୨୪ ଫେବୃଆରୀ ୭ରେ ଋଣ ପରିଶୋଧ ସମ୍ପୂର୍ଣ୍ଣ କରିଛି। ଏଥିସହ ୩.୨ବିଲିୟନ ଡଲାରର ବଣ୍ଡର ପରିପକ୍ୱତାକୁ ସଫଳତାର ସହ ୨୦୨୯ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିଭଳି ବଣ୍ଡର କିଛି ଅଂଶକୁ ରିଡିମ କରିବା ଏବଂ ତା'ର ପରିପକ୍ୱତା ବଢ଼ାଇବା ପାଇଁ ଭିଆର୍‌ଏଲ୍ ପକ୍ଷରୁ ବଣ୍ଡଧାରକଙ୍କୁ ୭୭୯ନିୟୁତ ଡଲାର ନଗଦ ପ୍ରଦାନ କରାଯାଇଛି। ପୁନର୍ଗଠନ ପାଇଁ ରାଜି ହୋଇଥିବା ବଣ୍ଡଧାରକମାନଙ୍କୁ କମ୍ପାନୀ ୬୮ ନିୟୁତ ଡଲାରର ସହମତିଫି ପ୍ରଦାନ କରିଛି।

# ଲାଲ୍‌ଚାନ୍ଦ୍ ଜୁଏଲର୍ସରେ 'ଭାଲେଣ୍ଟାଇନ୍ସ ଡେ' ଅଫର

**ଭୁବନେଶ୍ୱର,୧୦।୨**




ଲାଲ୍‌ଚାନ୍ଦ୍ ଜୁଏଲର୍ସ ପକ୍ଷରୁ ଚଳିତ ବର୍ଷର ଭାଲେଣ୍ଟାଇନ୍ସ ଡେ ଅଫର୍ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ବର୍ଷର ପ୍ରେମ ସପ୍ତାହ (ଭାଲେଣ୍ଟାଇନ୍ ୱିକ୍)କୁ ଦୃଷ୍ଟିରେ ରଖି ସୁନା, ରୁପା ଏବଂ ହୀରାର ସର୍ବୋତ୍କୃଷ୍ଟ ସଂଗ୍ରହ ଉପରେ ଆକର୍ଷଣୀୟ ଅଫର ଓ ରିହାତି ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ବିଶେଷକରି ଆକର୍ଷଣୀୟ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୫,୦୦୦ ଟଙ୍କା ପ୍ରତି କ୍ୟାରେଟ୍ ରିହାତି ପ୍ରଦାନ କରାଯାଉଛି। ଏହା ସହ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନାଗହଣାର ଗଢ଼ା ମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୬୯୯ ଟଙ୍କା ରଖାଯାଇଛି। ଏପରିକି କେତେକ ନିର୍ଦ୍ଦିଷ୍ଟ ଅନ୍ତର୍ଜାତୀୟ ହାତଘଣ୍ଟା ବ୍ରାଣ୍ଡଗୁଡ଼ିକ ଉପରେ ଫ୍ଲାଟ୍ ୨୦%, ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ଏବଂ ବ୍ରାଣ୍ଡେଡ୍ ଆଇଟମ୍ ଉପରେ ଫ୍ଲାଟ୍ ୧୫%ର ରିହାତି ରଖାଯାଇଛି। ଏହି ଅଫର ୨୦୨୪ ଫେବୃଆରୀ ୧୪ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଲାଲ୍‌ଚାନ୍ଦ୍‌ର ପ୍ରତ୍ୟେକ ଶୋ'ରୁମ୍‌ରେ ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନାର ଏକ୍ସଚେଞ୍ଜ ଉପରେ ୧୦୦%ର ସୁନା ମୂଲ୍ୟ ମିଳୁଥିବା ନେଇ ସୂଚନା ଦିଆଯାଇଛି। ଏପରିକି ଲାଲ୍‌ଚାନ୍ଦ୍‌ର ସମସ୍ତ ଷ୍ଟୋରରେ ଏସ୍‌ବିଆଇ କାର୍ଡ ଉପଭୋକ୍ତାଙ୍କ ପାଇଁ ୨,୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଅଫର ରଖାଯାଇଛି। ଏହି ଅଫର ଚଳିତ ବର୍ଷ ଫେବୃଆରୀ ୧୧ରୁ ୨୦ ପର୍ଯ୍ୟନ୍ତ ଏହି ଅଫର ଉପଲବ୍ଧ ରହିଛି।


# Classified Everyday

**0674-2580101, 2549949**



**MATRIMONIAL**

**BRIDE WANTED**

Handsome Brahmin Boy /B.Tech /34/5'-9"/IT/ Germany/Bhubaneswar. 9439131170. D-2489

**Wanted a Karan/ Khandayata, Fair, Slim MBBS, P.G. Doctor bride for a Karan MBBS, (SCB) P.G. Doctor groom, age-34, H-5'8" Fair for early marriage. Contact: 7008659094.** D-2484

Wanted suitable B.Tech/ M.Tech bride for our only son 6'2", 29 years (Gopal Caste) working in a global MNC in USA after his MS Degree from Illinois, Chicago (Caste No Bar) Contact: 9437229851. D-75519

**GROOM WANTED**

ବୟସ 28, କୌଣସି ଚାକିରି କରୁନଥିବା ସୁନ୍ଦରୀ ଝିଅଙ୍କ ପାଇଁ ଯେକୌଣସି ଜାତିର ବର ଆବଶ୍ୟକ। 6370559357. D-75313

63 ବୟସ୍କା Retd. କରିଥିବା କରଣ casteର ବିଧବା ମହିଳାଙ୍କୁ anycasteର candidate ଆବଶ୍ୟକ। (Urgent need). 9040735429. D-2500



**REAL ESTATE**

**SALE**

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ଫୁଟ ରାସ୍ତାକୁ ଲାଗି 400-800sqft.ରେ ଜାଗା ବିକ୍ରି ହେଉଛି। 8249693292. D-75200

BDA Yellowzone gharabari plot for sale Khandagiri Amri Hospital back side ready for construction. 7978850450, 9439918431. D-75907

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

**କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ SUM-2 (Hospital) ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 9658562429.** D-75906

Contact for complete House Construction (Simplex/ Duplex/ Apartment), Interior Design (Modular Kitchen/ TV Unit/ Wardrobe) and Home Furniture. MPlanets- 7008550473. D-2478

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-2271

Independent 2 BHK House (Simplex) with landmass (1750-1800sqft.) & built up area 1100sqft. (815 sqft. Carpet), Marble Flooring and 2 attached Toilets at Sasanpadia, Old Town, Bhubaneswar-751002, District Khurda. Price- Rs.185.00 lakh (negotiable), pl contact- 8789852253/ 9407993549. D-2247

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

**ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292.** D-75292



**CONSTRUCTION**

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2272

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385



**FOR RENT**

400sqft. commercial space (Swain Complex) on NH-316 near Pallavi Mandap, Mangaraj Point. M- 9348194296, 7978076354. D-75194

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



**Healthcare**

"Only Ayurvedic body massage & Steam-Bath. 9861556765". D-2495

Newly open SPA positively health benefits with expert therapist. 9040286886. D-75199

Refreshments body massage Therapy with experience therapists, Ashirvad Panchakarma Spa, Keshari Mall, Bhubaneswar. 8926173473. D-46569

**Newly open SPA positively health benefits with expert therapist. 9090400507.** D-75198

Positively health benefited SPA expert therapist at Nayapalli. Contact: 7846814019. D-75196

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Newly open SPA positively health benefits with relax and refresh with good therapist. 8328803811. D-76101

Herbal full body massage by smart/expert therapist. Contact- 9124139069. D-75706

**AFFIDAVIT**

By virtue of an affidavit sworn before Notary Public, Bhubaneswar I, Bharati Swain have changed my surname from Mohanty to Swain. Hence, Bharati Mohanty and Bharati Swain is one and same person. D-71228

By the virtue of an affidavit dt 09.02.24 before the Court of Executive Magistrate, Bhubaneswar. I, Falgu Patra want to declare that Falgu Patra and Ankita Patra as the same person according to the Birth Certificate and other documents. Falgu Patra and Ankita Patra shall be consider as one person for all future purposes. D-2490

By virtue of an affidavit sworn before the Executive Magistrate, Bhubaneswar, I Neha Mohapatra, W/o. Tanmaya Mohapatra, residing at plot No.40, Lane-3, Dibya Vihar, Samantarapur, P.O.- Old Town, Bhubaneswar, Dist.- Khordha declare that after marriage I have changed my maiden name from Neha Rahimkumar Sahoo to Neha Mohapatra for all purposes. D-2502

By the virtue of an affidavit dt 01.12.2023 before Executive Magistrate, Bhubaneswar, my name has changed from Sairaj to Reyan. Henceforth I shall be known as Reyan for all purposes. D-2492

By virtue of an affidavit No- 60AA482367dated 30.10.2023 sworn before Executive Magistrate, Darpan, Dhanamandal, Jajpur, I, Dangilata Ghadai, W/o- Ashok Kumar Ghadai, At- Panasuapal, P.O.- Ratnagiri, P.S.- Balichandrapur, Dist.- Jajpur hereby declare that my name recorded as Dangilata Ghadai in Aadhaar & Pan Card, But my Postal S.B A/C No.- 3944738152 is recorded as Sailabala Ghadai. Hence Dangilata Ghadai and Sailabala Ghadai same and one person. D-2488

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# CLASSIFIED DISPLAY

**MORE SPACE • SAME PRICE** (TARIFF, GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NEW DUPLEX SALE**

Ready to move new 4BHK duplex with Garage near Patia RTO Office, Nandanbihar
Land- 1600 sqft,
Construction- 2830 sqft,
Fixed Price- 1.25Crore
7978450312
9439585947

**ADMISSION OPEN**

**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଗାୟତ୍ରୀ ମହାପାତ୍ର**
ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ଧରାବତରଣ: ତା୨୫।୦୬।୧୯୪୫
ସ୍ୱର୍ଗାରୋହଣ: ତା୨୮।୦୧।୨୦୨୪

ମା'ଲୋ, ତୋର ଅନାବିଳ ସ୍ନେହ ଓ ଆଦରକୁ ଆମେ ସମସ୍ତେ ଚିରଦିନ ପାଇଁ ଭୁଲିପାରିବୁ ନାହିଁ। ତୋହର ଅମର, ନିର୍ମଳ ଓ ନିଷ୍କପଟ ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ପିଲୁ, ବବି, ଟିକୁନା, ପିପା, ଗୁଡ୍ଡୁ, ସିପୁ, ଦିପିକା, କୁକି, କୁହୁ ଓ ସପରିବାର।

ଧ-୨୪୯୧

**ଦଶମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସନ୍ତୋଷ ପ୍ରସାଦ ପାଣିଗ୍ରାହୀ**
ଆବିର୍ଭାବ- ୦୩।୦୩।୧୯୮୩
ତିରୋଧାନ- ୦୧।୦୨।୨୦୧୪

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ : ପିତା, ମାତା ଓ ଭାଇମାନେ।

ଧ-୨୪୮୩

# କ୍ଲିଅର ଫେକ୍



ବର୍ତ୍ତମାନ ଇଣ୍ଟରନେଟ୍ ଦୁନିଆରେ ସାଇବର ଅପରାଧୀଙ୍କ କାୟା ଦିନକୁଦିନ ବିସ୍ତାରିତ ହେବାରେ ଲାଗିଛି, ଯାହାର ଶିକାର ହେଉଛନ୍ତି ସାଧାରଣ ଜନତା। କେତେବେଳେ କାହାର ଆକାଉଣ୍ଟ ହ୍ୟାକ୍ ହେଉଛି ତ କେତେବେଳେ କିଏ ଏଆଇ ଦ୍ୱାରା ହେଉଥିବା ଡିପ୍ ଫେକ୍‌ର ହେଉଛି ଶିକାର। ଆଉ ବର୍ତ୍ତମାନ ଧୀରେ ଧୀରେ କ୍ଲିଅର ଫେକ୍ ସବୁଠୁ ବଡ଼ ବିପଦର ରୂପ ନେଇ ମାଡ଼ିଆସୁଛି, ଯେଉଁଥିରୁ ସୁରକ୍ଷିତ ରହିବା ଏବେ କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ...

ଇଣ୍ଟରନେଟ୍ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସୁବିଧା ଯେତେଯେତେ ବଢ଼ୁଛି, ହ୍ୟାକରଙ୍କ କଳା କାରନାମା ଜନସାଧାରଣଙ୍କ ପାଇଁ ସେତେସେତେ ବିପଦ ସୃଷ୍ଟି କରୁଛି। କେବେ, କିଏ, କେମିତି ସାଇବର ଅପରାଧର ଶିକାର ହୋଇଯିବ, ତାହାର ପରିକଳ୍ପନା କରିବା ଯେମିତି ଅସମ୍ଭବ ହୋଇଯାଉଛି। ଏହାଦ୍ୱାରା ଅନେକ ଲୋକ ଠକାମିର ଶିକାର ହେଉଛନ୍ତି। ଏମିତିକି ଅନେକ ଲୋକଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ହ୍ୟାକରମାନେ ଅନେକଙ୍କର ସୋସିଆଲ୍ ମିଡିଆ ଆକାଉଣ୍ଟ ହ୍ୟାକ୍ କରି ସେଥିରେ ବିଭିନ୍ନ ଅଶ୍ଳୀଳ ଫଟୋ, ଭିଡିଓ ପୋଷ୍ଟ କରୁଛନ୍ତି। ସେହିପରି ଡିପ୍‌ଫେକ୍ ଅର୍ଥାତ୍ ଆର୍ଟିଫିସିଆଲ୍ ଟେକ୍ନୋଲୋଜି ବ୍ୟବହାର କରି ଜଣଙ୍କ ଶରୀରରେ ଅନ୍ୟ କାହାର ମୁହଁ ଯୋଡ଼ି ଫେକ୍ ଫଟୋ, ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରୁଛନ୍ତି। ନିକଟରେ ସାଉଥ୍ ଆକ୍ଟ୍ରେସ୍ ରଶ୍ମିକା ମନ୍ଦାନାଙ୍କର ଏଭଳି ଏକ ଫେକ୍ ଭିଡିଓ ଭାଇରାଲ୍ ହୋଇଥିଲା, ଯାହାକି ନା କେବଳ ଭାରତ ବରଂ ସମଗ୍ର ବିଶ୍ୱରେ ଆନ୍ଦୋଳନ ସୃଷ୍ଟି କରିଥିଲା। ତେବେ ବର୍ତ୍ତମାନ ଡିପ୍‌ଫେକ୍ ପରେ କ୍ଲିଅରଫେକ୍ ସବୁଠୁ ବଡ଼ ବିପଦର ରୂପ ନେଇଆସିଛି। ତେଣୁ ଏଭଳି କୌଣସି ଅପରାଧର ଶିକାର ନ ହେବା ଲାଗି କେଉଁ ସବୁ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ ଜାଣିରଖନ୍ତୁ ସେ ସମ୍ପର୍କରେ...

**ୱେବ୍ ବ୍ରାଉଜର୍ ଅପଡେଟ୍ ବେଳେ ରୁହନ୍ତୁ ସତର୍କ:** ଯଦି ଇଣ୍ଟରନେଟ୍‌ରେ କିଛି ସର୍ଚ୍ଚ କରିବାକୁ ଯାଉଛନ୍ତି ଏବଂ ହଠାତ୍ ୱେବ୍ ବ୍ରାଉଜର୍ ଅପ୍‌ଡେଟ୍ କରିବାକୁ ପପ୍-ଅପ୍ ଆସୁଛି ବା ନୋଟିଫିକେଶନ୍ ଆସୁଛି, ତେବେ କ୍ଲିକ୍ କରିବା ପୂର୍ବରୁ ସତର୍କ ହୋଇଯାଆନ୍ତୁ। ଏହା ହିଁ ମାଲ୍‌ୱେର କ୍ୟାମ୍ପେନ୍ ବା କ୍ଲିଅରଫେକ୍ ହୋଇପାରେ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ରାଉଜର୍ ଅପ୍‌ଡେଟ୍ ମାଧ୍ୟମରେ ଆପଣଙ୍କ ସିଷ୍ଟମ ସହ ସମସ୍ତ ପର୍ସନାଲ ଡାଟା ହ୍ୟାକ୍ କରିବା। ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।

**ଅପଡେଟ୍ ରଖନ୍ତୁ ଆଣ୍ଟିଭାଇରସ୍:** ନିଜ ମୋବାଇଲ୍ ଫୋନ୍ ଏବଂ ଲାପ୍‌ଟପ୍ ବା ଡେସ୍କଟପ୍‌ରେ ସବୁବେଳେ ଆଣ୍ଟିଭାଇରସ୍ ଅପ୍‌ଡେଟ୍ ରଖନ୍ତୁ। ଏହାଦ୍ୱାରା ଆପଣଙ୍କ ଡିଭାଇସ୍‌ରେ ମାଲ୍‌ୱେର ଚିହ୍ନଟ କରି ଦୂର କରିବାରେ ସାହାଯ୍ୟ କରିବ।

**ଭାବିଚିନ୍ତି କରନ୍ତୁ ଅନ୍‌ଲାଇନ୍ ଶେୟାର୍:** ବର୍ତ୍ତମାନ ଅଧିକାଂଶଙ୍କ ମନରେ ସୋସିଆଲ୍ ମିଡିଆରେ ଫଟୋ, ରିଲ୍ସ ଆଦି ପୋଷ୍ଟ କରିବାର କ୍ରେଜ୍ କହିଲେ ନ ସରେ। କେହିକେହି ଏଥିରେ ନିଜ ନାମ, ଆଡ୍ରେସ୍, ଫୋନ୍ ନମ୍ବର ଏବଂ ଅନ୍ୟ ପର୍ସନାଲ୍ ଡାଟା ଦେବାକୁ ବି ପଛାନ୍ତି ନାହିଁ। ହେଲେ ଏହାଦ୍ୱାରା କେବେକେବେ ହ୍ୟାକର୍ ନା କେବଳ ଆପଣଙ୍କ ଆକାଉଣ୍ଟ ହ୍ୟାକ୍ କରିବେ ବରଂ ଆପଣଙ୍କ ଡାଟା ବ୍ୟବହାର କରି ବିଭିନ୍ନ ଅସାମାଜିକ କାର୍ଯ୍ୟ ବି କରିଥା'ନ୍ତି। ତେଣୁ ସୋସିଆଲ୍ ମିଡିଆରେ ନିଜର କିମ୍ବା ପରିବାରର କୌଣସି ପୋଷ୍ଟ କରିବା ବେଳେ ସତର୍କ ରୁହନ୍ତୁ। ମଝିରେ ମଝିରେ ପ୍ରାଇଭେସି ସେଟିଂ ରିଭ୍ୟୁ କରନ୍ତୁ। ଆକାଉଣ୍ଟର ପାସ୍‌ୱାର୍ଡକୁ ମଜଭୁତ ରଖନ୍ତୁ। ଏହାକୁ ମଝିରେ ମଝିରେ ବଦଳାଇବାକୁ ଭୁଲନ୍ତୁ ନାହିଁ। ଏଥିପାଇଁ ପାସ୍‌ୱାର୍ଡ ମ୍ୟାନେଜର୍‌ର ସାହାଯ୍ୟ ନେଇପାରିବେ।

**ଅଜଣା ଲିଙ୍କ୍‌ରେ କରନ୍ତୁନି କ୍ଲିକ୍:** କୌଣସି ଅଜଣା ଲିଙ୍କ୍ ଆସିଲେ ଏହାକୁ ତୁରନ୍ତ କ୍ଲିକ୍ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ଡାଟା ହ୍ୟାକ୍ ହେବାର ଆଶଙ୍କା ସବୁଠୁ ଅଧିକ। ଖୋଲିବା ପୂର୍ବରୁ ଆଟାଚ୍‌ମେଣ୍ଟର ୟୁଆର୍‌ଏଲ୍, ସେଣ୍ଡରର ଆଡ୍ରେସ୍ ଏବଂ ମେସେଜର କଣ୍ଟେଣ୍ଟ ଦେଖିବାପରେ ହିଁ ଏହା ଠିକ୍ ଥିଲେ ଲିଙ୍କ୍‌ରେ କ୍ଲିକ୍ କରନ୍ତୁ।

**ଟୁ-ଫ୍ୟାକ୍ଟର ଅଥେଣ୍ଟିଫିକେଶନ୍ କରନ୍ତୁ:** ଏହାକୁ ଏନେବଲ୍ କରିବା ଦ୍ୱାରା ଆପଣଙ୍କ ଆକାଉଣ୍ଟ ଅନ୍ୟ କେହି ଖୋଲିବାକୁ ଚେଷ୍ଟାକଲେ ଫୋନ୍‌କୁ ମେସେଜ କିମ୍ବା ମେଲ୍‌ଆଇଡିରେ ଇମେଲ୍ ଦ୍ୱାରା ଏକ କୋଡ୍ ଆସିଥାଏ ଏବଂ ଯାହାକୁ ଦେବା ପରେ ଆକାଉଣ୍ଟ ଭେରିଫାଏ ହୋଇଥାଏ। ଫଳରେ ପାସ୍‌ୱାର୍ଡ ଚୋରି ହେଲେ ମଧ୍ୟ ଆକାଉଣ୍ଟରେ କୌଣସି ଅସୁବିଧା ହୋଇ ନ ଥାଏ।

## ଜାଣି ରଖନ୍ତୁ...

କ୍ଲିଅର ଫେକ୍ କ୍ୟାମ୍ପେନ୍‌ରେ ଆପଣଙ୍କ ଏଭଳି ଲିଡିଂ ପେଜ୍‌ରେ ରି-ଡିରେକ୍ଟ କରିଦିଆଯାଏ, ଯାହା ଗୁଗଲ୍ କ୍ରୋମ୍‌ର କୌଣସି ୱେବ୍‌ସାଇଟ୍‌ଠୁ ଅଲଗା ବୋଲି ସହଜରେ ଜଣାପଡି ନ ଥାଏ। ଯାହା ଦର୍ଶାଇଥାଏ ଯେ ଆପଣଙ୍କ ବ୍ରାଉଜର୍ ଆଉଟ୍‌ଡେଟେଡ୍ ହୋଇଯାଇଛି ଏବଂ ଏହାର ନୂଆ ଭର୍ସନ ଅପ୍‌ଡେଟ୍ କରନ୍ତୁ। ହେଲେ ଏଠାରେ ବାସ୍ତବରେ କିନ୍ତୁ ଡାଉନ୍‌ଲୋଡ୍ ଲିଙ୍କ୍ ଡିଏମ୍‌ଜି ଫାଇଲ୍, ଯାହାକି ଅଟୋମେଟିକ୍ ଷ୍ଟିଲର୍ ହୋଇଥାଏ। ପରେ ଫେକ୍ ଇନ୍‌ଷ୍ଟଲର୍ ଆପଣଙ୍କୁ ଆଡ୍‌ମିନ୍ ପାସ୍‌ୱାର୍ଡ ମାଗିଥାଏ। ଆଉ ପାସ୍‌ୱାର୍ଡ ଦେବାମାତ୍ରେ ଏହା ମାଲ୍‌ୱେର ସିଷ୍ଟମ ଡାଟାକୁ ଉକ୍ତ କମାଣ୍ଡ ଏବଂ କଣ୍ଟ୍ରୋଲ ସର୍ଭରକୁ ପଠାଇଥାଏ, ଯାହାକି କ୍ଲିଅରଫେକ୍‌ରେ ସାମିଲ୍ ଥିବା ହ୍ୟାକରଙ୍କ କଣ୍ଟ୍ରୋଲ୍‌ରେ ଥାଏ। ଏହିପରିଭାବେ ଆପଣ ଠକାମିର ଶିକାର ହୁଅନ୍ତି। ତେଣୁ ଏଥିପ୍ରତି ବିଶେଷ ସତର୍କ ରହିବା ଆବଶ୍ୟକ।







## ଏ ସପ୍ତାହର ପ୍ରଶ୍ନ

୧- ଉତ୍ତରାଖଣ୍ଡର ପ୍ରଥମ ମହିଳା ଚିଫ୍ ସେକ୍ରେଟାରୀ .......... ?
୨- ............. ମନ୍ତ୍ରଣାଳୟ ପକ୍ଷରୁ ସକ୍ଷମ ଅଙ୍ଗନୱାଡି ଓ ପୋଷଣ ୨.୦ ସ୍କିମ୍ ଆରମ୍ଭ କରାଯାଇଛି ?
୩- ଆଣ୍ଟାର୍କଟିକାରେ ପାଦ ଥାପିଥିବା ପ୍ରଥମ ଭାରତୀୟ ............... ?
୪- ମୟୂରଭଞ୍ଜର .............. ଖାଦ୍ୟକୁ ନିକଟରେ ଜିଆଇ ଟ୍ୟାଗ୍ ମିଳିଛି ?
୫- ଦି ଗୋଲ୍ଡେନ୍ ଇୟର୍ସ ପୁସ୍ତକର ଲେଖକ .......... ?

## ଗତ ସପ୍ତାହର ଉତ୍ତର

୧ ପାଟନା
୨ ବି ହମିଂ ବାର୍ଡ
୩ ତୁଳସୀ ଦାସ
୪ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ
୫ ଜୁଲାଇ ୨ ତାରିଖ

## ଉତ୍ତରଦାତା



ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର



ଶେଖ୍ ୟାକୁବ୍, ଗୋପ



ସୁନୀଲ କୁମାର ବେହେରା, ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ / ୧୦

**ପୃଥିବୀର ସର୍ବପୁରାତନ ଦେଶ**

୧......ଫ୍ରାନ୍ସ
୨...... ସ୍ୟାନ୍ ମ୍ୟାରିନୋ
୩...... ପର୍ତ୍ତୁଗାଲ
୪...... ଗ୍ରୀସ୍
୫...... ଇଥିଓପିଆ
୬ ...... ଜାପାନ
୭ ...... ଚାଇନା
୮ ...... ଆର୍ମେନିଆ
୯ ...... ଇରାନ
୧୦ ...... ଇଜିପ୍ଟ

## ୟୁଥ୍ ଆଲର୍ଟ

# ଏହିସବୁ ଖାଦ୍ୟ ଏକାଠି ଖାଇବା ମନା

ଆଜିକାଲି ଯୁବପିଢ଼ିଙ୍କର ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ପ୍ରତି ଆଗ୍ରହ କେତେ ଅଧିକ ତା' କିଏ ବା ନ ଜାଣେ! ଆଉ ଏଭଳି ଖାଦ୍ୟ ପରେ ଟିକେ କୋଲ୍ଡ୍‌ଡ୍ରିଙ୍କ୍ସ ନ ହେଲେ ଯେମିତି ଖାଇବାର ମଜା ଅଧୁରା। ହେଲେ ଆପଣ ଜାଣନ୍ତିକି ପାଟିକୁ ସ୍ୱାଦିଷ୍ଟ ଲାଗୁଥିବା ଏଭଳି ଫୁଡ୍‌ର କମ୍ବିନେଶନ ସ୍ୱାସ୍ଥ୍ୟ ପାଇଁ କେତେ ହାନିକାରକ! ଆସନ୍ତୁ ଜାଣିବା ଏଭଳି କେତେକ ଖାଦ୍ୟ ସମ୍ପର୍କରେ, ଯାହାକୁ ଏକାଠି ଖାଇବା ମନା...



**କ୍ଷୀର ସହିତ ମାଛ:** ଏହି ଦୁଇଟି ଖାଦ୍ୟ ଏକାଠି ଆଦୌ ଖାଇବା ଠିକ୍ ନୁହେଁ। କାରଣ ଆୟୁର୍ବେଦ ଅନୁଯାୟୀ କ୍ଷୀରର ଗୁଣ ଥଣ୍ଡା ହୋଇଥିବା ବେଳେ ମାଛ ଗରମ। ତେଣୁ ଏହି ଦୁଇ ଖାଦ୍ୟ ଏକାଠି ଖାଇଲେ ହଜମ କ୍ରିୟା ଏବଂ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ।

**ଚିଜ୍‌ଯୁକ୍ତ ଖାଦ୍ୟ ସହ କୋଲ୍ଡ ଡ୍ରିଙ୍କ୍ସ:** ପିଜା, ସ୍ୟାଣ୍ଡୱିଚ୍, ବରଗର୍ ଆଦି ସହିତ କୋଲ୍ଡ୍‌ଡ୍ରିଙ୍କ୍ସର କମ୍ବିନେଶନ୍ କାହାକୁ ବା ଭଲ ନ ଲାଗେ! ହେଲେ ଜାଣନ୍ତିକି, ଏହି ଦୁଇ ଖାଦ୍ୟ ଏକାଠି ଖାଇବା ଦ୍ୱାରା ବଦହଜମି, ପେଟରେ ଯନ୍ତ୍ରଣା, ଏସିଡିଟି ଭଳି ବିଭିନ୍ନ ପେଟ ସମସ୍ୟା ଦେଖାଦେଇଥାଏ। କାରଣ ଏଭଳି ଖାଦ୍ୟରେ ବ୍ୟବହାର ହେଉଥିବା ଚିଜ୍ କୋଲ୍ଡ୍‌ଡ୍ରିଙ୍କ୍ସ ସହିତ ଆଦୌ ମିଶି ନ ଥାଏ। ଫଳରେ ଏଭଳି ଖାଦ୍ୟ ହଜମ ହେବା କଷ୍ଟ ହୋଇଥାଏ। ତେଣୁ ଏହି ଦୁଇ ଖାଦ୍ୟ ଏକାଠି ଖାଆନ୍ତୁ ନାହିଁ।

**ରନ୍ଧାଖାଦ୍ୟ ସହ ଫଳ:** ଭାତ, ରୁଟି, ଡାଲି, ତରକାରି ଆଦି ଖାଦ୍ୟ ସହିତ ଅନେକେ ଫଳ ଖାଇବାକୁ ପସନ୍ଦ କରନ୍ତି। ହେଲେ ଜାଣନ୍ତି କି, ଫଳ ଖୁବ୍‌ଶୀଘ୍ର ହଜମ ହୋଇଯାଉଥିବା ବେଳେ ରନ୍ଧାଖାଦ୍ୟ ହଜମ ହେବାକୁ ଏହାଠାରୁ ଅଧିକ ସମୟ ଲାଗିଥାଏ। ବିଶେଷକରି ଆମିଷ ଖାଦ୍ୟ ହଜମ ହେବାକୁ ସବୁଠୁ ଅଧିକ ସମୟ ଲାଗିଥାଏ। ତେଣୁ ରନ୍ଧାଖାଦ୍ୟ ସହ ଫଳ ଖାଇଲେ ଏକାଠି ହଜମ ହୋଇ ନ ପାରିବା କାରଣରୁ ଏସିଡିଟି ଏବଂ ଅନ୍ୟ ସମସ୍ୟା ଉପୁଜିଥାଏ।

**କ୍ଷୀର ସହ ତୁଳସୀ ପତ୍ର:** ଶୀତଦିନେ ତୁଳସୀ ଚା' ପିଇବା ଅନେକଙ୍କୁ ପସନ୍ଦ। ଏହା ପାଟିକୁ ସ୍ୱାଦିଷ୍ଟ ଲାଗେ ଏବଂ ମୁଡ୍ ଫ୍ରେସ୍ କରିଥାଏ। ହେଲେ ଆପଣ ଜାଣନ୍ତିକି, ତୁଳସୀରେ ବହୁ ଉପକାରୀ ଗୁଣ ରହିଛି, ଯାହାକି ଇମ୍ୟୁନିଟି ପାୱାର ବଢ଼ାଇଥାଏ। ହେଲେ କ୍ଷୀର ସହିତ ତୁଳସୀପତ୍ର ମିଶାଇ ପିଇଲେ ତୁଳସୀର ଗୁଣବତ୍ତା ହ୍ରାସ ହେବା ସହ କ୍ଷୀର ଏସିଡିକ୍ ହୋଇଯିବା କାରଣରୁ ପେଟ ସମସ୍ୟା ଉପୁଜିଥାଏ। ତେଣୁ ଏହାକୁ ମିଶାଇ ପିଇବା ଠିକ୍ ନୁହେଁ।



# ଭାଲେଣ୍ଟାଇନ୍ସ ଡେ' ଗିଫ୍ଟ

ଆରମ୍ଭ ହୋଇଯାଇଛି ଭାଲେଣ୍ଟାଇନ୍ସ ୱିକ୍। ପ୍ରେମୀଯୁଗଳ ପରସ୍ପରକୁ ଦିନେ ଗୋଲାପ ତ ଦିନେ ଟେଡି ଆଉ ପୁଣି ଦିନେ ଚକୋଲେଟ୍ ଉପହାର ଦେଉଛନ୍ତି। ହେଲେ ଭାଲେଣ୍ଟାଇନ୍ସ ଡେ' ଦିନ ନିଜ ପାର୍ଟନରଙ୍କୁ କ'ଣ ଉପହାର ଦେଲେ ସେ ଖୁସିହେବେ, ତା'କୁ ନେଇ ଅନେକେ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଯଦି ଆପଣ ବି ଏମିତି ଭାବୁଛନ୍ତି, ତେବେ କିଛି ଗିଫ୍ଟ ଆଇଡିଆ ଆପଣଙ୍କ କାମରେ ଆସିପାରେ...







**ପର୍ସନାଲାଇଜ୍‌ଡ ଗିଫ୍ଟ:** ବର୍ତ୍ତମାନ ପର୍ସନାଲାଇଜ୍‌ଡ ଗିଫ୍ଟ ସବୁଠୁ ଅଧିକ ଡିମାଣ୍ଡରେ ରହିଛି। ତେବେ ପ୍ରେମ ଦିବସରେ ନିଜ ପ୍ରେମିକା/ପ୍ରେମିକଙ୍କୁ କିଛି ୟୁନିକ୍ ଗିଫ୍ଟ ଦେବା ଲାଗି ଏହା ସବୁଠୁ ବେଷ୍ଟ ଅପ୍ସନ। ଏଥିରେ ଆପଣ କପଲ୍ କିମ୍ବା ସିଙ୍ଗଲ୍ ଫଟୋ ପ୍ରିଣ୍ଟ କଫି ମଗ୍, କୁସନ୍, ଫଟୋ ଫ୍ରେମ୍, ଚାବି ରିଙ୍ଗ୍, କେକ୍, ୱାଲ୍ ହ୍ୟାଙ୍ଗିଙ୍ଗ୍ସ, କ୍ୟାଲେଣ୍ଡର, ହାଫ୍ ମୁନ୍ ଲ୍ୟାମ୍ପ୍ ଆଦି ଦେଇପାରିବେ। ସେହିପରି ମ୍ୟାଜିକ୍ ମିରର୍ ବି ଗିଫ୍ଟ ପାଇଁ ଖୁବ୍ ଭଲ ରହିବ।

**ଡ୍ରେସ୍ ଏବଂ ଆସେସରିଜ୍:** ସାଧାରଣତଃ ନୂଆ ନୂଆ ଡ୍ରେସ୍ ଦେଖିଲେ କିଏ ବା ଖୁସି ନ ହୁଅନ୍ତି! ତେଣୁ ଉପହାରରେ ଦେବାକୁ ଏହା ଆପଣଙ୍କୁ ସବୁଠୁ ସହଜ ଉପାୟ। ତେବେ ଏଥିପାଇଁ ଆପଣ ଚାହିଁଲେ କପଲ୍ ଫଟୋପ୍ରିଣ୍ଟ ଟି-ଶାର୍ଟ ଅର୍ଡର କରି ଗିଫ୍ଟ କରିପାରିବେ। ଏହା ଆପଣଙ୍କ ଭାଲେଣ୍ଟାଇନ୍ସ ଡେ' ସେଲିବ୍ରେଶନ୍‌କୁ ବେଶୀ ରୋମାଣ୍ଟିକ୍ ଓ ସ୍ମରଣୀୟ କରିପାରିବ। କେବଳ ଡ୍ରେସ୍ ନୁହେଁ, ଆପଣ ଚାହିଁଲେ ପାର୍ଟନରଙ୍କୁ ଖୁସି କରିବା ଲାଗି ବିଭିନ୍ନ ଷ୍ଟାଇଲିଶ୍ ଜୋତା, ବ୍ୟାଗ୍, ରିଷ୍ଟୱାଚ୍, ସୁଜ୍ ଆଦି ମଧ୍ୟ ଦେଇପାରିବେ।

**ମେକ୍‌ଅପ୍ କିଟ୍ ଏବଂ ସେ କୁପନ:** ବର୍ତ୍ତମାନ କେବଳ ଯୁବତୀ ନୁହନ୍ତି, ଯୁବକମାନେ ମଧ୍ୟ ଫେସ୍ କେୟାରକୁ ନେଇ ବେଶ୍ ସଜାଗ। ତେଣୁ ଯୁବକମାନେ ନିଜ ପାର୍ଟନରଙ୍କୁ ଉପହାରରେ ମେକ୍‌ଅପ୍ ସାମଗ୍ରୀ କିମ୍ବା ବ୍ୟୁଟିପାର୍ଲରର ସ୍ପେଶାଲ କୁପନ୍ ଦେଇପାରିବେ। ସେହିପରି ଯୁବତୀମାନେ ଗିଫ୍ଟରେ କୌଣସି ୟୁନିସେକ୍ସ ସେଲୁନ୍‌ର ସ୍ପେଶାଲ କୁପନ କିମ୍ବା କମ୍ବୋ ବା କପଲ୍ ପ୍ୟାକ୍ ଅଫର ଆଦି ବି ଗିଫ୍ଟ କରିପାରିବେ।

**ଇ-ଗିଫ୍ଟ ଭାଉଚର:** ଯଦି ଦୂରରେ ଥିବା କାରଣରୁ ଏହି ସ୍ପେଶାଲ୍ ଦିନରେ ନିଜ ପ୍ରିୟ ମଣିଷ ପାଖକୁ ଯାଇ ଗିଫ୍ଟ ଦେବା ସମ୍ଭବ ନ ହୋଇପାରୁଛି, ତେବେ ଅନ୍‌ଲାଇନ୍ ଗିଫ୍ଟ ଭାଉଚର ସବୁଠୁ ଭଲ ବିକଳ୍ପ। ଏହାଦ୍ୱାରା ଆପଣ ନିଜ ପାର୍ଟନର୍‌ଙ୍କ ମନ ପସନ୍ଦର ଗିଫ୍ଟ ବାଛିବାର ସୁଯୋଗ ଦେଇ ଅଧିକ ଖୁସି କରାଇପାରିବେ।

# ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ

## ରଣଜୀ ଟ୍ରଫି

ଭୁବନେଶ୍ୱର,୧୦।୨
(ସରୋଜ ଜେନା)

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଉତ୍ତରାଖଣ୍ଡ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି ଓଡ଼ିଶା। ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୬ ଉଇକେଟରେ ୧୨୩ ରନ୍ କରିଥିବା ବେଳେ ୨୧୯ ରନ୍ ପଛରେ ରହିଛି। ଟସ୍ ଜିତି ବ୍ୟାଟିଂ ନେଇଥିବା ଉତ୍ତରାଖଣ୍ଡ ପ୍ରଥମେ ବ୍ୟାଟିଂ କରି ୩୪୨ ରନ୍‌ରେ ଅଲ୍‌ଆଉଟ ହୋଇଥିଲା।

ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଉତ୍ତରାଖଣ୍ଡ ୩ ଉଇକେଟରେ ୨୩୨ ରନ୍‌ସ୍କୋର କରିଥିଲା। ପ୍ରଥମ ଦିନର ଶତକ ହାସଲକାରୀ ବୈଭବ ଭଟ୍ଟ ବ୍ୟକ୍ତିଗତ ସ୍କୋରରେ ଆଉ ୧୪ ରନ୍ ଯୋଡ଼ି ୧୧୫ ରନ୍‌ରେ ଆଉଟ ହୋଇଥିଲେ। ୩୪୭ ବଲ୍‌ର ଇନିଂସରେ ସେ ୧୩ ଚୌକା ଓ ୧ ଛକା ମାରିଥିଲେ। ନିମ୍ନ ମଧ୍ୟକ୍ରମ ବ୍ୟାଟର ଅଖିଳ ରାୱତ ୫୦ ରନ୍ କରିବାରୁ ଦଳ ୩୪୨ ରନ୍‌ରେ ପହଞ୍ଚିଥିଲା। ଓଡ଼ିଶା ପକ୍ଷରୁ ସୁନୀଲ ରାଉଲ ଓ ହର୍ଷିତ ରାଠୋଡ ୩ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବିପ୍ଳବ ସାମନ୍ତରାୟ ଓ ପ୍ରୟାସ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଆଶୀର୍ବାଦ ସ୍ୱାଇଁ।

ଓଡ଼ିଶା ଏହାର ଇନିଂସ ଆରମ୍ଭ କରିଥିବା ବେଳେ ୪୧.୨ ଓଭରରେ ୬ ଉଇକେଟରେ ୧୨୩ ରନ୍ କରିଛି। ଅଧିନାୟକ ଶାନ୍ତନୁ ମିଶ୍ର(୫)ଙ୍କ ସହ ଯୁବ ଉଇକେଟକିପର ଆଶୀର୍ବାଦ ସ୍ୱାଇଁ(୫୪) ଓପନ କରିଥିଲେ। ଓଡ଼ିଶା ୨୦ ରନ୍‌ରେ ୨ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ନିର୍ଭରଯୋଗ୍ୟ ଶୁଭ୍ରାଂଶୁ ସେନାପତି ୪ ରନ୍ କରି ଆଉଟ ହୋଇଥିଲେ। ତେବେ ଆଶୀର୍ବାଦ ଓ ଗୋବିନ୍ଦ ପୋଦ୍ଦାର(୩୨) ତୃତୀୟ ଉଇକେଟରେ ୫୮ ରନ୍ ଯୋଡ଼ିଥିଲେ। ମାତ୍ର ବିପ୍ଳବ ସାମନ୍ତରାୟ (୯), ଦେବବ୍ରତ ପ୍ରଧାନ(୯) ଶସ୍ତାରେ ଆଉଟ ହେବା ସହ ଓଡ଼ିଶାକୁ ସଙ୍କଟରେ ପକାଇଥିଲେ। ଆଶୀର୍ବାଦ ୧୦୯ ବଲ୍ ଖେଳି ୧୦ ଚୌକା ମାରିଥିଲେ। ଅନ୍ୟପକ୍ଷରେ ପୋଦ୍ଦାର ୫୧ ବଲ ଖେଳି ୫ ଚୌକା ମାରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ପ୍ରୟାସ ସିଂ ୮ ରନ୍‌ରେ ଅପରାଜିତ ଅଛନ୍ତି। ଉତ୍ତରାଖଣ୍ଡ ପକ୍ଷରୁ ଦୀପକ ଧପୋଲା ଓ ଅଭୟ ନେଗୀ ୨ଟି ଲେଖାଏ ଓ ସ୍ୱପ୍ନିଲ ସିଂ, ମୟଙ୍କ ମିଶ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ହାତରେ ୪ ଉଇକେଟ ରହିଥିବା ବେଳେ ଦଳ ୨୧୯ ରନ୍ ପଛରେ ରହିଛି।

### ସଂକ୍ଷିପ୍ତ ସ୍କୋର

ଉତ୍ତରାଖଣ୍ଡ ପ୍ରଥମ ଇନିଂସ: ୩୪୨/୧୦ (ବୈଭବ ଭଟ୍ଟ-୧୧୫, ଜିୱନଜୋତ ସିଂ-୯୦, ଅଖିଳ ରାୱତ-୫୦, ସୁନୀଲ ରାଉଳ-୩/୭୩, ହର୍ଷିତ ରାଠୋଡ-୩/୬୦, ରାଜେଶ ମହାନ୍ତି-୧/୨୫)।

ଓଡ଼ିଶା ପ୍ରଥମ ଇନିଂସ ୪୧.୨ ଓଭରରେ ୧୨୩/୬(ଆଶୀର୍ବାଦ ସ୍ୱାଇଁ-୫୪, ଗୋବିନ୍ଦ ପୋଦ୍ଦାର-୩୨, ଦୀପକ ଧପୋଲା-୨/୪୨, ଅଭୟ ନେଗୀ-୨/୩୩, ମୟଙ୍କ ମିଶ୍ର-୧/୮)।

# ଆଜି ଭୁବନେଶ୍ୱର ସିଟି ମାରାଥନ୍

ଭୁବନେଶ୍ୱର,୧୦।୨
(ସରୋଜ ଜେନା)

ଭୁବନେଶ୍ୱରସ୍ଥିତ ଶିଖରଚଣ୍ଡୀ ପାହାଡ ନିକଟରେ କଳିଙ୍ଗ ରନର୍ସ କ୍ଲବ ଓ ସେଣ୍ଟ୍ରୋକ୍ସି ପକ୍ଷରୁ ଭୁବନେଶ୍ୱର ସିଟି ମାରାଥନ୍ ରବିବାର ଆୟୋଜିତ ହେବ। ସକାଳ ୫.୩୦ରେ ଏହି ଇଭେଣ୍ଟ ହେବ। ୬୦୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଜଣେ ୮୦ ବର୍ଷୀୟା ବୃଦ୍ଧା ୧୦ କିମି ଦୌଡରେ ଭାଗ ନେବେ। ସେହିପରି ସମ୍ବଲପୁରୀ ଶାଢୀରେ ମୁମ୍ବାଇ ମାରାଥନ ଦୌଡିଥିବା ମହିଳା ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ। ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବରେ ଯୋଗ ଦେବେ। ସର୍ଜନ ଡ. ସାର୍ଥକ ପଟ୍ଟନାୟକ, ଦୁଃଖୀଶ୍ୟାମ ପଟ୍ଟନାୟକ, ସ୍ୱାତୀ ମହାନ୍ତି, ସଂଗ୍ରାମ କେଶରୀ ଜେନା, ଯଯାତି ବଡୁ, ଦୀପକ କୁମାର ମିଶ୍ର ଓ ଅନିଲ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେବେ।

# ଟପ୍ ୬ରେ ନର୍ଥଇଷ୍ଟ ୟୁନାଇଟେଡ

ଗୁଆହାଟୀ, ୧୦।୨ (ପି.ଟି.)

ଟମି ଜୁରିକ୍‌ଙ୍କ ଡବଲ ଗୋଲ ବଳରେ ଇଷ୍ଟବେଙ୍ଗଲକୁ ୩-୨ ଗୋଲରେ ପରାସ୍ତ କରି ନର୍ଥ ଇଷ୍ଟ ୟୁନାଇଟେଡ୍ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଟପ୍ ୬କୁ ଉନ୍ନୀତ ହୋଇଛନ୍ତି। ଶନିବାର ଖେଳାଯାଇଥିବା ଡବଲ ହେଡରର ପ୍ରଥମ ମ୍ୟାଚରେ ଆୟୋଜକ ଦଳ ତରଫରୁ ଜୁରିକ୍ (୪ର୍ଥ, ୬୬ତମ ମିନିଟ) ଏବଂ ନେଷ୍ଟର ଆଲବାଇଚ୍ (୧୫ତମ) ଗୋଲ୍ ସ୍କୋର କରିଥିବା ବେଳେ ଇଷ୍ଟବେଙ୍ଗଲ ପକ୍ଷରୁ ନନ୍ଦକୁମାର ସେକର (୫୩ତମ) ଓ ଫେଲିସିଓ ବ୍ରାଉନ୍ ଫୋର୍ବସ (୮୨ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।


ସ୍ପୋର୍ଟ୍ସ ଷ୍ଟାର ଆସେସ ଆୱାର୍ଡ ଉତ୍ସବରେ କ୍ରୀଡ଼ାର ପ୍ରସାର କ୍ଷେତ୍ରରେ ଶ୍ରେଷ୍ଠ କର୍ପୋରେଟ ପୁରସ୍କାର ଟାଟା ଷ୍ଟିଲ୍‌କୁ ମିଳିଛି। ଏହି ଅବସରରେ ଟାଟା ଷ୍ଟିଲ୍‌ର କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ସର୍ଭେଶ କୁମାର ଓ ତାଙ୍କ ଟିମ୍ ଏବଂ ଜାମସେଦପୁର ଫୁଟ୍‌ବଲ କ୍ଲବର ସିଇଓ ତଥା କ୍ରୀଡ଼ା ମୁଖ୍ୟ ମୁକୁଲ ଚୌଧାରୀ ଟେବୁଲ ଟେନିସ କିମ୍ବଦନ୍ତୀ କମଳେଶ ମେହେଟା ଏବଂ ଇଣ୍ଡିଆ ସିମେଣ୍ଟର ମିଥିଲ ମୁଲ୍‌ଗାଁକରଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ଲିଙ୍ଗରାଜ ଚ୍ୟାଲେଞ୍ଜ କପ୍

# କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

ପୁରୁଣା ଭୁବନେଶ୍ୱର,୧୦।୨
(ସୁବାସ ପ୍ରଧାନ)

ଲିଙ୍ଗରାଜ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୧୪ତମ ଲିଙ୍ଗରାଜ ଚ୍ୟାଲେଞ୍ଜ କପ୍‌ରେ ଚାମ୍ପିୟନ ହୋଇଛି କିଟ୍। କ୍ଲବର ବରିଷ୍ଠ ସଦସ୍ୟ ସ୍ୱର୍ଗତ ଅଭିରାମ ନାୟକଙ୍କୁ ସମର୍ପିତ ଓ ତାଙ୍କ ନାମରେ ନାମିତ ଅଭି ଭାଇ କପରେ ରାଜ୍ୟର ଶ୍ରେଷ୍ଠ ୪ ଦଳ ଭାଗନେଇଥିଲେ। ଫାଇନାଲରେ ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱରକୁ ହରାଇ କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ସେମି ଫାଇନାଲରେଇଷ୍ଟ କୋଷ୍ଟ ରେଲୱେକୁ କିଟ୍ ଭୁବନେଶର ଓ ଭୁବନେଶ୍ୱର ରେନବୋ କ୍ଲବକୁ ହରାଇ ସ୍ପୋର୍ଟସ ହଷ୍ଟେଲ ଫାଇନାଲରେ ପ୍ରବେଶ କରିଥିଲେ। ସବୁ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ କପ ସହିତ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ପ୍ରଶିକ୍ଷକ ସମରେନ୍ଦ୍ର ମହାପାତ୍ର, ଅନ୍ତର୍ଜାତୀୟ ରେଫରୀ ସୁଦର୍ଶନ ପଟ୍ଟନାୟକ, ଆନ୍ତର୍ଜାତୀୟ ଖେଳାଳି ଲୋତକ ବିନ୍ଦୁ ଦାସ ଓ ରମେଶ ଚନ୍ଦ୍ର ଓଝା ପ୍ରମୁଖ ଉପସ୍ଥିତି ରହି ପ୍ରତିଯୋଗୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଲିଙ୍ଗରାଜ ସ୍ପୋର୍ଟସ ଆସୋସିଏଶନର ସଭାପତି ବାବୁ ସିଂ, ସମ୍ପାଦକ ରଜତ କୁମାର ତ୍ରିପାଠୀ ଓ ହେଡ୍ କୋ ଅର୍ଡିନେଟର ସଞ୍ଜୟ ଦାସ ଯଥାକ୍ରମେ ଚାମ୍ପିୟନ ଓ ରନର ଅପ ଟ୍ରଫି ପ୍ରଦାନ କରିଥିଲେ।


ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ ଦଳ।

# ଜାତୀୟ ମାଷ୍ଟର୍ସ ଗେମ୍ସ: ପାର୍ବତୀଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୧୦।୨
(ସରୋଜ ଜେନା)

ସୁପର ମାଷ୍ଟର୍ସ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଫେଡେରେଶନ ଆନୁକୂଲ୍ୟରେ ଗୋଆର ବାମ୍ବୋଲିମ୍ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ମାଷ୍ଟର୍ସ ଗେମ୍ସରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଥ୍‌ଲେଟ ପାର୍ବତୀ ସେଠୀ ଏକ ରୌପ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ସେ ଡିସ୍‌କସ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଶନିବାର ଶଟ୍‌ପୁଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ଆଥ୍‌ଲେଟିକ୍ସରେ ତିନି ଦଶନ୍ଧି ଧରି ସଫଳତା ଅର୍ଜନ ସହ ରାଜ୍ୟକୁ ଗର୍ବିତ କରିଥିବା ପାର୍ବତୀ ଅଗଷ୍ଟ ୧୩-୨୫ ମଧ୍ୟରେ ହେବାକୁ ଥିବା ବିଶ୍ୱ ମାଷ୍ଟର ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସରକାରୀ ସହଯୋଗ ମିଳିଲେ ଦେଶ ପାଇଁ ପଦକ ଜିତିବେ ବୋଲି ସେ ଆଶା ରଖିଛନ୍ତି ।


ପାର୍ବତୀ ସେଠୀ




Terms and conditions applicable. #Ex-showroom Price in New Delhi. Images and depictions shown above are computer generated/enhanced for illustrative and representational purpose only. Actual colour, feature and any other specification as shown may not be part of standard fitment and may differ from actual product. Appearance of black shade on glass of vehicle is due to lighting effect. All colours, features and specifications are grade specific and subject to change without prior notice. Please check and experience the availability of variants, colours and features at the authorized dealerships. ~Honda Connect application works on smartphones: Android 7.0 & above; iOS 11.0 & above. All services and features of Honda Connect are subject to network availability, facility/ transmission limitations as per government regulation and permissions in specific regions/ locations. Honda Connect comes with free subscription for first 5 years from the date of purchase. Ω10 year Anytime Warranty is extendable up to the maximum age of 10 years/120000 kilometers by renewing every year and is applicable from the date of purchase of car. *Honda SENSING is Honda's exclusive Advanced Driver Assistance System (ADAS). Honda SENSING cannot substitute human acumen and vigilance while driving. Honda Cars India Limited urges drivers to follow traffic rules which are meant to keep them safe on roads. ^Honda Internal Data. Measured between front & rear tyres in 1G condition at kerb (unladen) weight. **Segment is defined by mid-size SUVs with length between 4300 mm & 4400 mm; and engine size up to 1.5 Litres; and seating capacity of 5 persons. All awards and recognitions are given by the third parties on the basis of their independent evaluation. Your experience may vary. All positions/ rankings are not an endorsement of Honda Cars. For more information, please visit our authorized dealership or www.hondacarindia.com. For corporate sales enquiry please write to corporatesales@hondacarindia.com

For more information, Contact: **Angul:** **Central Honda** (Nalco Nagar) 8599005896, **Balasore:** **Highway Honda** (Balasore, Hiratikri, P.O. Sergarh) 8657731130, **Bhubaneswar:** **Central Honda** (Unit-9) 9078000333, 8657588464, **Highway Honda** (Rudrapur) 8657588896, **Highway Honda** (Lewis Road, Gauri Temple) 8657589227, **Highway Honda** (Patia, Infosys Road, Near Patia Square) 8657589228, **Cuttack:** **Highway Honda** (Cantonment Road) 8657589226, **Jajpur:** **Highway Honda** (Mirzapur, Panikoili) 8657588901, **Rourkela:** **Krishna Honda** (Rourkela Beldihi) 8657588922, **Sambalpur:** **Central Honda** (Bareipalli Industrial Estate)7682857806, 7077732222

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା–୧୨+୮
ଭୁବନେଶ୍ୱର, ରବିବାର, ଫେବୃଆରୀ ୧୧/୨୦୨୪ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, February 11/2024 Page 20 ₹ 7.00 | SAMBALPUR



## ସଂକ୍ଷେପରେ

### ଦୀର୍ଘ ବର୍ଷ ପରେ ବି ରାସ୍ତା ସଂଯୋଗ ହୋଇନି



ରିଷିଡ଼ା,୧୦।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତସ୍ଥିତ କଅସିଲ ଓ ଏମ୍. ରାମପୁର ବ୍ଲକ ପିରୁଲମାଲକୁ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ସବୁଦିନିଆ ରାସ୍ତା ହୋଇପାରିଲା ନାହିଁ । ଉଭୟ ବ୍ଲକ ସୀମାରେ ଥିବା ଏହି ରାସ୍ତା ଉପରେ ମୁଖ୍ୟତଃ ଏମ୍. ରାମପୁର ବ୍ଲକ ଗୋଛାଡେଙ୍ଗେନ ଅଲାତରା ପଞ୍ଚାୟତ ଲୋକେ ତୁଷୁରାକୁ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ଏହି ରାସ୍ତା କେବଳ ଶୀତ ଓ ଖରାଦିନେରେ ଯିବା ସମ୍ଭବ ହୋଇଥିବାବେଳେ ବର୍ଷା ଋତୁରେ ବନ୍ଦ ହୋଇଥାଏ। କଅସିଲ ପୋଖରୀ ନିକଟରୁ ପ୍ରାୟ ୫୦୦ ମିଟର ରାସ୍ତା ନିର୍ମାଣ କଲେ ଏହି ରାସ୍ତା ସଂଯୋଗ ହୋଇପାରିବ। କିଛି ଲୋକ ରାସ୍ତା ପାଇଁ ଜମି ଦେବାକୁ ରାଜି ହେଉ ନ ଥିବା ସ୍ଥାନୀୟ ଅଞ୍ଚଳର ଲୋକେ କହିଛନ୍ତି। ଉଭୟ ପଟୁ କଅସିଲ ଓ ପିରୁଲମାଲ ଗ୍ରାମ ନିକଟରେ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ହୋଇଛି। ଏହି ରାସ୍ତା ସଂଯୋଗ ପାଇଁ ଦୀର୍ଘ ଦିନହେଲା ଦାବି ହୋଇଆସୁଛି।

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,୧୦।୨(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସିନାପାଲି ପଞ୍ଚାୟତରେ ଶନିବାର ସରପଞ୍ଚ ନୌକେଶ୍ୱର ପୁଟେଲଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ଅବଗତ କରାଇଥିଲେ। ଏଥିରେ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଷ୍ଟଲ ଲଗାଯାଇଥିଲା। କାର୍ଯ୍ୟକ୍ରମ ବିଶ୍ୱରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ପିଇଓ ଗୌରହରି ନାଏକ, ପ୍ରଶାନ୍ତ କୁମାର ନାଏକ, ସହକାରୀ ଯନ୍ତ୍ରୀ ନିକୁଞ୍ଜ ବିହାରୀ ନାଏକ ସମିତି ସଭ୍ୟ ଲୋଚନ ସାହୁ ଏବଂ ସମସ୍ତ ୱାର୍ଡମେମ୍ବରମାନେ ସହଯୋଗ କରିଥିଲେ।

### ଖଡ଼ିଆଲ କ୍ଲବ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ଖଡ଼ିଆଲ,୧୦।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଲସ୍ଥିତ ଖଡିଆଲ କ୍ଲବ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହ ପାଖାପାଖି ଶତାଧିକ ବୟସ୍କ ମହିଳା ପୁରୁଷ ଯୋଗଦେଇ ନିଜ ଚକ୍ଷୁ ଚିକିତ୍ସା କରିଥିଲେ। ଆବଶ୍ୟକ ଥିବା ନାଗରିକଙ୍କୁ ଚକ୍ଷୁ ଅସ୍ତ୍ରପ୍ରଚାର ପାଇଁ ନିଆଯିବା ସହ କ୍ଲବ ପକ୍ଷରୁ ବିଭିନ୍ନ ସମୟରେ ମଧ୍ୟ ସମାଜ ସେବା ମନୋବୃତ୍ତି ରଖି ଆଗକୁ କାର୍ଯ୍ୟ କରିବୁ ବୋଲି ଅନୁଷ୍ଠାନ ସଦସ୍ୟ ମତବ୍ୟକ୍ତ କରିଥିଲେ। ଅନୁଷ୍ଠିତ ଚକ୍ଷୁ ଚିକିତ୍ସା ଶିବିରରେ ଖଡିଆଲ ନଗରପାଳ ଉଜ୍ଜଳ ଗୁପ୍ତା, ବରିଷ୍ଠ ସଦସ୍ୟ ସୁଧୀର କୁମାର ପଟ୍ଟନାୟକ, ଅଚ୍ୟୁତ ବହିଦାର, ମୁକେଶ ପଟ୍ଟନାୟକ, ସତପାଲ ସିଂ ସହ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

### ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମଦନପୁର,୧୦।୨(ସନ୍ତୋଷ କୁମାର ଦଣ୍ଡସେନା)

କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କେତକୀ ଦଣ୍ଡିଆ, ଶିଳ୍ପପତି ବିଭୁ ପ୍ରସାଦ ସାହୁ, କଳାହାଣ୍ଡି ଡିଡବ୍ଲୁଓ ଅରବିନ୍ଦ ରାୟ, ମୁଖ୍ୟବକ୍ତା ଭାବେ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ଦାସ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାନ୍ତନୁ କୁମାର ମେହେର ସଭାପତିତ୍ୱ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅରୁଣ କୁମାର ଭୋଇ, ମିନକେତନ ସୁନା, ଅନୁରାଧା ପାଣ୍ଡେ, ସୁସ୍ମିତା ପଟେଲ, ପ୍ରିୟଙ୍କା ଭୋଇ, ରାଜଲକ୍ଷ୍ମୀ ସେନାପତି, ପ୍ରଶାନ୍ତ କୁମାର ସାହୁ, ପ୍ରତ୍ୟୁଷ କୁମାର ଭୋଇ ସହଯୋଗ କରିଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଚାଷୀଙ୍କ କାମରେ ଆସୁନି ମଡସିଲ ଚେକ୍‌ଡ୍ୟାମ୍

■କୌଣସି ଚାଷଜମିକୁ ବୁନ୍ଦାଏ ପାଣି ମାଡୁନି
■ଜଳସେଚନ ସୁବିଧାରୁ ଚାଷୀ ବଞ୍ଚିତ

କୋକସରା,୧୦।୨(ଦୁଷ୍ମନ୍ତ କୁମାର ପାଢଯୋଶୀ)



ମୋଡୋସିଲ ଚେକ୍‌ଡ୍ୟାମ୍।

ରାଜ୍ୟ ସରକାର ଚାଷୀଙ୍କ ହିତ ସାଧନ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରି ଜଳସେଚନ ପାଇଁ ଚେକ୍‌ଡ୍ୟାମ୍ ନିର୍ମାଣ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାର ମିଳିଭଗତରେ ନିର୍ମାଣାଧୀନ ପ୍ରକଳ୍ପରୁ ପାଣି ମୁନ୍ଦାଏ ପାଉନାହାନ୍ତି ଅଞ୍ଚଳର ଚାଷୀ। କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ସାହାଜଖୋଲ ଜଙ୍ଗଲ ପାଦଦେଶରେ ଥିବା ମଡସିଲ ଚେକ୍‌ଡ୍ୟାମ୍ ପ୍ରକଳ୍ପରୁ ଏହିଭଳି କିଛି ଅଭିଯୋଗ ଆସିଛି। ସୂଚନା ଯେ, ୨୦୧୭ରେ ଅଞ୍ଚଳର ଚାଷୀଙ୍କ ପାଇଁ ସାହାଜଖୋଲ ଜଙ୍ଗଲରୁ ବର୍ଷା ଦିନରେ ବୋହୁଥିବା ଜଳ ସଂରକ୍ଷଣ କରି ଖରିଫ ଋତୁରେ ଅଞ୍ଚଳର ଆମପାଣି ପଞ୍ଚାୟତର କନ୍ଦାଗଡ଼, ପାତ୍ରବସା, ଅଞ୍ଚଳର ଅଣ ଜଳସେଚିତ ଚାଷଜମିକୁ ଜଳସେଚନ ପାଇଁ ମଡସିଲ ଚେକଡ୍ୟାମର ନିର୍ମାଣ ଆରମ୍ଭ କରାଯାଇଥିଲା। ବିଭାଗୀୟ ଅନୁଦାନ ୬୭ ଲକ୍ଷ ୭୫ ହଜାର ୫୧୩ ଟଙ୍କା ବ୍ୟୟରେ କୋକସରା ବ୍ଲକ କ୍ଷୁଦ୍ର ଜଳସେଚନ ଅଣୁ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିଲା। ହେଲେ ସେହି ସମୟରେ ସ୍ଥାନୀୟ ଚାଷୀଙ୍କ ମତକୁ ଅଣଦେଖା କରି ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀମାନେ ନିଜକୁ ସୁହାଇଲା ଭଳି ଚେକଡ୍ୟାମ ଓ କେନାଲ ନିର୍ମାଣ କରିଥିଲେ। ଲକ୍ଷାଧିକ ଟଙ୍କା ପ୍ରକଳ୍ପକୁ ଚାଷୀଙ୍କ ହିତକୁ ଦୃଷ୍ଟି ନ ଦେଇ ଠିକାସଂସ୍ଥା କାର୍ଯ୍ୟକୁ ପ୍ରୋତ୍ସାହିତ କରିଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ଚେକଡ୍ୟାମ ନିର୍ମାଣର ୬/୭ ବର୍ଷ ମଧ୍ୟରେ କୌଣସି ଚାଷଜମିକୁ ବୁନ୍ଦାଏ ପାଣି ମାଡୁ ନ ଥିବା ନେଇ ଅଞ୍ଚଳର ଚାଷୀ ଅଭିଯୋଗ କରୁଛନ୍ତି। କହିବାକୁ ଗଲେ ମଡସିଲ ଚେକଡ୍ୟାମ ଚାଷୀଙ୍କ ପାଇଁ ନୁହେଁ ବରଂ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା ପାଇଁ ବରଦାନ ପାଲଟିଥିଲା। ଆଜି ଏହି ଅଞ୍ଚଳର ଚାଷୀ ଜଳସେଚନ ସୁବିଧାରୁ ବଞ୍ଚିତ ରହି ପେଟପାଟଣା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଏ ନେଇ ଜୟପାଟଣା କ୍ଷୁଦ୍ର ଜଳସେଚନ ବିଭାଗୀୟ ସହକାରୀ ଯନ୍ତ୍ରୀ ବଷ୍ଟି ବାଗଙ୍କ ପ୍ରତିକ୍ରିୟା ନେବାରୁ ଚେକଡ୍ୟାମ ପୁନରୁଦ୍ଧାର ପାଇଁ ବିଭାଗୀୟ ଅନୁଦାନ ପାଇଁ ଉଚ୍ଚ ଅଧିକାରୀଙ୍କୁ ଜଣାଯାଇଛି। ଅନୁଦାନ ଆସିଲେ ଚେକଡ୍ୟାମ ମରାମତି ସହ ଉଠା ଜଳସେଚନ ମାଧ୍ୟମରେ ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି। ତେବେ ଚେକଡ୍ୟାମ ନିର୍ମାଣ ସମୟରେ ଏସବୁ ଦିଗ ପ୍ରତି କାହିଁକି ଧ୍ୟାନ ଦିଆ ଗଲାନାହିଁ, ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଚେକଡ୍ୟାମ ଚାଷଙ୍କ ପାଇଁ ମରୀଚିକା ସଦୃଶ ପାଲଟିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

# ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ




ବିଧାୟକ ଦିବ୍ୟ ଶଙ୍କର ଔଷଧ ସେବନ କରୁଛନ୍ତି।

ଜୁନାଗଡ଼,୧୦।୨(ସୁନୀଲ କୁମାର ସିଂହ)

**ଲୋକଙ୍କୁ ସଚେତନ କରିବା ପାଇଁ ଔଷଧ ଖାଇଲେ ବିଧାୟକ**

କଳାହାଣ୍ଡି ଜିଲା ଜୁନାଗଡ଼ ଏନଏସିରେ ଶନିବାର ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ସିଡିଏମଓ ଡାକ୍ତର ସୁଚେତା ପାଣି, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ବିସିସିବି ସଭାପତି ଗିରିଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଜୁନାଗଡ଼ ଏନଏସିକୁ ଫାଇଲେରିଆ ମୁକ୍ତ କରିବା ପାଇଁ ସମସ୍ତେ ୧୦ରୁ ୧୪ ତାରିଖ ଏହି ଔଷଧ ସେବନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଅତିଥି ଆହ୍ୱାନ ଦେଇଥିଲେ। ସେହିପରି ଲୋକଙ୍କୁ ସଚେତନତା କରିବାକୁ ଯାଇ ବିଧାୟକ ମିଶ୍ରଙ୍କ ସମେତ ନଗରପାଳ ଅଗ୍ରୱାଲ ଫାଇଲେରିଆ ଔଷଧ ସେବନ କରିଥିଲେ। ସଭା ବିଭାଗୀୟ ସୁପରଭାଇଜର ପ୍ରିୟ ରଞ୍ଜନ ମୁଣ୍ଡ ପରିଚାଳନା କରିଥିଲେ। ଜିଲାର ଜୁନାଗଡ଼ ଏନଏସି ଓ ନର୍ଲା ବ୍ଲକରେ ଏହି ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଚାଲିଛି। ଜୁନାଗଡ଼ ଏନଏସିର ୧୨ଟି ୱାର୍ଡ ଓ ନର୍ଲା ବ୍ଲକର ୧୩୮ ରାଜସ୍ୱ ଗ୍ରାମର ୧ ଲକ୍ଷ ୫୬ ହଜାର ୩୧୭ ଲୋକ ଏଥିରେ ସାମିଲ ହେବେ।

# ମେଦିନୀପୁର ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ




ବିଦ୍ୟାଳୟର କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଭବାନୀପାଟଣା,୧୦।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ପ୍ରକୃତିବନ୍ଧୁ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବର, ମୁଖ୍ୟବକ୍ତା ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜୟ କୁମାର ମାଝି, ହୃଷୀକେଶ ନାଏକ, ଜଗଦୀଶ ମୁଣ୍ଡ, ମେଦିନୀପୁର ସରପଞ୍ଚ ଗୌରୀ କୁମାର ମିଶ୍ର, ଥୁଆପଦର ସରପଞ୍ଚ ଦିଗାମ୍ବର ଲୋହା, ସନ୍ତୋଷ କୁମାର ସିଂହ, ଲବ୍ଧ ପ୍ରତିଷ୍ଠିତ ଚିତ୍ର ଶିଳ୍ପୀ ମୁକୁନ୍ଦ ରେଜ୍ଞୀ, ଲବ୍ଧ ପ୍ରତିଷ୍ଠିତ ସଙ୍ଗୀତ ବିଶାରଦ ଗୋବର୍ଦ୍ଧନ ଦାଶ, ମୀରା ସାହୁ, ଉଦେପୁର ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ସଙ୍ଗୀତା ନାଗ, ଶିକ୍ଷକ ନେତା ଲବ ଦୁର୍ଗା, ଦୁର୍ଯ୍ୟୋଧନ ମାଝି, ଧନଞ୍ଜୟ ସାହୁ, ଭୃକୁଟିଗଉଡ, ଧନଞ୍ଜୟ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରି ଶିକ୍ଷାଗ୍ରହଣ ସହ ସହ ଶୈକ୍ଷିକ କାର୍ଯ୍ୟକ୍ରମ ହିଁ ଛାତ୍ରୀଛାତ୍ରଙ୍କ ସାମଗ୍ରୀକ ବିକାଶ ସାଧନ କରିଥାଏ ବୋଲି କହିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବଗର୍ତ୍ତୀ ବିବରଣୀ ପଠ କରିଥିଲେ। ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାଶ, କଲ୍ୟାଣୀ ଦାସ, ପ୍ରତିଭା ଦାଶ, ନିଶାମଣି ଦେଇ ମଞ୍ଚ ପରିଚାଳନା କରିଥିବା ସ୍ଥଳେ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ଦୋରା, ସବ୍ୟାମଞ୍ଜରୀ ପଟ୍ଟନାୟକ, ଗୀତାଞ୍ଜଳୀ ସିଂ ଦେଓ, ଯମୁନା ଛତ୍ରିଆ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ନିଷ୍ଠାପର ଦାୟିତ୍ୱ ଓ କାର୍ଯ୍ୟ ସମ୍ପାଦନରେ ଏକ ଉଦାହରଣ ସାଜିଥିବା ମଧ୍ୟାହ୍ନ ଭୋଜନରେ ନିୟୋଜିତ ପାଚିକା ଲକ୍ଷ୍ମୀ ଶବର, ସହାୟିକା ଚନ୍ଦ୍ରକାନ୍ତି ରାଉତଙ୍କ ସ୍ୱେଚ୍ଛାକୃତ ଅବସର ଯୋଗୁ ଉଭୟଙ୍କୁ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଆଞ୍ଚଳିକ ସାଧନ ସଂଯୋଜନ ଭାବେ ତୁଳସୀ ରାମ ସାହୁଙ୍କୁ ସମ୍ବର୍ଦ୍ଧନା, ଛାତ୍ରୀ ରୋହିଣୀ ସାହୁଙ୍କୁ ଷ୍ଟୁଡେଣ୍ଟ ଅଫ ଦି ୟର୍ ସମ୍ମାନ ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ କ୍ୟାପଟେନ ସମୀକ୍ଷା ଦୀପ ଓ କମାଣ୍ଡର କରନ ହିଆଲ ଅତିଥି ଅଭ୍ୟର୍ଥନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୬ ପଞ୍ଚାୟତକୁ ୧୦ ପିଇଓ, ବିଭିନ୍ନ ଉନ୍ନୟନ କାର୍ଯ୍ୟ ଠପ୍

ନର୍ଲା/ଛତିକୁଡ଼ା,୧୦।୨
(ସନ୍ତୋଷ ପାତ୍ର/ଦୀପକ ସାହୁ)

କଳାହାଣ୍ଡି ଜିଲା ନର୍ଲା ବ୍ଲକରେ ୨୬ଟି ଗ୍ରାମପଞ୍ଚାୟରେ ୧୦ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଛି। ବର୍ତ୍ତମାନ ରାଜ୍ୟ ସରକାର ସାଧାରଣ ଲୋକଙ୍କ ମୌଳିକ ଅଧିକାର ପୂରଣ ପାଇଁ ଦ୍ରୁତ ଗତିରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ନର୍ଲା ବ୍ଲକର ୨୬ଟି ପଞ୍ଚାୟତ ପାଇଁ ମାତ୍ର ୧୦ଜଣ ପିଇଓ କାର୍ଯ୍ୟ କରୁଛନ୍ତି। ଫଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଠିକ ସମୟରେ ଲୋକଙ୍କ ପାଖରେ ପହଞ୍ଚିପାରୁ ନ ଥିବା ବେଳେ ବିଭିନ୍ନ ସେବାରୁ ସାଧାରଣ ଲୋକେ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ତତ୍‌ସଙ୍ଗେ ବ୍ଲକରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ୱେଲଫେଆର୍ ଏକ୍ସଟେସନ ଅଫିସର ଓଏଲଏମ ଏବଂ ବିପିସି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଥିବାରୁ ଗ୍ରାମପଞ୍ଚାୟତସ୍ତର ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଭଳି ସମୟରେ ନର୍ଲା ନିର୍ବାଚନ ମଣ୍ଡଳୀର ୨ବରିଷ୍ଠ ଜନପ୍ରତିନିଧି ବ୍ଲକର ଦୂରାବସ୍ଥା ଅଣଦେଖା କରି ନିଜ ଶକ୍ତି ପ୍ରଦର୍ଶନରେ ବ୍ୟସ୍ତ ରହୁଥିବାରୁ ସାଧାରଣଙ୍କ ମଧ୍ୟରେରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଯଥାଶୀଘ୍ର ପଦବୀ ପୂରଣ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ପାଇଁ ସାଧାରଣରେ ଦାବି ହେଉଛି।

# ସରକାରଙ୍କ ସହାୟତାକୁ ଚାହିଁଛନ୍ତି ବିଧବା ସୁଧର୍ମୀ



ରିଷିଡ଼ା,୧୦।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଗ୍ରାମ କନ୍ଧପଡ଼ାର ବିଧବା ସୁଧର୍ମୀ ଦଣ୍ଡସେନା (୬୦)ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କି ବିଜୁ ପକ୍କାଘର ମିଳୁ ନ ଥିବା ଘଟଣା ସାମ୍ନାକୁ ଆସିଛି। ଏହିପଡ଼ାର ସୁଧର୍ମୀଙ୍କ ସ୍ୱାମୀ ସତ୍ୟନାରାୟଣ ଦଣ୍ଡସେନା ୧୦ ବର୍ଷ ହେବ ଆରପାରିକୁ ଚାଲି ଯିବା ପରେ ଏବେ ସେ ଘରେ ଏକୁଟିଆ। ପୁଅ, ଝିଅ ତାଙ୍କର କେହି ନାହାନ୍ତି। ବିଧବାଙ୍କ କେହି ନ ଥିଲେ ବି ସେ ତାଙ୍କ ସ୍ୱାମୀ ସତ୍ୟନାରାୟଣଙ୍କ ସାନଭାଇ ଶରତ ଚନ୍ଦ୍ରଙ୍କ ଘରେ ଦଶବର୍ଷ ହେବ ଆସାୟୀ ନେଇଛନ୍ତି। ଦୁଃଖ ସମୟରେ ପାଖରେ ନା ଅଛନ୍ତି ପିଲା ଛୁଆ ନା ଅଛନ୍ତି ସ୍ୱାମୀ। ଏ ପରିସ୍ଥିତିରେ ବିଧବାଙ୍କ ଦୁଃଖ କହିଲେ ନ ସରେ। ସ୍ୱାମୀଙ୍କ ସାହାରାରେ ସୁଧର୍ମୀ ସୁଖଦୁଃଖରେ ରହି ଆସୁଥିଲେ। ହେଲେ ସ୍ୱାମୀ ଚାଲି ଗଲା ପରେ କେହି ନାହାନ୍ତି। ଜମି କହିଲେ କେବଳ ଘର ଡିହ ଓ ଝାଟିମାଟି ଭଙ୍ଗା ଟାଇଲି ଘର। ବର୍ଷା ହେଲେ ଘରେ ଆଣ୍ଠୁଏ ପାଣି ଓ ଦିନରେ ସୂର୍ଯ୍ୟ ଏବଂ ରାତିରେ ତାରା ଦେଖାଯାଏ। କେନ୍ଦ୍ର ଓ ରାଜ୍ୟ ସରକାର ଗରିବଙ୍କ ପାଇଁ ଯୋଜନା କରୁଥିବା ବେଳେ ସୁଧର୍ମୀଙ୍କ ପାଇଁ ସବୁ ଫେଲ ମାରିଛି। ବିଧବାଙ୍କ ପୁଅଝିଅ ନାହିଁ ବୋଲି ମିଳିପାରିଲା ନାହିଁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା କି ବିଜୁ ପକ୍କାଘର। କିନ୍ତୁ କେତେକ ଲୋକଙ୍କ ପାଖରେ କୋଠାଘର, ଗାଡ଼ି ଥାଇ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁଛି। ୫ କେଜି ଚାଉଳ, ୫୦୦ ଟଙ୍କା ଭତ୍ତାରେ ବହୁ କଷ୍ଟରେ ଚଳୁଛନ୍ତି। ଝାଟିମାଟି ଘରେ ବିଦ୍ୟୁତ୍ ନ ଥିବାରୁ ଅନ୍ଧାରେ ରାତିକାଟନ୍ତି। ସ୍ଥାନୀୟ ସରପଞ୍ଚ ଓ ବ୍ଲକ ପ୍ରଶାସନଙ୍କ ପାଖରେ ଘର ପାଇଁ ଗୁହାରି କରଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି ବୋଲି ସୁଧର୍ମୀ କହିଛନ୍ତି। ଅନ୍ତୋଦୟ ଯୋଜନାରେ ସାମିଲ କରନ୍ତୁ, ଭତ୍ତା ୭ ଶହକୁ ବୃଦ୍ଧି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ଯୋଗାଇ ବିଦ୍ୟୁତ୍ ବ୍ୟବସ୍ଥା କରାଇ ଦେବା ପାଇଁ ବିଧବା ସୁଧର୍ମୀ ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

# ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଥୁଆମୂଳ ରାମପୁର,୧୦।୨(ଦୁର୍ଗା କୀର୍ତ୍ତି)



କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ମା’ ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଗତ ୨ତାରିଖଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ସୁବାସ କୁମାର ବିନ୍ଧାଣି, ଅଗ୍ନିଶମ ଅଧିକାରୀ ଉଦଘାଟନ କରିଥିଲେ। ବିଭିନ୍ନ ଦିବସରେ ଛାତ୍ରୀମାନଙ୍କୁ ବିଭିଧ ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଇଥିଲା। ଏହା ଦ୍ୱାରା ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବଳ ଜାଗୃତି ହେବା ସହ ନିଜର ସୁରକ୍ଷା କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଦେଇ ପାରିବେ ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଥିଲେ। ଆୟୋଜିତ ସଭାରେ ସ୍ଥାନୀୟ ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଥୁଆମୁଳ ରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଗ୍ନିଶମ ଅଧିକାରୀ ସୁବାସ ବିନ୍ଧାଣି, ସ୍ୱାସ୍ଥ୍ୟ ସ୍ୱରାଜସର ସୁଶ୍ରୀ ଜ୍ୟୋତ୍ସ୍ନା ଗୁପ୍ତା, ଡିଗ୍ରୀ କଲେଜ ଅଧ୍ୟକ୍ଷ ସମୀର କୁମାର ସାହୁ ଏବଂ ଓଡ଼ିଆ ଅଧ୍ୟାପିକା ଲକ୍ଷ୍ମୀ ପ୍ରିୟା ନାଏକ ଯୋଗସ୍‌ଦେଇଥିଲେ। ଏଥିରେ ପ୍ରଶିକ୍ଷକ ଭାବେ ସୁଶ୍ରୀ ଆଲିଶା ଧଙ୍ଗଡାମାଝି ଯୋଗଦେଇଥିଲେ। ନୋଡାଲ ଅଧିକାରୀ ପ୍ରଶାନ୍ତ ମୁଣ୍ଡଛିନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଛାତ୍ରୀମାନଙ୍କୁ ପ୍ରତିଭାଗୀ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ମଦ ମୁକ୍ତି ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା,୧୦।୨(ମକାରୁ ବେମାଲ)

**ମଦମୁକ୍ତ କରି ସ୍ୱଚ୍ଛ ଗାଁରେ ପରିଣତ କରିବା ପାଇଁ ଶପଥ**

ନୂଆପଡା ଜିଲା କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ଗାଁରେ ଶୁକ୍ରବାର ପିରାମଲ ଫାଉଣ୍ଡେଶନ ପକ୍ଷରୁ ଏକ ମଦ ମୁକ୍ତି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପିରାମଲ ଫାଉଣ୍ଡେଶନ ପ୍ରକଳ୍ପ ପରିଚାଳକ ଭବାନୀ ଶଙ୍କର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଞ୍ଜିତ ସୁନାନୀ ମୁଖ୍ୟଅତିଥି, ଦାମୋଦର ମାଝି, ମାୟା ମାଝି ସମ୍ମାନିତ ଅତୁଥି ଭାବରେ ଯୋଗଦେଇଥିଲେ। ଅଞ୍ଚଳକୁ ସମ୍ପୂର୍ଣ୍ଣ ମଦ ମୁକ୍ତ କରି ସ୍ୱଚ୍ଛ ଗାଁରେ ପରିଣତ କରିବା ପାଇଁ ଉପସ୍ଥିତ ସମସ୍ତ ସ୍ୱୟଂ ସହାୟକ ଦଳ ମହିଳା, ଯୁବତୀ, ଯୁବକ ଓ ଗ୍ରାମବାସୀଙ୍କୁ ଶପଥ ନେବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗାଁର ସ୍ୱୟଂ ସହାୟକ ଦଳ ମହିଳା, ଯୁବତୀ ଯୁବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅଞ୍ଚଳରେ ଅଧାରୁ ପାଠ ଛାଡି ଥିବା ପିଲାଙ୍କମାନଙ୍କୁ ନିଶୁଳ୍କରେ ଶିକ୍ଷାଦାନ କରୁଥିବା ୨ଜଣ ସ୍ୱେଚ୍ଛାସେବୀ ଚିତରଞ୍ଜନ ପଟେଲ ଓ ରୂପସିଂ ମାଝିଙ୍କୁ ଫାଉଣ୍ଡେଶନ ତରଫରୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନର୍ଗିଶ ପରବୀନ ଓ ଲୋପାମୁଦ୍ରା ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚିନାବାଦାମ ଚାଷ ଦେଇଛି ରୋଜଗାର

କର୍ଲାମୁଣ୍ଡା,୧୦।୨(ପ୍ରଦୀପ କୁମାର ସାହୁ)



ଚାଷୀ ମୁକ୍ତି ସିଆନ ସାହୁ ଓ ତାଙ୍କ ପତ୍ନୀ ଚିନାବାଦାମ ଅମଳ କରୁଛନ୍ତି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସରଗୁଲ ମାଲପଡା ଗ୍ରାମପଞ୍ଚାୟତ ପୁଟିଗାଁ ଶୈବ ପୀଠ ନିକଟରେ ବୋହିଯାଉଥିବା ତେଲ ନଦୀ କୂଳର ୨ ଏକର ଆଟ କିସମ ଜାଗାରେ ଚିନା ବାଦାମ ଚାଷ କରନ୍ତି ପୁଟିଗାଁ ଚାଷୀ ମୁକ୍ତି ସିଆନ ସାହୁ। ଏଥିପାଇଁ ଗତ ଅକ୍ଟୋବର ୨୫ ତାରିଖରେ ଜମି ପ୍ରସ୍ତୁତ କରି ଏକର ପ୍ରତି ୩ ପକେଟ ଚିନାବାଦାମ ବିହନ ଲଗାଇଥିଲେ। ଯାହାର ମୂଲ୍ୟ ୪୫ ଶହ ଟଙ୍କା। ଏହା ବ୍ୟତୀତ ହଳ ବାବଦକୁ ୫୪ ଶହ ଟଙ୍କା, ସାର ଖତ ଓ ଔଷଧ ପାଇଁ ୪ ହଜାର ୫୦ ଟଙ୍କା, ଲେବର ବାବଦକୁ ୭ ହଜାର ୩ ଶହ ଟଙ୍କା ମୋଟ ୨୧ ହଜାର ୨ଶହ ୫୦ ଟଙ୍କା ଖର୍ଚ୍ଚ କରିଥିଲେ। ସେ ଚଳିତ ମାସ ପ୍ରଥମ ସପ୍ତାହରୁ ଅମଳ ଆରମ୍ଭ କରିଛନ୍ତି। ଏକରକୁ ୩୫ ପକେଟ ଅମଳ ହେବାକୁ ସେ ଆଶା ରଖିଛନ୍ତି। ତଦନୁସାରେ ପ୍ରତି ପକେଟକୁ ୧୬ ଶହ ଟଙ୍କା ଦରରେ ମୋଟ ୫୬ ହଜାର ଟଙ୍କାରେ ବିକ୍ରି କରିବେ। ତେବେ ସରକାରଙ୍କ ପକ୍ଷରୁ ଚାଷୀଙ୍କ ଆବଶ୍ୟକ ମୁତାବକ ବିହନ ଯୋଗାଇବା ସହ ଆର୍ଥିକ ସହାୟତା ଓ ମଣ୍ଡି ବ୍ୟବସ୍ଥା ମିଳିଲେ ଚାଷୀ ଅଧିକ ଲାଭବାନ ହୋଇପାରନ୍ତେ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ପୁଟିଗାଁର ୧୦ରୁ ଅଧିକ ଚାଷୀ ଚିନାବାଦାମ ଚାଷ କରି ଭଲ ଦୁଇ ପଇସା ରୋଜଗାର କରୁଥିବା ଜଣାପଡିଛି। ଅନ୍ୟପଟେ ଏହି ଚାଷ ମରୁଡି ସହଣୀ ଓ ରୋପୋକେ ର ପଦୁର୍ଭା କମ ରହିଥିବା ତଥା କମ ଦିନରେ ଚାଷ ହୋଇଥିବାରୁ ଚାଷୀମାନେ ଆଗ୍ରହ ସହିତ ଏହି ଚାଷ କରିଥାନ୍ତି ବୋଲି ଚାଷୀ ରମେଶ ସାହୁ କହିଛନ୍ତି।

# ଚାଷୀଙ୍କ କାମରେ ଆସୁନି ମଡସିଲ ଚେକ୍‌ଡ୍ୟାମ୍

**କୋକସରା,୧୦।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**


ମୋଡୋସିଲ ଚେକ୍‌ଡ୍ୟାମ୍।

- କୌଣସି ଚାଷଜମିକୁ ବୁନ୍ଦାଏ ପାଣି ମାଡୁନି
- ଜଳସେଚନ ସୁବିଧାରୁ ଚାଷୀ ବଞ୍ଚିତ

ରାଜ୍ୟ ସରକାର ଚାଷୀଙ୍କ ହିତ ସାଧନ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରି ଜଳସେଚନ ପାଇଁ ଚେକ୍‌ଡ୍ୟାମ୍ ନିର୍ମାଣ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାର ମିଳିଭଗତରେ ନିର୍ମାଣାଧୀନ ପ୍ରକଳ୍ପରୁ ପାଣି ମୁନ୍ଦାଏ ପାଉନାହାନ୍ତି ଅଞ୍ଚଳର ଚାଷୀ। କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ସାହାଜଖୋଲ ଜଙ୍ଗଲ ପାଦଦେଶରେ ଥିବା ମଡସିଲ ଚେକ୍‌ଡ୍ୟାମ୍ ପ୍ରକଳ୍ପରୁ ଏହିଭଳି କିଛି ଅଭିଯୋଗ ଆସିଛି। ସୂଚନା ଯେ, ୨୦୧୭ରେ ଅଞ୍ଚଳର ଚାଷୀଙ୍କ ପାଇଁ ସାହାଜଖୋଲ ଜଙ୍ଗଲରୁ ବର୍ଷା ଦିନରେ ବୋହୁଥିବା ଜଳ ସଂରକ୍ଷଣ କରି ଖରିଫ ଋତୁରେ ଅଞ୍ଚଳର ଆମପାଣି ପଞ୍ଚାୟତର କନ୍ଦାଗଡ଼, ପାତ୍ରବସା, ଅଞ୍ଚଳର ଅଣ ଜଳସେଚିତ ଚାଷଜମିକୁ ଜଳସେଚନ ପାଇଁ ମଡସିଲ ଚେକଡ୍ୟାମର ନିର୍ମାଣ ଆରମ୍ଭ କରାଯାଇଥିଲା। ବିଭାଗୀୟ ଅନୁଦାନ ୬୭ ଲକ୍ଷ ୭୫ ହଜାର ୫୧୩ ଟଙ୍କା ବ୍ୟୟରେ କୋକସରା ବ୍ଲକ କ୍ଷୁଦ୍ର ଜଳସେଚନ ଅଣୁ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିଲା। ହେଲେ ସେହି ସମୟରେ ସ୍ଥାନୀୟ ଚାଷୀଙ୍କ ମତକୁ ଅଣଦେଖା କରି ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀମାନେ ନିଜକୁ ସୁହାଇଲା ଭଳି ଚେକଡ୍ୟାମ ଓ କେନାଲ ନିର୍ମାଣ କରିଥିଲେ। ଲକ୍ଷାଧିକ ଟଙ୍କା ପ୍ରକଳ୍ପକୁ ଚାଷୀଙ୍କ ହିତକୁ ଦୃଷ୍ଟି ନ ଦେଇ ଠିକାସଂସ୍ଥା କାର୍ଯ୍ୟକୁ ପ୍ରୋତ୍ସାହିତ କରିଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ଚେକଡ୍ୟାମ ନିର୍ମାଣର ୬/୭ ବର୍ଷ ମଧ୍ୟରେ କୌଣସି ଚାଷଜମିକୁ ବୁନ୍ଦାଏ ପାଣି ମାଡୁ ନ ଥିବା ନେଇ ଅଞ୍ଚଳର ଚାଷୀ ଅଭିଯୋଗ କରୁଛନ୍ତି। କହିବାକୁ ଗଲେ ମଡସିଲ ଚେକଡ୍ୟାମ ଚାଷୀଙ୍କ ପାଇଁ ନୁହେଁ ବରଂ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା ପାଇଁ ବରଦାନ ପାଲଟିଥିଲା। ଆଜି ଏହି ଅଞ୍ଚଳର ଚାଷୀ ଜଳସେଚନ ସୁବିଧାରୁ ବଞ୍ଚିତ ରହି ପେଟପାଟଣା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଏ ନେଇ ଜୟପାଟଣା କ୍ଷୁଦ୍ର ଜଳସେଚନ ବିଭାଗୀୟ ସହକାରୀ ଯନ୍ତ୍ରୀ ବଶିଷ୍ଠ ବାଗଙ୍କ ପ୍ରତିକ୍ରିୟା ନେବାରୁ ଚେକଡ୍ୟାମ ପୁନରୁଦ୍ଧାର ପାଇଁ ବିଭାଗୀୟ ଅନୁଦାନ ପାଇଁ ଉଚ୍ଚ ଅଧିକାରୀଙ୍କୁ ଜଣାଯାଇଛି। ଅନୁଦାନ ଆସିଲେ ଚେକଡ୍ୟାମ ମରାମତି ସହ ଉଠା ଜଳସେଚନ ମାଧ୍ୟମରେ ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି। ତେବେ ଚେକଡ୍ୟାମ ନିର୍ମାଣ ସମୟରେ ଏସବୁ ଦିଗ ପ୍ରତି କାହିଁକି ଧ୍ୟାନ ଦିଆ ଗଲାନାହିଁ, ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଚେକଡ୍ୟାମ ଚାଷଙ୍କ ପାଇଁ ମରୀଚିକା ସଦୃଶ ପାଲଟିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଦୀର୍ଘ ବର୍ଷ ପରେ ବି ରାସ୍ତା ସଂଯୋଗ ହୋଇନି



**ରିଷିଡ଼ା,୧୦।୨(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତସ୍ଥିତ କଅସିଲ ଓ ଏମ୍. ରାମପୁର ବ୍ଲକ ପିରୁଲମାଲକୁ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ସବୁଦିନିଆ ରାସ୍ତା ହୋଇପାରିଲା ନାହିଁ । ଉଭୟ ବ୍ଲକ ସୀମାରେ ଥିବା ଏହି ରାସ୍ତା ଉପରେ ମୁଖ୍ୟତଃ ଏମ୍. ରାମପୁର ବ୍ଲକ ଗୋଛାଡେଙ୍ଗେନ ଅଲାତରା ପଞ୍ଚାୟତ ଲୋକେ ତୁଷୁରାକୁ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ଏହି ରାସ୍ତା କେବଳ ଶୀତ ଓ ଖରାଦିନେରେ ଯିବା ସମ୍ଭବ ହୋଇଥିବାବେଳେ ବର୍ଷା ଋତୁରେ ବନ୍ଦ ହୋଇଥାଏ। କଅସିଲ ପୋଖରୀ ନିକଟରୁ ପ୍ରାୟ ୫୦୦ ମିଟର ରାସ୍ତା ନିର୍ମାଣ କଲେ ଏହି ରାସ୍ତା ସଂଯୋଗ ହୋଇପାରିବ। କିଛି ଲୋକ ରାସ୍ତା ପାଇଁ ଜମି ଦେବାକୁ ରାଜି ହେଉ ନ ଥିବା ସ୍ଥାନୀୟ ଅଞ୍ଚଳର ଲୋକେ କହିଛନ୍ତି। ଉଭୟ ପଟୁ କଅସିଲ ଓ ପିରୁଲମାଲ ଗ୍ରାମ ନିକଟରେ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ହୋଇଛି। ଏହି ରାସ୍ତା ସଂଯୋଗ ପାଇଁ ଦୀର୍ଘ ଦିନହେଲା ଦାବି ହୋଇଆସୁଛି।

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା,୧୦।୨(ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସିନାପାଲି ପଞ୍ଚାୟତରେ ଶନିବାର ସରପଞ୍ଚ ନୌକେଶ୍ୱର ପୁଟେଲଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ଅବଗତ କରାଇଥିଲେ। ଏଥିରେ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଷ୍ଟଲ ଲଗାଯାଇଥିଲା। କାର୍ଯ୍ୟକ୍ରମ ବିଶ୍ୱରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ପିଇଓ ଗୌରହରି ନାଏକ, ପ୍ରଶାନ୍ତ କୁମାର ନାଏକ, ସହକାରୀ ଯନ୍ତ୍ରୀ ନିକୁଞ୍ଜ ବିହାରୀ ନାଏକ ସମିତି ସଭ୍ୟ ଲୋଚନ ସାହୁ ଏବଂ ସମସ୍ତ ୱାର୍ଡମେମ୍ବର ମାନେ ସହଯୋଗ କରିଥିଲେ।

### ଖଡ଼ିଆଳ କ୍ଲବ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

**ଖଡ଼ିଆଳ,୧୦।୨(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳସ୍ଥିତ ଖଡିଆଳ କ୍ଲବ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହ ପାଖାପାଖି ଶତାଧିକ ବୟସ୍କ ମହିଳା ପୁରୁଷ ଯୋଗଦେଇ ନିଜ ଚକ୍ଷୁ ଚିକିତ୍ସା କରିଥିଲେ। ଆବଶ୍ୟକ ଥିବା ନାଗରିକଙ୍କୁ ଚକ୍ଷୁ ଅସ୍ତ୍ରପ୍ରଚାର ପାଇଁ ନିଆଯିବା ସହ କ୍ଲବ ପକ୍ଷରୁ ବିଭିନ୍ନ ସମୟରେ ମଧ୍ୟ ସମାଜ ସେବା ମନୋବୃତ୍ତି ରଖି ଆଗକୁ କାର୍ଯ୍ୟ କରିବୁ ବୋଲି ଅନୁଷ୍ଠାନ ସଦସ୍ୟ ମତବ୍ୟକ୍ତ କରିଥିଲେ। ଅନୁଷ୍ଠିତ ଚକ୍ଷୁ ଚିକିତ୍ସା ଶିବିରରେ ଖଡିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ବରିଷ୍ଠ ସଦସ୍ୟ ସୁଧୀର କୁମାର ପଟ୍ଟନାୟକ, ଅଚ୍ୟୁତ ବହିଦାର, ମୁକେଶ ପଟ୍ଟନାୟକ, ସତପାଲ ସିଂ ସହ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

### ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମଦନପୁର,୧୦।୨(ସନ୍ତୋଷ କୁମାର ଦଣ୍ଡସେନା)**

କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କେତକୀ ଦଣ୍ଡିଆ, ଶିଳ୍ପପତି ବିଭୁ ପ୍ରସାଦ ସାହୁ, କଳାହାଣ୍ଡି ଡିଡବ୍ଲୁଓ ଅରବିନ୍ଦ ରାୟ, ମୁଖ୍ୟବକ୍ତା ଭାବେ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ଦାସ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାନ୍ତନୁ କୁମାର ମେହେର ସଭାପତିତ୍ୱ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅରୁଣ କୁମାର ଭୋଇ, ମିନକେତନ ସୁନା, ଅନୁରାଧା ପାଣ୍ଡେ, ସୁସ୍ମିତା ପଟେଲ, ପ୍ରିୟଙ୍କା ଭୋଇ, ରାଜଲକ୍ଷ୍ମୀ ସେନାପତି, ପ୍ରଶାନ୍ତ କୁମାର ସାହୁ, ପ୍ରତ୍ୟୁଷ କୁମାର ଭୋଇ ସହଯୋଗ କରିଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଦେଣ୍ଟୁପଦର ଗାଁରେ ଗରୁଡ଼ ପକ୍ଷୀ


ଉଦ୍ଧାର ହୋଇଥିବା ଗରୁଡ଼ ପକ୍ଷୀ।

**ବିନିକା,୧୦।୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଦେଣ୍ଟୁପଦର ଗାଁରୁ ଶନିବାର ଏକ ବିରଳ ପକ୍ଷୀ ଉଦ୍ଧାର ହୋଇଛି । ଏହାକୁ ଲୋକେ ଗରୁଡ ପକ୍ଷୀ କହୁଛନ୍ତି। ସକାଳେ ଗାଁର ଠିକାଦାରପଡ଼ା ଲାଲୁ ଛତ୍ରିଆଙ୍କ ଘର ପଛପଟକୁ ଏକ ଗରୁଡ ପକ୍ଷୀ କେଉଁଆଡୁ ଚାଲି ଆସିଥିଲା ଖବର ପ୍ରଚାରିତ ହୋଇ ଯାଇଥିଲା । ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥିଲା ।ଏପରି କି କେତେଜଣ ବ୍ୟକ୍ତି ଗରୁଡ ପକ୍ଷୀକୁ ପୂଜା କରିବା ଦେଖିବାକୁ ମିଳିଥିଲା। ଖବର ପାଇ ବିନିକା ବନାଞ୍ଚଳ ଅଧିକାରୀ ଡମ୍ବରୁଧର ପଧାନ କର୍ମଚାରୀଙ୍କ ସହ ଦେଣ୍ଟୁପଦର ଗ୍ରାମରେ ପହଞ୍ଚି ପକ୍ଷୀକୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ବନାଞ୍ଚଳ ଅଧିକାରୀ ପଧାନ କହିଛନ୍ତି ଏହା ଏକ ବିରଳ ପକ୍ଷୀ। ଏହା ଦେଖିବାକୁ ମିଳି ନ ଥାଏ। ପକ୍ଷୀଟି ବର୍ତ୍ତମାନ ବନ ବିଭାଗ ଅଧୀନରେ ରହିଛି।

# ମେଦିନୀପୁର ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ


ବିଦ୍ୟାଳୟର କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଭବାନୀପାଟଣା,୧୦।୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ପ୍ରକୃତିବନ୍ଧୁ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବର, ମୁଖ୍ୟବକ୍ତା ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜୟ କୁମାର ମାଝି, ହୃଷୀକେଶ ନାଏକ, ଜଗଦୀଶ ମୁଣ୍ଡ, ମେଦିନୀପୁର ସରପଞ୍ଚ ଗୌରୀ କୁମାର ମିଶ୍ର, ଥୁଆପଦର ସରପଞ୍ଚ ଦିଗାମ୍ବର ଲୋହା, ସନ୍ତୋଷ କୁମାର ସିଂହ, ଲବ୍ଧ ପ୍ରତିଷ୍ଠିତ ଚିତ୍ର ଶିଳ୍ପୀ ମୁକୁନ୍ଦ ରେଡ୍ଡୀ, ଲବ୍ଧ ପ୍ରତିଷ୍ଠିତ ସଙ୍ଗୀତ ବିଶାରଦ ଗୋବର୍ଦ୍ଧନ ଦାଶ, ମୀରା ସାହୁ, ଉଦେପୁର ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ସଙ୍ଗୀତା ନାଗ, ଶିକ୍ଷକ ନେତା ଲବ ଦୁର୍ଗା, ଦୁର୍ଯ୍ୟୋଧନ ମାଝି, ଧନଞ୍ଜୟ ସାହୁ, ଭୃକୁଟିଗଉଡ, ଧନଞ୍ଜୟ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରି ଶିକ୍ଷାଗ୍ରହଣ ସହ ସହ ଶୈକ୍ଷିକ କାର୍ଯ୍ୟକ୍ରମ ହିଁ ଛାତ୍ରୀଛାତ୍ରଙ୍କ ସାମଗ୍ରୀକ ବିକାଶ ସାଧନ କରିଥାଏ ବୋଲି କହିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବଗର୍ତ୍ତୀ ବିବରଣୀ ପଠ କରିଥିଲେ। ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାଶ, କଲ୍ୟାଣୀ ଦାସ, ପ୍ରତିଭା ଦାଶ, ନିଶାମଣି ଦେଇ ମଞ୍ଚ ପରିଚାଳନା କରିଥିବା ସ୍ଥଳେ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ଦୋରା, ସବ୍ୟାମଞ୍ଜରୀ ପଟ୍ଟନାୟକ, ଗୀତାଞ୍ଜଳୀ ସିଂ ଦେଓ, ଯମୁନା ଛତ୍ରିଆ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ନିଷ୍ଠାପର ଦାୟିତ୍ୱ ଓ କାର୍ଯ୍ୟ ସମ୍ପାଦନରେ ଏକ ଉଦାହରଣ ସାଜିଥିବା ମଧ୍ୟାହ୍ନ ଭୋଜନରେ ନିୟୋଜିତ ପାଚିକା ଲକ୍ଷ୍ମୀ ଶବର, ସହାୟିକା ଚନ୍ଦ୍ରକାନ୍ତି ରାଉତଙ୍କ ସ୍ୱେଚ୍ଛାକୃତ ଅବସର ଯୋଗୁ ଉଭୟଙ୍କୁ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଆଞ୍ଚଳିକ ସାଧନ ସଂଯୋଜନ ଭାବେ ତୁଳସୀ ରାମ ସାହୁଙ୍କୁ ସମ୍ବର୍ଦ୍ଧନା, ଛାତ୍ରୀ ରୋହିଣୀ ସାହୁଙ୍କୁ ଷ୍ଟୁଡେଣ୍ଟ ଅଫ ଦି ୟର୍ ସମ୍ମାନ ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ କ୍ୟାପଟେନ ସମୀକ୍ଷା ଦୀପ ଓ କମାଣ୍ଡର କରନ ହିଆଲ ଅତିଥି ଅଭ୍ୟର୍ଥନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୬ ପଞ୍ଚାୟତକୁ ୧୦ ପିଇଓ, ବିଭିନ୍ନ ଉନ୍ନୟନ କାର୍ଯ୍ୟ ଠପ୍

**ନର୍ଲା/ଛତିକୁଡ଼ା,୧୦।୨ (ସନ୍ତୋଷ ପାତ୍ର/ଦୀପକ ସାହୁ)**

କଳାହାଣ୍ଡି ଜିଲା ନର୍ଲା ବ୍ଲକରେ ୨୬ଟି ଗ୍ରାମପଞ୍ଚାୟରେ ୧୦ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଛି। ବର୍ତ୍ତମାନ ରାଜ୍ୟ ସରକାର ସାଧାରଣ ଲୋକଙ୍କ ମୌଳିକ ଅଧିକାର ପୂରଣ ପାଇଁ ଦ୍ରୁତ ଗତିରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ନର୍ଲା ବ୍ଲକର ୨୬ଟି ପଞ୍ଚାୟତ ପାଇଁ ମାତ୍ର ୧୦ଜଣ ପିଇଓ କାର୍ଯ୍ୟ କରୁଛନ୍ତି। ଫଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଠିକ ସମୟରେ ଲୋକଙ୍କ ପାଖରେ ପହଞ୍ଚିପାରୁ ନ ଥିବା ବେଳେ ବିଭିନ୍ନ ସେବାରୁ ସାଧାରଣ ଲୋକେ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ତତ୍‌ସଙ୍ଗେ ବ୍ଲକରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ୱେଲଫେଆର୍ ଏକ୍ସଟେସନ ଅଫିସର ଓଏଲଏମ ଏବଂ ବିପିସି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଥିବାରୁ ଗ୍ରାମପଞ୍ଚାୟତସ୍ତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଭଳି ସମୟରେ ନର୍ଲା ନିର୍ବାଚନ ମଣ୍ଡଳୀର ୨ବରିଷ୍ଠ ଜନପ୍ରତିନିଧି ବ୍ଲକର ଦୂରାବସ୍ଥା ଅଣଦେଖା କରି ନିଜ ଶକ୍ତି ପ୍ରଦର୍ଶନରେ ବ୍ୟସ୍ତ ରହୁଥିବାରୁ ସାଧାରଣଙ୍କ ମଧ୍ୟରେରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଯଥାଶୀଘ୍ର ପଦବୀ ପୂରଣ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ପାଇଁ ସାଧାରଣରେ ଦାବି ହେଉଛି।

# ସୁବଳୟା ଓ କେଉଟିପାଲି ମଧ୍ୟରେ ଫାଇନାଲ


ବିଜୟୀ ସୁବଳୟା ଦଳ।

**ଅମରପାଲି,୧୦।୨(ପୀତାମ୍ବର ସାହୁ)**

### ମା' ଖମ୍ଭେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତମହୁଲ ପଞ୍ଚାୟତର ଟେଭାପଦରରେ ହେଉଥିବା ମା' ଖମ୍ଭେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ମ୍ୟାଚରେ ଚୌକା ଦଳକୁ ହରାଇ ସୁବଳୟା ଏବଂ ଆମ୍ବସରଭଟାକୁ ହରାଇ କେଉଟିପାଲି ଫାଇନାଲରେ ପ୍ରବେଶ କରିଛି। ରବିବାର ଦିନ ଉଭୟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହେବ। ରବିବାର ପ୍ରଥମ ମ୍ୟାଚ ସୁବଳୟା ଓ ଚୌକା ମଧ୍ୟରେ ହୋଇଥିଲା। ଏଥିରେ ସୁବଳୟା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୯୫ ରନ କରିଥିବା ବେଳେ ଚୌକା ଦଳ ୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୬୪ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ କେଉଟିପାଲି ଓ ଆମ୍ବସରଭଟା ମଧ୍ୟରେ ହୋଇଥିଲା। ଏଥିରେ ଅମ୍ବସରଭଟା ଦଳ ୧୦.୨ ଓଭରରେ ସମସ୍ତ ଉଇକେଟ ହରାଇ ୭୦ ରନ କରିଥିବା ବେଳେ କେଉଟିପାଲି ଦଳ ୯.୫ ଓଭରରେ ୭୧ ରନ କରି ବିଜୟୀ ହୋଇଥିଲା। କ୍ରୀଡାବିତ ଜଟେଶ୍ୱର ବାଦି ଅତିଥି ଭାବେ ଯୋଗଦେଇ ସୁବଳୟାର ଗୋବର୍ଦ୍ଧନ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚ ଗୁଡ଼ିକରେ ରୁଦ୍ରପ୍ରକାଶ ମହାକୁର ଓ ସୁମନ୍ତ ମହାକୁର ଅମ୍ପାୟାର ,ଦୟାମୟ ମହାଲିକ ସ୍କୋରିଂ ଏବଂ ବିନୋଦ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।

# ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

**ବୌଦ୍ଧ,୧୦।୨(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ସମ୍ମାନ ବିଭାଗର ଆଲୋଚନାଚକ୍ର ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ 'ଏନଡିଏ ସରକାରଙ୍କ ବୈଦେଶିକ ନୀତି' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଡ. ରମେଶ ଚନ୍ଦ୍ର ତାରେଣିଆ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସୁଷମା ରାଣୀ ବହିଦାର, ଅଧ୍ୟାପକ ପ୍ରମୋଦ କୁମାର ମହାପାତ୍ର, ସୁରେଶ୍ୱର ଯୋଶୀ, ପୀତବାସ ମେହେର, ଅଧ୍ୟାପିକା ପୂଜାରାଣୀ ଦେଓ, ଦମୟନ୍ତୀ ନାୟକ ଯୋଗ ଦେଇଥିଲେ । ଆଲୋଚନଚକ୍ରରେ ସରକାରଙ୍କ ବୈଦେଶିକ ନୀତି ଉପରେ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ମତ ରଖିଥିଲେ । ଏଥିରେ ବିଭାଗର ୩୦ ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ । ଅଧ୍ୟାପକ ରଞ୍ଜିତ କୁମାର ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।



ଆଲୋଚନାଚକ୍ରରେ ଅତିଥି।

# ୧୯ତମ ପାତାଳୀ ମହୋତ୍ସବ ଉଦ୍‌ଘାଟିତ

**ଅମରପାଲି/ ସୋନପୁର,୧୦/୨ (ପୀତାମ୍ବର ସାହୁ/ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ପାତାଳୀ କ୍ଷେତ୍ର କୋଟସମଲାଇଠାରେ ଶନିବାର ଦିନ ୧୯ତମ ପାତାଳୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସିଂ, ଡେପୁଟି କଲେକ୍ଟର ଉପେନ୍ଦ୍ର କୁମାର ଦାଶ ଓ ଉଲୁଣ୍ଡା ବିଡ଼ିଓ କରିସ୍ମା ବେସ୍ରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାଳୟ ଓ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଏହି ମହୋତ୍ସବ ଚଳିତ ୧୦ ତାରିଖଠାରୁ ଆରମ୍ଭ ହୋଇ ୧୭ ତାରିଖରେ ସମାପନ ହେବ। ମହୋତ୍ସବ ଅବସରରେ ଭାଗବତ ସପ୍ତାହ ପାରାୟଣ, ୫୬ପ୍ରହରୀ ନାମଯଜ୍ଞ, ଘୃତଯଜ୍ଞ ଆରମ୍ଭ ହୋଇଥିବା ବେଳେ ଶ୍ରୀଜଗନ୍ନାଥଙ୍କ ପଦ୍ମମୁଖ ବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାତାଳୀ ଶ୍ରୀକ୍ଷେତ୍ରର ଏକ ଲୋଗୋ ଜିଲାପାଳ ଅନ୍ୟା ଦାଶଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ବାଘପାଲି ୟୁପି ସ୍କୁଲ, ହରିଣାପାଲି ୟୁପି ସ୍କୁଲ, ଖୁଣ୍ଟୁଲାପାଲି ୟୁପି ସ୍କୁଲ, କୋଟସମଲାଇ ୟୁପି ସ୍କୁଲ,ଶ୍ରୀ ଜଗନ୍ନାଥ ଏକାଡେମୀ କୋଟସମଲାଇ ହାଇସ୍କୁଲ ଆଦି ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ପାତ୍ରୀ ସଭା ପରିଚାଳନା କରିଥିବା ବେଳେ କମିଟି ର ସମ୍ପାଦକ ଉତ୍ତର ପାତ୍ର ତଥା କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ପାଇକବାହାଲ ସରପଞ୍ଚଙ୍କ ନାମରେ ମାମଲା

# ତଦନ୍ତ ଆଳରେ ସମୟ ଗଡ଼ାଉଛନ୍ତି ତରଭା ପୋଲିସ

**ସୋନପୁର,୧୦।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ମେଣ୍ଡା ଫାଣ୍ଡି ଏଏସ୍‌ଆଇଙ୍କ ଜାଲ ଦସ୍ତଖତ କରି କାଗଜପତ୍ର ପ୍ରସ୍ତୁତ କରିବା ଘଟଣାରେ ଫସିଛନ୍ତି ପାଇକବାହାଲ ପଞ୍ଚାୟତର ସରପଞ୍ଚ ଗଣନାଥ ସାହୁ। ତରଭା ଜେଏମ୍‌ଏଫ୍‌ସି କୋର୍ଟଙ୍କ ନିର୍ଦ୍ଦେଶକ୍ରମରେ ତରଭା ଥାନାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଶନିବାର ମାମଲା ରୁଜୁ ହେବାର ୨୫ ଦିନ ବିତିଛି। କିନ୍ତୁ ଦସ୍ତଖତକୁ ଜାଲିଆତି କରିଥିବା ସରପଞ୍ଚଙ୍କୁ ଧରୁନି ତରଭା ଥାନା ପୋଲିସ। ରାଜନୈତିକ ଚାପରେ ସରପଞ୍ଚଙ୍କୁ ପୋଲିସ ଘଣ୍ଟ ଘୋଡାଉଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି । ତରଭା ବ୍ଲକ ପାଇକବାହାଲ ସରପଞ୍ଚ ସାହୁ ଗତ ୨୦୨୨ ଅକ୍ଟୋବର ୬ ତାରିଖରେ ମେଣ୍ଡା ଏଏସ୍‌ଆଇଙ୍କ ଦସ୍ତଖତ ଜାଲ କରିଥିଲେ। ପୋଲିସ ଅଧିକାରୀଙ୍କ ଦସ୍ତଖତ ଜାଲ କରି ଏକ ଷ୍ଟେଶନ ଡାଏରୀ ନମ୍ବର ପକାଇ ପଞ୍ଚାୟତର ମାସିକ ବୈଠକ ଖାତା ଓ ନୋଟିସ ଖାତା ହଜିଯାଇଛି ବୋଲି ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରି ଜିଲାପାଳଙ୍କୁ ଦେଇଥିଲେ। ସରପଞ୍ଚ ସାହୁ ପୁଣି ୨୦୨୩ ଜାନୁୟାରୀ ୩ ତାରିଖରେ ମେଣ୍ଡା ଏଏସ୍‌ଆଇଙ୍କ ଦସ୍ତଖତ ଜାଲିଆତି କରିଥିଲେ। ଷ୍ଟେଶନ ଡାଏରୀ ନମ୍ବର ପକାଇ ମାସିକ ବୈଠକ ଖାତା ଓ ନୋଟିସ ଖାତା ପଞ୍ଚାୟତର ଆଲମିରା ପଛପଟରେ ପଡିଥିଲା ଏବଂ ତାହା ଆମର ହସ୍ତଗତ ହୋଇଛି ବୋଲି ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରିଥିଲେ। ଏଥିରେ ସନ୍ଦେହ ହେବାରୁ ପଞ୍ଚାୟତର ୱାର୍ଡସଭ୍ୟ ବିଶ୍ୱାମିତ୍ର ସେଠ୍ ତରଭା ଆଇଆଇସିଙ୍କ ନିକଟରେ ଉଭୟ ଷ୍ଟେଶନ ଡାଏରୀ ଉପରେ ସୂଚନା ଅଧିକାର ଆଇନ ବଳରେ ସୂଚନା ମାଗିଥିଲେ। ତରଭା ଥାନାରୁ ମିଳିଥିବା ସୂଚନା ଅନୁସାରେ ପାଇକବାହାଲ ସରପଞ୍ଚ କିମ୍ବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ପାଇକବାହାଲ ପଞ୍ଚାୟତ ବାବଦରେ କୋଣସି ଷ୍ଟେଶନ ଡାଏରୀ ମେଣ୍ଡା ଫାଣ୍ଡି କିମ୍ବା ତରଭା ଥାନାରେ ହୋଇ ନଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସୋନପୁର ଏସ୍‌ଡିପିଓ ମଧ୍ୟ ଏହାର ତଦନ୍ତ କରି ରେଜିଷ୍ଟର ହଜିଥିବା ସମ୍ପର୍କରେ ସରପଞ୍ଚଙ୍କ ପକ୍ଷରୁ କୌଣସି ରିପୋର୍ଟ ହୋଇନଥିବା ନେଇ ରିପୋର୍ଟ ଦାଖଲ କରିଥିଲେ। ସରପଞ୍ଚ ସାହୁ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପଞ୍ଚାୟତର ଜାଲ କାଗଜପତ୍ର ପ୍ରସ୍ତୁତ କରି ଜିଲାପାଳଙ୍କ ନିକଟରେ ଦାଖଲ କରିଥିବା ସ୍ପଷ୍ଟ ହୋଇଥିଲା। ତେଣୁ ସରପଞ୍ଚଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ୨୦୨୩ ନଭେମ୍ବର ୧ ତାରିଖରେ ବିଶ୍ୱାମିତ୍ର ତରଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ତରଭା ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଅଭିଯୋଗକାରୀ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନୀରବ ରହିବାରୁ ବିଶ୍ୱାମିତ୍ର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତର ଆଶ୍ରୟ ନେଇଥିଲେ। ଅଭିଯୋଗକୁ କୋର୍ଟ ଗ୍ରହଣ କରି ମାମଲା ରୁଜୁ କରିବାକୁ ତରଭା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପରେ ତରଭା ଥାନାରେ ସରପଞ୍ଚ ସାହୁଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସରପଞ୍ଚ ସାହୁ ଏବେ ସୁବର୍ଣ୍ଣପୁର ଜିଲା ସରପଞ୍ଚ ସଂଘର ସଭାପତି ଅଛନ୍ତି। ଏ ସମ୍ପର୍କରେ ତରଭା ଆଇଆଇସି ଅନିତା କିଡୋ କୁହନ୍ତି ଏହି ଘଟଣାରେ ତଦନ୍ତ ଚାଲିଛି । ପରେ ଆଇନ ଅନୁଯାୟୀ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ସଂକ୍ଷେପରେ

### ଦୀର୍ଘ ବର୍ଷ ପରେ ବି ରାସ୍ତା ସଂଯୋଗ ହୋଇନି



ରିଷିଡ଼ା,୧୦।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତସ୍ଥିତ କଅସିଲ ଓ ଏମ୍. ରାମପୁର ବ୍ଲକ ପିରୁଲମାଲକୁ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ସବୁଦିନିଆ ରାସ୍ତା ହୋଇପାରିଲା ନାହିଁ । ଉଭୟ ବ୍ଲକ ସୀମାରେ ଥିବା ଏହି ରାସ୍ତା ଉପରେ ମୁଖ୍ୟତଃ ଏମ୍. ରାମପୁର ବ୍ଲକ ଗୋଛାଡେଙ୍ଗେନ ଅଲାତରା ପଞ୍ଚାୟତ ଲୋକେ ତୁଷୁରାକୁ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ଏହି ରାସ୍ତା କେବଳ ଶୀତ ଓ ଖରାଦିନେରେ ଯିବା ସମ୍ଭବ ହୋଇଥିବାବେଳେ ବର୍ଷା ଋତୁରେ ବନ୍ଦ ହୋଇଥାଏ। କଅସିଲ ପୋଖରୀ ନିକଟରୁ ପ୍ରାୟ ୫୦୦ ମିଟର ରାସ୍ତା ନିର୍ମାଣ କଲେ ଏହି ରାସ୍ତା ସଂଯୋଗ ହୋଇପାରିବ। କିଛି ଲୋକ ରାସ୍ତା ପାଇଁ ଜମି ଦେବାକୁ ରାଜି ହେଉ ନ ଥିବା ସ୍ଥାନୀୟ ଅଞ୍ଚଳର ଲୋକେ କହିଛନ୍ତି। ଉଭୟ ପଟୁ କଅସିଲ ଓ ପିରୁଲମାଲ ଗ୍ରାମ ନିକଟରେ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ହୋଇଛି। ଏହି ରାସ୍ତା ସଂଯୋଗ ପାଇଁ ଦୀର୍ଘ ଦିନହେଲା ଦାବି ହୋଇଆସୁଛି।

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,୧୦।୨(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସିନାପାଲି ପଞ୍ଚାୟତରେ ଶନିବାର ସରପଞ୍ଚ ନୌକେଶ୍ୱର ପୁଟେଲଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧୟାକ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ଅବଗତ କରାଇଥିଲେ। ଏଥିରେ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଷ୍ଟଲ ଲଗାଯାଇଥିଲା। କାର୍ଯ୍ୟକ୍ରମ ବିଶ୍ୱରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ପିଇଓ ଗୌରହରି ନାଏକ, ପ୍ରଶାନ୍ତ କୁମାର ନାଏକ, ସହକାରୀ ଯନ୍ତ୍ରୀ ନିକୁଞ୍ଜ ବିହାରୀ ନାଏକ ସମିତି ସଭ୍ୟ ଲୋଚନ ସାହୁ ଏବଂ ସମସ୍ତ ୱାର୍ଡମେମ୍ବେର ମାନେ ସହଯୋଗ କରିଥିଲେ।

### ଖଡ଼ିଆଲ କ୍ଲବ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ଖଡ଼ିଆଲ,୧୦।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଲସ୍ଥିତ ଖଡିଆଲ କ୍ଲବ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହ ପାଖାପାଖି ଶତାଧିକ ବୟସ୍କ ମହିଳା ପୁରୁଷ ଯୋଗଦେଇ ନିଜ ଚକ୍ଷୁ ଚିକିତ୍ସା କରିଥିଲେ। ଆବଶ୍ୟକ ଥିବା ନାଗରିକଙ୍କୁ ଚକ୍ଷୁ ଅସ୍ତ୍ରପ୍ରଚାର ପାଇଁ ନିଆଯିବା ସହ କ୍ଲବ ପକ୍ଷରୁ ବିଭିନ୍ନ ସମୟରେ ମଧ୍ୟ ସମାଜ ସେବା ମନୋବୃତ୍ତି ରଖି ଆଗକୁ କାର୍ଯ୍ୟ କରିବୁ ବୋଲି ଅନୁଷ୍ଠାନ ସଦସ୍ୟ ମତବ୍ୟକ୍ତ କରିଥିଲେ। ଅନୁଷ୍ଠିତ ଚକ୍ଷୁ ଚିକିତ୍ସା ଶିବିରରେ ଖଡିଆଲ ନଗରପାଳ ଉଜ୍ଜଳ ଗୁପ୍ତା, ବରିଷ୍ଠ ସଦସ୍ୟ ସୁଧୀର କୁମାର ପଟ୍ଟନାୟକ, ଅଚ୍ୟୁତ ବହିଦାର, ମୁକେଶ ପଟ୍ଟନାୟକ, ସତପାଲ ସିଂ ସହ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

### ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମଦନପୁର,୧୦।୨(ସନ୍ତୋଷ କୁମାର ଦଣ୍ଡସେନା)

କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କେତକୀ ଦଣ୍ଡିଆ, ଶିଳ୍ପପତି ବିଭୁ ପ୍ରସାଦ ସାହୁ, କଳାହାଣ୍ଡି ଡିଡବ୍ଲୁଓ ଅରବିନ୍ଦ ରାୟ, ମୁଖ୍ୟବକ୍ତା ଭାବେ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ଦାସ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାନ୍ତନୁ କୁମାର ମେହେର ସଭାପତିତ୍ୱ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅରୁଣ କୁମାର ଭୋଇ, ମିନକେତନ ସୁନା, ଅନୁରାଧା ପାଣ୍ଡେ, ସୁସ୍ମିତା ପଟେଲ, ପ୍ରିୟଙ୍କା ଭୋଇ, ରାଜଲକ୍ଷ୍ମୀ ସେନାପତି, ପ୍ରଶାନ୍ତ କୁମାର ସାହୁ, ପ୍ରତ୍ୟୁଷ କୁମାର ଭୋଇ ସହଯୋଗ କରିଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୧୨ରେ ସୁନାରିମୁଣ୍ଡା – ସରବାହାଲ ଓଭରବ୍ରିଜ୍ ଶୁଭାରମ୍ଭ

## ସମୀକ୍ଷା କଲେ ଝାରସୁଗୁଡା ବିଧାୟିକା ଦୀପାଳୀ ଦାସ

ସମ୍ବଲପୁର,୧୦।୨(ବି.ଶଙ୍କର)



ବିଧାୟିକା ଦୀପାଳୀ ଦାସ ସୁନାରିମୁଣ୍ଡା –ସରବାହାଲ ଓଭର ବ୍ରିଜ ପରିଦର୍ଶନ କରୁଛନ୍ତି।

ଝାରସୁଗୁଡ଼ା ସହରର ବହୁ ପ୍ରତିକ୍ଷୀତ ସୁନାରୀମୁଣ୍ଡା – ସରବାହାଲ ଓଭର ବ୍ରିଜ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତମାସ ୧୨ ତାରିଖ ଏହି ଓଭର ବ୍ରିଜର ଶୁଭାରମ୍ଭ ହେବ। ତେଣୁ ଶନିବାର ଝାରସୁଗୁଡ଼ା ବିଧାୟିକା ଦୀପାଳୀ ଦାସ ଓଭର ବ୍ରିଜ ନିର୍ମାଣ ନେଇ ସମୀକ୍ଷା କରିଛନ୍ତି। ବିଧାୟିକା ଦୀପାଳୀ ପରିଦର୍ଶନରେ ଯାଇ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଜନସାଧାରଣଙ୍କ ବହୁ ଦିନର ସ୍ୱପ୍ନ ସାକାର ହେବାକୁ ଯାଉଛି। ସୁନାରିମୁଣ୍ଡା ଓ ସରବାହାଲ ଦୁଇଟି ଯାକ ରେଲୱେ ଫାଟକ ଯୋଗୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଅସୁବିଧାର ଆଶୁ ସମାଧାନ ସ୍ଥାନୀୟ ନେତୃବୃନ୍ଦଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଥିଲା। ଫଳରେ ଝାରସୁଗୁଡାର ତତ୍କାଳୀନ ବିଧାୟକ ନବକିଶୋର ଦାସ ଉକ୍ତ ଫାଟକ ଜନିତ ଅସୁବିଧାର ସ୍ଥାୟୀ ସମାଧାନ ସକାଶେ ଜିଲା ପ୍ରଶାସନ, ରେଲୱେ ପ୍ରଶାସନ ସହ ବାରମ୍ବାର ବୈଠକ କରିଥିଲେ। ବିଧାୟକ ନବ ଦାସ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ହେବା ପରେ ତାଙ୍କର ପ୍ରୟାସ ଯୋଗୁ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ପ୍ରତି ତାଙ୍କ ଝିଅ ତଥା ବର୍ତ୍ତମାନ ବିଧାୟିକା ଦୀପାଳୀଙ୍କ ପ୍ରଚେଷ୍ଟାରେ ଆସନ୍ତା ୧୨ ତାରିଖରେ ଏହି ବ୍ରିଜ ଶୁଭାରମ୍ଭ ହୋଇ ଜନସାଧାରଣଙ୍କ ସମସ୍ୟା ଦୂର ହେବାକୁ ଯାଉଛି। ଏଥିସହ ଝାରସୁଗୁଡ଼ା ନୂତନ ନିର୍ମାଣର ଆଉ ଏକ ପଦକ୍ଷେପ ରୂପ ନେବାକୁ ଯାଉଛି। ଜିଲାର ଅନ୍ୟ ଦଳୀୟ ନେତାଙ୍କ କଟାକ୍ଷ ରାଜନୈତିକ ଭାଷାର ଉଚିତ ଜବାବ । ଆସନ୍ତା ସମୟରେ ସ୍ୱର୍ଗତ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଦେଇଥିବା ପ୍ରତ୍ୟେକ ପ୍ରତିଶ୍ରୁତିକୁ ପୂରଣ କରି ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ବିଧାୟିକା ଦୀପାଳୀ କହିଛନ୍ତି। ଓଭରବ୍ରିଜ ସମୀକ୍ଷା ସମୟରେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ସନ୍ଦୀପ ପାଣିଗ୍ରାହୀ ଓ ଆଶୀଷ କୁମାର ଲେଙ୍କା, ଅତିରିକ୍ତ ଯନ୍ତ୍ରୀ ଶଙ୍କର ଛତ୍ରିଆ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌର ଅଧ୍ୟକ୍ଷ ତାପସ ରାୟ ଚୌଧୁରୀ, ହରିଶ ଗଣତ୍ରା, ଜିଲା ସଭାପତି ରବି ସିଂ, ପୌର ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ପ୍ରତାପ ନନ୍ଦ, ପିଣ୍ଟୁ ପାଢ଼ୀ, ଜୟପ୍ରକାଶ କୁଅଁର, ତୁଳସୀ ଦାସ, ଜାହିଦ କୁରେଶୀ, ଆଲୋକ ତ୍ରିପାଠୀ, ବି.ନାଗେଶ୍ୱରୀ, ପୁଷ୍ପାଞ୍ଜଳି ପଣ୍ଡା, କାଜଲ ସିଂ, ଦୀପା ନାଏକଙ୍କ ସହ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ ।



ଶିବିରରେ ଉପସ୍ଥିତ ଗ୍ରାମବାସୀ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ବାଲିଶଙ୍କରା,୧୦।୨( ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ଓ ପଞ୍ଚାୟତ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଲୁଲକିଡ଼ିହି ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନୀଲ କୁମାର ନାଏକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଲୁଲକିଡ଼ିହି ସରପଞ୍ଚ ଯୋଶପା ତିର୍କୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦେଇ ଓଡ଼ିଶା ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ଜିପିଓ ପାସ୍କାଲ ଲାକ୍ରା, ସିପି ତାପସ ପଟ୍ଟନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିବ୍ୟଦର୍ଶିନୀ ସା, ସମିତିସଭ୍ୟ ସିଆପଡ ମଣ୍ଡୁ, ଅରୁଣ ଗୁପ୍ତା, ଦୀପକ ତିର୍କୀ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବରେ ବିଭିନ୍ନ ବିଭାଗ ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟପେୟ, ପରିଷ୍କାର ପରିଚ୍ଛନ୍ନ, ପୁଷ୍ଟିଶସ୍ୟ ଜାତୀୟ ଖାଦ୍ୟ, ପନିପରିବା, ତଟକା ଫଳମୂଳ ପ୍ରଦର୍ଶିତ କରାଯାଇଥିଲା ଏବଂ ପୋଷ୍ଟର ବଣ୍ଟନ କରାଯାଇଥିଲା। ଶେଷରେ ନାଏବ ସରପଞ୍ଚ ବୀରେନ୍ଦ୍ର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଥୁଆମୂଳ ରାମପୁର,୧୦।୨(ଦୁର୍ଗା କୀର୍ତ୍ତି)



କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ମା’ ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଗତ ୨ତାରିଖଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ସୁବାସ କୁମାର ବିନ୍ଧାଣି, ଅଗ୍ନିଶମ ଅଧିକାରୀ ଉଦଘାଟନ କରିଥିଲେ। ବିଭିନ୍ନ ଦିବସରେ ଛାତ୍ରୀମାନଙ୍କୁ ବିଭିଧ ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଇଥିଲା। ଏହା ଦ୍ୱାରା ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବଳ ଜାଗୃତି ହେବା ସହ ନିଜର ସୁରକ୍ଷା କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଦେଇ ପାରିବେ ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଥିଲେ। ଆୟୋଜିତ ସଭାରେ ସ୍ଥାନୀୟ ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଥୁଆମୁଳ ରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଗ୍ନିଶମ ଅଧିକାରୀ ସୁବାସ ବିନ୍ଧାଣି, ସ୍ୱାସ୍ଥ୍ୟ ସ୍ୱରାଜସର ସୁଶ୍ରୀ ଜ୍ୟୋତ୍ସ୍ନା ଗୁପ୍ତା, ଡିଗ୍ରୀ କଲେଜ ଅଧ୍ୟକ୍ଷ ସମୀର କୁମାର ସାହୁ ଏବଂ ଓଡ଼ିଆ ଅଧାପିକା ଲକ୍ଷ୍ମୀ ପ୍ରିୟା ନାଏକ ଯୋଗଦେଇଥିଲେ। ଏଥିରେ ପ୍ରଶିକ୍ଷକ ଭାବେ ସୁଶ୍ରୀ ଆଲିଶା ଧଙ୍ଗଡାମାଝି ଯୋଗଦେଇଥିଲେ। ନୋଡାଲ ଅଧିକାରୀ ପ୍ରଶାନ୍ତ ମୁଣ୍ଡଛିନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଛାତ୍ରୀମାନଙ୍କୁ ପ୍ରତିଭାଗୀ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ମଦ ମୁକ୍ତି ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା,୧୦।୨(ମକାରୁ ବେମାଲ)

**ମଦମୁକ୍ତ କରି ସ୍ୱଚ୍ଛ ଗାଁରେ ପରିଣତ କରିବା ପାଇଁ ଶପଥ**

ନୂଆପଡା ଜିଲା କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ଗାଁରେ ଶୁକ୍ରବାର ପିରାମଲ ଫାଉଣ୍ଡେଶନ ପକ୍ଷରୁ ଏକ ମଦ ମୁକ୍ତି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପିରାମଲ ଫାଉଣ୍ଡେଶନ ପ୍ରକଳ୍ପ ପରିଚାଳକ ଭବାନୀ ଶଙ୍କର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଞ୍ଜିତ ସୁନାନୀ ମୁଖ୍ୟଅତିଥି, ଦାମୋଦର ମାଝି, ମାୟା ମାଝି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅଞ୍ଚଳକୁ ସମ୍ପୂର୍ଣ୍ଣ ମଦ ମୁକ୍ତ କରି ସ୍ୱଚ୍ଛ ଗାଁରେ ପରିଣତ କରିବା ପାଇଁ ଉପସ୍ଥିତ ସମସ୍ତ ସ୍ୱୟଂ ସହାୟକ ଦଳ ମହିଳା, ଯୁବତୀ, ଯୁବକ ଓ ଗ୍ରାମବାସୀଙ୍କୁ ଶପଥ ନେବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗାଁର ସ୍ୱୟଂ ସହାୟକ ଦଳ ମହିଳା, ଯୁବତୀ ଯୁବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅଞ୍ଚଳରେ ଅଧାରୁ ପାଠ ଛାଡି ଥିବା ପିଲାଙ୍କମାନଙ୍କୁ ନିଶୁଳ୍କରେ ଶିକ୍ଷାଦାନ କରୁଥିବା ୨ଜଣ ସ୍ୱେଚ୍ଛାସେବୀ ଚିତରଞ୍ଜନ ପଟେଲ ଓ ରୂପସିଂ ମାଝିଙ୍କୁ ଫାଉଣ୍ଡେଶନ ତରଫରୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନର୍ଗିଶ ପରବୀନ ଓ ଲୋପାମୁଦ୍ରା ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ

ଜୁନାଗଡ଼,୧୦।୨(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଏନଏସିରେ ଶନିବାର ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ସିଡିଏମଓ ଡାକ୍ତର ସୁଚେତା ପାଣି, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ବିସିସିବି ସଭାପତି ଗିରିଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଜୁନାଗଡ଼ ଏନଏସିକୁ ଫାଇଲେରିଆ ମୁକ୍ତ କରିବା ପାଇଁ ସମସ୍ତେ ୧୦ରୁ ୧୪ ତାରିଖ ଏହି ଔଷଧ ସେବନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଅତିଥି ଆହ୍ୱାନ ଦେଇଥିଲେ। ସେହିପରି ଲୋକଙ୍କୁ ସଚେତନତା କରିବାକୁ ଯାଇ ବିଧାୟକ ମିଶ୍ରଙ୍କ ସମେତ ନଗରପାଳ ଅଗ୍ରୱାଲ ଫାଇଲେରିଆ ଔଷଧ ସେବନ କରିଥିଲେ। ସଭା ବିଭାଗୀୟ ସୁପରଭାଇଜର ପ୍ରିୟ ରଞ୍ଜନ ମୁଣ୍ଡ ପରିଚାଳନା କରିଥିଲେ। ଜିଲାର ଜୁନାଗଡ଼ ଏନଏସି ଓ ନର୍ଲା ବ୍ଲକରେ ଏହି ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଚାଲିଛି। ଜୁନାଗଡ଼ ଏନଏସିର ୧୨ଟି ୱାର୍ଡ ଓ ନର୍ଲା ବ୍ଲକର ୧୩୮ ରାଜସ୍ୱ ଗ୍ରାମର ୧ ଲକ୍ଷ ୫୬ ହଜାର ୩୧୭ ଲୋକ ଏଥିରେ ସାମିଲ ହେବେ।

## ସରକାରଙ୍କ ସହାୟତାକୁ ଚାହିଁଛନ୍ତି ବିଧବା ସୁଧର୍ମୀ

ରିଷିଡ଼ା,୧୦।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଗ୍ରାମ କନ୍ଧପଡ଼ାର ବିଧବା ସୁଧର୍ମୀ ଦଣ୍ଡସେନା (୬୦)ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କି ବିଜୁ ପକ୍କାଘର ମିଳୁ ନ ଥିବା ଘଟଣା ସାମ୍ନାକୁ ଆସିଛି। ଏହିପଡ଼ାର ସୁଧର୍ମୀଙ୍କ ସ୍ୱାମୀ ସତ୍ୟନାରାୟଣ ଦଣ୍ଡସେନା ୧୦ ବର୍ଷ ହେବ ଆରପାରିକୁ ଚାଲି ଯିବା ପରେ ଏବେ ସେ ଘରେ ଏକୁଟିଆ। ପୁଅ, ଝିଅ ତାଙ୍କର କେହି ନାହାନ୍ତି। ବିଧବାଙ୍କ କେହି ନ ଥିଲେ ବି ସେ ତାଙ୍କ ସ୍ୱାମୀ ସତ୍ୟନାରାୟଣଙ୍କ ସାନଭାଇ ଶରତ ଚନ୍ଦ୍ରଙ୍କ ଘରେ ଦଶବର୍ଷ ହେବ ଆସାୟୀ ନେଇଛନ୍ତି। ଦୁଃଖ ସମୟରେ ପାଖରେ ନା ଅଛନ୍ତି ପିଲା ଛୁଆ ନା ଅଛନ୍ତି ସ୍ୱାମୀ। ଏ ପରିସ୍ଥିତିରେ ବିଧବାଙ୍କ ଦୁଃଖ କହିଲେ ନ ସରେ। ସ୍ୱାମୀଙ୍କ ସାହାରାରେ ସୁଧର୍ମୀ ସୁଖଦୁଃଖରେ ରହି ଆସୁଥିଲେ। ହେଲେ ସ୍ୱାମୀ ଚାଲି ଗଲା ପରେ କେହି ନାହାନ୍ତି। ଜମି କହିଲେ କେବଳ ଘର ଡିହ ଓ ଝାଟିମାଟି ଭଙ୍ଗା ଟାଇଲି ଘର। ବର୍ଷା ହେଲେ ଘରେ ଆଣ୍ଠୁଏ ପାଣି ଓ ଦିନରେ ସୂର୍ଯ୍ୟ ଏବଂ ରାତିରେ ତାରା ଦେଖାଯାଏ। କେନ୍ଦ୍ର ଓ ରାଜ୍ୟ ସରକାର ଗରିବଙ୍କ ପାଇଁ ଯୋଜନା କରୁଥିବା ବେଳେ ସୁଧର୍ମୀଙ୍କ ପାଇଁ ସବୁ ଫେଲ ମାରିଛି। ବିଧବାଙ୍କ ପୁଅଝିଅ ନାହିଁ ବୋଲି ମିଳିପାରିଲା ନାହିଁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା କି ବିଜୁ ପକ୍କାଘର। କିନ୍ତୁ କେତେକ ଲୋକଙ୍କ ପାଖରେ କୋଠାଘର, ଗାଡ଼ି ଥାଇ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁଛି। ୫ କେଜି ଚାଉଳ, ୫୦୦ ଟଙ୍କା ଭତ୍ତାରେ ବହୁ କଷ୍ଟରେ ଚଳୁଛନ୍ତି। ଝାଟିମାଟି ଘରେ ବିଦ୍ୟୁତ୍ ନ ଥିବାରୁ ଅନ୍ଧାରେ ରାତିକାଟନ୍ତି। ସ୍ଥାନୀୟ ସରପଞ୍ଚ ଓ ବ୍ଲକ ପ୍ରଶାସନଙ୍କ ପାଖରେ ଘର ପାଇଁ ଗୁହାରି କରଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି ବୋଲି ସୁଧର୍ମୀ କହିଛନ୍ତି। ଅନ୍ତୋଦୟ ଯୋଜନାରେ ସାମିଲ କରନ୍ତୁ, ଭତ୍ତା ୭ ଶହକୁ ବୃଦ୍ଧି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ଯୋଗାଇ ବିଦ୍ୟୁତ୍ ବ୍ୟବସ୍ଥା କରାଇ ଦେବା ପାଇଁ ବିଧବା ସୁଧର୍ମୀ ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

## ୨୬ ପଞ୍ଚାୟତକୁ ୧୦ ପିଇଓ, ବିଭିନ୍ନ ଉନ୍ନୟନ କାର୍ଯ୍ୟ ଠପ୍

ନର୍ଲା/ଛତିକୁଡ଼ା,୧୦।୨
(ସନ୍ତୋଷ ପାତ୍ର/ଦୀପକ ସାହୁ)

କଳାହାଣ୍ଡି ଜିଲା ନର୍ଲା ବ୍ଲକରେ ୨୬ଟି ଗ୍ରାମପଞ୍ଚାୟରେ ୧୦ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଛି। ବର୍ତ୍ତମାନ ରାଜ୍ୟ ସରକାର ସାଧାରଣ ଲୋକଙ୍କ ମୌଳିକ ଅଧିକାର ପୁରଣ ପାଇଁ ଦ୍ରୁତ ଗତିରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ନର୍ଲା ବ୍ଲକର ୨୬ଟି ପଞ୍ଚାୟତ ପାଇଁ ମାତ୍ର ୧୦ଜଣ ପିଇଓ କାର୍ଯ୍ୟ କରୁଛନ୍ତି। ଫଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଠିକ ସମୟରେ ଲୋକଙ୍କ ପାଖରେ ପହଞ୍ଚିପାରୁ ନ ଥିବା ବେଳେ ବିଭିନ୍ନ ସେବାରୁ ସାଧାରଣ ଲୋକେ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ତତ୍‌ସଙ୍ଗେ ବ୍ଲକରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ୱେଲଫେଆର୍ ଏକ୍ସଟେସନ ଅଫିସର ଓଏଲଏମ ଏବଂ ବିପିସି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଥିବାରୁ ଗ୍ରାମପଞ୍ଚାୟତସ୍ତର ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଭଳି ସମୟରେ ନର୍ଲା ନିର୍ବାଚନ ମଣ୍ଡଳୀର ୨ବରିଷ୍ଠ ଜନପ୍ରତିନିଧି ବ୍ଲକର ଦୂରାବସ୍ଥା ଅଣଦେଖା କରି ନିଜ ଶକ୍ତି ପ୍ରଦର୍ଶନରେ ବ୍ୟସ୍ତ ରହୁଥିବାରୁ ସାଧାରଣଙ୍କ ମଧ୍ୟରେରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଯଥାଶୀଘ୍ର ପଦବୀ ପୂରଣ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ପାଇଁ ସାଧାରଣରେ ଦାବି ହେଉଛି।

## ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନକୁ ଗୁରୁତ୍ୱ



ସୁନ୍ଦରଗଡ,୧୦।୨(ଜୟ ନାରାୟଣ ମେଣ୍ଡୁଲି)

**ସିପିଆଇର ନିର୍ବାଚନ ପ୍ରସ୍ତୁତି ବୈଠକ**

ସୁନ୍ଦରଗଡ ସଦର ବ୍ଲକ ତଳସରା ଗ୍ରାମଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସଦର ଜୋନ କମିଟିର ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ରାଧେଶ୍ୟାମ ଗଡ଼ିଆଙ୍କ ସଭା ପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସଦର ଜୋନ କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ। ସିପିଆଇ ଜିଲା କମିଟିର ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି ମଧ୍ୟ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ କମ୍ୟୁନିଷ୍ଟ ପ୍ରାର୍ଥୀ ତଥା ବିସ୍ଥାପନ ଓ ପ୍ରଦୂଷଣ ବିରୋଧୀ ନେତା ରାଜେନ୍ଦ୍ର ନାଏକ ଯୋଗ ଦେଇଥିଲେ। ସୁନ୍ଦରଗଡ ସଦର ଜୋନରେ ପ୍ରତି ଗାଁରେ ଥିବା ଗଣ ସଂଗଠନ କର୍ମକର୍ତ୍ତାଙ୍କୁ ଅଧିକ କ୍ରିୟଶୀଳ କରିବା ପାଇଁ ଜିଲା ସମ୍ପାଦକ ଆହ୍ୱାନ ଦେଇଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ଗାଁ ଗାଁରେ ଲୋକଙ୍କ ପାଖକୁ ଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା,ସ୍ୱାସ୍ଥ୍ୟକୁ ଗୁରୁତ୍ୱ ନ ଦେଇ କେବଳ ଆତ୍ମ ପ୍ରଚାରରେ ବ୍ୟସ୍ତ ରହୁଥିବାରୁ ଆଜି ଜନସାଧାରଣ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏହାର ଉପରେ ସମସ୍ତଙ୍କୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କମ୍ୟୁନିଷ୍ଟ ପାର୍ଟି ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଲଢିବ ଓ ବ୍ୟୟ ବହୁଳ ନିର୍ବାଚନକୁ ଦୃଢ଼ ବିରୋଧ କରିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ନିମନ୍ତ୍ରିତ ଅତିଥିଭାବେ ଟାଙ୍ଗରପାଲି ଜୋନ ସମ୍ପାଦକ ତଥା ଆଇନଜୀବୀ ସନ୍ତୋଷ କୁମାର ଆଚାର୍ଯ୍ୟ, ଦେବାନନ୍ଦ ବାଦଲ, ଅଖିଳ ମଝି, ଦଶରୁ କିଷାନ, ଜିଲା ସହ ସମ୍ପାଦକ ସାଥି ଶୁକଦେବ ପଧାନ,ପୁଷ୍ପା ସା,ରୋମାଞ୍ଚ ପୃଷେଟ,ମନୋଜ ସା,ମହେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତ ଦେଇଥିଲେ। ସଭା ଶେଷରେ ଭଗବାନ ସା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିନାବାଦାମ ଚାଷ ଦେଇଛି ରୋଜଗାର

କର୍ଲାମୁଣ୍ଡା,୧୦।୨(ପ୍ରଦୀପ କୁମାର ସାହୁ)



ଚାଷୀ ମୁକ୍ତି ସିଆନ ସାହୁ ଓ ତାଙ୍କ ସ୍ତ୍ରୀ ଚିନାବାଦାମ ଅମଳ କରୁଛନ୍ତି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସରଗୁଲ ମାଲପଡା ଗ୍ରାମପଞ୍ଚାୟତ ପୁଟିଗାଁ ଶୈବ ପୀଠ ନିକଟରେ ବୋହିଯାଉଥିବା ତେଲ ନଦୀ କୂଳର ୨ ଏକର ଆଟ କିସମ ଜାଗାରେ ଚିନା ବାଦାମ ଚାଷ କରନ୍ତି ପୁଟିଗାଁ ଚାଷୀ ମୁକ୍ତି ସିଆନ ସାହୁ। ଏଥିପାଇଁ ଗତ ଅକ୍ଟୋବର ୨୫ ତାରିଖରେ ଜମି ପ୍ରସ୍ତୁତ କରି ଏକର ପ୍ରତି ୩ ପକେଟ ଚିନାବାଦାମ ବିହନ ଲଗାଇଥିଲେ। ଯାହାର ମୂଲ୍ୟ ୪୫ ଶହ ଟଙ୍କା। ଏହା ବ୍ୟତୀତ ହଳ ବାବଦକୁ ୫୪ ଶହ ଟଙ୍କା, ସାର ଖତ ଓ ଔଷଧ ପାଇଁ ୪ ହଜାର ୫୦ ଟଙ୍କା, ଲେବର ବାବଦକୁ ୭ ହଜାର ୩ ଶହ ଟଙ୍କା ମୋଟ ୨୧ ହଜାର ୨ଶହ ୫୦ ଟଙ୍କା ଖର୍ଚ୍ଚ କରିଥିଲେ। ସେ ଚଳିତ ମାସ ପ୍ରଥମ ସପ୍ତାହରୁ ଅମଳ ଆରମ୍ଭ କରିଛନ୍ତି। ଏକରକୁ ୩୫ ପକେଟ ଅମଳ ହେବାକୁ ସେ ଆଶା ରଖିଛନ୍ତି। ତଦନୁସାରେ ପ୍ରତି ପକେଟକୁ ୧୬ ଶହ ଟଙ୍କା ଦରରେ ମୋଟ ୫୬ ହଜାର ଟଙ୍କାରେ ବିକ୍ରି କରିବେ। ତେବେ ସରକାରଙ୍କ ପକ୍ଷରୁ ଚାଷୀଙ୍କ ଆବଶ୍ୟକ ମୁତାବକ ବିହନ ଯୋଗାଇବା ସହ ଆର୍ଥିକ ସହାୟତା ଓ ମଣ୍ଡି ବ୍ୟବସ୍ଥା ମିଳିଲେ ଚାଷୀ ଅଧିକ ଲାଭବାନ ହୋଇପାରନ୍ତେ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ପୁଟିଗାଁର ୧୦ରୁ ଅଧିକ ଚାଷୀ ଚିନାବାଦାମ ଚାଷ କରି ଭଲ ଦୁଇ ପଇସା ରୋଜଗାର କରୁଥିବା ଜଣାପଡିଛି। ଅନ୍ୟପଟେ ଏହି ଚାଷ ମରୁଡି ସହଣୀ ଓ ରୋପୋକ ର ପଦୁର୍ଭା କମ ରହିଥିବା ତଥା କମ ଦିନରେ ଚାଷ ହୋଇଥିବାରୁ ଚାଷୀମାନେ ଆଗ୍ରହ ସହିତ ଏହି ଚାଷ କରିଥାନ୍ତି ବୋଲି ଚାଷୀ ରମେଶ ସାହୁ କହିଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ରବିବାର, ଫେବୃଆରୀ ୧୧/୨୦୨୪ | Bhubaneswar, Sunday, February 11/2024 | ପୃଷ୍ଠା-୧



**ହସ୍ପିଟାଲରେ ମିଥୁନ ଚକ୍ରବର୍ତ୍ତୀ**
ବଲିଉଡ୍ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଶନିବାର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।
୦୪

୦୬
**ହରମନପ୍ରୀତଙ୍କ ଡବଲରେ ଜିତିଲା ଭାରତ**
ହରମନ୍‌ପ୍ରୀତ୍ ସିଂଙ୍କ ଡବଲ୍ ଗୋଲ ବଳରେ ସ୍ପେନ୍‌କୁ ୪-୧ରେ ପରାସ୍ତ କରିଛି ଭାରତୀୟ ପୁରୁଷ ହକି ଦଳ।



# ଇଟାଭାଟିରେ ଶ୍ୱାସରୁଦ୍ଧ: ୩ ମୃତ



## ଶୀତ, ହାତୀ ଦାଉରୁ ଭାଟି ଉପରେ ଶୋଇଥିଲେ ଶ୍ରମିକ ଦମ୍ପତି, ୨ ପୁଅ

ଢେଙ୍କାନାଳ,୧୦।୨(ରତନ ନାୟାର)

ସନ୍ଧ୍ୟାରେ ଇଟାଭାଟିରେ ନିଆଁ ଧରାଯାଇଥିଲା। ରାତିକ ମଧ୍ୟରେ ଉପରଯାଏ ନିଆଁ ଉଠିବାର ଡର ନ ଥିଲା। ତେଣୁ ହେଉଥିବା ପ୍ରବଳ ଶୀତ ଓ ହାତୀ ଦାଉରୁ ରକ୍ଷା ପାଇଁ ଶ୍ରମିକ ଦମ୍ପତିଙ୍କ ସହ ୨ ପୁଅ ଭାଟି ଉପରକୁ ଚଢ଼ି ଶୋଇଯାଇଥିଲେ। ହେଲେ ବିଳମ୍ବିତ ରାତିରେ ଜଳନ୍ତା ଇଟାଭାଟିର ଭୟଙ୍କର ଧୂଆଁ ୩ ଜଣଙ୍କ ଜୀବନ ନେଇଯାଇଥିଲା। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ଗ୍ରାମସ୍ଥିତ ଦୁର୍ଗାପୁର ବ୍ରାହ୍ମଣୀ ନଦୀ କୂଳରେ ଗଢ଼ି ଉଠିଥିବା ଏକ ବେଆଇନ ଇଟାଭାଟିରେ ଶନିବାର ଘଟିଥିବା ଏହି ଅଘଟଣ ଜିଲାରେ ଶୋକର ଛାୟା ଖେଳାଇ ଦେଇଛି।

ମୃତକମାନେ ହେଲେ ଛତିଶଗଡ଼ ମହାସମୁଦ ଜିଲା ବଡ଼ତେନାରୀ ଗ୍ରାମର ମେଘନାଦ ଭୋଇ(୫୦), ସ୍ତ୍ରୀ ନିରା ଭୋଇ(୪୫) ଓ ସାନପୁଅ ଜିତୁ ଭୋଇ(୧୦)। ବଡ଼ ପୁଅ ଶିବଦାସ ଭୋଇ (୧୮)ଙ୍କ ଅବସ୍ଥା ଗୁରୁତର ରହିଛି।

ଘଟଣାରୁ ଜଣାପଡ଼ିଛି, ଛତିଶଗଡ଼ର ପ୍ରାୟ ୧୫ଜଣ ଶ୍ରମିକ ଓଡ଼ାପଡ଼ା ବ୍ଲକ କମଳାଙ୍ଗ ଦୁର୍ଗାପୁରସ୍ଥିତ ଏକ ବେଆଇନ ନାଲି ଇଟାଭାଟିରେ ୨ ସପ୍ତାହ ହେଲା ଶ୍ରମିକ ଭାବେ କାମ କରୁଥିଲେ। ଶୁକ୍ରବାର ☞ପୃଷ୍ଠା-୫

# ବିଶ୍ୱବିଦ୍ୟାଳୟକୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ଭରସା

**ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ୬୦% ପ୍ରାଧ୍ୟାପକ ପଦବୀ ଖାଲିପଡ଼ିଛି। ନିୟମିତ ନିଯୁକ୍ତି ହେଉ ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଫଳରେ ଉତ୍ତମ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ତେଣୁ ଏହି ଅସଙ୍ଗତି ଦୂର କରିବା ପାଇଁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କ ଉପରେ ନିର୍ଭର କରିଛି। ତୁରନ୍ତ ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କୁ ନିଯୁକ୍ତି ଦେଇ ଶିକ୍ଷାଦାନ ସମସ୍ୟା ଦୂର କରିବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିକଟରେ ଉଚ୍ଚଶିକ୍ଷା ବିଭାଗ ଚିଠି ଲେଖି ଜଣାଇଛି।**

ଭୁବନେଶ୍ୱର,୧୦।୨
(ଅସମାପିକା ସାହୁ)

## ଖାଲିପଡ଼ିଛି ୬୦% ନିୟମିତ ପଦବୀ

ରାଜ୍ୟରେ ଆଶାୟୀଙ୍କ ସଂଖ୍ୟା ଅଧିକ ଥିବାବେଳେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିୟମିତ ନିଯୁକ୍ତି ନ ଥିବାରୁ ପଦବୀ ଖାଲିପଡୁଛି। ମିଳିଥିବା ତଥ୍ୟ ଅନୁସାରେ, ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୭ ବିଶ୍ୱବିଦ୍ୟାଳୟରେ ୧୮୦୧ ପ୍ରଫେସର, ଆସୋସିଏଟ୍ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ମଞ୍ଜୁର ରହିଛି। ହେଲେ ଏବେ ସେଥିରୁ ମାତ୍ର ୭୨୧ଟି ପଦବୀ ପୂରଣ ହୋଇଛି। ଅର୍ଥାତ୍ ୬୦% ଶିକ୍ଷକ ପଦବୀ ଖାଲିପଡ଼ିଛି। ଏପରି କି ଏଥିମଧ୍ୟରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଏପର୍ଯ୍ୟନ୍ତ କୌଣସି ନିୟମିତ ପଦବୀ ମଞ୍ଜୁର ହୋଇନାହିଁ। ତେଣୁ ଆବଶ୍ୟକ ପ୍ରାଧ୍ୟାପକ ନ ଥିବାରୁ ଉତ୍ତମ ଗୁଣବତ୍ତା ସମ୍ପନ୍ନ ଶିକ୍ଷାଦାନ ବ୍ୟାଘାତ ହେଉଛି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଏହାକୁ ଭରଣା କରିବା ପାଇଁ ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କୁ ନିୟୋଜିତ କରିବା ପାଇଁ ଯୋଜନା କରିଛନ୍ତି। ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ପ୍ରଫେସର ପଦବୀ ପୂରଣ ନିମନ୍ତେ ଅବସରପ୍ରାପ୍ତ ଆସୋସିଏଟ ପ୍ରଫେସର/ ପ୍ରଫେସର/ ଆଡ୍‌ଜଙ୍କ୍‌ଟ ବା ପାର୍ଟ ଟାଇମ୍/ ଗେଷ୍ଟ ଫାକଲ୍‌ଟି/ ପ୍ରଫେସର ଏମିରିଟସ/ ପ୍ରଫେସର ଅଫ୍ ପ୍ରାକ୍ଟିସଙ୍କୁ ନିୟୋଜିତ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଗତ ୧ତାରିଖରେ ଚିଠି କରିଛି। ତୁରନ୍ତ ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କୁ ନିୟୋଜିତ କରିବା ପାଇଁ ଚିଠିରେ କୁହାଯାଇଛି। ଏଥିପାଇଁ ବିଭାଗ ପକ୍ଷରୁ ଏକ ଗାଇଡ୍‌ଲାଇନ ମଧ୍ୟ ପ୍ରସ୍ତୁତ ହୋଇଛି। ମୂଳ ପଦବୀ ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଅବସରପ୍ରାପ୍ତ ପ୍ରାଧ୍ୟାପକମାନେ ରହିବେ। ଗାଇଡ୍‌ଲାଇନ ପାଳନ କରି ତାହାକୁ ପୂରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି।

ଅପରପକ୍ଷେ ବିଭାଗ ପକ୍ଷରୁ ଆଉ ଏକ ଚିଠିରେ ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଏମ୍‌ଏସ୍ ଲ' ୟୁନିଭରସିଟି ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଛାଡ଼ି ରାଜ୍ୟର ଅନ୍ୟ ୧୩ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଗୁଣବତ୍ତା ☞ପୃଷ୍ଠା-୫

| ବିଶ୍ୱବିଦ୍ୟାଳୟ | ମଞ୍ଜୁରପ୍ରାପ୍ତ (ନିୟମିତ ପଦବୀ) | ପୂରଣ |
|---|---|---|
| ଉତ୍କଳ ବିଶ୍ୱବିଦ୍ୟାଳୟ | ୨୪୪ | ୧୨୫ |
| ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ | ୧୮୨ | ୧୦୧ |
| ସମ୍ବଲପୁର ବିଶ୍ୱବିଦ୍ୟାଳୟ | ୧୩୫ | ୭୧ |
| ରେଭେନ୍‌ଶା ବିଶ୍ୱବିଦ୍ୟାଳୟ | ୨୬୭ | ୧୦୯ |
| ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ | ୯୮ | ୫୦ |
| ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ | ୩୮ | ୨୦ |
| ଫକୀର ମୋହନ ବିଶ୍ୱବିଦ୍ୟାଳୟ | ୧୧୭ | ୬୮ |
| ରମାଦେବୀ ବିଶ୍ୱବିଦ୍ୟାଳୟ | ୧୩୮ | ୬୧ |
| ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ | ୧୪୪ | ୬୮ |
| ରାଜେନ୍ଦ୍ର ବିଶ୍ୱଦ୍ୟାଳୟ | ୧୨୬ | ୨୦ |
| ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ | ୧୧୨ | ୨୦ |
| ଧରଣୀଧର ବିଶ୍ୱବିଦ୍ୟାଳୟ | ୧୭ | ୮ |
| ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ | ୧୧୨ | ୦ |
| ମଧୁସୂଦନ ଆଇନ ବିଶ୍ୱଦ୍ୟାଳୟ | ୫୦ | ୦ |
| ଓଡ଼ିଆ ବିଶ୍ୱବିଦ୍ୟାଳୟ | ୨୧ | ୦ |

# ପୂର୍ବତନ ବିଧାୟିକା ଭି. ସୁଞ୍ଜାନ କୁମାରୀ ଦେଓଙ୍କ ପରଲୋକ

କବିସୂର୍ଯ୍ୟନଗର,୧୦।୨(କୃପାସିନ୍ଧୁ ସ୍ୱାଇଁ)



ଗଞ୍ଜାମ ଜିଲା ଖଲ୍ଲିକୋଟ ରାଜବଂଶର ଶେଷ ଦାୟାଦ ରାଣୀ ତଥା ପୂର୍ବତନ ବିଧାୟିକା ଭି. ସୁଞ୍ଜାନ କୁମାରୀ ଦେଓଙ୍କ ଶୁକ୍ରବାର ରାତି ପ୍ରାୟ ୧୨ଟା ୪୫ରେ ଚେନ୍ନାଇସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୭ବର୍ଷ ହୋଇଥିଲା। ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରୁ ସେ ୧୦ଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଖଲ୍ଲିକୋଟ ନିର୍ବାଚନମଣ୍ଡଳୀରୁ ୮ଥର ଓ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରୁ ୨ ଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ☞ପୃଷ୍ଠା-୫

# ଇପିଏଫ୍ ସୁଧ ୮.୨୫%କୁ ବୃଦ୍ଧି

ନୂଆଦିଲ୍ଲୀ,୧୦।୨(ପି.ଟି.)

ସାଧାରଣ ନିର୍ବାଚନ ପୂର୍ବରୁ ମାର୍ଚ୍ଚ ୩୧ରେ ଶେଷ ହେଉଥିବା ଚଳିତ ଆର୍ଥିକ ବର୍ଷ ନିମନ୍ତେ କର୍ମଚାରୀ ଭବିଷ୍ୟନିଧି (ଇପିଏଫ୍) ସୁଧ ହାର ୮.୨୫ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଫଳରେ ପାଖାପାଖି ୮ କୋଟି ଇପିଏଫ୍ ହିତାଧିକାରୀ ଉପକୃତ ହେବେ। ୩ ବର୍ଷ ମଧ୍ୟରେ ଏହା ସର୍ବାଧିକ ସୁଧହାର। ସୁଧହାର ବଢ଼ାଇବା ପାଇଁ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)ର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ଅର୍ଥ ମନ୍ତ୍ରଣାଳୟକୁ ସୁପାରିସ କରିଥିଲା ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

୨୦୧୯-୨୦ରେ ଇପିଏଫ୍ ସୁଧହାର ସର୍ବାଧିକ ୮.୫ ପ୍ରତିଶତ ଥିଲା। ୨୦୨୦-୨୧ରେ ମଧ୍ୟ ତାହା ଅପରିବର୍ତ୍ତିତ ☞ପୃଷ୍ଠା-୫



## ସଂକ୍ଷେପରେ

### ୯୦ ଲିଟର ମଦ ଜବତ, ଜଣେ ଗିରଫ

ଲୋଇସିଂହା,୧୦।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ମଦ କାରବାର କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ମନୁପାଲି ଗ୍ରାମର ଜୟଲାଲ ମେହେର(୫୫)। ତାଙ୍କଠାରୁ ୯୦ ଲିଟର ମଦ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(୩୩/୨୪)ରୁଜୁ କରାଯାଇ ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ବାସୁଦେବ ଭୋଇ କହିଛନ୍ତି। ଜୟଲାଲ ବେଆଇନ ମଦ କାରବାର କରୁଥିବା ନେଇ ଅଭିଯୋଗ ହେବା ପରେ ଆଇଆଇସି ଭୋଇଙ୍କ ନେତୃତ୍ୱରେ ଟିମ୍ ଚଢାଉ କରିଥିଲା। ତାଙ୍କଠାରୁ ୪୯୦ମଦ ପାଉଚ(୭୪ଲିଟର) ଏବଂ ବାକି ରନ୍ଧାମଦ ଏପରି ୯୦ ଲିଟର ମଦ ଜବତ କରାଯାଇଛି ।

### ଫାଇଲେରିଆ ନିରାକରଣ ପାଇଁ ଔଷଧ ସେବନ କାର୍ଯ୍ୟକ୍ରମ

ଖପ୍ରାଖୋଲ,୧୦।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଫାଇଲେରିଆ ନିରାକରଣ ପାଇଁ ଶନିବାର ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ସେ ନିଜେ ଫାଇଲେରିଆ ଔଷଧ ନିଜେ ସେବନ କରିଥିଲେ। ଏହି ଅବସରରେ ମେଡିକାଲ ଅଫିସର ଡ଼ା ସୁରଜ କୁମାର ଦୀପ, ଡ଼ା ଅଂଶୁପା ଭୋଇ, ଡ଼ା ମଧୁମିତା ମେହେର, ବିନୟ କୁମାର ପଣ୍ଡା, ସୁନିଲ କୁମାର ଦାଶ, ଦୀନବନ୍ଧୁ ବେହେରା, ବିପିଏମ ସୁଶୀଲ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଆଗାମୀ ୧୯ ପର୍ଯ୍ୟନ୍ତ ସମସ୍ତ ଗାଁରେ ୨ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ଔଷଧ ବଣ୍ଟନ କରାଯିବ ବୋଲି ମେଡିକାଲ ଅଧିକାରୀ ପ୍ରକାଶ କରିଛନ୍ତି।

### ଜମିବାଡ଼ି ବିବାଦ: ପୁତୁରା ଟାଙ୍ଗିଆ ଚୋଟରେ କକା ଗୁରୁତର

ବେଲପଡ଼ା,୧୦।୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଜମାମୁରି ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ରକରି ଶନିବାର ପୁତୁରା ଟାଙ୍ଗିଆ ଚୋଟରେ କକା ଗୁରୁତର ହୋଇଛନ୍ତି। ଆକ୍ରମଣର ଶିକାର କୁମର ସାହୁ (୫୦) ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। କୁମରଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘଦିନ ହେଲା ଭାଇ କୁନ୍ଦୁରୁ ସାହୁଙ୍କ ସହିତ ତାଙ୍କର ଜମିବାଡ଼ିକୁ ନେଇ ବିବାଦ ରହିଛି। ଶନିବାର ମଧ୍ୟାହ୍ନରେ ଭାଇ କୁନ୍ଦୁର ସାହୁଙ୍କ ପୁଅ କାହ୍ନୁ(୪୦) ଓ କାହ୍ନୁଙ୍କ ପୁଅ ତାଙ୍କ ଘରକୁ ଆସି ଗାଳିଗୁଲଜ କରିଥିଲେ। ଅଧିକ ଉତ୍ତ୍ୟକ୍ତ ହୋଇ ତାଙ୍କ ଘରକୁ ଢେଲା ପଥର ମାଡ଼ କରିଥିଲେ। ସେ ଏହର ପ୍ରତିବାଦ କରିବାରୁ କାହ୍ନୁ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ କାହ୍ନୁଙ୍କ ପୁଅ ଏକ ଠେଙ୍ଗାରେ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କୁ ଆକ୍ରମଣ କରି ସେଠାରୁ ପଳାଇ ଯାଇଥିଲେ। ଗୁରୁତର ଆହତ କୁମରଙ୍କୁ ବେଲପଡା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ସୁଶାନ୍ତ ଦାସ କହିଛନ୍ତି।

### ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି କର୍ମଶାଳା

ଦେଓଗାଁ ୧୦।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପଞ୍ଚମୀ ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିରେନ୍ଦ୍ର କୁମାର ଛତ୍ରିଆ ସ୍ୱାଗତ ଭାଷଣ ଦେଇଥିଲେ। ସୋନପୁର ରେଆରର ଅଧିକାରୀ ଅଶୋକ କୁମାର ଝାଙ୍କର ପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା କମିଟି ଗଠନର ଆବଶ୍ୟକତା ବିଷୟରେ ଅବଗତ କରିଥିଲେ। ସର୍ବସମ୍ମତି କ୍ରମେ ପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା କମିଟି ଗଠନ କରାଯାଇଥିଲା। ଶେଷରେ ଧନୁର୍ଦ୍ଧର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱପ୍ନହୀନ ଯୁବକଙ୍କ ପାଇଁ ସମାଜ ଦୁର୍ବଳ ହେଉଛି

## ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମ

ବଲାଙ୍ଗୀର,୧୦।୨(ବୀରେନ୍ଦ୍ର କୁମାର ଝାଙ୍କର)

ଆହ୍ୱାନ ସବୁର ମୁକାବିଲା ପାଇଁ ଯେଉଁ ଅସୀମ ଧୈର୍ଯ୍ୟ, ନିଷ୍ଠା ଏବଂ ଏକାଗ୍ରତାର ଆବଶ୍ୟକତା ଲୋଡା ପଡେ ତାହା ଯୁବାବସ୍ଥାରେ ଜାଗ୍ରତ ହେଲେ ଲକ୍ଷ୍ୟସ୍ଥଳରେ ଶୀଘ୍ର ପହଞ୍ଚି ହୁଏ। ଯୁବପିଢ଼ି ଦେଶର ଅସଲ ଶକ୍ତି। ଏଣୁ ସେମାନଙ୍କ ଉପରେ ସମସ୍ତଙ୍କ ନଜର ଥାଏ। ଆଜିର ସମୟରେ ବହୁ ସଂଖ୍ୟକ ଯୁବକ ନିଶାସକ୍ତ ଏବଂ ସ୍ୱପ୍ନହୀନ ହୋଇଯାଉଥିବାରୁ ସମାଜ ଦୁର୍ବଳ ହୋଇପଡୁଛି। ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ ଆଲୋଚକମାନେ ଏକ ମତ ରଖିଛନ୍ତି।

ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ରଚନା ପକ୍ଷରୁ ସ୍ଥାନୀୟ ପତିତପାବନ ଏକାଡେମୀ ଠାରେ ଶନିବାର ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ ଯୁବପିଢ଼ି ସମ୍ମୁଖରେ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କବି ରତ୍ନମୟ ତ୍ରିପାଠୀଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଲୋଚକଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଛାତ୍ର ତ୍ରିଲୋଚନ ଦଳବେହେରା, ସରସ୍ୱତୀ ଶିଶୁ ମନ୍ଦିର ଅଧ୍ୟାପିକା ସୌମ୍ୟା ମଧୁପର୍ଣ୍ଣା ତ୍ରିପାଠୀ, ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ଏଲୋରା ମିଶ୍ର, ଗଣମାଧ୍ୟମ ପ୍ରତିନିଧି ମନରଞ୍ଜନ ଯୋଷୀ ଯୋଗଦାନ କରିଥିଲେ। ପ୍ରଥମ ଆଲେଚକଭାବେ ଛାତ୍ର ଦଳବେହେରା ତାଙ୍କ ବକ୍ତବ୍ୟରେ ଯୁବବସ୍ଥାର କାର୍ଯ୍ୟ ଏବଂ ସଂକଳ୍ପ ଉପରେ ଦେଶର ଭବିଷ୍ୟତ ନିର୍ଭର କରେ ବୋଲି କହିଥିଲେ। ଅଧ୍ୟାପିକା ତ୍ରିପାଠୀ ବିଶେଷ କରି ଛାତ୍ରୀଛାତ୍ରଙ୍କ ଭିତରେ ଯେଉଁ ନେତୃତ୍ୱର ଅଭାବ ଦେଖାଦେଇଛି ତାହା ଆଗାମୀ ଦିନରେ ଗଭୀର ସଙ୍କଟ ସୃଷ୍ଟି କରିବ ବୋଲି କହିଥିଲେ। ଅଧ୍ୟାପିକା ମିଶ୍ର ଯୁବପିଢ଼ିର ଅସଲ ଆହ୍ୱାନ ସବୁର ମୁକାବିଲା କରିବାକୁ ହେଲେ କଠିନ ପରିଶ୍ରମ ଏବଂ ପ୍ରସ୍ତୁତି ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଆଲୋଚକ ଯୋଷୀ ତାଙ୍କ ବକ୍ତବ୍ୟରେ ସବୁ ସମୟରେ ଭିନ୍ନ ଭିନ୍ନ ରୂପରେ ଆହ୍ୱାନ ରହିଥାଏ। ଏହାର ମୁକାବିଲ ଯେଉଁମାନେ କରନ୍ତି ସେମାନେ ସଫଳ ହୁଅନ୍ତି। ଏଣୁ ଯୁବପିଢ଼ି ପାଇଁ ସବୁ ସମୟରେ ଆହ୍ୱାନ ରହିଛି ଓ ରହିଥିବ। ତେବେ ଯେଉଁମାନେ ଏହାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବେ ସେମାନେ ଅନ୍ୟ ଯୁବକଙ୍କ ପାଇଁ ପ୍ରେରଣା ସାଜିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ମିଶ୍ର, ଭବାନୀ ଶଙ୍କର ପଟେଲ ଏବଂ ପ୍ରଦୀପ କୁମାର ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରି ଯୁବପିଢ଼ିର ସାମ୍ପ୍ରତିକ ଆହ୍ୱାନ ଏବଂ ଏହି ପରିପ୍ରେକ୍ଷୀରେ ପରିବାର, ସାମାଜ ଓ ରାଷ୍ଟ୍ରର ରୂପରେଖ ଉପରେ କହିଥିଲେ। ସଭାରେ ରଚନାର ସଭାପତି ସନାତନ ଠାକୁର, ସମ୍ପାଦକ ଭାଗିରଥି ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବକ୍ତି ଓ ଜନସାଧାରଣ ଯୋଗଦାନ କରିଥିଲେ।

# ଫାଇଲେରିଆ ନିରାକରଣ ଅଭିଯାନର ଶୁଭାରମ୍ଭ



ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଛାତ୍ରୀଙ୍କୁ ଫାଇଲେରିଆ ଔଷଧ ବଣ୍ଟନ କରୁଛନ୍ତି।

ବଲାଙ୍ଗୀର,୧୦।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ୧୧ଟି ବ୍ଲକ ଓ ୪ଟି ସହରାଞ୍ଚଳରେ ଶନିବାର ଫାଇଲେରିଆ ନିରାକରଣ ଅଭିଯାନ ନିମନ୍ତେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଆଜି ପୂର୍ବାହ୍ନରେ ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଗୌରୱ ଶିୱାଜୀ ଇସଲୱାର ଯୋଗଦାନ କରି ଛାତ୍ରୀଙ୍କୁ ଔଷଧ ବଣ୍ଟନ କରିଥିଲେ। ସଭାରେ ଜିଲାର ୧୪ ଲକ୍ଷ ୭୬ ହଜାର ଜଣଙ୍କୁ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ଔଷଧ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ନିଜ ତତ୍ତ୍ୱାବଧାନରେ ନିଜ ସମ୍ମୁଖରେ ଔଷଧ ଖୁଆଇବେ। ଗର୍ଭବତୀ ମହିଳା, ୨ବର୍ଷରୁ କମ୍ ବୟସର ଶିଶୁ ଓ ଗୁରୁତର ରୋଗୀଙ୍କୁ ଏହି ବଟିକା ଦିଆଯିବ ନାହିଁ। ଏହି ଔଷଧ ସେବନ ଦ୍ୱାରା ଶରୀର ଭିତରେ ଥିବା ମାଇକ୍ରୋ ଫାଇଲେରିଆ ପରଭୋଜୀ ସମ୍ପୂର୍ଣ୍ଣ ଭାବେ ମରିଯାଆନ୍ତି ଏବଂ ବଡ ପାରାସାଇଟ ମାନେ ନିସ୍ତେଜ ହୋଇଯାଆନ୍ତି ତଥା ଲୋକମାନେ ଭବିଷ୍ୟତରେ ଫାଇଲେରିଆ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରନ୍ତି ବୋଲି ସୂଚନା ଦିଆଯାଇଥିଲା। ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଅଟେ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ ସୂଚନା ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଦିବ୍ୟକିଶୋର ପତି, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡ଼ା ସିଦ୍ଧେଶ୍ୱର ମାଝି, ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସୁଦ୍ଧା ବାର୍ଲା, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର କ୍ଷେତ୍ରୀୟ ସଂଯୋଜକ ଡ଼ା ନିଶିଥ ରଞ୍ଜନ ଦାସ, ଡିପିଏମ ମୃତ୍ୟୁଞ୍ଜୟ ମୁଣ୍ଡ, ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜିଲା ସଂଯୋଜକ ସୁରେଶ ସ୍ୱାଇଁ ଉପସ୍ଥିତ ଥିଲେ। ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ମିଶ୍ର ସଭା ସଂଯୋଜନା କରିଥିଲେ। ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସହଯୋଗ କରିଥିଲେ।

# କ୍ରିକେଟ ମ୍ୟାଚ, ଚକ୍ଷୁ ପରୀକ୍ଷା ଶିବିର



ତଲପଡ଼ା ମହିଳା କିର୍ତ୍ତନ ଦଳ ଗୁରୁଙ୍କୁ ଅର୍ଗାନ ପ୍ରଦାନ କରାଯାଉଛି।

## ପୋଲିସ ଜନସମ୍ପର୍କ ଶିବିରରେ ନାନାବିଧ କାର୍ଯ୍ୟକ୍ରମ

ଲାଠୋର,୧୦।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ବେନ୍ଦେର ହାଇସ୍କୁଲ ଖେଳ ପଡ଼ିଆରେ ଶନିବାର ପୋଲିସର ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି।ଲାଠୋର ଥାନା ଅଧିକାରୀ ରାକେଶ ବେହେରାଙ୍କ ଆବାହତ୍ୱରେ ଅନୁଷ୍ଠିତ ଶିବିରରେ ପାଟଣାଗଡ଼ ଏସ୍‌ଡ଼ିପିଓ ସଦାନନ୍ଦ ପୂଝାରି, ବେନ୍ଦେର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ତେଜରାଜ ମାଝି, ନାଏବ ସରପଞ୍ଚ ମଧୁ ପ୍ରଧାନ ଯୋଗଦେଇଥିଲେ। ପଞ୍ଚାୟତ ଅଧିନ ବେନ୍ଦେର, ଚହକପଡ଼ା, ଭରୁଆମୁଣ୍ଡା, ଭାଲୁଟୁଆଁ, ବାଦିମାଲ ଗ୍ରାମର ୭ ଏବଂ ପୋଲିସର ଗୋଟିଏ ଦଳ ମଧ୍ୟରେ କ୍ରିକେଟ ମ୍ୟାଚର ଆୟୋଜନ କରାଯାଇଥିଲା। ଭାଲୁଟୁଆଁ ଏବଂ ବେନ୍ଦେର(ବି) ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଭାଲୁଟୁଆଁ ଦଳ ଚାମ୍ପିୟନ ହୋଇ ଟ୍ରଫି ସହ କ୍ରିକେଟ କିଟ୍ ଏବଂ ରନର ଅପ ବେନ୍ଦେର(ବି) ଦଳ ଟ୍ରଫି ସହ କ୍ରିକେଟ କିଟ୍ ପାଇଥିଲା। ସେମିଫାଇନାଲକୁ ଉନ୍ନୀତ ହୋଇଥିବା ଭରୁଆମୁଣ୍ଡା ଏବଂ ଚହକପଡ଼ା ଦଳର ୨୨ଖେଳାଳିଙ୍କୁ ଟି-ଶାର୍ଟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୟୁଥ ବ୍ଲଡ଼ ଡ଼ୋନର ଗ୍ରୁପ ବଲାଙ୍ଗୀର ଏବଂ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ବୀରମହାରାଜପୁର ମିଳିତ ଆନୁକୂଲ୍ୟରେ କମ୍ପ୍ୟୁଟରୀକୃତ ମାଗଣା ଚକ୍ଷୁ ପରୀକ୍ଷା ଆୟୋଜନ କରାଯାଇଥିଲା। ଏଥିସହିତ ବିଭିନ୍ନ ଗ୍ରାମରୁ ଆସିଥିବା ରୋଗୀଙ୍କ ପରୀକ୍ଷା କରିବା ସହ ପୋଲିସ ପକ୍ଷରୁ ମାଗଣା ଶାଲ, କମ୍ବଳ, ଛତା, ଟର୍ଚ୍ଚଲାଇଟ, କାଣ୍ଟଘଣ୍ଟା, ଟି-ଶାର୍ଟ ପ୍ରଦାନ କରାଯାଇଥିଲା। ବେନ୍ଦେର ତଲପଡ଼ା ମହିଳା କିର୍ତ୍ତନ ଦଳକୁ ଅର୍ଗାନ ଏବଂ ଡ଼େକ ସେଟ ପ୍ରଦାନ କରାଯାଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଙ୍ଗୀତ ଏବଂ ବକ୍ତୃତାରେ ଭାଗନେଇ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଯୁବ ସାହିତ୍ୟିକ ଶୋଭାକର ପ୍ରଧାନ ଏବଂ ନାରାୟଣୀ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହିଅବସରରେ ଲାଠୋର ଥାନା କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ ଗିରଫ

ମୁରିବାହାଲ, ୧୦।୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଗୁଡିଘାଟ ଗ୍ରାମର ଜଣେ ଆଦିବାସୀ ଯୁବତୀ(୧୯)ଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରନ୍ଦର ବିଶି(୪୫)। ପୀଡ଼ିତାଙ୍କ ଏତଲା ଆଧାରରେ ଥାନାରେ ଦଫା ୩୭୬ (୨) (ଏନ), ୪୧୭, ୫୦୬ରେ ଏକ ମାମଲା(ନଂ.୪୪/୨୪) ରୁଜୁ କରି ଶନିବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ କହିଛନ୍ତି। ଅଭିଯୋଗ ଅନୁସାରେ ପୁରନ୍ଦର ବିବାହର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ଯୁବତୀଙ୍କ ସହ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖି ଆସିଥିଲେ। ବିବାହ କଥା କହିଲେ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ। ଅନ୍ୟ ଏକ ଘଟଣାକ୍ରମରେ ଗତ ଗତ ଜାନୁଆରୀ ୫ତାରିଖରେ ପୁରନ୍ଦର ସମ୍ପୃକ୍ତ ଯୁବତୀଙ୍କୁ ଗାଁରୁ ନେଇ କୁଆଡେ ଯାଇଥିଲେ। ନୂଆପଡ଼ା ଜିଲା ତିଖାଲି ଡ୍ୟାମକୁ ନେଇ ବୁଲାବୁଲି କରିବା ସହ ନିକଟସ୍ଥ ଜଡ଼ାମୁଡ଼ା ଗାଁରେ ସମ୍ପୃକ୍ତା ଯୁବତୀଙ୍କୁ ନେଇ ରଖିଥିଲେ। ସେଠାରେ ରହିବା ସମୟରେ ଶାରୀରିକ ସମ୍ପର୍କ ରଖିଥିଲେ। ସେଠାରେ ଥିବାବେଳେ ପୁରନ୍ଦରଙ୍କ କେତେଜଣ ସମ୍ପର୍କୀୟ ଜଡାମୁଡାରେ ପହଞ୍ଚି ସମ୍ପୃକ୍ତା ଯୁବତୀଙ୍କୁ ଆଣି ଗୁଡିଘାଟ ଗ୍ରାମ ଗ୍ରୀଡ ପାଖରେ ଛାଡି ଦେଇଥିଲେ। ଯୁବତୀ ଜଣକ ଘରକୁ ଫେରି ସବୁ କଥା ପରିବାର ଲୋକଙ୍କୁ ଜଣାଇଥିଲେ। ଘର ଲୋକ ପୁରନ୍ଦରଙ୍କୁ ବିବାହ ପାଇଁ କହିଥିଲେ ହେଁ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଯୁବତୀ ଜଣଙ୍କ ଗତ ୬ ତାରିଖ ମୁରିବାହାଲ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଫେରାର ଅଭିଯୁକ୍ତଙ୍କୁ ୮ତାରିଖ ରାତିରେ ଗିରଫ କରିଥିଲା। ଶୁକ୍ରବାର ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଥିଲା।

# ଦୁର୍ଦ୍ଦିନରେ ଥିବା ୨ ଜାତୀୟ କବାଡି ଖେଳାଳିଙ୍କୁ ଚାକିରି ମିଳିଲା


୨ ଖେଳାଳି ନମିତା ଓ ସୁନିତା।

ବଲାଙ୍ଗୀର,୮।୨(ବୀରେନ୍ଦ୍ରେ କୁମାର ଝାଙ୍କର)

ଜାତୀୟସ୍ତରରେ କବାଡ଼ି ଖେଳି ଖ୍ୟାତି ଅର୍ଜନ କରିଥିବା ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଗମ୍ଭାରୀଗୁଡା ଗାଁର ନମିତା ଭୋଇ ଏବଂ ତାଣ୍ଡିଗାଁର ସୁନିତା ମାଝି ଘୋର ଦୁର୍ଦ୍ଦିନ ଦେଇ ଗତି କରୁଥିଲେ। ନମିତା ଛେଳି ଚରାଉଥିଲେ ଏବଂ ସୁନିତା ମୂଲ ଲାଗି ଚଳୁଥିଲେ। କ୍ରୀଡା ଖ୍ୟାତି ସେମାନଙ୍କର କୌଣସି କାମକୁ ଆସୁ ନ ଥିଲା। ଏଭଳି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପିପୁଲସ୍ ଫୋରମ୍ ଉଭୟ କ୍ରୀଡାବିତ୍ ନମିତା ଓ ସୁନିତାଙ୍କୁ ତାଙ୍କ ସଙ୍ଗଠନର ଏକ ସ୍କୁଲ ଆର୍ଯ୍ୟଭଟ୍ଟ ଏନ୍‌ସିଏଣ୍ଟ ଏକାଡେମୀରେ କ୍ରୀଡା ଶିକ୍ଷକଭାବେ ନିଯୁକ୍ତି ଦେଇଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ସଙ୍ଗଠନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ଦୁଇ କ୍ରୀଡାବିତ୍ ନମିତା ଓ ସୁନିତାଙ୍କ ଉପସ୍ଥିତିରେ ପିପୁଲସ୍ ଫୋରମ୍ ଉପସଭାପତି ସଞ୍ଜୟ ଜେଠି ଏହି ଘୋଷଣା କରିଛନ୍ତି। ଉଭୟ କ୍ରୀଡାବିତ୍‌ଙ୍କୁ ମାସିକ ୨୦ରୁ ୨୫ହଜାର ଟଙ୍କା ଦିଆଯିବ ବୋଲି ସୂଚନା ଦିଆଯାଇଛି।

# ବିଶ୍ୱଶାନ୍ତି ମାନସ ଯଜ୍ଞ ଆରମ୍ଭ

ଲୋଇସିଂହା,୧୦।୨(ସୁଶାନ୍ତ ବାରିକ)


କଳସ ଶୋଭାଯାତ୍ରାରେ ସାମିଲ ଶ୍ରଦ୍ଧାଳୁ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରୁଗୁଡିଖାଲ ମାନସ ବିହାରରେ ସପ୍ତବିଂଶତମ ନବ ଦିନାତ୍ମକ ବିଶ୍ୱଶାନ୍ତି ଶ୍ରୀରାମ ଚରିତ ମାନସ ଯଜ୍ଞ ଶନିବାରରୁ ଆରମ୍ଭ ହୋଇଛି। ଏହା ଅସନ୍ତା ୧୮ ତାରିଖରେ ଉଦ୍‌ଯାପିତ ହେବ। ବେନ୍ଦ୍ରା ରଘୁନାଥ ମଠର ମଠାଧୀଶ ଜମୁନା ଦାସ ମହାରାଜ ମହାତ୍ୟାଗୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଯଜ୍ଞକୁ ଯଜ୍ଞାଚାର୍ଯ୍ୟ ଗୌରୀଶଙ୍କର ମିଶ୍ର ପରିଚାଳନା କରୁଛନ୍ତି। ଶନିବାର ଯଜ୍ଞାରମ୍ଭ ହୋଇ ଓଡିଆ ଓ ହିନ୍ଦୀ ରାମଚରିତ ମାନସ ପଠନ କରାଯାଉଛି । ସୋମବାର ସୀତାବିବାହ ଏବଂ ଆଗାମୀ ଶୁକ୍ରବାର ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏହାବ୍ୟତୀତ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି । ୧୩ରୁ ୧୭ତାରିଖ ପର୍ଯ୍ୟନ୍ତ ସମ୍ବଲପୁରୀ ଲୋକନୃତ୍ୟ, ବୀର ବଜରଙ୍ଗ ଦୁଲଦୁଲି କଳା ପରିଷଦ, ଢେମସା ଲୋକନୃତ୍ୟ ରାମଲୀଲା ନାଟକ, ଭଜନ ସମାରୋହ, ଘୋଡା ନାଚ, ସମ୍ପ୍ରଦା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମମାନ ରହିଥିବା ମାନସ ଯଜ୍ଞ ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ପଧାନ ସୂଚନା ଦେଇଛନ୍ତି। ଶୁକ୍ରବାର ମାନସ ଯଜ୍ଞ ଅବସରରେ ୧୨ ଖଣ୍ଡ ଗ୍ରାମର ଶ୍ରଦ୍ଧାଳୁଙ୍କୁ ନେଇ କଳସ ଯାତ୍ରା ଏବଂ ଅଧିବାସ ଅନୁଷ୍ଠିତ ହୋଇଥିଲା ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ,୧୦।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ହାଇସ୍କୁଲ ଖେଳ ପଡିଆରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବୈଦ୍ୟନାଥ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ, ଜିପିଇଓ ପରମେଶ୍ୱର ନାଏକ, ପିଇଓ ପୃଥ୍ୱୀରାଜ ରାଉତ, ଯୋଗାଣ ସହାୟିକା ସୁଜାତା ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗ ତରଫରୁ ସଫଳ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। ସେହିପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ କୃଷି, ଉଦ୍ୟାନ, ଜଙ୍ଗଲ, ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତିରାଜ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଜିଆର୍‌ଏସ ନୀଳମଣି ଜାଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଅତିଥି, ଅଧିକାରୀମାନେ ଲିଫଲେଟ ପ୍ରଦର୍ଶନ କରୁଛନ୍ତି।

## ମାନସ ମନ୍ଥନ ଆବାସିକ ପ୍ରଶିକ୍ଷଣ ଶିବିର

# ପରିଶ୍ରମ ହିଁ ପ୍ରଗତିର ପଥ

ଲୋଇସିଂହା,୧୦।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରେ ଦଶମ ଶ୍ରେଣୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ନେଇ ଚାଲିଥିବା ତ୍ରିଦିବସୀୟ ଆବାସିକ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶିବିର ପାଇଁ ଚିହ୍ନଟ ୬୨ଜଣ ଛାତ୍ରୀଛାତ୍ରଙ୍କୁ ମଧ୍ୟରୁ ୪୩ଜଣ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିବସରେ ସମାଜିକ ବିଜ୍ଞାନ ଓ ଓଡିଆ ବିଷୟ ପାଇଁ ଶିକ୍ଷୟିତ୍ରୀ ଚେତନା ସାହୁ, ପରମେଶ୍ୱର ପାଣିଗ୍ରାହୀ, ସୁଜାତା ଯାଦବ ଏବଂ ଅବସରପ୍ରାପ୍ତ ଶିକ୍ଷକ ସାରତୀ ସାହୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ଦିବସରେ ଗଣତ ଓ ଇଂଲିଶ ବିଷୟ ପାଇଁ ରାଜ କୁମାର ଭୋଇ, ଗିରଧାରୀ ବିଶ୍ୱାଳ,ଏ.ଶ୍ୟାମସୁନ୍ଦର ଆଚାରୀ, ମିନାକ୍ଷୀ ମିଶ୍ର, ସୁସ୍ମିତା ସାହୁ, ତୃତୀୟ ଦିବସରେ ବିଜ୍ଞାନ, ହିନ୍ଦୀ ଓ ସଂସ୍କୃତ ବିଷୟ ପାଇଁ ଜ୍ୟୋସ୍ନାମୟୀ ମିଶ୍ର, ଶଶାଙ୍କ ସାହୁ, ବିଷ୍ଣୁପ୍ରସାଦ ମିଶ୍ର, ସର୍ଜନ ନେଗୀ, ଡୋଳାମଣୀ ସାହୁ, ଭକ୍ତ ନାଏକ ଏବଂ ଜାତୀୟସ୍ତର ସାଧନା କର୍ମୀ ଅନୀଲ କୁମାର ନନ୍ଦ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଅଶୋକ କୁମାର ତ୍ରିପାଠୀ, ଅବନୀ କୁମାର ତ୍ରିପାଠୀ, ସଦାନନ୍ଦ ଭୋଇ, ଉଦ୍ଧବଚରଣ ପଟେଲ ଏବଂ ଅବସରପ୍ରାପ୍ତଶିକ୍ଷକ ଶିବପ୍ରସାଦ ତ୍ରିପାଠୀ ଏହି ଶିବରକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସର ମୁଖ୍ୟ ଅତିଥି ପଥରଚେପା ଓଏଭିର ପ୍ରନ୍ସିପାଲ କ୍ଷମାନିଧି ଭୋଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସମ୍ବନ୍ଧୀୟ କେତେକ ପରାମର୍ଶ ଦେବା ସହ ପରିଶ୍ରମ ହିଁ ପ୍ରଗତିର ପଥ ବୋଲି କହିଥିଲେ । ଏ ଛାତ୍ରୀଛାତ୍ରଙ୍କ ସହାୟକ ପାଇଁ ଆଗାମୀ ବର୍ଷରୁ କାର୍ଯ୍ୟକ୍ରମ ପଞ୍ଚଦିବସୀୟ କରିବାକୁ ଶିବିରାର୍ଥୀ ମତବ୍ୟକ୍ତ କରିଥିଲେ। ଶିବିରକୁ ବିଇଓ ରୀନାକୁମାରୀ ବେହେରା ଉଦ୍‌ଘାଟନ କରିଥିଲେ।


ମଞ୍ଚାସୀନ ଅତିଥିଙ୍କ ସମ୍ମୁଖରେ ଜଣେ ଛାତ୍ରୀ ବକ୍ତବ୍ୟ ରଖୁଛନ୍ତି।

## ସଂକ୍ଷେପରେ

### ଦାଦାବଟି ଆଦାୟ, ଅଭିଯୁକ୍ତ ଗିରଫ



ଭେଡେନ,୧୦।୨(ସୁଦନ ମହାକୁର): ବରଗଡ଼ ଜିଲା ଭେଡେନରେ ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ରାମଲୀଳା ମହୋତ୍ସବ ଚାଲିଥିବା ବେଳେ ଦୋକାନୀମାନଙ୍କୁ ମାରଣାସ୍ତ୍ର ଦେଖାଇ ଦାଦାବଟି ଆଦାୟ ଅଭିଯୋଗରେ ପୋଲିସ ୨ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବରଗଡ଼ ବିଶିପଡ଼ା କଲୋନୀର ମୁକେଶ ଛତର (୨୨) ଓ ଭେଡେନ ମଝିପଡ଼ାର କାହ୍ନା ପଧାନ (୨୩)। ଉଭୟଙ୍କ ପାଖରୁ ଭୁଜାଲି ଏବଂ ଦେଶୀ ପିସ୍ତଲ ଜବତ କରାଯାଇଛି। ଏ ନେଇ ଭେଡେନ ଥାନାରେ ଏକ ମାମଲା (ନଂ.୩୪/୨୪) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପ୍ରେମଜିତ ଦାସ ପ୍ରକାଶ କରିଛନ୍ତି।

### ଡାକ୍ତରଖାନାରେ ପ୍ରସୂତି, ନବଜାତକଙ୍କ ମୃତ୍ୟୁ

ସୋନପୁର,୧୦।୨(ମୃତ୍ୟୁଞ୍ଜୟ ଶତପଥୀ): କେନ୍ଦ୍ର ଏବଂ ରାଜ୍ୟ ସରକାର ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ପୁଷ୍ଟିକର ଖାଦ୍ୟ, ଉତ୍ତମ ଚିକିତ୍ସା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ହେଉଛି। ହେଲେ ଡାକ୍ତରଖାନାରେ ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ନ ପାଇ ପ୍ରସୂତି ଓ ନବଜାତକଙ୍କ ମୃତ୍ୟୁ ହେଉଛି। ଶୁକ୍ରବାର ଏଭଳି ଏକ ଘଟଣା ନଜରକୁ ଆସିଛି। ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମଣିଗାଁ ଗ୍ରାମର ବିକ୍ରମ ପେରାଙ୍କ ସ୍ତ୍ରୀ ଦୀପ୍ତି(୨୫) ଓ ନବଜାତକଙ୍କ ମୃତ୍ୟୁ ହୋଇଛି। ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ଦିପ୍ତୀ ଓ ଶିଶୁ ପୁତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଶନିବାର ମହାନଦୀ କୂଳ ଶ୍ମଶାନରେ ମହିଳାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସୂଚନା ଅନୁଯାୟୀ, ପ୍ରସବ ଯନ୍ତ୍ରଣା ହେବାରୁ ଦୀପ୍ତିଙ୍କୁ ଗତ ୮ ତାରିଖରେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ଦୀପ୍ତି ପୁଣି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ସ୍ଥାନାନ୍ତର ହୋଇଥିଲେ। ସେଠାରୁ ପୁଣି ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବୁର୍ଲାରେ ଦୀପ୍ତି ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ହେଲେ ନବଜାତକଙ୍କ ମୃତ୍ୟୁ ପରେ ଦୀପ୍ତିଙ୍କ ମଧ୍ୟ ମୃତ୍ୟୁ ହୋଇଛି। ଏହି ଘଟଣା ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ମଦ ଜବତ, ଜଣେ ଗିରଫ

ଲୋଇସିଂହା,୧୦।୨(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ମଦ କାରବାର କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ମନୁପାଲି ଗ୍ରାମର ଜୟଲାଲ ମେହେର(୫୫)। ତାଙ୍କଠାରୁ ୯୦ ଲିଟର ମଦ ଜବତ କରାଯଇଛି। ଏନେଇ ଥାନାରେ ଏକ ମାମଲା(୩୩/୨୪)ରୁଜୁ କରାଯାଇ ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା ।

# ଭାଷା ହିଁ ସମୃଦ୍ଧିର ବାଟ ଫିଟାଏ

ବରଗଡ଼,୧୦।୨(ପ୍ରେମାନନ୍ଦ ଖମାରୀ)




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

ମନର ଭାବକୁ ଅନ୍ୟ ଆଗରେ ପରିପ୍ରକାଶ କରିବାର ମାଧ୍ୟମ ହିଁ ଭାଷା। ଯେକୌଣସି ଭାଷା ବ୍ୟବହାର ହିଁ ସମୃଦ୍ଧିର ଏକମାତ୍ର ବାଟ ବୋଲି ଶନିବାର ବରଗଡ଼ ରାଣାପ୍ରତାପ ସ୍କୁଲ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ମାସିକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ସଂସଦର ସଭାନେତ୍ରୀ ଛାତ୍ରୀ ରେଣୁକା ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ର ପ୍ରାରମ୍ଭରେ ସମ୍ପାଦିକା ଛାତ୍ରୀ ଅଶ୍ଲେଷା ମହାନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟକୁ କିପରି ସମୃଦ୍ଧ କରିଛି ସେ ବିଷୟରେ ସେ ଉଲ୍ଲେଖ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣଦୀପ ପତ୍ରିକାର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ଯୋଗଦେଇ ସୁସମୃଦ୍ଧ ଜାତି, ରାଜ୍ୟ, ଦେଶ ଗଠନ ପାଇଁ ଭାଷାର ବହୁଳ ବ୍ୟବହାରର ଆବଶ୍ୟକତା ରହିଛି ଏବଂ ଭାଷା ହିଁ ସମୃଦ୍ଧିର ବାଟ ଫିଟାଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଛାତ୍ରୀ ବୈଷ୍ଣବୀ ପ୍ରଧାନ, ଛାତ୍ରୀ ସାଲିନୀ ସା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିଶୁ ସାହିତ୍ୟ ସଂସଦର ଉପଦେଷ୍ଟା ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଛାତ୍ର ଦେବାନନ୍ଦ ସରଭଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ କୃମିନାଶ ଦିବସ ପାଳିତ

ସରଣ୍ଡା/ଅତାବିରା,୧୦।୨ (ଯୁଧିଷ୍ଠିର ମହାପାତ୍ର/ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକର ଲରମ୍ଭା କଲେଜଠାରେ ଶନିବାର ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। କଲେଜ ପ୍ରାଧ୍ୟାପକ ଅଶୋକ କୁମାର ମହାନ୍ତି ପ୍ରଥମେ ଛାତ୍ରୀଛାତ୍ରଙ୍କୁ ଆଲବେଣ୍ଡାଜୋଲ ପ୍ରଦାନ ସହ ପୁଷ୍ଟିହୀନତା, ରକ୍ତହୀନତା ଉପରେ ଆଲୋଚନା କରି ଏହାର ଶୁଭାରମ୍ଭ କରିଥିଲେ। କଲେଜର ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ଅଜିତ କୁମାର ନାଥ, ସଂଘମିତ୍ରା ମହାକୁର, ଗଣେଶ ସିଂ, ଯୁବ ରେଡ୍‌କ୍ରସ ଅଧିକାରୀ ସୁନୀଲ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଔଷଧ ସେବନ କରାଇଥିଲେ। ଏହି ଅବସରରେ ଏଏନ୍‌ଏମ୍ ଦିଦି ବୈଦେହୀ ନାଏକ ସ୍ଥାନୀୟ ଆଶାକର୍ମୀ ସହଯୋଗ କରିଥିଲେ। ଏହି ସମୟରେ ଜିଲାସ୍ତରୀୟ ପରିଦର୍ଶକ ଦଳ କଲେଜକୁ ଆସି ଏହାର ତଦାରଖ କରିଥିଲେ। ଅଧ୍ୟାପକ ମନୋରଞ୍ଜନ ତ୍ରିପାଠୀ, ପବିତ୍ର ମାହାଣା, ପାୟଲ ସାହୁ, ଡ. ମୋନିକା ଶତପଥୀ, ଡ. ଶାନ୍ତିଲତା ବାରିକ, ଗୁରୁଦେବ କୁଶଳ, ଡ. ରଞ୍ଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# କୋଶଳ ବିଦ୍ୟାଳୟରେ କୃମିନାଶ ଦିବସ



ପିଲାମାନଙ୍କୁ କୃମିନାଶକ ବଟିକା ଦିଆଯାଉଛି।

ସରଣ୍ଡା,୧୦।୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ନୂଆଁ ଖଇରପାଲିସ୍ଥିତ କୋଶଳ ବିଦ୍ୟାଳୟରେ ଶନିବାର କୃମିନାଶକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ସହକାରୀ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକ, ଅଧ୍ୟକ୍ଷ ରବିନ୍ଦ୍ର ନାଥ ବେହେରା, ଉପାଧ୍ୟକ୍ଷ ଉପେନ୍ଦ୍ର ପାଇକରାୟ ଏବଂ ଅନ୍ୟ ବରିଷ୍ଠ ଶିକ୍ଷୟତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ ପିଲାମାନଙ୍କୁ ଔଷଧ ଦିଆଯାଇଥିଲା। ଅତାବିରା ଡାକ୍ତରଖାନା କର୍ମଚାରୀ ବିକାଶ ସାହୁଙ୍କ ନିର୍ଦ୍ଦେଶ ଅନୁସାରେ ୫ବର୍ଷରୁ କମ୍ ବୟସର ପିଲାମାନଙ୍କୁ ତରଳ ଔଷଧ ଦିଆଯାଇଥିଲା। ଆରମ୍ଭରେ ଆଲବେଣ୍ଡାଜୋଲ ବଟିକା ସେବନ ଏବଂ ପୃଷ୍ଟି ସାଧନ ପାଇଁ ଏହାର ଆବଶ୍ୟକତା ଉପରେ ପିଲାମାନଙ୍କୁ ଅଗବତ କରାଯାଇଥିଲା। ପ୍ରାୟ ୯୫୦ରୁ ଅଧିକ ଛାତ୍ରୀଛାତ୍ର ଏହି ଔଷଧ ସେବନ କରିଥିଲେ।

# ବସ୍ତି ବାସିନ୍ଦାଙ୍କ ବିକାଶ ଉପରେ ସଚେତନତା କାର୍ଯ୍ୟକ୍ରମ

ବରଗଡ଼,୧୦।୨(ପ୍ରେମାନନ୍ଦ ଖମାରୀ)



ସଚେତନତା କାର୍ଯ୍ୟକ୍ରମରେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଗୋବିନ୍ଦପାଲିସ୍ଥିତ ଧବଳେଶ୍ୱର କଲ୍ୟାଣ ମଣ୍ଡପ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜେଡିର ବରଗଡ଼ ଜିଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର ଯୋଗଦାନ କରି ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବର୍ଗର ଲୋକଙ୍କ ପାଇଁ ବିଭିନ୍ନ ପ୍ରକାରର ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି କହିଥିଲେ। ଗାଁରୁ ସହର ଏବଂ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କୁ ରାଜ୍ୟ ସରକାର କିଭଳି ଗୁରୁତ୍ୱ ଦେଇଛନ୍ତି ତାହା ଉପରେ ମହାପାତ୍ର ଲୋକଙ୍କୁ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଏବଂ ମହିଳାମାନଙ୍କ ମଧ୍ୟରେ ନୃତ୍ୟ, ଗୀତ ଏବଂ ବିଭିନ୍ନ ପ୍ରକାର ଖେଳ, ଡ୍ରଇଂ, ରଙ୍ଗୋଲି, ମ୍ୟୁଜିକ ଚେୟାର ପ୍ରତିଯୋଗିତା କରାଯାଇଥିଲା। ତରୁଣୀ ନାଏକ, ସ୍ନିଗ୍ଧାରାଣୀ ବିଶ୍ୱାଳ, ତେଜସ୍ୱିନୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋରାଧକ୍ଷା କଳ୍ପନା ମାଝୀଙ୍କ ସମେତ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ମହିଳା କଲେଜରେ କୃମି ନାଶକ ଔଷଧ ବିତରଣ

ବରପାଲି,୧୦।୨(ଚିତ୍ତରଞ୍ଜନ ସାହୁ): ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଓ ବରପାଲି ସିଏଚ୍‌ସିର ମିଳିତ ଉଦ୍ୟମରେ ସ୍ୱଚ୍ଛତା ସଚେତନତା ଓ କୃମି ଔଷଧ ବିତରଣ କାର୍ଯ୍ୟକ୍ରମ ଅଧକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ମୁଖ୍ୟ ତଥା ଯୁବ ରେଡକ୍ରସ କାଉନସେଲର ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନା ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ କିଶୋର ଚନ୍ଦ୍ର ମେହେର ଯୋଗଦେଇ ସ୍ୱଚ୍ଛତା ଉପରେ ଆଲୋଚନା କରିଥିଲେ। ପରେ ଛାତ୍ରୀମାନେ ଔଷଧ ସେବନ କରିବା ସହ ନିଜ ଗାଁ ମାନଙ୍କୁ କିଭଳି ସଚେତନ କରାଇବେ ସେଥିପାଇଁ ସଂକଳ୍ପ ନେଇଥିଲେ। ରେଡକ୍ରସ ସହଯୋଗୀ ନୀଳିମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ସହକର୍ମୀ ଉପସ୍ଥିତ ଥିଲେ।

# ରାମଲୀଳା ମହୋତ୍ସବ, ଇନ୍ଦ୍ରଜିତ ବଧ



ରାବଣ ଦରବାରରେ ଉପସ୍ଥିତ ରାଜ ଅତିଥି।

ଭେଡେନ,୧୦।୨(ସୁଦନ ମହାକୁର)

ବରଗଡ଼ ଜିଲା ଭେଡେନରେ ଚାଲିଥିବା ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ବିରାଟ ରାମଲୀଳା ମହୋତ୍ସବର ଶନିବାର ଥିଲା ନବମ ସନ୍ଧ୍ୟା। ରାମଲୀଳା ନାଟ୍ୟାଭିନୟରେ ରାବଣ ଭ୍ରାତା କୁମ୍ଭକର୍ଣ୍ଣ ଓ ବିଭିଷଣ ପୁତ୍ର ତରଣୀସେନ ବଧ ପରେ ରାବଣ ମର୍ମାହତ ହୋଇ ପଡିଛି। ଯୁବରାଜ ଇନ୍ଦ୍ରଜିତ ରାମ ଲକ୍ଷ୍ମଣଙ୍କୁ ବଧ କରିବା ପାଇଁ ରାବଣଙ୍କ ଆଗରେ ପ୍ରତିଜ୍ଞା କରି ଯୁଦ୍ଧରେ ନିଜକୁ ସେନାପତି କରିବା ପାଇଁ ଅନୁରୋଧ କରିଛି। ରାବଣ ଇନ୍ଦ୍ରଜିତଙ୍କ ପ୍ରସ୍ତାବରେ ରାଜି ନ ହୋଇ ନିଜେ ଯୁଦ୍ଧ କରିବା ପାଇଁ ବିଚାର କରିଛନ୍ତି । ହେଲେ ଇନ୍ଦ୍ରଜିତଙ୍କ ଜିଦ୍ ଆଗରେ ରାବଣ ନିରୁପାୟ ହୋଇ ତାଙ୍କୁ ସେନାପତି ଭାବେ ବରଣ କରି ଯୁଦ୍ଧ କ୍ଷେତ୍ରକୁ ପ୍ରେରଣ କରିଛି। ଯୁଦ୍ଧରେ ପରାସ୍ତ ସୂଚନା ପାଇ ଇନ୍ଦ୍ରଜିତ ବିଜୟ ରଥ ପ୍ରାପ୍ତି ପାଇଁ ନିକୁମ୍ଭିଲା ବଟ ବୃକ୍ଷକୁ ଯାଇ ଯଜ୍ଞ ଆରମ୍ଭ କରିଛି। ବିଭୀଷଣଙ୍କ ପରାମର୍ଶ କ୍ରମେ ଲକ୍ଷ୍ମଣ, ହନୁମାନ ଏବଂ ବାନରସେନା ଯଜ୍ଞସ୍ଥଳରେ ପହଞ୍ଚି ଇନ୍ଦ୍ରଜିତର ନିକୁମ୍ଭିଲା ଯଜ୍ଞକୁ ଭଗ୍ନ କରିଛନ୍ତି। ଯୁଦ୍ଧକ୍ଷେତ୍ରରେ ଲକ୍ଷ୍ମଣଙ୍କ ଦ୍ୱାରା ଇନ୍ଦ୍ରଜିତ ବିରଗତିକୁ ପ୍ରାପ୍ତ ହୋଇଛି। ଖବର ପାଇ ଦଶାନନ ରାବଣ ମର୍ମାହତ ହୋଇ ଭାଙ୍ଗି ପଡିଛନ୍ତି। ରାଣୀ ମନ୍ଦୋଦାରୀ ଇନ୍ଦ୍ରଜିତ ନିହତ ଖବର ଶୁଣି ଦଶାନନ ରାବଣଙ୍କୁ ଆରୋପ କରିଛନ୍ତି। କ୍ରୋଧରେ ଜର୍ଜରିତ ରାବଣ ଯୁଦ୍ଧକ୍ଷେତ୍ରକୁ ଯାଇ ଲକ୍ଷ୍ମଣଙ୍କୁ ଶକ୍ତିଭେଦ କରିଛନ୍ତି। ଲକ୍ଷ୍ମଣଙ୍କ ଉପଚାର ପାଇଁ ବୈଦ୍ୟରାଜ ସୁଶେଣଙ୍କ ପରାମର୍ଶ କ୍ରମେ ହନୁମାନ ବିଶଲ୍ୟକରଣୀ ଚିହ୍ନି ନ ପାରି ଗନ୍ଧମାର୍ଦ୍ଦନ ପର୍ବତକୁ ନେଇ ଯୁଦ୍ଧ କ୍ଷେତ୍ରରେ ପହଞ୍ଚିଛନ୍ତି। ବୈଦ୍ୟରାଜଙ୍କ ଦ୍ୱାରା ଉପଚାର ହୋଇ ଲକ୍ଷ୍ମଣ ସଂଜ୍ଞା ଫେରିପାଇବା ଆଦି ଦୃଶ୍ୟ ଅଭିନୀତ ହୋଇଥିଲା । ରାବଣ ଦରବାରରେ ବିଭିନ୍ନ ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ।

### ଫୁଟ୍‌ବଲ ଟୁର୍ନାମେଣ୍ଟ ପ୍ରସ୍ତୁତି

ପାଇକମାଳ,୧୦।୨(ବଡ ଶତପଥୀ): ବରଗଡ ଜିଲା ପାଇକମାଳସ୍ଥିତ ବିଜେଡି ଅଫିସ ପରିସରରେ ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହାଙ୍କ ନାମରେ ଏକ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ଅନୁଠିତ ହୋଇଯାଇଛି। ଏହା ଆସନ୍ତା ୧୬ରୁ ୧୮ତାରିଖ ଯାଏ ଖେଳାଯିବାକୁ ନିଷ୍ପତ୍ତି ନିଆଗଲା। ବୈଠକରେ କ୍ରୀଡ଼ାବିତ୍ କୁସୁମ ରାଓ ସଭାପତିତ୍ୱ କରିଥିଲେ। ଏଥିପାଇଁ ଏକ କମିଟି ଗଠନ କରାଯାଇଥିଲା। କମିଟିରେ ସଭାପତି ଗୌତମ ସିଂ, ଉପସଭାପତି ବିଜୟ ସ୍ୱାଇଁ, ସମ୍ପାଦକ ଘନ ସୂପକାର, କୋଷାଧ୍ୟକ୍ଷ ଭାବେ ଭିକି ଅଗ୍ରୱାଲଙ୍କୁ ମନୋନୀତ କରାଗଲା।

### ବାଲି ଚୋରାଚାଲାଣ, ୬ ହାଇୱା ଜବତ

ସରଣ୍ଡା,୧୦।୨(ଯୁଧିଷ୍ଠିର ମହାପାତ୍ର): ବାଲି ଚୋରା ଚାଲାଣ ବେଳେ ବରଗଡ ଜିଲା ଅତାବିରା ଥାନା ଅଧୀନ ଗୋଡଭଗା ଛକରେ ୬ଟି ବାଲି ବୋଝେଇ ହାଇୱାକୁ ପୋଲିସ ଜବତ କରିଛି। ଉକ୍ତ ଗାଡ଼ିଗୁଡିକୁ ଅତାବିରା ଥାନା ପରିସରରେ ଅଟକ ରଖାଯାଇଛି। ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ଅତାବିରା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ୫୩ ନଂ. ରାଜ୍ୟ ରାଜପଥର ବିନିକାରୁ ଗୋଡଭଗାକୁ ଆସୁଥିବା ଉକ୍ତ ବାଲି ବୋଝେଇ ହାଇୱାଗୁଡିକୁ ଅଟକାଇ ଯାଞ୍ଚ କରିଥିଲା। ଶନିବାର ପୂର୍ବାହ୍ନ ୧୧ଟାରେ ଅତାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀ ଏହି ସୂଚନା ଦେଇଛନ୍ତି।

# ବର୍ଷେ ପରେ ଜଳିଲା ଷ୍ଟ୍ରିଟ୍ ଲାଇଟ



ଷ୍ଟ୍ରିଟ୍ ଲାଇଟ ଶୁଭାରମ୍ଭ ବେଳେ ଉପସ୍ଥିତ ଅତିଥି।

ସରଣ୍ଡା,୧୦।୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥର ଅତାବିରା ବ୍ଲକ ସରଣ୍ଡା ମନ୍ଦିର ଛକରେ ଶିଳାନ୍ୟାସର ବର୍ଷକ ପରେ ଶନିବାର ଷ୍ଟ୍ରିଟ୍ ଲାଇଟ ଜାଳିଛି । ୨୦୨୩ ଜାନୁଆରୀ ୫ରେ ସମ୍ବଲପୁରରୁ ବରଗଡ଼ ଜିଲା ଲୁହୁରାଚଟି ପର୍ଯ୍ୟନ୍ତ ୧୩ଟି ଛକରେ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ବରଗଡ଼ ଏମ୍‌ପି ସୁରେଶ ପୁଜାରୀ ସରଣ୍ଡା ମନ୍ଦିର ଛକରେ ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସ ପରେ ପର୍ଯ୍ୟାୟ କ୍ରମେ ସମସ୍ତ ସ୍ଥାନରେ ଇଲେକ୍ଟ୍ରିକ ଖୁମ୍ବ, ତାର ଓ ଲାଇଟ ଆଦି ଟେକ୍ନିକାଲ କାର୍ଯ୍ୟ ସମାପ୍ତ ହୋଇଥିଲା। ତେବେ ପ୍ରଶାସନିକ କାର୍ଯ୍ୟରେ ବିଳମ୍ବ ଯୋଗୁ ଷ୍ଟ୍ରିଟ୍ ଲାଇଟ ଜଳିପାରୁ ନ ଥିଲା। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ଓ ଅଭିଯୋଗ ପରେ ଶନିବାର ସରଣ୍ଡା ମନ୍ଦିର ଛକ ଷ୍ଟ୍ରିଟ୍ ଲାଇଟ ଜାଳିଛି । ଏହା ପୂର୍ବରୁ ୧୩ଟି ସ୍ଥାନର ୧୦ ଷ୍ଟ୍ରିଟ ଲାଇଟ ଜଳିଛି। ଶନିବାର ସରଣ୍ଡାରେ ଜଳିବା ପରେ ବି ବରଗଡ଼ ଜିଲାର ଅତାବିରା ବ୍ଲକ ଶୁକଟାପାଲି ଓ ସୋହେଲା ବ୍ଲକ ଦଶମାଇଲ ଛକ ସମସ୍ତ ସରଞ୍ଜାମ ପ୍ରସ୍ତୁତ ଥିବା ସତ୍ତ୍ୱେ ଏବେ ବି ଅନ୍ଧାର ରହିଛି। ସରଣ୍ଡା ମନ୍ଦିର ଛକରେ ଷ୍ଟ୍ରିଟ ଲାଇଟରେ ବିଦ୍ୟୁତ ସଂଯୋଗ ପାଇଁ ପଣ୍ଡିତ ରାକେଶ ମିଶ୍ରଙ୍କ ପୌରୋହିତ୍ୟରେ ପୂଜାପାଠ କରି ଶୁଭାରମ୍ଭ କରାଯାଇଥିଲା। ଅତାବିରା ବିଦ୍ୟୁତ ବିଭାଗ ଯନ୍ତ୍ରୀ ମନ୍ମଥ ଦାଶ, ୧ ନମ୍ବର ସେକ୍ସନ ଅଫିସର ଶ୍ରଦ୍ଧାନନ୍ଦ ନାୟକ, ଏନ୍‌ଏଚ୍‌ଏଆଇ ଶୋଭା ଯୋଜନାର ଠିକାଦାର କେଶବ ରାଓ, ଲାଇନମ୍ୟାନ ଶଶାଙ୍କ ଶେଖର ନାୟକ, ଏମ୍‌ଆରଟି ଜେଇ ରିଙ୍କୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବରଗଡ଼,୧୦।୨(ପ୍ରେମାନନ୍ଦ ଖମାରୀ)



ଉଦ୍‌ଯାପନୀ ସମାରୋହରେ ସାମିଲ ଅତିଥି, ଛାତ୍ରୀବୃନ୍ଦ।

ବରଗଡ଼ ରାଣାପ୍ରତାପ ସ୍କୁଲରେ ଚାଲିଥିବା ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜ୍ୟୋତ୍ସ୍ନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲ ଅଭିଭାବକ ସଂଘର ବରିଷ୍ଠ ସଦସ୍ୟ ସୁଦର୍ଶନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ଦୃଢ଼ ମନୋବଳ ଓ ଗଭୀର ଆତ୍ମବିଶ୍ୱାସ ଦ୍ୱାରା ସବୁ ସମ୍ଭବ ବୋଲି କହିଥିଲେ। ପ୍ରଶିକ୍ଷିକା ଝରଣା ଦାଶ, ସ୍ନେହଲତା ମହାରଣା ପ୍ରମୁଖ ଯୋଗଦେଇ କିପରି ବିଭିନ୍ନ କୌଶଳ ଅବଲମ୍ବନ କରି ଆତ୍ମରକ୍ଷା ସମ୍ଭବ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନେ ନିଜ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୱାର୍ଡସ୍ତରୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ବରପାଲି,୧୦।୨(ଚିତ୍ତରଞ୍ଜନ ସାହୁ)



ଶିବିରରେ ତାଲିମ ନେଇଥିବା ମହିଳା।

ବରଗଡ ଜିଲା ବରପାଲି ଗଙ୍ଗାଧର କଲ୍ୟାଣ ମଣ୍ଡପରେ ଶନିବାର ମୁକ୍ତା ଯୋଜନାର ସଂଯୋଜକ ପ୍ରଦୀପ କୁମାର ପ୍ରଧାନଙ୍କ ନେତୃତ୍ୱରେ ୱାର୍ଡସ୍ତରୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମୁକ୍ତା ଯୋଜନାରର କାର୍ଯ୍ୟକାରିତା ବିଷୟରେ ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟାମାନଙ୍କ ଦକ୍ଷତା ବୃଦ୍ଧି ଲାଗି ଏହି ତାଲିମ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମୁକ୍ତା ଯୋଜନା ଅଧୀନରେ କାମ କରିଥିବା ଓ କାମ କରିବା ପାଇଁ କାର୍ଯ୍ୟାଦେଶ ପାଇଥିବା ୧୧ଟି ଗୋଷ୍ଠୀରୁ ୩ଜଣ ଲେଖାଏ ୩୩ ଜଣ ସଦସ୍ୟା ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଗତ ୨ ତାରିଖରୁ ଆରମ୍ଭ ହୋଇଛି ଏବଂ ଆସନ୍ତା ୨୯ ତାରିଖରେ ଶେଷ ହେବ। ଏହି କାର୍ଯ୍ୟକ୍ରମ ଅଧୀନରେ ମୋଟ ୧୦୫ଟି ଗ୍ରୁପ୍‌ରୁ ୩୧୫ଜଣ ସଭ୍ୟା ତାଲିମ ପାଇବେ। ଏହି ତାଲିମକୁ ଏନ୍‌ଏସି ଅଧୀନ ୫ଟି ମିଶନ ଶକ୍ତି ଗ୍ରୁପ୍‌ରୁ ୫ଜଣ ସକ୍ରିୟ କର୍ମୀମାନଙ୍କୁ ମାଷ୍ଟର ଟ୍ରେନର ଭାବେ ତାଲିମ ଦିଆଯାଇ ସେମାନଙ୍କୁ ତାଲିମଦାତ୍ରୀ ଭାବେ ନିୟୋଜିତ କରାଯାଇଛି। ଏହି ତାଲିମ ଦ୍ୱାରା ମୁକ୍ତା ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିବ ବୋଲି ଦାୟିତ୍ୱରେ ଥିବା ଯୋଜନାର ପରିଚାଳକ ପ୍ରଦୀପ ପଧାନ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ବନ୍ଧମୁଣ୍ଡା,୧୦।୨(ସୁବ୍ରତ ଦେ):** ବିଶ୍ରା-ବନ୍ଧମୁଣ୍ଡା ମୁଖ୍ୟ ରାସ୍ତାର ଚେକ୍ ଗେଟ ନିକଟରେ ଶୁକ୍ରବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ମନୋହରପୁର ଅଞ୍ଚଳର ପାଞ୍ଚ ପାହିୟା ନିବାସୀ ମୋଜେଶ କିଁବୋ (୨୩)। ବିଶ୍ରା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୮ଟାରେ କିଁବୋ ନିଜ ବାଇକ୍ ଯୋଗେ ରାଉରକେଲା ରେଲୱେ ଷ୍ଟେଶନରୁ ଘରକୁ ଫେରୁଥିବା ବେଳେ ଏକ ଟ୍ରେଲର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବିଶ୍ରା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ହାତୀ ଆକ୍ରମଣରେ ଜଣେ ଗୁରୁତର

**ଲହୁଣୀପଡା, ୧୦।୨, (ଦାଶରଥି ପଣ୍ଡା):** ଲହୁଣୀପଡା ବ୍ଲକ ଦର୍ଜି ପଞ୍ଚାୟତ ଗୌଡୁଣୀପୋଷ ଗ୍ରାମରେ ଦନ୍ତା ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗୌଡୁଣୀପୋଷ ଗ୍ରାମର ରାନ୍ଦ ମୁଣ୍ଡା(୫୫)। ମିଳିଥିବା ସୂଚନା ଅନୁଯାୟୀ, ମୁଣ୍ଡା ଶୁକ୍ରବାର ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ଏକ ଦନ୍ତା ତାଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ତାଙ୍କ ପାଟି ଶୁଣି ଘଟଣା ସ୍ଥଳରେ ପହଞ୍ଚି ଦନ୍ତା କବଳରୁ ତାଙ୍କୁ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ ସୂଚନା ଦେବା ସହିତ ରାଜାମୁଣ୍ଡାସ୍ଥିତ ବାଙ୍କୀ ରେଞ୍ଜକୁ ସୂଚନା ଦେଇଥିଲେ। ଖବର ପାଇ ବାଙ୍କୀ ରେଞ୍ଜ ରାଜାମୁଣ୍ଡା ସେକ୍ସନ ଫରେଷ୍ଟର ରାଜେଶ ଜ୍ୟୋତିଷ, ବନରକ୍ଷୀ ପ୍ରବୀଣ କୁମାର ଆଚାର୍ଯ୍ୟ, ସ୍କ୍ୱାଡ଼ ଦଳ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଆହତ ରାନ୍ଦ ମୁଣ୍ଡାକୁ ପ୍ରଥମେ ଲହୁଣୀପଡା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଫରେଷ୍ଟର ରାଜେଶ ଜ୍ୟୋତିଷଙ୍କୁ ପଚାରିବାରୁ, ସରକାରୀ ନିୟମ ଅନୁଯାୟୀ ସାହାଯ୍ୟ ସହଯୋଗ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ।

### ମକୁନ୍ଦପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବଡ଼ଗାଁ,୧୦।୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ମକୁନ୍ଦପୁର ଗ୍ରାମରେ ଦ୍ୱି ଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ବିଜେଡି ସାଧାରଣ ସମ୍ପାଦକ ଅରୁଣ ଦୀକ୍ଷିତ, ବିଜେଡି ବଡ଼ଗାଁ ବ୍ଲକ ସଭାପତି ଦେବାଶିଷ ମିଶ୍ର, ପୂର୍ବତନ ସରପଞ୍ଚ ଭଗବାନ ଲାକ୍ରା, ବିଜେଡି ଜିଲା ସମ୍ପାଦକ ଅମିୟ ମୁଦୁଲି, ମକୁନ୍ଦପୁର ଗ୍ରାମର ଫ୍ରେଣ୍ଡ୍ କ୍ଲବ ସଭାପତି ସୁନୀଲ କୁମାର ସା ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଟର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଅଜିତ, ଜଗ, ଶିବ,ରିଙ୍କୁ, ଜୟ ଓ ଯୁଗେ ଖେଳ ପରିଚାଳନା କରୁଥିଲାବେଳେ ଆୟୋଜିତ କମିଟିର କର୍ମକର୍ତ୍ତା ଅଜୟ ପଟେଲ, ସନ୍ତୋଷ ଧନୁଆର, ଉଦ୍ଧବ ସା, ବିକାଶ ଭୋଇ, ମୁକ୍ତେଶ୍ୱର ରଣା, ଲେଫା ଭୋଇ, ସୁଧାଂଶୁ ଭୋଇ, ଗଣେଶ ସା ପ୍ରମୁଖ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି। ଚାମ୍ପିୟନ ଟିମ୍‌କୁ ୨୦ ହଜାର ଟଙ୍କା ସହିତ ଟ୍ରଫି, ଉପ ବିଜେତା ଟିମ୍‌କୁ ୧୫ ହଜାର ଟଙ୍କା ସହିତ ଟ୍ରଫି, ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଥିବା ଟିମ୍‌କୁ ୪ ହଜାର ଟଙ୍କା ଲେଖାଏଁ ଓ ଟ୍ରଫି ପ୍ରଦାନ କରାଯିବ।

### ବରିଷ୍ଠ କଳାକାରଙ୍କ ବିୟୋଗ

**ବଡ଼ଗାଁ,୧୦।୨ (ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁର ବରିଷ୍ଠ



କଳାକାର ତଥା ଡ୍ରାମା ନିର୍ଦ୍ଦେଶକ ରାମକୃଷ୍ଣ ସାହୁ (୬୬)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ହୃଦଘାତରେ ବିୟୋଗ ଘଟିଛି। ଗୁରୁତର ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ବଡ଼ଗାଁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ସୁନ୍ଦରଗଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଶିଳ୍ପ ପ୍ରକଳ୍ପ ଅଧିକାରୀ ପଦରୁ ଅବସର ନେଇଥିଲେ। ବଡ଼ଗାଁରେ କଳାର ବିକାଶ ପାଇଁ ତାଙ୍କର ପ୍ରମୁଖ ଅବଦାନ ରହିଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବୀର ମାଡ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ମିଳୁ

**କୁଆଁରମୁଣ୍ଡା,୧୦।୨( ମହେନ୍ଦ୍ର କୁମାର ସାହୁ )**




ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ ମହା ସମାବେଶରେ ଉପସ୍ଥିତ ଅତିଥିମାନେ।

କୁଆଁରମୁଣ୍ଡା ବ୍ଲକ ପଦ୍ମପୁର ଗ୍ରାମରେ ୨ଦିନିଆ ୩୭ତମ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ମହାସଭା ନାଗ୍ରା ସଭାପତି ରଘୁନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାସଭା ଆରମ୍ଭରେ କଳସ ଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହା ପରେ ସମାଜର ମହାପୁରୁଷ ବୀର ମାଡ୍ରି କାଲୋ, ସ୍ୱର୍ଗତ ଲମ୍ବୋଦର ମାଝି, ସ୍ୱର୍ଗତ ଗଜାଧର ମାଝି, ସ୍ୱର୍ଗତ ଦେବାନନ୍ଦ ଅମାତ, ସ୍ୱର୍ଗତ ରଙ୍ଗ ବଲ୍ଲଭ ଅମାତ, ସତ୍ୟନାରାୟଣ ପ୍ରଧାନ, ସ୍ୱର୍ଗତ ବେଣୁ ପ୍ରତାପ ସିଂଙ୍କୁ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କେନ୍ଦ୍ର କମିଟି ସଭାପତି ମେଘନାଦ ନାଏକ, ନାଗରା ସଭାପତି ରଘୁନାଥ ବେହେରା, ଜିଲା ସଭାପତି ଉଦିତ ଅମାତ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ଏଚଟିଏଲ୍ ସଭାପତି ପ୍ରତାପ ନାରାୟଣ ସିଂ, ସାଧରଣ ସମ୍ପାଦକ ଧ୍ରୁବ କାଲୋ, ଉପସଭାପତି ଦେବେନ୍ଦ୍ର ଅମାତ, କେନ୍ଦ୍ର ସମ୍ପାଦକ ରାମ ଚନ୍ଦ୍ର ଅମାତ ପ୍ରମୁଖ ସମାଜର ପତାକା ଉତ୍ତୋଳନ କରିବା ପରେ ମହାସଭା ଆରମ୍ଭ ହୋଇଥିଲା। ନାଗରା ସଭାପତି ରଘୁନାଥ ବେହେରା ଆନୁଷ୍ଠାନିକ ଭାବେ ମହାସଭା ଉଦ୍‌ଘାଟନ କରିଥିଲେ। ମହାସଭାରେ ଓଡ଼ିଶା, ଝାରଖଣ୍ଡ, ଛତିଶଗଡ଼ ରାଜ୍ୟର ସାମାଜିକ ବନ୍ଧୁ ଓ ପ୍ରତିନିଧି ଯୋଗଦେଇ ମହାସଭାରେ ଭୂୟାଁ ସମାଜର ସଂସ୍କୃତି, ପରମ୍ପରା, ଶିକ୍ଷା, ଯୁବ, ମହିଳା ସଂଗଠନର ଉନ୍ନତି ଓ ସମାଜର ସାମୂହିକ ବିକାଶ ସହ ସୁନ୍ଦରଗଡ ଜିଲାର ବିକାଶରେ ଭୂୟାଁ ସମାଜ କେଉଁ ପ୍ରକାର ଭୂମିକା ଗ୍ରହଣ କରିବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇ ଥିଲା। ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ମହା ସମାଜ ତରଫରୁ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ମହା ସମାଜର କେନ୍ଦ୍ର କମିଟି, ଜିଲା କମିଟି ସାଧରଣ ସମ୍ପାଦକ ଗଣେଶ୍ୱର ନାଏକ, ଜଲା କାର୍ଯ୍ୟକାରି ସଭାପତି ନିରଞ୍ଜନ ମାଝି, ପୂର୍ଣ୍ଣ ଚନ୍ଦ୍ର ଗୁରୁ, ଉଦୟ ପ୍ରତାପ ସିଂ, ଭାସ୍କର ନାଏକ, ପ୍ରଦୀପ ବେହେରା, ଖଗେଶ୍ୱର ଅମାତ, ଖିତି ପତି ରାଉତ, ନରୋତ୍ତମ ଅମାତ, ଜୟ କୃଷ୍ଣ ଡନ ସନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କେନ୍ଦ୍ରୀୟ ସମ୍ପାଦକ ରାମ ଚନ୍ଦ୍ର ଅମାତ ମଞ୍ଚ ପରିଚାଳନା କରିଥିଲେ। ଏହି ସଭାରେ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଭୂୟାଁ ସମାଜ ମହିଳା ପୁରୁଷ ଉପସ୍ଥିତ ଥିଲେ।

**ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜର ମହାସଭା**

# ଉପ ଜିଲାପାଳ, ଆୟୁଷଙ୍କ ବାଜିମାତ

**୨ ଦିନିଆ କ୍ୟାରମ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ**

**ବଣାଇଁ,୧୦।୨ (ପ୍ରଦୀପ ତ୍ରିପାଠୀ)**



ସୁନ୍ଦରଗଡ ଜିଲା ବଣାଇଁ କଲ୍ୟାଣ ମଣ୍ଡପ ପରିସରରେ ଶନିବାରଠାରୁ ଦିବାରାତ୍ର ୨ଦିନିଆ ବଣାଇଁ କପ କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌କୁ ମୁଖ୍ୟ ଅତିଥିଭାବେ ବଣାଇଁ ଉପ ଜିଲାପାଳ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବଣାଇଁ କପ ଟୁର୍ଣ୍ଣାମେଣ୍ଟର ସଭାପତି ସାଜନ୍ ମହାରଣା ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଉପଜିଲାପାଳ ସୁରଞ୍ଜନ କୁମାର ସାହୁ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ବରିଷ୍ଠ ଖେଳାଳି ସିରାଜ ଖାନ ଓ ପାର୍ଟନର ଶାନ୍ତନୁ ଦାସଙ୍କ ବିପକ୍ଷରେ ଉପଜିଲାପାଳ ସୁରଞ୍ଜନ ସାହୁ ଓ ୭ବର୍ଷର କୁନି ପାର୍ଟନର ଆୟୁଷ ପାତ୍ରଙ୍କ ମଧ୍ୟରେ ହୋଇଥିଲା। ୭ବର୍ଷର ବାଳକ ଆୟୁଷ ଓ ଉପଜିଲାପାଳଙ୍କ ଯୋଡି ବିଜୟୀ ହୋଇଥିବା ବେଳେ ଚେୟାର ଉପରେ ଛିଡ଼ା ହୋଇ ସିଙ୍ଗଲ୍ ସର୍ଟରେ ଆୟୁଷ ଖେଳ ଶେଷ କରି ଉପସ୍ଥିତ ଦର୍ଶକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଥିଲେ। ଏହି ଖେଳ ପ୍ରଦର୍ଶନ ପାଇଁ ଭବିଷ୍ୟତର ତାରକା ଅଭିହିତ କରି ଉପଜିଲାପାଳ କୁନି ପ୍ରତିଭା ଆୟୁଷକୁ ସମ୍ମାନିତ କରିଥିଲେ। ୨ ଦିନିଆ କ୍ୟାରମ୍ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୪୮ଟି ଡବଲ ଯୋଡି ଅଂଶ ଗ୍ରହଣ କରିବା ସହିତ ନକ ଆଉଟ ପର୍ଯ୍ୟାୟରେ ମ୍ୟାଚ ଗୁଡିକ ଖେଳାଯିବ ବୋଲି ଜଣାପଡିଛି। ମ୍ୟାଚ ରେଫରି ଭାବେ ଗୁଣନିଧି ବେହେରା, ଏମଡି ସମିମ, ବିକାଶ ସାହୁ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି। କ୍ୟାରମ୍ ମ୍ୟାଚ୍ ଖେଳାଳିମାନେ କେମିତି ନିଜର ନିଜସ୍ୱ ପ୍ରାକ୍ଟିସ୍ କରିବେ ତାର ବ୍ୟବସ୍ଥା କରାଯିବ ବୋଲି ଉପଜିଲାପାଳ ବକ୍ତବ୍ୟରେ ଖେଳାଳିଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ପରମେଶ୍ୱର ପାତ୍ର,ରଞ୍ଜିତ ମୁଣ୍ଡା, ଅଶୋକ ଶେଠ,ତପନ ସାହୁ, ପିଣ୍ଟୁ ପ୍ରଧାନ, ଶଙ୍କର ସାହୁ, ଏମ ଡି ତନବୀର ସହଯୋଗ କରୁଛନ୍ତି । ଏହି ଟୁର୍ଣ୍ଣାମେଣ୍ଟ ଦେଖିବାକୁ ବହୁ ଦର୍ଶକଙ୍କ ଭିଡ ଲାଗି ରହିଛି।



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀବୃନ୍ଦ।

# ଜଙ୍ଗଲ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ

**ବଣାଇଁ,୧୦।୨(ପ୍ରଦୀପ ତ୍ରିପାଠୀ)**

ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବଣାଇଁ ବନଖଣ୍ଡ କାର୍ଯ୍ୟାଳୟରେ ରାଉରକେଲା ମଣ୍ଡଳ ସ୍ତରୀୟ ଏକ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ମଣ୍ଡଳ ଅଧିନରେ ଆସୁଥିବା ୩ ଜିଲା ଯଥା ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଏବଂ ୨ଟି ଉପଖଣ୍ଡ ବଣାଇଁ ଏବଂ ରାଉରକେଲାର ବନଖଣ୍ଡ ଅଧିକାରୀ, ଉପଜିଲାପାଳ ଏବଂ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନେଇ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ପ୍ରଧାନ ମୁଖ୍ୟ ସଂରକ୍ଷକ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇଥିଲେ। ଜଙ୍ଗଲ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ଜଙ୍ଗଲ ଜମିର ବ୍ୟବହାର ଓ ନିଷ୍ପତ୍ତି ସମର୍ଥନ ପ୍ରଣାଳୀ ଉପରେ ଉନ୍ନତ ଜ୍ଞାନ କୌଶଳ ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ବିକଶିତ ଆପକୁ ଉପଯୋଗ କରି କାର୍ଯ୍ୟକୁ ସଫଳତାର ସହ ସମ୍ପାଦନା କରିବା ଉପରେ ବିସ୍ତୃତ ଭାବେ ଆଲୋଚନା କରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସରକାରୀ ନଥିପତ୍ରରେ ରେକର୍ଡ ଭୁକ୍ତ ଜଙ୍ଗଲ ଜମିକୁ କେବଳ କାଗଜ ପତ୍ରରେ ଛାଡି ନ ଦେଇ ଜିପିଏସ ମାଧ୍ୟମରେ ଚିହ୍ନଟ କରି ଡିଜିଟାଲ ମ୍ୟାପ ପ୍ରସ୍ତୁତି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ଅରୁଣ କୁମାର ମିଶ୍ର, ପ୍ରବେଶନର ଆଇଏଏସ୍ ପ୍ରହଲ୍ଲାଦ ନାରାୟଣ ଶର୍ମା, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ଦୋଦାଶ ମିରାସେ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ, ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ବଣାଇଁ ଉପଜିଲାପାଳ ସୁରଞ୍ଜନ କୁମାର ସାହୁ, ଦେବଗଡ଼ ଉପଜିଲାପାଳ ପରୀକ୍ଷୀତ ସାହୁ, ଜିଲାର ସମସ୍ତ ତହସିଲଦାର,ଏସିଏଫ ଏବଂ ରେଞ୍ଜ ଅଧିକାରୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।

### ଆମ ଓଡିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନ ଶିବିର

**ନୂଆଗାଁ,୧୦।୨(ବିଜୟ ତ୍ରିପାଠୀ)**

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଉରମେଇରେ ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ବିଶ୍ୱାସି ଟପ୍ପୋ, ଏସଡିସି ଉପାଧ୍ୟକ୍ଷ ସୁଶିଲା ଟପ୍ପୋ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ସୁଶ୍ରୀ ଏମ୍ମା ଏକ୍କା, ସଭାପତି ଦିଗାମ୍ବର ଦାସ, ପୂର୍ବତନ ବ୍ଲକ ଅଧକ୍ଷ ମୋଖଲୁ ଏକ୍କା, ଜିଲା ପରିଷଦ ଜ୍ୟୋତି ଟେଟେ, ସାମାଜିକ କର୍ମୀ ମହେନ୍ଦ୍ର ବଡ଼ାଇକ, ଚିତାପେଡି ସରପଞ୍ଚ ଏତ ଖାଖା, ସମିତି ସଭ୍ୟ ଲିଚୁନ ସିଂ, ଏସଡିସି ସଦସ୍ୟ ହିମାଂଶୁ ପଣ୍ଡା, ହିମାଂଶୁ ତ୍ରିପାଠୀ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଲେ। ଏହି କାର୍ଯ୍ୟକ୍ରମରେ ଉରମେଇ ସରପଞ୍ଚ ସଭାପତିତ୍ୱ କରିଥିଲେ। ଅତିଥିମାନେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇବା ସହିତ କିଭଳି ଭାବେ ଆହୁର ଅଧିକ ସୁବିଧା ପାଇ ପାରିବେ ସେ ବିଷୟରେ ଆଲୋଚନା କରିଲେ। କାର୍ଯ୍ୟକ୍ରମରେ ପିଇଓ ଶାନ୍ତା ମୟୂରୀ, ଜିଆରଏସ୍ ରିତା ସାହୁ, ଜେଇ ସ୍ୱପ୍ନା ବାରିକ, ସମସ୍ତ ୱାର୍ଡ ମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଏସଡିସି ମେମ୍ବର ହିମାଂଶୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଗପ କହି ଛାତ୍ରୀଛାତ୍ରଙ୍କ ମନ ମୋହିଲେ ଶିକ୍ଷାଧିକାରୀ



**ନୂଆଗାଁ,୧୦।୨(ବିଜୟ ତ୍ରିପାଠୀ)**

ନୂଆଗାଁ ବ୍ଲକ ସୋରଡ଼ା କ୍ଲଷ୍ଟର ସୋରଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସିଂହ, ହରିଣ ଗପକହି ସେମାନଙ୍କ ମନ ଜିଣିଥିଲେ। ସମ୍ମାନିତ ଅତିଥିଭାବେ ସୋରଡ଼ା ସରପଞ୍ଚ ଅନୁଗ୍ରହ ଯୋଜ, ବ୍ଲକର ସହକାରୀ ଶିକ୍ଷା ଅଧିକାରୀ ସୁପ୍ରଭା ପତି, ସୋରଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଲା ଏକ୍କା, ସିଆର୍‌ସିସି ଅଜୟ କୁମାର ସେଠୀ, ଶିକ୍ଷାବିତ ବଳରାମ ପଣ୍ଡା ପ୍ରମୁଖ ଯୋଗଦେଇ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତିତା ହେବାକୁ ପରାମର୍ଶ ଦେବା ସହ ବିଦ୍ୟାଳୟରେ ଉତ୍ତମ ତଥା ଶୈକ୍ଷିକ ପରିବେଶ ସୃଷ୍ଟି କରିବାକୁ କହିଥିଲେ। ପ୍ରଧାନ ଶିକ୍ଷକ କାମିଲ ତିର୍କୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷକ ଡେଭିଡ ଲୁଗୁନ୍ ଓ ଭୁବନେଶ୍ୱର ମାହତଙ୍କ ଦ୍ୱାରା ପରିଚାଳିତ ଏହି ଉତ୍ସବରେ ଶିକ୍ଷକ ଫାନୁଏଲ ଲାକ୍ରା, ଦେବକୀ ମାହତ, ନଜମା ଖାତୁନ, ରେବତୀ ତ୍ରିପାଠୀ, ଭାନୁଲତା ନାଏକ, ମେଡଲୀନ ଦୀପ୍ତି କେର୍କେଟା, ପ୍ରମିଳା ଟୋପ୍ପ ଓ ଶିକ୍ଷା କମିଟିର ସମସ୍ତ ସଦସ୍ୟ ଓ ଅଭିଭାବକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ପରେ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ କ୍ରୀଡାପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

# ଚୋରା ମାଙ୍ଗାନିଜ ଗାଡ଼ି ଜବତ

**ଟେନ୍‌ସା,୧୦।୨(ସମୀର କୁମାର ପାଢ଼ୀ)**

କୋଇଡା ରେଞ୍ଜ ଅନ୍ତର୍ଗତ ଗଣୁଆଁ ବିଟ୍ ହାଉସ୍ କେନାଭେଟା ଅଞ୍ଚଳରେ ୪ ଚୋରା ମାଙ୍ଗାନିଜ ଗାଡି ଜବତ କରିଛି କୋଇଡା ବନ ବିଭାଗ। ଏଥିସହ ଚୋରିରେ ବ୍ୟବହୃତ ୧୦ଟି ଗାମଲା ଓ ୫ଟି ରାମ୍ପା ଜବତ ହୋଇଛି। ୪ ଟି ଗାଡିରୁ ୧୬ ଟନ୍ ମାଙ୍ଗାନିଜ ଜବତ ହୋଇଥିବା ଜଣାପଡିଛି। ଘଟଣା ସ୍ଥଳରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ମାଙ୍ଗାନିଜ ଚୋରା ଚାଲାଣ ହେଉଥିବା ନେଇ ବନବିଭାଗ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ମାଙ୍ଗାନିଜ ଚୋରା ଚାଲାଣରେ ବ୍ୟବହୃତ ୨ ପିକଅପ୍ , ୧ଟି ଟିପର୍ ଓ ୧ ଟି ୧୪ ଚକିଆ ଟ୍ରକ୍ ଜବତ କରିଥିଲା। ଏନେଇ ବନବିଭାଗ ଏକ ମାମଲା ନଂ ୦୧୯୫୯୦୪/୨୭୧୭/୮୮୫ (ଏ) ନଂ ୧୫୨କେ ରୁଜୁ କରିଛି।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ ଗିରଫ

**ମୁରିବାହାଲ, ୧୦।୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଗୁଡିଘାଟ ଗ୍ରାମର ଜଣେ ଆଦିବାସୀ ଯୁବତୀ(୧୯)ଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରନ୍ଦର ବିଶି(୪୫)। ପୀଡ଼ିତାଙ୍କ ଏତଲା ଆଧାରରେ ଥାନାରେ ଦଫା ୩୭୬ (୨) (ଏନ), ୪୧୭, ୫୦୬ରେ ଏକ ମାମଲା(ନଂ.୪୪/୨୪) ରୁଜୁ କରି ଶନିବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ କହିଛନ୍ତି। ଅଭିଯୋଗ ଅନୁସାରେ ପୁରନ୍ଦର ବିବାହର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ଯୁବତୀଙ୍କ ସହ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖି ଆସିଥିଲେ। ବିବାହ କଥା କହିଲେ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ।

# ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

**ବଡ଼ଗାଁ,୧୦।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଦଶରଥ ନାଏକ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡାଲମିଆ କଲେଜର ଶେଷ ବର୍ଷ ଛାତ୍ରୀ ମମତା ନାଏକ ଓ ନିଶିତା ବାର୍ଲା ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ଛାତ୍ରୀଙ୍କୁ ୭ଦିନ ଧରି ଆତ୍ମ ସୁରକ୍ଷା କୌଶଳ ତାଲିମ୍ ଦେଇଥିଲେ ଓ ନିୟମିତ ଅଭ୍ୟାସ କରିବାକୁ ପ୍ରବର୍ତ୍ତାଇଥିଲେ। ଅଧ୍ୟକ୍ଷ ନାଏକ ଆତ୍ମରକ୍ଷା କୌଶଳର ପ୍ରାସଙ୍ଗିକତା ଓ ଆବଶ୍ୟକତା ଉପରେ ବୁଝାଇ ଥିଲେ। ତାଲିମପ୍ରାପ୍ତ ଛାତ୍ରୀ ଓ ମାଷ୍ଟର ଟ୍ରେନର ମାନେ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଭାଗୀୟ ସଂଯୋଜକ ଅଧ୍ୟାପକ ନୀରୋଜ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।




ମାଷ୍ଟର ଟ୍ରେନର ଛାତ୍ରୀଙ୍କୁ ତାଲିମ୍ ସମ୍ପର୍କରେ ବୁଝାଉଛନ୍ତି।

# ବାଉଁଶ ଚାଷ ଜରିଆରେ ସ୍ଥାୟୀ ଜୀବିକାର ପ୍ରସାର

**ସୁନ୍ଦରଗଡ, ରାଜଗାଙ୍ଗପୁର ୧୦।୨**
**(ଜୟ ନାରାୟଣ ମେଣ୍ଟୁଲ/ ଅଶୋକ ପାଣି)**




ମାଷ୍ଟର ଟ୍ରେନର ଛାତ୍ରୀଙ୍କୁ ତାଲିମ୍ ସମ୍ପର୍କରେ ବୁଝାଉଛନ୍ତି।

ଅଗ୍ରଣୀ ଭାରତୀୟ ସିମେଣ୍ଟ କମ୍ପାନୀ ଓ ଡାଲମିଆ ଭାରତ ଲିମିଟେଡ୍‌ର ସହାୟକ ସଂସ୍ଥା ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ (ଡିସିବିଏଲ୍) ପକ୍ଷରୁ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ସହଯୋଗିତାରେ ସୁନ୍ଦରଗଡ଼ର ଆଖପାଖ ଅଞ୍ଚଳରେ ବାଉଁଶ ଚାଷ ଜରିଆରେ ସ୍ଥାୟୀ ଚାଷ ଅଭ୍ୟାସ ଓ ଜୀବନଜୀବିକାର ପ୍ରସାର ପାଇଁ ଏକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ଜରିଆରେ ଚାଷୀମାନେ ବାଉଁଶର ବାଏବ୍ୟାକ୍ ଜରିଆରେ ଉପକୃତ ହେବେ। ସେମାନେ ନାବାର୍ଡ ଅଧୀନରେ ପଞ୍ଜୀକୃତ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଜରିଆରେ ମୂଲ୍ୟବାନ ପନିପରିବା ବଜାରରେ ପହଞ୍ଚାଇପାରିବେ। ଯାହା ଦ୍ୱାରା ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ଓ ନିରନ୍ତର ଆୟ ଉତ୍ସ ସୁନିଶ୍ଚିତ ହୋଇପାରିବ। ବାଉଁଶ ଚାଷ ପରିବେଶ ଓ ସମାଜକୁ ବହୁ ପ୍ରକାର ସୁବିଧା ପ୍ରଦାନ କରେ। ନାବାର୍ଡର ଡିଡିଏମ୍ ତାପସ କୁମାର ବେହେରା ଓ ଡିସିବିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ରାଜଗାଙ୍ଗପୁର ୟୁନିଟ୍ ମୁଖ୍ୟ ଶ୍ରୀ ଚେତନ ଶ୍ରୀବାସ୍ତବଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀଙ୍କୁ ବାଉଁଶ ଚାରା ମଧ୍ୟ ପ୍ରଦାନ କରାଯାଇଛି। ଅଲଣ୍ଡାରେ ଏହି ପ୍ରକଳ୍ପ ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନାବାର୍ଡର ଡିଡିଏମ୍ ପ୍ରକଳ୍ପର ଲକ୍ଷ୍ୟ ଓ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ। ଏହି ଅଭିଯାନ ସମ୍ପର୍କରେ ଚେତନ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ରାଜଗାଙ୍ଗପୁର ୟୁନିଟ୍ ମୁଖ୍ୟ ଡିସିବିଏଲ୍ କହିଛନ୍ତି ଯେ, ଡାଲମିଆ ସିମେଣ୍ଟରେ ଆମେ ଆମ କାର୍ଯ୍ୟକ୍ଷେତ୍ର ଅଞ୍ଚଳର ସମାଜର ସ୍ଥାୟୀ ବିକାଶ ଓ ଅନ୍ତର୍ଭୁକ୍ତ କରଣ ଅଭିବୃଦ୍ଧି ପାଇଁ ପ୍ରତିବଦ୍ଧ ରହିଛୁ। ନାବାର୍ଡ ସହିତ ଆମ ସହଯୋଗିତା ଜରିଆରେ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ଲାଗି ବାଉଁଶ ଚାଷ ପାଖରେ ଥିବା ବ୍ୟାପକ ସମ୍ଭାବନାକୁ ବ୍ୟବହାର କରି ଆମେ କୃଷିରେ ସବୁଜ ବିପ୍ଳବର ବାର୍ତ୍ତାବହ ହେବାକୁ ଲକ୍ଷ୍ୟ ରଖିଛୁ। ଏହି ଅଭିଯାନ ଅଧୀନରେ ଚାଷୀମାନେ ଉତ୍ପାଦନକାରୀରେ ପରିଣତ ହୋଇପାରିବେ। ଯାହା ସମାଜରେ ଆର୍ଥିକ ସମୃଦ୍ଧିକୁ ଆଗକୁ ବଢ଼ାଇବ।

# ଲୁହାପଥର ଗୁଣ୍ଡ ଚୋରା ଚାଲାଣ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଉ

ଦେବଗଡ଼, ୧୦।୨ (ଶଶାଙ୍କ ଶେଖର ଝାଙ୍କର)

ଲୁହାପଥର ଗୁଣ୍ଡ ଚୋରାଚାଲାଣବେଳେ ଦେବଗଡ଼ ଜିଲା ବାରକୋଟ ଥାନା ପୋଲିସ ଜଣେ କନ୍‌ଷ୍ଟେବଲଙ୍କ ସମେତ ୪ ଜଣଙ୍କୁ ଗିରଫ କରିଥିଲା। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଜଣେ କନ୍‌ଷ୍ଟେବଲ ଧରାପଡ଼ି ଗିରଫ ହେଲେ ମଧ୍ୟ ଏହି ଘଟଣାର ପଛରେ ଆଉ କେଉଁ ପୋଲିସ କର୍ମଚାରୀଙ୍କ ହାତ ରହିଛି କି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି। ତେଣୁ ଏହି ଘଟଣାକୁ ହାଲକା ଭାବେ ନ ନେଇ ପୋଲିସର ଉଚ୍ଚ ଅଧିକାରୀ ଏହାର ତଦନ୍ତ କଲେ ଆହୁରୀ କିଛି ରହସ୍ୟ ବାହାରିବ ଏବଂ ଏହାର ଚେର କେତେଦୂର ପର୍ଯ୍ୟନ୍ତ ଲମ୍ବିଛି ତାହା ଜଣାପଡ଼ିବ ବୋଲି ଚର୍ଚ୍ଚା ହେଉଛି। ଖଣି ବିଭାଗ ଦ୍ୱାରା ଜବତ ହେବା ପରେ ଲୁହାପଥର ଗୁଣ୍ଡ ଦୀର୍ଘ ୧୬ ବର୍ଷ ଧରି ଗଚ୍ଛିତ ହୋଇ ରହିଥିଲା। ସେଥିରୁ ଲୁହାପଥର ଗୁଣ୍ଡ ବାରମ୍ବାର ଚୋରା ଚାଲାଣ ହେଉଥିଲା। ବାରକୋଟ ଥାନାଠାରୁ ଅଳ୍ପ ଦୂରରେ ଗଚ୍ଛିତ ଥିବା



ବାରକୋଟ ଥାନା ପୋଲିସ ଦ୍ୱାରା ଗିରଫ ୪ ଅଭିଯୁକ୍ତ।

ଏହି ଲୁହାପଥର ଗୁଣ୍ଡ ଚୋରା ଚାଲାଣ ହେଉଥିବାବେଳେ ପୋଲିସ ଜାଣିପାରୁ ନ ଥିଲା କେମିତି ବୋଲି ପ୍ରଶ୍ନ ଉଠୁଛି। ସୁନ୍ଦରଗଡ଼ ଜିଲା ବଣାଇ ଜେଲରେ କାର୍ଯ୍ୟରତ ଜକେଇକେଲା ଗ୍ରାମର କନ୍‌ଷ୍ଟେବଲ ସତ୍ୟାନନ୍ଦ ବେହେରା ସହ ୪ ଜଣଙ୍କୁ ପୋଲିସ ଗିରଫ କରିଛି। ଅନ୍ୟ ଜିଲାରୁ ଆସି ଜଣେ ପୋଲିସ କର୍ମଚାରୀ ଚୋରା କାରବାର ଚଳାଉଥିଲେ କେଉଁ ସାହାସରେ। ସ୍ଥାନୀୟ କୌଣସି ପୋଲିସ କର୍ମଚାରୀଙ୍କ ପରୋକ୍ଷ ସମ୍ପୃକ୍ତି ରହିଛି କି ବୋଲି ପ୍ରଶ୍ନ ଉଠୁଛି। ତେଣୁ ଏହି ସବୁ ପ୍ରଶ୍ନ ପଛରେ ଯଦି କିଛି ସତ୍ୟତା ଥିବ ତାହାହେଲେ ଉଚ୍ଚ ପୋଲିସ ଅଧିକାରୀ ତଦନ୍ତ କଲେ ନିଶ୍ଚୟ ଜଣାପଡ଼ିବ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଗୁରୁବାର ରାତିରେ ଚୋରା ଚାଲାଣ ଘଟଣା ଧରାପଡ଼ିଥିଲା। ଶୁକ୍ରବାର ଯେତେବେଳେ ଗଣମାଧ୍ୟମ ପ୍ରତିନିଧି ଘଟଣା ସମ୍ପର୍କରେ ବୁଝିବାକୁ ଚେଷ୍ଟା କରିଥିଲେ ସେତେବେଳେ ପୋଲିସ ଅଧିକାରୀ ଘଟଣାର ତଥ୍ୟ

**ଲୁହାପଥର ଗୁଣ୍ଡ ଚୋରା ଚାଲାଣବେଳେ କନ୍‌ଷ୍ଟେବଲଙ୍କ ସମେତ ୪ ଗିରଫ ଘଟଣା**
- ଘଟଣା ପଛରେ ଜଣେ ପୋଲିସ କର୍ମଚାରୀଙ୍କ ସମ୍ପୃକ୍ତି ନା ଅନ୍ୟମାନେ ବି ଅଛନ୍ତି
- ବାରକୋଟ ଥାନାଠାରୁ ଅଳ୍ପ ଦୂରରେ ଚୋରା ଚାଲାଣ ଚାଲି ଆସୁଥିବାବେଳେ ପୋଲିସ ଜାଣିପାରୁ ନ ଥିଲା କେମିତି

ଦେବାକୁ ବିଳମ୍ବ କରିଥିଲେ। ଗୁରୁବାର ବିଳମ୍ବିତ ରାତିରେ ସତ୍ୟାନନ୍ଦଙ୍କ ସହ ଅନ୍ୟ ଅଭିଯୁକ୍ତ ବାରକୋଟ ଥାନା ବଲଣ୍ଡା ଗ୍ରାମର ସାଗର ସାହୁ, ବଣାଇ ଥାନା ଅନ୍ତର୍ଗତ ଜକେଇକେଲା ଗ୍ରାମର ଅଜିତ୍ କୁମାର ସାହୁ ଓ କେନ୍ଦୁଝର ଜିଲା ସ୍ୱାନ୍‌ପାଟଣା ଥାନା ଅନ୍ତର୍ଗତ କୁଆପୋଷି ଗ୍ରାମର ଯୁଧିଷ୍ଠିର ମହାନ୍ତ ଏକ ବୋଲେରୋ ଯୋଗେ ବାରକୋଟ ଥାନା ଅନ୍ତର୍ଗତ ରଞ୍ଜ ଗ୍ରାମରେ ପହଞ୍ଚିଥିଲେ। ପରେ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଲୁହାପଥର ଗୁଣ୍ଡ ଗଦାରୁ ଏକ ଜେସିବି ଦ୍ୱାରା ଲୁହାଗୁଣ୍ଡ ଉଠାଇ ଏକ ୧୮ ଚକିଆ ଟ୍ରକ୍‌ରେ ଭର୍ତ୍ତି କରୁଥିଲେ। ଏ ସମ୍ପର୍କରେ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ରାମପ୍ରସାଦ ସାହୁ ସୂଚନା ପାଇ ସେଠାରେ ଚଢ଼ାଉ କରିବାକୁ ବାରକୋଟ ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବାରକୋଟ ଥାନା ପୋଲିସ ଆଗରୁ କାହିଁକି ଚଢାଉ କରିପାରୁ ନ ଥିଲା। ଚୋରା ଚାଲାଣ ପୋଲିସ ଜାଣିପାରୁ ନ ଥିଲା ନା ଆଉ କେହି ପୋଲିସ କର୍ମଚାରୀ ସାମିଲ ଥିବାରୁ ଜାଣି ଜାଣି ଚୋରା ଚାଲାଣକୁ ପ୍ରୋତ୍ସାହିତ କରାଯାଉଥିଲା। ବଡ଼ଟ୍ରକ୍‌ରେ ଲହାପଥର ଗୁଣ୍ଡ ଭର୍ତ୍ତି କରିବା ଅଳ୍ପ ସମୟର କାମ ନୁହେଁ, ଏହାକୁ ଭର୍ତ୍ତି କରିବାକୁ କିଛି ସମୟ ଲାଗୁଥିବ। କିନ୍ତୁ ବାରକୋଟ ପୋଲିସ କଣ କିଛି ସୂଚନା ପାଉ ନ ଥିଲା। ରାତିକାଳୀନ ପାଟ୍ରୋଲିଂବେଳେ କଣ ପୋଲିସ ହାବୁଡ଼ରେ ଏହି ଚୋରା ଚାଲାଣ ପଡ୍ରୁ ନ ଥିଲା। ଏସବୁ ଅନେକ ପ୍ରଶ୍ନ ବୁଦ୍ଧିଜୀବୀମାନଙ୍କ ମନରେ ଉଙ୍କି ମାରୁଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଦେବଗଡ଼ ଏସ୍‌ପି ଏହି ଘଟଣାର ତଦନ୍ତ କରନ୍ତୁ ବୋଲି ଦେବଗଡ଼ର ବୁଦ୍ଧିଜୀବୀ ମତ ଦେଇଛନ୍ତି। ଘଟଣାର ଗୁରୁତ୍ୱ ଥିବାରୁ ତଦନ୍ତ ଆଗଉଛି ନା ଏଠାରେ ପୂର୍ଣ୍ଣଚ୍ଛେଦ ପଡୁଛି ତାହା ଆଗକୁ ଜଣାପଡ଼ିବ।

## ଜମିବାଡ଼ି ବିବାଦ: ପୁତୁରା ଟାଙ୍ଗିଆ ଚୋଟରେ କକା ଗୁରୁତର

ବେଲପଡ଼ା, ୧୦।୨ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଜମାଯୁରି ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ରକରି ଶନିବାର ପୁତୁରା ଟାଙ୍ଗିଆ ଚୋଟରେ କକା ଗୁରୁତର ହୋଇଛନ୍ତି। ଆକ୍ରମଣର ଶିକାର କୁମର ସାହୁ (୫୦) ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। କୁମରଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘଦିନ ହେଲା ଭାଇ କୁନ୍ଦୁରୁ ସାହୁଙ୍କ ସହିତ ତାଙ୍କର ଜମିବାଡ଼ିକୁ ନେଇ ବିବାଦ ରହିଛି। ଶନିବାର ମଧ୍ୟାହ୍ନରେ ଭାଇ କୁନ୍ଦୁର ସାହୁଙ୍କ ପୁଅ କାହ୍ନୁ(୪୦) ଓ କାହ୍ନୁଙ୍କ ପୁଅ ତାଙ୍କ ଘରକୁ ଆସି ଗାଳିଗୁଲଜ କରିଥିଲେ। ଅଧିକ ଉତ୍ତ୍ୟକ୍ତ ହୋଇ ତାଙ୍କ ଘରକୁ ଢେଲା ପଥର ମାଡ଼ କରିଥିଲେ। ସେ ଏହର ପ୍ରତିବାଦ କରିବାରୁ କାହ୍ନୁ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ କାହ୍ନୁଙ୍କ ପୁଅ ଏକ ଠେଙ୍ଗାରେ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କୁ ଆକ୍ରମଣ କରି ସେଠାରୁ ପଳାଇ ଯାଇଥିଲେ। ଗୁରୁତର ଆହତ କୁମରଙ୍କୁ ବେଲପଡା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ସୁଶାନ୍ତ ଦାସ କହିଛନ୍ତି।

## ସଂକ୍ଷେପରେ

### କୁଚିଣ୍ଡା କଲେଜରେ ଆତ୍ମରକ୍ଷା ତାଲିମ ଶିବିର

କୁଚିଣ୍ଡା, ୧୦।୨ (ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜରେ ଯୁକ୍ତଦୁଇ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଆରମ୍ଭ ହୋଇଛି। ଏହାକୁ କଲେଜ ଅଧକ୍ଷା ସୁଚିତ୍ରା ମିଶ୍ର ଉଦ୍‌ଘାଟନ କରି ଆତ୍ମରକ୍ଷା ତାଲିମର ଆବଶ୍ୟକତା ଉପରେ ଆଲୋଚନାକରି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆତ୍ମରକ୍ଷା ତାଲିମ ଶିବିର ସଂଯୋଜିକା ଅଧାପିକା ବେଲମତି କୁମୁରା ପରିଚାଳନା କରିଥିଲେ। ଅଧାପିକା ମଞ୍ଜୁଶ୍ରୀ ଦାସ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମାଷ୍ଟର ଟ୍ରେନର ସୁଜାତା ଭୋଇ ଓ ଉପାଶି ନାଏକ ୮ ଦିନ ଧରି ତାଲିମ ଦେବାର କାର୍ଯ୍ୟକ୍ରମ ରହିଛି।

### ୯୦ ଲିଟର ମଦ ଜବତ, ଜଣେ ଗିରଫ

ଲୋଇସିଂହା, ୧୦।୨ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ମଦ କାରବାର କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ମନୁପାଲି ଗ୍ରାମର ଜୟଲାଲ ମେହେର(୫୫)। ତାଙ୍କଠାରୁ ୯୦ ଲିଟର ମଦ ଜବତ କରାଯଇଛି। ଏନେଇ ଥାନାରେ ଏକ ମାମଲା(୩୩/୨୪)ରୁଜୁ କରାଯାଇ ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ବାସୁଦେବ ଭୋଇ କହିଛନ୍ତି। ଜୟଲାଲ ବେଆଇନ ମଦ କାରବାର କରୁଥିବା ନେଇ ଅଭିଯୋଗ ହେବା ପରେ ଆଇଆଇସି ଭୋଇଙ୍କ ନେତୃତ୍ୱରେ ଟିମ୍ ଚଢାଉ କରିଥିଲା। ତାଙ୍କଠାରୁ ୪୯୦ମଦ ପାଉଚ(୭୪ଲିଟର) ଏବଂ ବାକି ରନ୍ଧାମଦ ଏପରି ୯୦ ଲିଟର ମଦ ଜବତ କରାଯାଇଛି ।

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ, ୧୦।୨ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣାମୁଣ୍ଡା ହାଇସ୍କୁଲ ଖେଳ ପଡିଆରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବୈଦ୍ୟନାଥ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ, ଜିପିଇଓ ପରମେଶ୍ୱର ନାଏକ, ପିଇଓ ପୃଥ୍ୱୀରାଜ ରାଉତ, ଯୋଗାଣ ସହାୟିକା ସୁଜାତା ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗ ତରଫରୁ ସଫଳ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। ସେହିପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ କୃଷି, ଉଦ୍ୟାନ, ଜଙ୍ଗଲ, ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତିରାଜ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଜିଆର୍‌ଏସ ନୀଳମଣି ଜାଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବଣମଲ୍ଲୀ ନ ହୋଇ ବଗିଚାମଲ୍ଲୀ ହେବାକୁ ପରାମର୍ଶ



ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

କୁଚିଣ୍ଡା, ୧୦।୨ (ବିରଞ୍ଚି ଦର୍ଚ୍ଚା)

**ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ସମ୍ବଲପୁର ଜିଲା କୁଚିଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଚକ୍ରଧର ମାଝିଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅନିଭା ନାୟକ ମୁଖ୍ୟ ଅତିଥି, ଫାସିମାଲ ଆଞ୍ଚଳିକ କଲେଜ ଅଧକ୍ଷା ଜ୍ୟୋସ୍ନାରାଣୀ ଦଳବେହେରା ମୁଖ୍ୟବକ୍ତା, ଅବସରପ୍ରାପ୍ତ କଲେଜ ଅଧକ୍ଷ ରଞ୍ଜନ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ସାହୁ, ପରିଚାଳନା କମିଟି ସଭାପତି ନରେନ୍ଦ୍ର ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଗଣ ଛାତ୍ରୀଛାତ୍ରଙ୍କୁ ବଣମଲ୍ଲୀ ନ ହୋଇ ବଗିଚାମଲ୍ଲୀ ହୋଇ ଭଲ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଜୁଲି ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସମୀକ୍ଷା ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିଗଣ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ସୁଦୀପ୍ତା ମହାରଣା ଧନ୍ୟବାଦ ଦେଇ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ ଗିରଫ

ମୁରିବାହାଲ, ୧୦।୨ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଗୁଡିଘାଟ ଗ୍ରାମର ଜଣେ ଆଦିବାସୀ ଯୁବତୀ(୧୯)ଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରନ୍ଦର ବିଶି(୪୫)। ପୀଡ଼ିତାଙ୍କ ଏତଲା ଆଧାରରେ ଥାନାରେ ଦଫା ୩୭୬ (୨) (ଏନ), ୪୧୭, ୫୦୬ରେ ଏକ ମାମଲା(ନଂ.୪୪/୨୪) ରୁଜୁ କରି ଶନିବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ କହିଛନ୍ତି। ଅଭିଯୋଗ ଅନୁସାରେ ପୁରନ୍ଦର ବିବାହର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ଯୁବତୀଙ୍କ ସହ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖି ଆସିଥିଲେ। ବିବାହ କଥା କହିଲେ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ। ଅନ୍ୟ ଏକ ଘଟଣାକ୍ରମରେ ଗତ ଗତ ଜାନୁଆରୀ ୫ତାରିଖରେ ପୁରନ୍ଦର ସମ୍ପୃକ୍ତ ଯୁବତୀଙ୍କୁ ଗାଁରୁ ନେଇ କୁଆଡେ ଯାଇଥିଲେ। ନୂଆପଡ଼ା ଜିଲା ତିଖାଲି ଡ୍ୟାମକୁ ନେଇ ବୁଲାବୁଲି କରିବା ସହ ନିକଟସ୍ଥ ଜଡ଼ାମୁଡ଼ା ଗାଁରେ ସମ୍ପୃକ୍ତା ଯୁବତୀଙ୍କୁ ନେଇ ରଖିଥିଲେ। ସେଠାରେ ରହିବା ସମୟରେ ଶାରୀରିକ ସମ୍ପର୍କ ରଖିଥିଲେ। ସେଠାରେ ଥିବାବେଳେ ପୁରନ୍ଦରଙ୍କ କେତେଜଣ ସମ୍ପର୍କୀୟ ଜଡାମୁଡାରେ ପହଞ୍ଚି ସମ୍ପୃକ୍ତା ଯୁବତୀଙ୍କୁ ଆଣି ଗୁଡିଘାଟ ଗ୍ରାମ ଗ୍ରୀଡ ପାଖରେ ଛାଡି ଦେଇଥିଲେ। ଯୁବତୀ ଜଣକ ଘରକୁ ଫେରି ସବୁ କଥା ପରିବାର ଲୋକଙ୍କୁ ଜଣାଇଥିଲେ। ଘର ଲୋକ ପୁରନ୍ଦରଙ୍କୁ ବିବାହ ପାଇଁ କହିଥିଲେ ହେଁ ସେ ଆଉ ଧରାଛୁଆଁ ଦେଇ ନ ଥିଲେ।

## ଜାତୀୟ କୃମିନାଶ ଦିବସ ପାଳିତ

ଦେବଗଡ଼, ୧୦।୨ (ଶଶାଙ୍କ ଶେଖର ଝାଙ୍କର)

ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲରେ ଜାତୀୟ କୃମିନାଶକ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ କୃମିନାଶକ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବାସହ ସଠିକ ସମୟରେ କୃମିନାଶକ ବଟିକା ଓ ସିରଫ ଖାଇବା ଦ୍ୱାରା କୃମିକୁ ସମ୍ପୂର୍ଣ୍ଣ ଭାବେ ବିନାଶ କରିହେବ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ବିଦ୍ୟାଳୟର ଛାତ୍ରଙ୍କୁ କୃମି ବଟିକା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଜୟ ମହାନ୍ତ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର କୁମାର ପୁହାଣ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ଉମେଶ ପ୍ରସାଦ ଷଡଙ୍ଗୀ, ଡେପୁଟୀ ମ୍ୟାନେଜର ଜ୍ୟୋସ୍ନାରାଣୀ ଶର୍ମା, ଟିବି କୋର୍ଡିନେଟର ଆଶୁତୋଷ ଦାଶ ଓ ରାଜା ବାସୁଦେବ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ରାଜା ବାସୁଦେବ ହାଇସ୍କୁଲର ବହୁ କର୍ମଚାରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ସକ୍ରିୟ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ସାହିତ୍ୟ, ସୃଜନଶୀଳତା ଉତ୍ସବ ଉଦ୍‌ଯାପିତ

ଦେବଗଡ଼, ୧୦।୨ (ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ କଳା ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ନୂଆ-ଓ ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଶାନ୍ତନୁ କୁମାର ପ୍ରଧାନଙ୍କ ଅଧକ୍ଷତା ଓ ନୋଡାଲ ଅଧିକାରୀ ସୁଜିତ କୁମାର ସୁନାନୀଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ବଣାଇଁଗଡ ମହାବିଦ୍ୟାଳୟର ଅଧକ୍ଷ ଜେନାମଣି ସାହୁ, ସମ୍ମାନୀତ ଅତିଥି ପରିଚାଳନା ସମିତି ସଦସ୍ୟ ସୁରେଶ ଚନ୍ଦ୍ର ପ୍ରଧାନ ଓ ଝେଙ୍କେତନ ପ୍ରଧାନ ଯୋଗଦେଇ ଓଡିଆ ସାହିତ୍ୟ ଏବଂ ଜଗନ୍ନାଥ ସଂସ୍କୃତି ଉପରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଓଡିଆ ସାହିତ୍ୟ ଏବଂ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର, ସ୍ମାରକୀ ଓ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧାପିକା ବିଭୁ ନନ୍ଦିନୀ ବେହେରା, ପି.ଜାଗୃତୀ ସିମ୍ରନ, ରତ୍ନମ୍ବରା ପ୍ରଧାନ, ଅଧାପକ ସନ୍ଦୀପ୍ତ କୁମାର ପୁରୋହିତ, ସରୋଜ କୁମାର ବାରିକ, ଭୁବନ ମହନ୍ତ, ମଦନ ପଲାଇ, ନବକୃଷ୍ଣ ବେହେରା, ରିତୁନ ସାହୁ, ମହେନ୍ଦ୍ର ସାହୁ, ଆଲୋକ ବେହେରା, ଆକାଂକ୍ଷିତା ପ୍ରଧାନ ଓ ପୀତବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅରୁଣ କୁମାର ଦଳବେହେରା, ପ୍ରଶାନ୍ତ କୁମାର ପ୍ରଧାନ, ବୀରେନ ପ୍ରଧାନ, ଅଗସ୍ତି ସାହୁ ଓ ସଚିନ ସାହୁପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଅଧାପିକା ସଂଘମିତ୍ରା ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଦ୍ଦିନରେ ଥିବା ୨ ଜାତୀୟ କବାଡି ଖେଳାଳିଙ୍କୁ ଚାକିରି ମିଳିଲା

ବଲାଙ୍ଗୀର, ୧୦।୨ (ବୀରେନ୍ଦ୍ର କୁମାର ଝାଙ୍କର)

ଜାତୀୟସ୍ତରରେ କବାଡ଼ି ଖେଳି ଖ୍ୟାତି ଅର୍ଜନ କରିଥିବା ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଗମ୍ଭାରୀଗୁଡା ଗାଁର ନମିତା ଭୋଇ ଏବଂ ତାଣ୍ଡିଗାଁର ସୁନିତା ମାଝି ଘୋର ଦୁର୍ଦ୍ଦିନ ଦେଇ ଗତି କରୁଥିଲେ। ନମିତା ଛେଳି ଚରାଉଥିଲେ ଏବଂ ସୁନିତା ମୂଲ ଲାଗି ଚଳୁଥିଲେ। କ୍ରୀଡା ଖ୍ୟାତି ସେମାନଙ୍କର କୌଣସି କାମକୁ ଆସୁ ନ ଥିଲା। ଏଭଳି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପିପୁଲସ୍ ଫୋରମ୍ ଉଭୟ କ୍ରୀଡାବିତ୍ ନମିତା ଓ ସୁନିତାଙ୍କୁ ତାଙ୍କ ସଙ୍ଗଠନର ଏକ ସ୍କୁଲ ଆର୍ଯ୍ୟଭଟ୍ଟ ଏନ୍‌ସିଏଣ୍ଟ ଏକାଡେମୀରେ କ୍ରୀଡା ଶିକ୍ଷକଭାବେ ନିଯୁକ୍ତି ଦେଇଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ସଙ୍ଗଠନ ପକ୍ଷରୁ ଏହି ସୂଚନା ଦିଆଯାଇଛି।

# ଫାଇନାଲରେ ରାଜା ବାସୁଦେବ ହାଇସ୍କୁଲ

ଦେବଗଡ଼, ୧୦।୨ (ଶଶାଙ୍କ ଶେଖର ଝାଙ୍କର)

**ଆନ୍ତଃ ଜିଲା ସ୍କୁଲ ଟୁର୍ନାମେଣ୍ଟ**

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲା ସ୍କୁଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ବୁଢ଼ାପାଳ ହାଇସ୍କୁଲକୁ ୮୫ ରନ୍‌ରେ ପରାସ୍ତ କରି ରାଜା ବାସୁଦେବ ହାଇସ୍କୁଲ ଦେବଗଡ଼ ବିଜୟୀ ହୋଇଛି। ରାଜା ବାସୁଦେବ ହାଇସ୍କୁଲ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୩୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଭୂଭିତ ସୂର୍ଯ୍ୟ ୩୦ ଓ ବାଦଲ ଉର୍ମାକୁରି ୨୨ ରନ କରିଥିବା ବେଳେ ବୁଢ଼ାପାଳ ଦଳର ଆକାଶ ସାହୁ ୩ , ସାହିଲ ସେଠୀ ଓ ଡିଲେଶ୍ୱର୍ ଖିଲାର ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଏହାର ଜବାବରେ ବୁଢ଼ାପାଳ ଦଳ ୧୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୫୧ ରନ କରି ପରାଜୟ ହୋଇଥିଲା। ଦଳ ପକ୍ଷରୁ ଧର୍ମେନ୍ଦ୍ର ପାତ୍ର ୧୧ ରନ କରିଥିବା ବେଳେ ଆର୍. ବି. ଡି. ଦଳର ନିଲମ୍ ଦେବ୍ ୪ ଓ ମହେଶ୍ୱର ସ୍ୱାଇଁ ୨ଟି ଉଇକେଟ ନେଇଥିଲେ। ମ୍ୟାଚକୁ ଅମ୍ପାୟାର ନବୀନ ରାଉଳ ଓ ରାଜା ରାଣା ସ୍କୋରର ଭାବେ ସୌମ୍ୟ ରଞ୍ଜନ ନାୟକ, ରିତିକ ଦେହୁରୀ ଏବଂ ବେଣୁଧର ଗଡ଼ନାୟକ ଧାରାବିବରଣୀ ଦେଇଥିଲେ। ରବିବାର ଆନ୍ତଃ ଜିଲା ସ୍କୁଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରାଜା ବାସୁ ଦେବ ହାଇସ୍କୁଲ ଓ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ ସଂଘ ସମ୍ପାଦକ ଇ.ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।



ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

# ହାତୀପଲର ଉପଦ୍ରବ: ନଷ୍ଟକଲେ କଦଳୀ, ଆମ୍ବ ବଗିଚା

ପଡ଼ିଆବାହାଲ, ୧୦।୨ (ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ପଡ଼ିଆବାହାଲ ରେଞ୍ଜ ଅଧୀନ କଦଳିମୁଣ୍ଡା ଗ୍ରାମରେ ଗତ ରାତିରେ ହାତୀଦଳ ପହଞ୍ଚି ଉପଦ୍ରବ କରିଛନ୍ତି। ଚାଷୀ ସୁବୋଧ ବେହେରାଙ୍କ ଦୁଇ ଏକର କଦଳୀ ବାଡ଼ି ସହିତ ବଉଳ ଧରିଥିବା ଆମ୍ବ ବଗିଚାରେ ତାଣ୍ଡବ ରଚାଇଛନ୍ତି। ଡାଳଭାଙ୍ଗି କଦଳୀ ଗଛ ଖାଇବା ସହ ଦଳିଚକଟି ଦେଇଛନ୍ତି। ଚାଷୀ ସୁବୋଧ ବେହେରା ରେଞ୍ଜର ପବିତ୍ର ମୋହନ ମାଝିଙ୍କ ସହ କ୍ଷୟକ୍ଷତି ସଂକ୍ରାନ୍ତରେ ଆଲୋଚନା କରିବା ସହ ଅଞ୍ଚଳରୁ ହାତୀ ଘଉଡ଼ାଇବା ବ୍ୟବସ୍ଥା ପାଇଁ କହିଛନ୍ତି। ସମ୍ପ୍ରତି ଏ ଅଞ୍ଚଳରେ ଦନ୍ତା ସହିତ ଦଶରୁ ଅଧିକ ହାତୀ ଭାଗ ଭାଗ ହୋଇ ବିଭିନ୍ନ ଗ୍ରାମକୁ ଯାଇ ଘର ଭାଙ୍ଗିବା ଏବଂ ସଞ୍ଚିତ ଧାନ ଚାଉଳ ଖାଇବା ଅସହ୍ୟ ହୋଇପଡ଼ିଛି। ଏମାନଙ୍କ ଯୋଗୁଁ ପନିପରିବା ଚାଷ ମଧ୍ୟ ବିପର୍ଯ୍ୟସ୍ତ ହୋଇପଡୁଥିବାରୁ ଲୋକେ ଚାଷ ପ୍ରତି ବିମୁଖ ହୋଇପଡ଼ିଛନ୍ତି।


କଦଳିମୁଣ୍ଡା ଗ୍ରାମରେ ହାତୀଦଳ କଦଳୀ ବାଡ଼ି ନଷ୍ଟ କରିଛନ୍ତି।

ହାତୀମାନେ ବିଶେଷ କରି ନୀଳଡୁଙ୍ଗୁରି, ମାଳିମୁଣ୍ଡା, ବେଲଡୁଙ୍ଗୁରିରେ ରହି ଯାଉଛନ୍ତି। ଏତଦ୍‌ବ୍ୟତୀତ ହାତୀ ଦଳ ବଡ଼ସାହିର, ଲଦଲଦୀ, ମେଘପାଳ, ବଲଣ୍ଡା, ଖଇରମାଲ ପ୍ରଭୃତି ଅଞ୍ଚଳରେ ଅବାଧ ଗତାଗତ କରୁଥିବାରୁ ସାଧାରଣ ଜୀବନଯାତ୍ରା ଆତଙ୍କିତ ରହୁଛି। ବନବିଭାଗ ତରଫରୁ ଖବର ପାଇବା ମାତ୍ରେ ହାତୀ ଘଉଡ଼ାଇବା ବା ନଜର ରଖିବା ପାଇଁ କର୍ମଚାରୀ ପହଞ୍ଚି ଯାଉଥିଲେ ବି ଏମାନଙ୍କୁ ଘଉଡ଼ାଇ ହେଉନାହିଁ। ଇତି ମଧ୍ୟରେ ବଡ଼ସାହିରଠାରେ ଅଶୋକ ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ଏକ ସଭା ବସି ହାତୀ ଦୌରାତ୍ମ୍ୟ ଉପରେ ଆଲୋଚନା କରିବା ସହିତ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ଉଚ୍ଚ ଅଧିକାରୀମାନଙ୍କୁ ଏକ ପ୍ରତିନିଧି ଦଳ ଭେଟିବା ପାଇଁ ସ୍ଥିର କରିଛନ୍ତି। ହାତୀ ଦ୍ୱାରା କ୍ଷତିଗ୍ରସ୍ତ ଲୋକେ ଉପଯୁକ୍ତ ସହାୟତା ରାଶି ପାଇପାରୁ ନ ଥିବାରୁ ସରକାର ବିହିତ ପଦକ୍ଷେପ ନେବା ଉଚିତ ବୋଲି ସଭାରେ ମତ ପ୍ରକାଶ ପାଇଥିଲା।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୂଆପଡ଼ା,୧୦।୨(ମକାରୁ ବେମାଲ)

ନୂଆପଡା ଜିଲା ବୋଡେନ ଥାନା ନାଗପଡା ଗାଁରେ ଭାଲୁ କାମୁଡାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ନାଗପଡା ଗାଁର ଗିରେନ୍ଦ୍ର ମାଝି (୪୩)। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗିରେନ୍ଦ୍ର ଶନିବାର ଭୋର ସକାଳୁ ଜମିରେ ଥିବା ମୁଡାକୁ ଶୌଚ ପାଇଁ ଯାଉଥିବା ସମୟରେ ପାଖରେ ଥିବା ଗୁରୁ ଡଙ୍ଗରରୁ ଦୁଇ ଟି ଭାଲୁ ଆସି ଅତର୍କିତ ଭାବେ ଆକ୍ରମଣ କରିଥିଲେ। ସେହି ସମୟରେ ଗିରେନ୍ଦ୍ର ଚିତ୍କାର କରିବାରୁ ପାଖରେ ଚନା ଜଗି ରହିଥିବା ଲୋକେ ଦୌଡି ଠେଙ୍ଗାବାଡି କରି ଆସି ଭାଲୁ ଘଉଡାଇ ଥିଲେ। ଭାଲୁ ଆକ୍ରମଣରେ ଗୁରୁତର ଆହତ ଗିରେନ୍ଦ୍ରଙ୍କୁ ଉଦ୍ଧାର କରି ଜିଲା ମୁଖ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଗିରେନ୍ଦ୍ରଙ୍କ ମୁହଁ, ପେଟ, ଛାତିରେ ଅଧିକ ଆଘାତ ଲାଗିଛି। ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି।

### ଗଞ୍ଜେଇ ଜବତ, ୨ କୋର୍ଟ ଚାଲାଣ

ନୂଆପଡ଼ା,୯।୨(ମକାରୁ ବେମାଲ)

ନୂଆପଡା ଜିଲା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୃଥକ ଭାବେ ୨ଟି ସ୍ଥାନରେ ପାଟ୍ରୋଲିଂ କରି ବିପୁଳ ପରିମାଣ ଗଞ୍ଜେଇ ଜବତ କରି ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ୨ ଅଭିଯୁକ୍ତ ହେଲେ ମଧ୍ୟପ୍ରଦେଶର ପୁରୁଷୋତମ କୁଶୱା(୪୨) ଓ ସଞ୍ଜୟ କୁଶୱା(୨୬)। ଇନିସପେକ୍ଟର ହିରାବତୀ ଥାର୍ଟିଙ୍କ ନେତୃତ୍ୱରେ ଏକ ଟିମ ଲଖନା ଥାନା ଅଧୀନ ଘାଟିପଡାଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ପାଟ୍ରୋଲିଂ କରୁଥିଲା। ଘାଟିପଡା ଛକରେ କୁଶୱା ଧଳା ବସ୍ତା ଧରି ବସ ଅପେକ୍ଷାରେ ଥିଲେ। ତାଙ୍କୁ ସନ୍ଦେହରେ ଯାଞ୍ଚ କରିବାରୁ ବସ୍ତାରେ ୧୦ କିଲୋଗ୍ରାମ ଗଞ୍ଜେଇ ବାହାରିଥିଲା। ସେହିପରି ଖଡିଆଳ ଅବକାରୀ ଏସଆଇ ସଞ୍ଜିବ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଡୁକଲା ବସଷ୍ଟାଣ୍ଡ ଠାରେ ପାଟ୍ରୋଲିଂ କରୁଥିବା ସମୟରେ ସଞ୍ଜୟ ଏକ ବସ୍ତା ଧରି ବସ ଅପେକ୍ଷାରେ ଥିଲେ। ଅବକାରୀ ବିଭାଗ ସେହି ବସ୍ତା ଯାଞ୍ଚ କରିବାରୁ ୧୫ କିଲୋଗ୍ରାମ ଗଞ୍ଜେଇ ବାହାରିଥିଲା। ୨ଟି ପୃଥକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ସମୟରେ ଏଏସଆଇ ସରୋଜ କଟା, ହିଙ୍ଗୁଳା ଦାସ, ମୁରଲି ଶବର, ରିତାଞ୍ଜଳି ଶବର, ରୋସନ ବିଶ୍ୱାଳ, ମଧୁ ସିଂ ଉପସ୍ଥିତ ଥିଲେ।

### ଭୀମକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରୁପ୍ରାରୋଡ୍,୧୦।୨(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦାସ ମାଝିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନର୍ଲା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ, ଅତିରିକ୍ତ ଶିକ୍ଷା ଅଧିକାରୀ ସୂର୍ଯ୍ୟଦେବ ବାଗ, ଗୋବର୍ଦ୍ଧନ ମାଝିଙ୍କ ସହ ନର୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମିନୀକେତନ ସାହୁ, ସମ୍ପାଦକ ଅମିତ କୁମାର ଶର୍ମା, ମୁଖ୍ୟବକ୍ତା ତଥା ଡିଆଇଇଟି ମେମ୍ବର ଈଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦାନ କରି ଶିଶୁ ମାନଙ୍କୁ ଉତ୍ତମ ନାଗରିକ ଓ ସୁଶିକ୍ଷିତ ସମାଜ ଗଠନ ଦିଗରେ ପ୍ରୟାସ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ସିଆରସିସି ବିଜୟ ସୁନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସାହୁଙ୍କ ସହ ଭୀମକେଲା କ୍ଲଷ୍ଟର ପ୍ରଧାନ ଶିକ୍ଷକ ସମୂହ ଡୋଳାମଣି ସାହୁ, ସୁରେଶ ଶର୍ମା, ବଂଶୀଧର ନାଏକ, ଉମ୍ବରୁଧର ମାଝି ଓ ସ୍ଥାନୀୟ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତଥିଲେ। କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା କାର୍ଯ୍ୟ ଶିକ୍ଷକ ଦେବଦତ୍ତ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ପ୍ରତିଯୋଗିତା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟ ସଭାପତି ସଞ୍ଜୁ ଭୋଇ, କୁଞ୍ଜବିହାରୀ ସାହୁ, ରୋହିତ ସ୍ୱାଇଁ ଓ ପୁରାତନ ଛାତ୍ରମାନେ ସହଯୋଗ କରିଥିଲେ। ଶିକ୍ଷକ ଦେବଦତ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପ୍ରଦାୟର ଆର୍ଥିକ ଦୁର୍ବଳ ସ୍ଥିତିକୁ ନେଇ ଚିନ୍ତା ପ୍ରକଟ

ବଲାଙ୍ଗୀର,୧୦।୨(ବୀରେନ୍ଦ୍ର କୁମାର ଝାଙ୍କର)


ଜିଲା ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ଫୋରମ୍‌ର ସାଧାରଣ ସଭାରେ ଉପସ୍ଥିତ ସଦସ୍ୟ।

**ଜିଲା ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ଫୋରମ୍‌ର ସାଧାରଣ ସଭା**

ବଲାଙ୍ଗୀର ଜିଲା ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ଫୋରମ୍‌ର ସାଧାରଣ ସଭା ସଭାପତି ଜ୍ୟୋତିରାଜ ନାଗଙ୍କ ସଭାପତିତ୍ୱରେ ଶନିବାର ମିଶନ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସହସ୍ରାଧିକ ସଦସ୍ୟ ଯୋଗ ଦେଇଥିଲେ। ସମ୍ପାଦକ କୁଳଦୀପ ବାଗ ସଭା ପରିଚାଳନା କରିଥିଲେ। ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଆର୍ଥିକ ଏବଂ ସାମାଜିକ ଅବସ୍ଥା ସମ୍ପର୍କରେ ସଭାରେ ଆଲୋଚନା ହୋଇଥିଲା। ବିଶେଷକରି ଏହି ବର୍ଗର ଲୋକଙ୍କ ଆର୍ଥିକ ଦୁର୍ବଳସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରାଯାଇଥିଲା। ଖ୍ରୀଷ୍ଟିଆନ୍‌ମାନେ ସାମାଜିକସ୍ତରରେ ପଛୁଆ ହୋଇ ରହିଯାଉଥିବାରୁ ଏହାର ଉନ୍ନତି ନିମନ୍ତେ ବିଶେଷ ଆଲୋଚନା କରାଯାଇଥିଲା। ପୃଷ୍ଠପୋଷକ ବିଶପ ଡ଼. ପିନୁଏଲ ଦୀପ ଓ ପୃଷ୍ଠପୋଷକ ଅଜିତ୍ ପାଲ୍ ଫୋରମ୍‌ର ଆବଶ୍ୟକତା ଓ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ଶୈଳେନ୍ଦୁ ନନ୍ଦ ଓ ରୂପେଶ ନାଗ ସମ୍ପ୍ରଦାୟର ପର୍ଯ୍ୟବେକ୍ଷଣ ଉପରେ କହିଥିଲେ। ଉପସଭାପତି ଡ଼. ସୁଶାନ୍ତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ପ୍ରବୀଣ ନାଗ, ଯୁଗ୍ମସମ୍ପାଦକ ବ୍ରଜବିହାରୀ ନାଗ, ସତ୍ୟସୁନ୍ଦର ଦୀପ, ଶିମନ୍ ପାଲ୍, ସିଫନୀୟ ଦୀପ ଓ ସୁପ୍ରିମ ଟାସ୍କ ନର୍ସିଂ କଲେଜ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସଭାମଞ୍ଚରେ ଆଲେକଜାଣ୍ଡାର ବାଗ, ପ୍ରବୀଣରାଜ ନାଗ ମଞ୍ଚାସୀନ ଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ଲାଞ୍ଜିଗଡ଼,୧୦।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେଡାଗାଁ ପଞ୍ଚାୟତରେ ଶନିବାର ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ବେଡାଗାଁ ନିକଟସ୍ଥ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁବାସିନି ମାଝିଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଜିଲା ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ବିଶିଷ୍ଟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗଡ ଜୋନ-୧ ଜିଲା ପରିଷଦ ସଦସ୍ୟା ଅଞ୍ଜଳି ମାଝି, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାଏକ ଯୋଗଦେଇଥିଲେ। ସତନ୍ତ୍ର ଅତିଥି ଭାବେ ବ୍ଲକ ବିଜେଡି ସଭାପତି ହିମାଦ୍ରି ପେଶନିଆ, ମୁଖ୍ୟବକ୍ତା ଭାବେ ବ୍ଲକ ସମିତି ସଭ୍ୟ ସଭାପତି ଜଗଦୀଶ ବେନିଆ, ସମ୍ମାନିତ ଅତିଥି ଭାବେ ବ୍ଲକ ସରପଞ୍ଚ ସଂଘ ସଭାପତି ସାନ୍ଦରୁ ମାଝି, ନାଏବ ସରପଞ୍ଚ ଅନୁସୟା ବାଗ, ବ୍ଲକ ପୂର୍ବତନ ଅଧ୍ୟକ୍ଷ ମନୋହର ହରପାଲ , କାନକୁଟୁରୁ ସରପଞ୍ଚ ବନମାଳୀ ମାଝି, ହରିଶଙ୍କର ପାତ୍ର, ମିଶନ ଶକ୍ତି ବିପିଏମ ସଞ୍ଜୀବ କହଁର, ବ୍ଲକ ଏପିଓ ସଂଜିତ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ବେଡାଗାଁ ନିର୍ବାହୀ ଅଧିକାରୀ ଭୁବନେଶ୍ୱର ସିଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିସ୍‌ମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଜନସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ପ୍ରାଣୀସମ୍ପଦ, ବିଦ୍ୟୁତ୍ ବିଭାଗର ଷ୍ଟଲମାନ ଖୋଲାଯାଇଥିଲା। ଶେଷରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ସୁଶୀଲ କୁମାର ବାଗ ମଞ୍ଚ ପରିଚାଳନା କରିଥିବା ବେଳେ ଭୁବନେଶ୍ୱର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୭ତମ ନିୟୁ ୟଅର କପ କ୍ରିକେଟ ଉଦ୍‌ଘାଟିତ


ଅତିଥିଙ୍କ ଗହଣରେ ଖେଳାଳି ।

ନୂଆପଡ଼ା,୧୦।୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମରେ ୧୭ତମ ନିୟୁ ୟଅର କପ କ୍ରିକେଟ ଶନିବାର ଉଦଘାଟିତ ହୋଇଯାଇଛି। ଉଦଘାଟନୀର ପ୍ରଥମ ମ୍ୟାଚ ବଞ୍ଜାରୀ ଓ ଇଛାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଞ୍ଜାରୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। ୧୩୨ ରନକୁ ସାମନା କରିବାକୁ ଯାଇ ଇଛାପୁର ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରିବାରେ ସମର୍ଥ ହୋଇଥିଲେ। ଇଛାପୁରକୁ ହରାଇ ବଞ୍ଜାରୀ ଦଳ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ଉଦ୍‌ଘାଟନୀରେ କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର ମୁଖ୍ୟଅତିଥି, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ସମାଜିକ କର୍ମୀ ମାଧବ ପ୍ରସାଦ ସାହୁ, ସୀମାଞ୍ଚଳ ମହାପାତ୍ର, ଅଂଶୁମାନ ଅଗସ୍ତି, ରମାକାନ୍ତ ବନଛୋର, ସତ୍ୟବ୍ରତ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଖେଳାଳିମାନାଙ୍କୁ ଉତ୍ସାହିତ କରିଥିଲେ। ଅନନ୍ତ ବେମାଲ, ହେମନ୍ତ ଚିରାଗୁଲ ଖେଳ ପରିଚାଳନା କରୁଥିବା ବେଳେ ଦୃଷ୍ଟାନ୍ତ ପୁଝାରୀ ସ୍କୋର ଦାୟିତ୍ୱରେ ରହିଛନ୍ତି। ଦେଶୀ ବୟଜ କ୍ରିକେଟ ଆସୋସିଏଶନ ତରବୋଡ ଆୟୋଜନ କରୁଥିବା ବେଳେ ସଭାପତି ଅଜୟ ଗହିର, ସମ୍ପାଦକ ସୁମିତ କୁମାର ଦୁରିଆ, ଦୀପକ ଦଣ୍ଡସେନା, ଗିରିଶ ଜାନି, ଦେବାଶିଷ ଗହିର, ରାହୁଲ ଶବର, ବୁଲୁ ବନଛୋର, ଗୋପି ଅହିର, ପିଣ୍ଟୁ ତାଣ୍ଡି ପ୍ରମୁଖ ପରିଚାଳନା କରି ସହଯୋଗ କରୁଛନ୍ତି।

## ବ୍ୟବସାୟୀଙ୍କ ଘରୁ ବିପୁଳ ପରିମାଣରେ ସାର ଜବତ

ଖଡ଼ିଆଳ,୧୦।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଗଡ୍ରାମୁଣ୍ଡା ସାର୍ ବ୍ୟବସାୟୀ କୁନ୍ଦନ ମେହେର ବେଆଇନ ସାର୍ ଗଚ୍ଛିତ ରଖିବା ଅଭିଯୋଗରେ ଜିଲା କୃଷି ବିଭାଗ ଓ ପୋଲିସ ମିଳିତ ଚଢ଼ାଉ କରି ବିପୁଳ ପରିମାଣର ୟୁରିଆ ସାର ଜବତ କିଛି। ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ଜିଲା କୃଷି ଅଧିକାରୀ ହିମାଂଶୁ ମହାପାତ୍ର ବିଶେଷ ସୂତ୍ରରୁ ଖବର ପାଇ ସାର୍ ବ୍ୟବସାୟୀ ମେହେରଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ମେହେରଙ୍କ ଘରୁ ଷୋହଳ ଶହ ୬୫ ବେଗ ୟୁରିଆ ଜବତ କରି ଶନିବାର ଭୋଜପୁର ଫେକ୍ସକୁ ଅଧିକାରୀମାନେ ହସ୍ତାନ୍ତର କରିଥିବା ବେଳେ ୧୬ ସହ ୬୫ ବେଗ ସାର ଗୋଦାମରୁ ଖଡ଼ିଆଳ ଲେକ୍ସକୁ ହସ୍ତାନ୍ତର କରାଯାଇଛି ବୋଲି ଜିଲା କୃଷି ଅଧିକାରୀ ମହାପାତ୍ର କହିଛନ୍ତି। ଚଢ଼ାଉରେ ଜିଲା କୃଷି ବିଭାଗ ଅଧିକାରୀଙ୍କ ସହ ନୂଆପଡା ଉପଜିଲାପାଳ ସୁବାସ ଚନ୍ଦ୍ର ରାଇତା ଏବଂ ଖଡ଼ିଆଳ ପୋଲିସ ଉପସ୍ଥିତ ରହିଥିଲେ। ଚଢ଼ଉ ଟିମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ହିମାଂଶୁ କୁମାର ମହାପାତ୍ର, ସ୍ଥାନୀୟ ବ୍ଲକ କୃଷି ଅଧିକାରୀ ଦିପ୍ତିମୟୀ ବାରିକ, ବ୍ରଜରାଜ ସାହୁ, ଫର୍ଟିଲାଇଜର ଇନିଷ୍ପେକ୍ଟର ବର୍ଷା ଆଜାଦ ପ୍ରମୁଖ ସାମିଲ ଥିଲେ।

## ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ପରିବାରଙ୍କୁ ଝୋଟ ବ୍ୟାଗ ପ୍ରଦାନ


ଜିଲାପାଳ ଜଣେ ହିତାଧିକାରୀଙ୍କୁ ଝୋଟି ବ୍ୟାଗ ପ୍ରଦାନ କରୁଛନ୍ତି।

ଭବାନୀପାଟଣା,୧୦।୨(ଉତ୍ତମ କୁମାର ଦାଶ)

**ପ୍ଲାଷ୍ଟିକ ବ୍ୟବହାର ନିରୁତ୍ସାହିତ କରିବା ଦିଗରେ ଅଭିନବ ପଦକ୍ଷେପ**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲାର ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ମୋଟ ୪ଲକ୍ଷ ୧୦ହଜାର ୬୬ ପରିବାରଙ୍କୁ ୨ଟି ଲେଖାଏଁ ଝୋଟ ତିଆରି ବ୍ୟାଗ ପ୍ରଦାନ କାର୍ଯ୍ୟକ୍ରମ ଭବାନୀପାଟଣା ସଦର ବ୍ଲକ ଶଗଡା ପଞ୍ଚାୟତରେ ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ବିଧାୟକ ଭବାନୀପାଟଣାଙ୍କ ପ୍ରତିନିଧି ମନୋଜ ସାହୁ, ବ୍ଲକ ଅଧ୍ୟକ୍ଷ ଭବାନୀପାଟଣା ପ୍ରଫୁଲ୍ଲ ସାହୁ, ଭବାନୀପାଟଣା ବିଡିଓ ଚନ୍ଦନ କୁମାର ଭୋଇ, ସ୍ଥାନୀୟ ସରପଞ୍ଚ ଗୋବିନ୍ଦ ନାଏକଙ୍କ ସହିତ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସବୁଜ ଓଡିଶା ଗଠନ ପାଇଁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବା ଓ ପରିବେଶର ସୁରକ୍ଷା ନିମନ୍ତେ ଝୋଟ ତିଆରି ବ୍ୟାଗକୁ ପ୍ରୋତ୍ସାହନ ଦେବା ପାଇଁ ହିତାଧିକାରୀଙ୍କୁ ଝୋଟ ତିଆରି ବ୍ୟାଗ ଜିଲା ପରିଷଦ ସଭାପତି ଓ ଜିଲାପାଳଙ୍କ ଦ୍ୱାରା ବଣ୍ଟନର ଶୁଭାରମ୍ଭ କରଯାଇଥିଲା। ବଣ୍ଟନ ପ୍ରକ୍ରିୟା ଜିଲାରେ ୭ଦିନ ମଧ୍ୟରେ ସମାପ୍ତ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟକ୍ରମ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସହ ଯୋଗାଣ ବିଭାଗର ଅଧିକାରୀ ବୃନ୍ଦ ପରିଚାଳନା କରିଥିଲେ।

## କୂଅରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

ବଲାଙ୍ଗୀର,୧୦।୨(ବୀରେନ୍ଦ୍ର କୁମାର ଝାଙ୍କର)



- ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ
- ଲରମ୍ବା ଥାନା ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ

ଦୁଇଦିନ ଧରି ନିଖୋଜ ଥିବା ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡ ଲରମ୍ବା ଥାନା ଅନ୍ତର୍ଗତ ଫଟାମୁଣ୍ଡା ଗାଁର ଜଣେ ଯୁବକଙ୍କ ମୃତଦେହ ଶନିବାର ଗାଁର ଏକ କୂଅରୁ ଉଦ୍ଧାର ହୋଇଛି। ମୃତକ ସେଇ ଗାଁର ଉଜ୍ଜ୍ୱଳ ବରିହା (୪୦) ବୋଲି ଚିହ୍ନଟ କରାଯାଇଛି। ପରିବାର ଲୋକେ ଉଜ୍ଜ୍ୱଳଙ୍କୁ ହତ୍ୟା କରିବା ପରେ କୂଅରେ ଫିଙ୍ଗି ଦେଇଥିବା ନେଇ ଅଭିଯୋଗ କରଛନ୍ତି। ଗତ ୭ ତାରିଖ ସନ୍ଧ୍ୟାରେ ଉଜ୍ଜ୍ୱଳ ତାଙ୍କର ୩ ଜଣ ସାଙ୍ଗଙ୍କ ସହ ମିଶି ଖୁଣ୍ଟସମଲେଇ ଗାଁର ଜଣେ ସମ୍ପର୍କୀୟଙ୍କ ବିବାହ ଭୋଜି ଖାଇବାକୁ ଯାଇଥିଲେ। ଭୋଜି ଖାଇ ରାତି ପ୍ରାୟ ୧୦ଟାରେ ଘରୁକୁ ଫେରିଥିଲେ। ଘରକୁ ଫେରିବା ପରେ ଘର ସମ୍ମୁଖରେ ଉଜ୍ଜ୍ୱଳଙ୍କ ସହ ଜଣେ ଯୁବକଙ୍କ କୁଆଡେ ବଚସା ହୋଇଥିଲା। ଏହି ଘଟଣା ପରେ ସେ କୁଆଡେ ଚାଲିଯାଇଥିଲେ। ସକାଳୁ ପରିବାରବର୍ଗ ଉଜ୍ଜ୍ୱଳଙ୍କୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏହାପରେ ଉଜ୍ଜ୍ୱଳ ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପରିବାର ସଦସ୍ୟ ଓ ସମ୍ପର୍କୀୟ ଖୋଜାଖୋଜି ଜାରି ରଖି ଥିବାବେଳେ ଶନିବାର ସକାଳେ ଗାଁର ଗୋପୀନାଥ ସାହୁଙ୍କ ଘର ପଛପଟେ ଥିବା ଏକ କୂଅରେ ଉଜ୍ଜ୍ୱଳଙ୍କ ମୃତଦେହ ଭାସୁଥିବା ଗୋପୀନାଥ ଦେଖିବାକୁ ପାଇଥିଲେ। ଏନେଇ ସେ ପ୍ରଥମେ ଗ୍ରାମରକ୍ଷୀ ଓ ପରେ ଲରମ୍ବା ଥାନା ପୋଲିସକୁ ଖବର କରିଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପାଟଣାଗଡ ଏସ୍‌ଡିପିଓ ସଦାନନ୍ଦ ପୂଜାରୀ ସେଠାରେ ପହଞ୍ଚିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ କୂଅରୁ ଉଜ୍ଜ୍ୱଳଙ୍କ ମୃତଦେହ ବାହାର କରି ଦହକୁ ଘସିଏନ ଡାକ୍ତରଖାନା ପଠାଇଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଲରମ୍ବା ଥାନାରେ ପରିବାର ଲୋକେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ମନୋଜ ପ୍ରଧାନ ସୂଚନା ଦେଇଛନ୍ତି।

## ଜରାସିଂହାକୁ ହରାଇ ସେମିରେ ସମ୍ବଲପୁର

**ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବଲାଙ୍ଗୀର,୧୦।୨(ବୀରେନ୍ଦ୍ର କୁମାର ଝାଙ୍କର)


ଉଭୟ ଦଳର ଖେଳାଳିଙ୍କ ସହ ଅତିଥି, ଆୟୋଜକମାନେ।

ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆରେ ଶନିବାର ବଲାଙ୍ଗୀର ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ଖେଳରେ ଜରାସିଂହା ବିଏନ୍‌ଏନ୍ ଦଳକୁ ସମ୍ବଲପୁର ଭାରତ କ୍ଲବ୍ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ଶନିବାର ପଞ୍ଚମ ଦିବସରେ ଭାରତ କ୍ଲବ ସମ୍ବଲପୁର ଏବଂ ବିଏନ୍‌ଏନ୍ ଜରସିଂହା ମୁହାଁମୁହିଁ ହୋଇଥିଲେ। ଏହି ଖେଳରେ ଭାରତ କ୍ଲବ ସମ୍ବଲପୁର ଦଳ ୨-୦ ଗୋଲରେ ଜରାସିଂହା ବିଏନ୍‌ଏନ୍ ଦଳକୁ ହରାଇ ବିଜୟ ଲାଭ କରିଥିଲା। ମ୍ୟାଚ୍ ମଧ୍ୟାନ୍ତରରେ କ୍ଲବ ସଭାପତି ଲୋଟସ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ସତ୍ୟ ନାରାୟଣ ଭୋଇ, ବଲାଙ୍ଗୀର ଜିଲା ଆକ୍ସସନ କମିଟି ଆବାହକ ଗୋପଲଜୀ ପାଣିଗ୍ରାହୀ, ଶ୍ୟାମ ମେଟାଲିକ ସମ୍ବଲପୁର ରିଜିନାଲ ମ୍ୟାନେଜର ଜ୍ଞାନେନ୍ଦ୍ର ପଲାଇ, ସେଲ ଟାଇଗର ପଶ୍ଚିମ ଓଡ଼ିଶା ସିଏଣ୍ଡଏଫ ବିକାଶ ତ୍ରିପାଠୀ, କ୍ଲବ ସମ୍ପାଦକ ଜଗନ୍ନାଥ ମିଶ୍ର ଏବଂ କୋଷାଧକ୍ଷ ରଞ୍ଜିତ ବେହେରା ମଞ୍ଚାସୀନ ଥିଲେ। ରାଜେନ୍ଦ୍ର ଧାରୁଆ, ଏନଏସ ନାଇଡୁ, ଦେବାଶିଷ ବାଗ ଓ ନିଶାର କାନ୍ତ ନାଗ ଖେଳ ପରିଚାଳନା କରିଥିଲେ। ମ୍ୟାଚ କମିସନର ଭାବେ ସୁନୀଲ ଚନ୍ଦ୍ର ବିଶ୍ୱାଳ ରହିଥିଲେ। ସଭାକୁ ଶରତ ନନ୍ଦ ପରିଚାଳନା କରିଥିଲେ। ରବିବାର ଦ୍ୱିତୀୟ ସେମି ଫାଇନାଲ ଖେଳ ଅନୁଷ୍ଠିତ ହେବ। ଏଥିରେ ଭାରତ କ୍ଲବ ସମ୍ବଲପୁର ଏବଂ କଣ୍ଟାବାଞ୍ଜି କୋଷ୍ଟାଲ ୧୧ ମୁହାଁମୁହିଁ ହେବେ।

## ଜାତୀୟ କୃମି ନାଶକ ଦିବସ ଶୁଭାରମ୍ଭ



ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା,୧୦।୨(ମକାରୁ ବେମାଲ)

ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ କୃମି ନାଶକ ଦିବସ ଶନିବାର ଶୁଭାରମ୍ଭ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଓ ଖରିଆର ରୋଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରଙ୍କ ମିଳିତ ଆନୁକୂଲ୍ୟରେ ନୂଆପଡା ଅତିରିକ୍ତ ଜିଲାପାଳ ଭିମସେନ ଶବର ମୁଖ୍ୟଅତିଥି, ଜିଲା ମୁଖ୍ୟ ଚିକିତ୍ସାଳୟ ଏଡିପିଏଚଓ ଡ.ବିନୋଦ ବିହାରୀ ରଥ, ଖରିଆର ରୋଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଡ.ବିରେନ୍ଦ୍ର ବାଗ, ସ୍ୱାସ୍ଥ୍ୟ ମିଶନ ଜିଲା ପରିଚାଳକ ଦିଲୀପ ଦୁବେ, ନୂଆପଡା ବ୍ଲକ ପରିଚାଳକ ଶେଖୱାସିମ ରାଜା, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁକାନ୍ତ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ କୃମି ଔଷଧ ଖାଇବା ପାଇଁ ଦେବା ସହ କୃମି ନାଶନ ଉପରେ ସଚେତନ କରିଥିଲେ। କୃମିନାଶନ ଔଷଧ ସେବନ ଦ୍ୱାରା ରକ୍ତ ହୀନତା ଦୁର ହୋଇ ପାରିବ। ନିଜେ ସୁସ୍ଥ ରହି ସମାଜକୁ ସୁସ୍ଥ ରଖିବା ପାଇଁ ସଚେତନ କରିଥିଲେ।

# ଧାନତଳି କିଆରିରେ ରାଷ୍ଟ୍ରପତିଙ୍କ ଚିତ୍ର

ଭବାନୀପାଟଣା,୧୦।୨(ଉତ୍ତମ କୁମାର ଦାଶ)

**ଚର୍ଚ୍ଚାରେ ଯୁବଚାଷୀ ପ୍ରାଣରଞ୍ଜନ ବେହେରା**


ଧାନ ତଳିରେ ରାଷ୍ଟ୍ରପତି।

ଧାନତଳି କିଆରିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଚିତ୍ର କରି ଚର୍ଚ୍ଚାରେ ଏବେ କଳାହାଣ୍ଡି ଜିଲା ଜୟପାଟଣା ବ୍ଲକର ଯୁବ ଚାଷୀ ପ୍ରାଣରଞ୍ଜନ ବେହେରା। ଭାରତୀୟ ରାଜନୈତିକ ପଟ୍ଟଚିତ୍ରରେ ଦିନେ ଭୋକର ଭୂଗୋଳ ପାଲଟିଥିବା କଳାହାଣ୍ଡି ଜିଲା ଆଜି ଚାଷ ଓ ଚାଷୀଙ୍କୁ ନେଇ ବେଶ ଗର୍ବିତ। କୃଷି ଓ ମତ୍ସ୍ୟଚାଷ ପାଇଁ ସମଗ୍ର ଭାରତ ବର୍ଷ ପାଇଁ ଉଦାହରଣ ପାଲଟିଛି କଳାହାଣ୍ଡି। ଏହି ସମୟରେ ଯୁବ ଚାଷୀ ବେହେରା ଉନ୍ନତ କିସମର ଧାନଚାଷ କରି ଲାଭବାନ ହେବା ସହ ଧାନତଳିରେ ବିଭିନ୍ନ ପ୍ରକାର ଜାତୀୟ ବାର୍ତ୍ତା ଦେଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଚଳିତବର୍ଷ ମଧ୍ୟ ନିଜ ଚାଷ ଜମିରେ ତଳି ମାଧ୍ୟମରେ ରାଷ୍ଟ୍ରପତିଙ୍କ ପ୍ରତିଛବିକୁ ଆଙ୍କିବାର ପ୍ରୟାସ କରିଛନ୍ତି। ଓଡ଼ିଆ ଭାଷା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଉଜ୍ଜୀବିତ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ସମଗ୍ର ଓଡ଼ିଶାରେ ପ୍ରତୀୟମାନ ହେଉଥିବା ବେଳେ ଜଣେ ସାଧାରଣ ଚାଷୀ ପ୍ରଥମ ଓଡ଼ିଆ ମହିଳା ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଅଭିନ ଉଦ୍ୟମ କରି ଚର୍ଚ୍ଚାର ପରିସର ମଧ୍ୟକୁ ଆସିଛନ୍ତି। ତଳିରେ ତ୍ରିରଙ୍ଗାର ରଙ୍ଗ ମଧ୍ୟରେ ରାଷ୍ଟ୍ରପତିଙ୍କୁ ସ୍ଥାନ ଦେଇ ଏକ ସୁନ୍ଦର କୃତି କରିବାରେ ସଫଳ ହୋଇଛନ୍ତି। ଗତବର୍ଷ ମଧ୍ୟ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ଭାରତ ମାନଚିତ୍ର ତିନି ରଙ୍ଗରେ ରଙ୍ଗାୟିତ କରି ମଧ୍ୟସ୍ଥଳରେ ୭୫ ଆଙ୍କିଥିବା କୃତି ଦେଶ ବିଦେଶରେ ଚହଳ ପକାଇଥିଲା।

ପ୍ରକାଶ ଯେ, ୨୦୧୨ରୁ ପ୍ରାଣରଞ୍ଜନ ବେହେରା ବିଭିନ୍ନ ସମସାମୟିକ ଚର୍ଚ୍ଚିତ ପ୍ରସଂଗକୁ ତଳି କିଆରୀରେ ସ୍ଥାନ ଦେଇ ସଚେତନତା ସୃଷ୍ଟି କରିବା ଅନନ୍ୟ ଉଦାହରଣ ପ୍ରଦାନ କରିଛନ୍ତି। ତନ୍ମଧ୍ୟରୁ 'ସେଭ ଓ ମେନ ସେଭ ନେଶନ', ସେଭ ଗାର୍ଲ ଚାଇଲ୍ଡ ସେଭ ମଦର, ସ୍ୱଚ୍ଛ ଭାରତ ଉପରେ'ଟୁ ଗେଦର ଉଇ କେନ' ଶିକ୍ଷା ଉପରେ ଏଜୁକେସନ ଫର ଅଲ, ୩୭୦ ଧାରା ଉଚ୍ଛେଦ ଉପରେ ୱାନ ଫ୍ଲାଗ ୱାନ ନେଶନ-ୱାନ କଷ୍ଟିଚ୍ୟୁଶନ ଇତ୍ୟାଦି ବିଶେଷ ଆଦୃତ ହୋଇଥିଲା। ରାଜ୍ୟସ୍ତରୀୟ ପୁରସ୍କାର ପ୍ରାପ୍ତ ତଥା ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ଚାଷୀ ପ୍ରାଣରଞ୍ଜନ ବେହେରା ଜୈବିକ ପ୍ରଣାଳୀରେ ଚାଷ କରି ସ୍ୱଳ୍ପ ଖର୍ଚ୍ଚରେ ରେକର୍ଡ ଧାନ ଉତ୍ପାଦନ କରି ଦୃଷ୍ଟାନ୍ତ ପାଲଟିବା ସହ ନିଜ ଫାର୍ମ ହାଉସରେ ଅନ୍ୟାନ୍ୟ ଫସଲ ମଧ୍ୟ କରିବାରେ ସମର୍ଥ ହୋଇଛନ୍ତି। ଏକାଧାରରେ ଜଣେ ସଫଳ ଚାଷୀ, ସୁଲେଖକ ଓ ସାମାଜିକ କର୍ମୀ ଭାବେ ବିଭିନ୍ନ ଜିଲା, ରାଜ୍ୟସ୍ତରୀୟ ତଥା ରାଷ୍ଟ୍ରୀୟ ପୁରସ୍କାର ପାଇବାରେ ସକ୍ଷମ ହୋଇପାରିଛନ୍ତି। ଜଣେ ସାଧାରଣ ଓଡ଼ିଆ ଚାଷୀ ଭାବେ ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ମୁଖ୍ୟ ଜଣେ ଓଡ଼ିଆ ମହିଳାଙ୍କୁ ସମ୍ମାନ ଜଣାଇ ଏହି କୃତି କରିଥିବା ପ୍ରାଣରଞ୍ଜନ ବେହେରା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବିଁନିକା,୧୦।୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିଁନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଅଧ୍ୟକ୍ଷା ରେଖା ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ମହିଳା କନିଷ୍ଠ ମହାବିଦ୍ୟାଳୟ ସୋନପୁରର ଅଧ୍ୟକ୍ଷା ନଳିନୀ ପଧାନ, ମୁଖ୍ୟବକ୍ତା ଭାବେ ଜିଲା ସଂଯୋଜକ(ମହିଳା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ) ମଧୁସୂଦନ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ବନବିହାରୀ ମିଶ୍ର, ଲଛିପୁର କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ ଷଡ଼ଙ୍ଗୀ, ଅଧ୍ୟାପିକା ସାବିତ୍ରୀ ସାହୁ,ଏନଏସି ଉପାଧ୍ୟାକ୍ଷା ତପସ୍ୱିନୀ ମେହେର, ରାମପୁର ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନା ଦାସ, ଅଧ୍ୟାପକ ଡ. ନୀଳମାଧବ ଛତ୍ର, ଝଳକ ମିଶ୍ର, ମନିସ ଆଚାର୍ଯ୍ୟ, ରୋହିତ ଧରୁଆ, ମନୋଜ ମେହେର, ଯତୀନ୍ଦ୍ର ଦଣ୍ଡସନା, ବନିତା ନାଏକ, ରାସେଶ୍ୱରୀ ମେଣ୍ଡେଲି, ଦିପ୍ତୀରେଖା ଭୋଇ, ମାନିନୀ ପଧାନ, ବିଜୟ କୁମାର ସାହୁ, ଗରିବ ସେଲମା ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣର ଉପକାରିତା ବିଷୟରେ କହିଥିଲେ।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଅମରପାଲି, ୧୦।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡି ପଞ୍ଚାୟତର ପରମେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଉକ୍ତ ଶିକ୍ଷାନୁଷ୍ଠାନ ର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଏବଂ ଅଧ୍ୟାପକ ଶରତ କୁମାର ଦଳାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଉପରେ ଆଲୋକପାତ କରିଥିଲେ। ଏହି ଶିବିର ଗତ ୨୦ ତାରିଖରୁ ଆରମ୍ଭ ହୋଇଥିଲା। ଏଥିରେ କଲେଜର ୭୨ ଜଣ ଛାତ୍ରୀ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଥିଲେ। ମମି ଘିବିଲା ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ସିଆର୍‌ସିସି ମନୋଜ ଦାସଙ୍କୁ ସମ୍ବର୍ଦ୍ଧନା



ଅମରପାଲି,୧୦।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ସିଆରସିସି ମନୋଜ ଦାସଙ୍କୁ ମିଳିଛି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ଏହି ପୁରସ୍କାର ମିଳିବା ପରେ ବୀରମହାରାଜପୁରର ଶିକ୍ଷକ ମହଲରେ ଉତ୍ସାହର ମାହୋଲ ଦେଖାଦେଇଛି। ଓଡ଼ିଶା ସରକାରଙ୍କ ମୋ ସ୍କୁଲ ପରିଚାଳନା ସଙ୍ଗଠନ ତରଫରୁ ଚଳିତବର୍ଷ ଶିକ୍ଷା ପୁରସ୍କାର ଯୋଜନା ଅଧୀନରେ ସମଗ୍ର ଓଡ଼ିଶାରେ ୫୬ ଜଣ ସିଆରସିସିଙ୍କୁ ଶ୍ରେଷ୍ଠ ସିଆରସିସି ଭାବେ ମନୋନୀତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ସିଆରସିସି ମନୋଜ ଦାସ ସୁବର୍ଣ୍ଣପୁର ଜିଲାରୁ ଏକମାତ୍ର ସିଆରସିସି ଭାବେ ମନୋନୀତ ହୋଇଥିଲେ। ଏନେଇ ଭୁବନେଶ୍ୱରରେ ଆୟୋଜିତ ଉତ୍ସବରେ ଦାସଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ଜିଲାପାଳ ନଗଦ ୨୦ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରିବେ ବୋଲି ଜଣାପଡିଛି। ଦାସ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କଲା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ର ସୁଅ ଛୁଟିଛି। ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାରଙ୍କ ସମେତ ବ୍ଲକ ଶିକ୍ଷକ ସଂଘର ସଭାପତି ନାରାୟଣ ଜଗଦଲାଙ୍କ ସମେତ ତାଙ୍କ ଗ୍ରାମ ଚମ୍ପାପୁର ଗ୍ରାମବାସୀ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି। ଏହି ଉପଲକ୍ଷେ ଉଫୁଲା ସ୍କୁଲରେ ଏକ ସମ୍ବର୍ଦ୍ଧନା ସଭା ସ୍କୁଲର ପ୍ରଧାନଶିକ୍ଷକ ବିଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୁରାତନ ଛାତ୍ରୀଛାତ୍ର, ଶିକ୍ଷକ ବିଦ୍ୟାଳୟର ଆଧାର

ସୋନପୁର,୧୦।୨(ମୃତ୍ୟୁଞ୍ଜୟ ଶତପଥୀ)



ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଢେଲେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଢେଲେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର ଯୋଗଦାନ କରି ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷକ ହିଁ ବିଦ୍ୟାଳୟର ପ୍ରକୃତ ଆଧାର ବୋଲି କହିଥିଲେ। ଉଲୁଣ୍ଡା ବିଇଓ ଗୋଲକ ବିହାରୀ ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ବୀରମହାରାଜପୁର ବିଆରସିସି ଲକ୍ଷ୍ମୀନାରାୟଣ ସାହୁ, ସମ୍ମାନିତ ଅତିଥି ଭାବେ ହିମାଂଶୁ ଭୂଷଣ ପଣ୍ଡା, ସରପଞ୍ଚ ସୁନିତା ସିଙ୍ଗରା, ସମାଜସେବୀ ମିଟୁ ପଧାନ, ୱାର୍ଡ ସଭ୍ୟ ଦୟାନିଧି ଦେବତା ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାକ୍ତନ ଓ ବର୍ତ୍ତମାନର ଶିକ୍ଷୟିତ୍ରୀ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ବୈଶାଖୁ କଅଁର, ଜିତେନ୍ଦ୍ର ପର୍ଡିଆ, ପୁରନ୍ଦର ମେହେର, ଆଶିଷ ପର୍ଡିଆ, ସ୍ୱାଧୀନ ପଧାନ, ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସୁରେଶ ପଧାନ ଓ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଭାବେ ଜମ୍ବବତୀ ଭୋଇ ଏହି ଅବସରରେ ସମ୍ବର୍ଦ୍ଧିତ ହୋଇଥିଲେ। ଡ. ଅନିରୁଦ୍ଧ କୁରୁକୁରିଆ ମଞ୍ଚ ପରିଚାଳନା କରିଥିଲା ବେଳେ ଶିକ୍ଷାବିତ୍ ରାଧେଶ୍ୟାମ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ। ଅଚ୍ୟୁତାନନ୍ଦ କୁରୁକୁରିଆ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ଶିକ୍ଷା କମିଟି ଉପାଧ୍ୟକ୍ଷ ପୂର୍ଣ୍ଣିମା ଭୋରାସାଗର ଅଧ୍ୟକ୍ଷତା କରିଥିଲେ। ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହୋଇ ଭବିଷ୍ୟତରେ ଦେଶ ସେବା କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ବୈଜୟନ୍ତୀ ସାହୁ, ଶିକ୍ଷାବିତ୍ ମୀନକେତନ ପଧାନ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଭକ୍ତ ପ୍ରସାଦ ପାଣିଗ୍ରାହୀ, ଗୌରଚରଣ ଶତପଥୀ, ଦେବରାଜ ରଣା, ଆନନ୍ଦ ନାଏକ, ଭିକାରୀଚରଣ ମିଶ୍ର, ମଛିନ୍ଦ୍ର ସୁନା, ବିରଞ୍ଚି କର୍ଣ୍ଣ, ଭୂମିଦାତ୍ରୀ ଚାର ଭରାସାଗର, ଚାପଧାରୀ ହୋତା, ଅନୁରୀ ହୋତାଙ୍କୁ ଅତିଥି ବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ୍ ପ୍ରାଣବନ୍ଧୁ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଡ. ଅନିରୁଦ୍ଧ କୁରୁକୁରିଆ ଧନ୍ୟବାଦ ପ୍ରଦାନ କରିଥିଲେ।

# ୧୨ରେ କୃଷକ ସମାବେଶ

ସୋନପୁର,୧୦।୨(ମୃତ୍ୟୁଞ୍ଜୟ ଶତପଥୀ)

**ଧାନର ଏମ୍‌ଏସ୍‌ପି ବୃଦ୍ଧି, ବୋନସ ଦାବି**

ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନ ଆହ୍ୱାନକ୍ରମେ ଆସନ୍ତା ୧୨ ତାରିଖରେ ବିଶାଳ କୃଷକ ସମାବେଶ ଅନୁଷ୍ଠିତ ହେବ। କୃଷକ ଶୋଷଣର ଶିକାର ହେଉଛି, ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପାଉନି। ତେଣୁ କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହି ସମାବେଶର ଆୟୋଜନ କରାଯାଉଛି। ଛତିଶଗଡ ସରକାରଙ୍କ ଭଳି ଓଡିଶା ସରକାର ଧାନ କୁଇଣ୍ଟାଲ ପ୍ରତି ୯୧୭ଟଙ୍କା ବୋନସ ପ୍ରଦାନ କରିବା, କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୩୫୦୦ଟଙ୍କାକୁ ବୃଦ୍ଧି କରିବା, ଚାଷୀଙ୍କ କୃଷି ଋଣ ଓ ବିଦ୍ୟୁତ୍ ଦେୟ ଛାଡ, ୬୦ ବର୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମାସିକ ୯ ହଜାର ଟଙ୍କା ଭତ୍ତା ପ୍ରଦାନ ଏବଂ ଟୋକନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ ଦାବିରେ କୃଷକ ସଂଗଠନ ପକ୍ଷରୁ ଏହି ସମାବେଶ ଆୟୋଜନ କରାଯିବ ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସୋନପୁର ରୟାଲ ପଡିଆଠାରେ କୃଷକ ସମାବେଶ ଆୟୋଜିତ ହେବ। ପରେ ଏକ ରାଲି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବ। ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ୧୧ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଜିଲା କୃଷକ ସଂଗଠନର ସଭାପତି ବୈକୁଣ୍ଠନାଥ ଶତପଥୀ, ସମ୍ପାଦକ ଚିତ୍ତରଞ୍ଜନ ଗଡତିଆ, ମିତ୍ରବ୍ରତ ମିଶ୍ର, ପ୍ରଦୀପ କୁମାର ପୁରୋହିତ, ପଦ୍ମଲୋଚନ ମିଶ୍ର, ନରୋତ୍ତମ ପ୍ରଧାନ, ନରେନ୍ଦ୍ର ଆଚାର୍ଯ୍ୟ, ଭୋଳା ବର୍ମା, ବିଶେଶ୍ୱର ପାଣିଗ୍ରାହୀ ଓ ମାଗୁଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଝୋଟ ତିଆରି ବ୍ୟାଗ ବଣ୍ଟନର ଶୁଭାରମ୍ଭ




ବ୍ୟାଗ ବଣ୍ଟନର ଶୁଭାରମ୍ଭ ଅବସରରେ ଅତିଥିମାନେ।

ଅମରପାଲି,୧୦।୨(ପୀତାମ୍ବର ସାହୁ)

ଶୁକ୍ରବାର ଦିନ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ବ୍ୟାଗ ବଣ୍ଟନର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ହିଲୁଙ୍ଗ ପଞ୍ଚାୟତଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ହିଲୁଙ୍ଗ ସରପଞ୍ଚ ବନିତା ସେଠୀ, ପିଇଓ ମିତାଞ୍ଜଳି ରଥ, ଏମଆଇ ଚନ୍ଦ୍ରଧଜ ଭୋଇ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ମହାନନ୍ଦ,ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ,ଆତ୍ମା ଅଧ୍ୟକ୍ଷ ବିବସ୍ୱତି ପଣ୍ଡା, ଯୋଗାଣ ସହାୟକ ଅର୍ଜୁନ ପଧାନ ଯୋଗ ଦେଇଥିଲେ। ପ୍ରତ୍ୟେକ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ଦୁଇଟି ଲେଖାଏ ଝୋଟ ତିଆରି ବ୍ୟାଗ ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ବ୍ଲକର ହିଲୁଙ୍ଗ ଓ ଚମ୍ପାମାଳ ପଞ୍ଚାୟତର ୨୨ଶହ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ଝୋଟ ତିଆରି ବ୍ୟାଗ ବଣ୍ଟନ କରାଯିବ।

# ଜିଲାସ୍ତରୀୟ ଜାତୀୟ କୃମିନାଶ ଦିବସ ଶୁଭାରମ୍ଭ



ବିଦ୍ୟାଳୟରେ ଅତିଥିବୃନ୍ଦ ଜାତୀୟ କୃମିନାଶକ ଦିବସ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ଡୁଙ୍ଗୁରିପାଲି,୧୦।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ପଞ୍ଚାୟତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ମିଶନ ସମିତି ଓ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ ଶନିବାର ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଏଡିଏମଓ ଦୈତ୍ୟ ନାରାୟଣ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପାଢ଼ୀ ତାଙ୍କ ବକ୍ତବ୍ୟରେ କହିଥିଲେ, କୃମିଜନିତ ଅସୁସ୍ଥତା ଦୂର କରିବା ପାଇଁ ବର୍ଷକୁ ଦୁଇ ଥର କୃମି ନାଶକ ଦିବସ ପାଳନ କରାଯାଉଛି। ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ। ଶିଶୁ ଓ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ନିହାତି ଆବଶ୍ୟକ। ଚଳିତବର୍ଷ ଜିଲାରେ ପ୍ରାୟ ୪ ଲକ୍ଷ ୬ ହଜାର ହିତାଧିକାରୀଙ୍କୁ କୃମିନାଶକ ଔଷଧ ଖୁଆଇବାର ଲକ୍ଷ୍ୟ ଧାର୍ଯ୍ୟ କରଯାଇଛି। କୃମି ସଂକ୍ରମଣର କାରଣ, ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ, କୃମି ସଂକ୍ରମଣ ନିରାକରଣ ଓ ଏକ ସୁସ୍ଥ ସମାଜ ଗଠନରେ ଛାତ୍ରୀ ମାନଙ୍କ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଏ ବର୍ଷର ଜାତୀୟ କୃମି ନାଶକ ଦିବସ ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ଦାଶ, ଡା. ସୁଧାଂଶୁ ଶେଖର ନାୟକ, ରାମପୁର ପ୍ରାଥମିକ ସ୍ୱାସ୍ଥ୍ୟ ଅଧିକାରୀ ଡ. ପଦ୍ମନାଭ ପଣ୍ଡା, ଗୋଷ୍ଠୀ ଅର୍ଥ ପରିଚାଳକ ପ୍ରଦୀପ କୁମାର ସାହୁ, ଗଦାଧର ବାରିକ, ବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ବିପିଏମ ନାରାୟଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଘଣ୍ଟାପଡ଼ା ଥାନା ପକ୍ଷରୁ ଗଞ୍ଜେଇ ଗଛ ନଷ୍ଟ

ଖୁଣ୍ଟିଗୋରା,୧୦।୨(ମକରନ୍ଦ ସାହୁ)

ଗତ କିଛି ଦିନ ହେଲା ଘଣ୍ଟାପଡା ଥାନା ପକ୍ଷରୁ ନିୟମିତ ଭାବେ ଜଙ୍ଗଲରେ ଚଢାଉ କରାଯାଇ ବେଆଇନ ଭାବେ ଲଗାଯାଇଥିବା ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ଥାନା ଏସଆଇ ବିଶ୍ୱାମିତ୍ର ଲୋଇଙ୍କ ନେତୃତ୍ୱରେ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ବରଡିବାହାଲ ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରାଯାଇ ୩ ଦିନ ଧରି ପ୍ରାୟ ୨୦ହଜାରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରାଯାଇଛି। ଏନେଇ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ବୋଲି ଥାନାଧିକାରୀ ବଳଭଦ୍ର ଗଣ୍ଡା ସୂଚନା ଦେଇଛନ୍ତି। ଚଢ଼ାଉ ସମୟରେ ଥାନା କର୍ମଚାରୀ, ଆଇଆରବି ଯବାନ ଏବଂ ଶ୍ରମିକ ସାମିଲ ଥିଲେ।

# ରତ୍ନମୁଦ ଉତ୍ସବ ପାଇଁ କଳସ ଶୋଭାଯାତ୍ରା

ବୌଦ୍ଧ,୧୦।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର କୁଶଙ୍ଗଠାରେ ନୂତନ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ଦିନ ଅନୁଷ୍ଠିତ ହେବାକୁ ଥିବା ବେଳେ ଶନିବାର ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କୁଶଙ୍ଗ ବଡନାଳଠାରେ ପୂଜାର୍ଚ୍ଚନା କରିବା ପରେ ଗ୍ରାମର ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଗ୍ରାମର ଗୌନ୍ତିଆ ବାବୁଲା ଭୋକ୍ରା ଓ ତାଙ୍କ ଧର୍ମପତ୍ନୀ ଗୋଲାପ କାର୍ଯ୍ୟ ତୁଲାଇଥିଲେ। ପ୍ରଥମେ ଗ୍ରାମର ବାବା ଚନ୍ଦ୍ରଶେଖର ଶୈବପୀଠ, ମା' ଦକ୍ଷିଣକାଳୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଜଗନ୍ନାଥ ମନ୍ଦିର ଅଭିମୁଖେ ଶୋଭାଯାତ୍ରା ବାହାରିଥିଲା। ମନ୍ଦିରରେ କଳସ ଶୋଭାଯାତ୍ରା ପହଞ୍ଚିବା ପରେ ସ୍ଥାପନ ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରାମ କମିଟି ସଭାପତି ଅନାଦି ପ୍ରଧାନ, କବିରାଜ ସାହୁ, ଅଭୟ ଭୋକ୍ରା, ଭାଗବାନ ହୋତା, କିଶୋରୀ ଭୋକ୍ରା, ପ୍ରଫୁଲ ମହାପାତ୍ର, ସଞ୍ଜୟ ଦେହୁରୀ, ଅକ୍ଷୟ ସାହୁ, ପ୍ରମୋଦ ସାହୁ, ବୈକୁଣ୍ଠ ଦନାୟକ, ବଳରାମ ସାହୁ, , ନାରାୟଣ ତ୍ରିପାଠୀ, ନିରଞ୍ଜନ ମିଶ୍ର ଓ ଅଞ୍ଚଳବାସୀ ସାମିଲ ଥିଲେ।

# ବେହେରାପାଲିକୁ ହରାଇ ଦେଓଗାଁ ଚାମ୍ପିୟନ

ଘଣ୍ଟାପଡ଼ା,୧୦।୨( ପ୍ରଭାତ କୁମାର ସାହୁ)

**ଦ୍ୱାଦଶ ମା' ବାଉତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତସ୍ଥିତ ତେନ୍ତୁଲିଖୁଣ୍ଟି ଗ୍ରାମର ଖେଳପଡ଼ିଆରେ ୫ ଦିନ ଧରି ଚାଲିଥିବା ଦ୍ୱାଦଶ ମା' ବାଉତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ବେହେରାପାଲିକୁ ହରାଇ ଦେଓଗାଁ ଚାମ୍ପିୟନ ହୋଇଛି। ଶନିବାର ଖେଳା ଯାଇଥିବା ଫାଇନାଲ ମ୍ୟାଚରେ ଟସ୍ ଜିତି ଦେଓଗାଁ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୪ଉଇକେଟ ହରାଇ ୧୦୮ରନର ବିଶାଳ ସ୍କୋର କରିଥିଲା। ୧୦୯ ରନର ବିଜୟ ଲକ୍ଷ୍ୟ ନେଇ ବେହେରାପାଲି ଦଳ ପ୍ରଥମେ ଭଲ ସ୍କୋର କରିଥିଲା। କିନ୍ତୁ ଲଗାତାର ୨ଟି ଉଇକେଟ ପତନ ଯୋଗୁ ଖେଳ ଧିମେଇ ଯାଇଥିଲା। ଫଳରେ ନିର୍ଦ୍ଧାରିତ ଓଭରରେ ଦେଓଗାଁ ଦଳ ୫ ଉଇକେଟ ହରାଇ ୯୫ ରନ କରି ୧୪ ରନ ବ୍ୟବଧାନରେ ପରାସ୍ତ ହୋଇ ଉପ ବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଘଣ୍ଟାପଡ଼ା ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ବିଧାୟକଙ୍କ ପ୍ରତିନିଧି ସୁଧାଂଶୁ ରଣା, ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ଶିକ୍ଷାବିତ୍ ନୀଳାଚଳ ଭୋଇ, ବ୍ଲକ କଂଗ୍ରେସ ଉପସଭାପତି ଗୋପ ରଣା, ଭାଜପା ଘଣ୍ଟାପଡ଼ା ମଣ୍ଡଳ ସଭାପତି ପିନାକଧର ରଣା, ଆଦିବାସୀ ନେତା ସତ୍ୟନାରାୟଣ ମାଝୀ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରତାପ ରଣା, ସମିତି ସଭ୍ୟ ଦେବେନ୍ଦ୍ର ରଣା, ଘଣ୍ଟାପଡ଼ା ପଞ୍ଚାୟତର ନାଏବ ସରପଞ୍ଚ ନବୀନ କିଶୋର ମେଣ୍ଡିଲି, ସମାଜସେବୀ ଦେବେନ୍ଦ୍ର ସାହୁ, ଶେଷଦେବ ରଣା, ସୁରଥ ସାହୁ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଦେଓଗାଁ ଦଳ ଓ ଉପ–ବିଜେତା ବେହେରାପାଲି ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ଭାବେ ବେହେରାପାଲି ଦଳର ନଳ ଓ ଫାଇନାଲ ଖେଳର ଶ୍ରେଷ୍ଠ ଖେଳାଳି ଭାବେ ଦେଓଗାଁ ଦଳର ରାଜୀବଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଉକ୍ତ ଫାଇନାଲ ମ୍ୟାଚରେ ଦୈତାରୀ ମାହାର ଓ ବିନୋଦ ରଣା ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ରବିନ୍ଦ୍ର କର୍ମୀ ଓ ଗୋପାଳ ମାଝୀ ଦାୟିତ୍ୱ ତୁଲାଇଥିଲେ। ଦେବେନ୍ଦ୍ର ରଣା, ଶଙ୍କର ସାହୁ ଓ ହରି ରଣା ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଶିଳ୍ପ ତାଲିମ କେନ୍ଦ୍ର ପରିଦର୍ଶନ କଲେ କେନଝିରିଆପାଲି ହାଇସ୍କୁଲ ଛାତ୍ରୀ




ଏକ୍ସପୋଜର ଭିଜିଟରେ କେନଝିରିଆପାଲି ହାଇସ୍କୁଲର ଛାତ୍ରୀମାନେ।

ଅମରପାଲି,୧୦।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲିସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ରୀମାନେ ଶିଳ୍ପ ତାଲିମ କେନ୍ଦ୍ର ପରିଦର୍ଶନ କରିଛନ୍ତି। ସ୍କୁଲର ଦଶମ ଶ୍ରେଣୀର ସମସ୍ତ ଛାତ୍ରୀ ଦୁଇଦିନିଆ ଏକ୍ସପୋଜର ପରିଦର୍ଶନର ପ୍ରଥମ ଦିବସରେ ବୀରମହାରାଜପୁର ଶିଳ୍ପ ତାଲିମ କେନ୍ଦ୍ର ଓ ଦ୍ୱିତୀୟ ଦିବସରେ ସୋନପୁର ଶିଳ୍ପ ତାଲିମ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଶିକ୍ଷକ ଗୌରୀ ଶଙ୍କର ପୂଝାରୀ ଓ ଜୀବର୍ଦ୍ଧନ ରଣାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ପରିଦର୍ଶନ କରିଛନ୍ତି। ବୀରମହାରାଜପୁର ଶିଳ୍ପ ତାଲିମ କେନ୍ଦ୍ରର ଶିକ୍ଷକ ମକରଧ୍ୱଜ ପାଢ଼ୀ ଓ ସୋନପୁର ଶିଳ୍ପ ତାଲିମ ପ୍ରତିଷ୍ଠାନର ମାନିନୀ ନନ୍ଦ ଛାତ୍ରୀମାନଙ୍କୁ ୱାର୍କସପ, ଲବୋରୋଟରି, କମ୍ପ୍ୟୁଟର ଲ୍ୟାବ୍ ଆଦି ବୁଲାଇ ଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ଚିରାଚରିତ ପାଠ୍ୟକ୍ରମରୁ ବିରତ ରହି ବୈଷୟିକ ଶିକ୍ଷା ପ୍ରତି ଆଗ୍ରହୀ ହେଲେ ଆତ୍ମନିର୍ଭରଶୀଳ ହୋଇ ପାରିବା ବୋଲି ବୁଝାଇଥିଲେ।

# ସେଣ୍ଟଜୋହନ ବିଦ୍ୟାଳୟର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ବୌଦ୍ଧ,୧୦।୨(ଅଜିତ କୁମାର ବାରିକ)

ବୌଦ୍ଧସ୍ଥିତ ସେଣ୍ଟଜୋହନ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବିକ୍ରମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଚିତ୍ତରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ମୁର୍ଷୁଣ୍ଡି ସରପଞ୍ଚ ମଧୁମତି ବେହେରା, ଫୁଲବାଣୀ ଯାଜକ ଡ. ଉଦୟନାଥ ବିଶୋଇ, ଏବିଇଓ କମଳକାନ୍ତ ଦଳବେହେରା, ସିଆରସିସି ରଶ୍ମି ଦାସ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ମନ ଦେଇ ପାଠ ପଢି ଦେଶର ଟେକ ରଖିବାକୁ ଅତିଥିମାନେ କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ପ୍ରଦିପ ବେହେରା, ଚିତ୍ତରଞ୍ଜନ ନାଏକ, ଇସମାଇଲ ଶିବସୁନ୍ଦର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ଅଭିଭାବକ ଯୋଗ ଦେଇଥିଲେ।

# ପୁଣି ବୌଦ୍ଧରେ ମାଓବାଦୀ ପ୍ରଚାର ପତ୍ର

ବୌଦ୍ଧ,୧୦।୨( ଅଜିତ କୁମାର ବାରିକ)




ଶଗଡା ଫାଣ୍ଡି ଅଞ୍ଚଳରେ ମାଓବାଦୀ ପ୍ରଚାର ପତ୍ର।

ବୌଦ୍ଧ ଜିଲାରେ ପୁଣି ମାଓବାଦୀ ପ୍ରଚାରପତ୍ର ଶନିବାର ଦିନ ସକାଳେ ଦେଖିବାକୁ ମିଳିଛି। ଏହି ପ୍ରଚାରପତ୍ର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମାଓବାଦୀ କେକେବିଏନ୍ ଡିଭିଜନ ପକ୍ଷରୁ ଗତ ୯ ତାରିଖରେ ଲେଖାଥିବା ଉଲ୍ଲେଖ ରହିଛି। ପ୍ରଚାରପତ୍ରରେ କନ୍ଧମାଳ ଜିଲା କାମରିକିୟା ଗାଁଠାରେ ପୋଲିସ ଗୁଳିରେ ମୃତ୍ୟୁ ହୋଇଥିବା କମରେଡ୍ ଦଶରୁଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିବା ସେବେଳ କମରେଡଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି ଲେଖା ରହିଛି। ମାଓବାଦୀ ପ୍ରଚାରପତ୍ର ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅଧୀନ ମାଳତି ଗୋଛାପଡା ଅଞ୍ଚଳର ଏକ ପୋଲ ଉପରେ ଲଗାଯାଇଥିବା ଜଣାପଡିଛି। ଖବର ପାଇ ମନମୁଣ୍ଡା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ କୌଣସି ପ୍ରଚାର ପତ୍ର ପାଇ ନ ଥିବା କହିଛି। ସୂଚନାଯୋଗ୍ୟ, ଗତ ଜାନୁଆରୀ ମାସ ଓ ଗତ ଡିସେମ୍ବର ମାସରେ ଶଗଡା ଫାଣ୍ଡି ଅଞ୍ଚଳରେ ମାଓବାଦୀ ପୋଷ୍ଟର ଦେଖିବାକୁ ମିଳିଥିଲା। ଗତ ୬ ତାରିଖରେ ବୌଦ୍ଧ ପୋଲିସ ପାଖରେ ମଧ୍ୟ ଦୁଇଜଣ ହାର୍ଡକୋର ମହିଳା ମାଓବାଦୀ ଆତ୍ମ ସମର୍ପଣ କରିଥିଲେ।

## ସଂକ୍ଷେପରେ

### ଠିକା ଶ୍ରମିକଙ୍କ ଏନ୍‌ଜେସିଏସ୍ ସବ୍‌କମିଟି ବୈଠକ

**ରାଉରକେଲା,୧୦।୨(ଦିନେଶ ମିଶ୍ର):** କେନ୍ଦ୍ର ମୁଖ୍ୟ ଶ୍ରମ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ୭୫ ଦିନ ମଧ୍ୟରେ ଏନ୍‌ଜେସିଏସ୍ ଚୁକ୍ତିନାମା ପରିପ୍ରେକ୍ଷୀରେ ଠିକା ଶ୍ରମିକଙ୍କ ସବ୍‌କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଅନ୍ୟାନ୍ୟ ୟୁନିୟନମାନଙ୍କ ସହ ସିଆଇଟିୟୁର ଲଳିତ ମିଶ୍ର ଏହି ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ମୂଳ ଦରମା ବୃଦ୍ଧି ସହ ସୁରକ୍ଷା ଓ ସାମାଜିକ ସୁରକ୍ଷା ପାଇଁ ସିଆଇଟିୟୁ ପକ୍ଷରୁ ଦାବି ହୋଇଥିଲା। ମୂଳ ଦରମା ପରିବର୍ତ୍ତେ ଆଲାଉନ୍ସ ଉପରେ ୨୫ ପ୍ରତିଶତ ବୃଦ୍ଧି ପରେ ୩୫ ପ୍ରତିଶତ ଶେଷରେ ୪୦ ପ୍ରତିଶତି ବୃଦ୍ଧି ପ୍ରସ୍ତାବକୁ ୟୁନିୟନଗୁଡିକ ପ୍ରତ୍ୟାଖାନ କରିଥିଲେ। ଏହାପରେ କର୍ତ୍ତୃପକ୍ଷ ଏହାକୁ ୭ଶହ ଟଙ୍କାରୁ ହଜାରେ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପ୍ରସ୍ତାବ ଦେଇଥିଲେ। ଶେଷରେ ୨୫୦୦ ଟଙ୍କାର ଆଲାଉନ୍ସ ଉପରେ ୧୫ଶହ ଟଙ୍କା ବୃଦ୍ଧି ସହ ୪୧୦୦ ଟଙ୍କାର ବୃଦ୍ଧି ପ୍ରସ୍ତାବ ଦିଆଯାଇଥିଲା। ସିଆଇଟିୟୁ ପକ୍ଷରୁ ଏହା ଉପରେ ପିଏଫ୍ କାଟିବା ପାଇଁ ଦାବି କଲା ପରେ ପିଏଫ ଆକ୍ଟ ଅନୁସାରେ ଏହା ସମ୍ଭବ ନୁହେଁ ବୋଲି କର୍ତ୍ତୃପକ୍ଷ କହିଥିଲେ। ଏଥିଲାଗି ଆଉ ଶହେ ଟଙ୍କା ବୃଦ୍ଧି କରି ଶେଷରେ ୨୫୦୦ ଆଲାଉନ୍ସ ଉପରେ ୧୬ଶହ ଟଙ୍କା ବୃଦ୍ଧି ସହ ୪୧୦୦ ଟଙ୍କାର ଆଲାଉନ୍ସ ପାଇଁ ସହମତି ହୋଇଥିଲା। ଅନ୍ୟାନ୍ୟ କାରଖାନାରେ ସ୍ଥିତି ଅନୁଯାୟୀ ଅନୁରୂପ ଆଲାଉନ୍ସ ଉପରେ ଦରମା ବୃଦ୍ଧି କରାଯାଇଥିଲା । ଏହାପରେ ସିଆଇଟିୟୁ ପକ୍ଷରୁ ସମସ୍ତ ଠିକା ଶ୍ରମିକଙ୍କ ପାଇଁ ସେମାନଙ୍କ ପେ ଷ୍ଟ୍ରକଚର, ସୁରକ୍ଷା, ରାତ୍ରିକାଳୀନ ଭତ୍ତା, କ୍ୱାର୍ଟର ପ୍ରଦାନ ତଥା ଚାକିରିରେ ନିରାପତ୍ତା ପାଇଁ ଦୃଢ ଦାବି କରାଯାଇଥିଲା। ପୂର୍ଣ୍ଣ ଏନ୍‌ଜେସିଏସ୍ ଚୁକ୍ତିନାମା ପୂର୍ବରୁ ଆଉ ଏକ ଠିକା ଶ୍ରମିକ ସବ୍‌କମିଟି ବୈଠକ ବସିବ। ଏହା ଉପରେ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ କର୍ତ୍ତୃପକ୍ଷ ଏକମତ ହୋଇଥିଲେ ।

### ଛେଳିଚୋରି କରି ମାଡ଼ ଖାଇଲେ

**କୁତ୍ରା,୧୦।୨(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ନୂଆଗାଁର ଜଣେ ବ୍ୟକ୍ତିଙ୍କ ଛେଳି ଗ୍ରାମରେ ଚରାବୁଲା କରୁଥିବା ବେଳେ ୨ ଚୋର ବାଇକ୍‌ରେ ଟେକିନେଇ ଚମ୍ପଟ ମାରିଥିଲେ। ଛେଳି ମାଲିକ ଏହା ଜାଣିପାରି ନିକଟସ୍ଥ ଗ୍ରାମ ଗୁଡିକୁ ଫୋନରେ ଖବର ଦେଇଥିଲେ। ଚୋର ଦ୍ୱୟ ଛେଳିକୁ ନେଇ ଯାଉଥିବାବେଳେ ଝିରପାନିଝୁଡାନପଡାଠାରେ ଗ୍ରାମବାସୀଙ୍କ ହାବୁଡରେ ପଡିଯାଇଥିଲେ। ସେଠାରେ ଉଭୟଙ୍କୁ ଉତ୍ତ୍ୟକ୍ତ ଲୋକେ ନିର୍ଘୃମ ଛେଚିଥିଲେ। ପରେ ଛେଳିକୁ ମାଲିକକୁ ଫେରସ୍ତ କରିଦିଆଯାଇଥିବା ଜଣାପଡିଛି। ତେବେ ଏହାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଚୋର ଦ୍ୱୟ ବାମଡା ଅଞ୍ଚଳର ଥିବା ଜଣାପଡିଛି ।

### ଆଗକୁ ହକି ପ୍ରୋ ଲିଗ୍, ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ସଫେଇ



**ରାଉରକେଲା,୧୦।୨(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆଉ ମାତ୍ର ଦୁଇଦିନ ପରେ ହେବ ଏଫଆଇଏଚ୍ ହକି ପ୍ରୋ ଲିଗ୍। ଏଥିପାଇଁ ରବିବାରଠାରୁ ହକି ଦଳମାନଙ୍କ ମଧ୍ୟରେ ଅଭ୍ୟାସ ଆରମ୍ଭ ହେବ। ଅନ୍ୟପକ୍ଷେ ଆସନ୍ତା ୧୨ତାରିଖରେ ମହିଳା ହକି ଦଳ ଏବଂ ୧୯ତାରିଖରେ ପୁରୁଷ ହକି ଦଳର ମ୍ୟାଚ୍ ରାଉରକେଲାରେ ଖେଳାଯିବ। ଏହାକୁ ଦୃଷ୍ଟିରେ ରଖି ଆରଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବର୍ତ୍ତମାନ ସହରରେ ଶୋଭାବର୍ଦ୍ଧନ କରୁଥିବା ପ୍ରକଳ୍ପଗୁଡିକରେ ସଫେଇ ଓ ମରାମତି କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇଛି। ଏହି କ୍ରମରେ ହନୁମାନ ବାଟିକା ଛକସ୍ଥିତ ବିଶାଳକାୟ ସମୟ ସୂଚକ ଘଣ୍ଟା ପରିସର, ବିଭିନ୍ନ ବସିବା ସେଡ୍, କ୍ରୀଡ଼ା ଉଦ୍ୟାନ, ରାସ୍ତା ଗୁଡିକର ଡିଭାଇଡର, ବସ୍‌ଷ୍ଟପ୍ ସହ ସହରର ବିଭିନ୍ନ ଦର୍ଶନୀୟ ସ୍ଥାନର ମରାମତି ଓ ସଫେଇ କରାଯାଉଛି। ଏହି କାର୍ଯ୍ୟ ଯେଭଳି ସୂଚାରୁ ଭାବେ ସମ୍ପାଦନ ହେବ ତାକୁ ନେଇ ରାଉରକେଲା ସାନିଟାଇଜ ବିଭାଗ ଓ ସ୍ୱଚ୍ଛସାଥୀମାନେ ମିଳିତ ଭାବେ ଦାୟିତ୍ୱ ତୁଲାଉଥିବା ପରିଲକ୍ଷିତ ହୋଇଛି।

# ମଣ୍ଡିକୁ ଯାଉନି, ଛତିଶଗଡ଼ ଚାଲାଣ

## ପାନପୋଷ କୃଷି ଜିଲାରେ ଧାନ ସଂଗ୍ରହ

**ରାଉରକେଲା,୧୦।୨(ବିପ୍ଳବ ରଞ୍ଜନ ଦାଶ)**

ମଣ୍ଡି ଖୋଲିଛି। କିନ୍ତୁ ମଣ୍ଡିକୁ ଧାନ ଆସୁନି। ଏହି ଧାନ ଏବେ ଛତିଶଗଡ଼ ଚାଲାଣ କରାଯାଉଛି। ଫଳରେ ସରକାରଙ୍କ ଧାନ ସଂଗ୍ରହ ଟାର୍ଗେଟ୍ ପୂରଣ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ପାନପୋଷ କୃଷି ଜିଲା ଅଧୀନ ବିଭିନ୍ନ ମଣ୍ଡିରେ ଏଭଳି ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ପାନପୋଷ କୃଷି ଜିଲାରେ ୨୦୨୩ ଡିସେମ୍ବର ୧୧ରୁ ଧାନକିଣା ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୩୧ ତାରିଖ ଯାଏ ଚାଲିବ। ଏହି କୃଷି ଜିଲାର ସମୁଦାୟ ୧୩ଟି ପାକ୍ସ ଏବଂ ୨ଟି ଏସ୍ଏଚ୍‌ଜି ମାଧ୍ୟମରେ ୬ଟି ରାଇସ ମିଲ୍ ଚାଷୀମାନଙ୍କଠାରୁ ୨୧ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ତେବେ ଧାନକିଣା ଆରମ୍ଭ ହେବାର ୬୧ଦିନ ବିତିସାରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମାତ୍ର ୧୪ଲକ୍ଷ କୁଇଣ୍ଟାଲ



ପାନପୋଷ କୃଷି ଜିଲା ଅଧୀନ ହାତୀବାରି ପାକ୍ସରୁ ଧାନ ଉଠାଯାଉଛି।

ଧାନକିଣା ଯାଇଛି। ଧାନିକିଣା ଅବଧିକୁ ଆଉ ମାତ୍ର ୩୫ଦିନ ବାକି ଥିବାବେଳେ ଟାର୍ଗେଟ ପୂରଣ ପାଇଁ ବକେୟା ୭ଲକ୍ଷ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ ମଣ୍ଡିଗୁଡିକୁ ଆସୁନାହିଁ। ଅନ୍ୟପକ୍ଷେ ସ୍ଥାନୀୟ ରାଇସ ମିଲ୍‌ଗୁଡିକୁ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଧାନ ସଂଗ୍ରହ ଓ ଚାଉଳ ପ୍ରସ୍ତୁତି ଟାର୍ଗେଟ ପୂରଣ କରିବା ମିଲର୍ସମାନଙ୍କ ପକ୍ଷେ ଜଟିଳ ହୋଇପଡିଛି। ଚାଷୀଙ୍କ ଅମଳ ଧାନ ମଣ୍ଡିକୁ ଆସୁ ନ ଥିବା ଯୋଗୁ ସ୍ଥାନୀୟ ଯୋଗାଣ, ସମବାୟ ବିଭାଗ ଓ ମିଲର୍ସ ଦ୍ୱନ୍ଦ୍ୱରେ ପଡିଯାଇଛି। ଏହାର ପ୍ରମୁଖ କାରଣ ପଛରେ ସ୍ଥାନୀୟ ଅଞ୍ଚଳର ଅସାଧୁ କଳାବଜାରୀଙ୍କ ଭୂମିକା ରହିଥିବା କୁହାଯାଉଛି। ଚାଷୀଙ୍କୁ ଅଧିକ ଦାମ୍ ପ୍ରଲୋଭନ ଦେଖାଇ ପଡୋଶୀ ଛତିଶଗଡ଼କୁ ବେଆଇନ ଭାବେ ଧାନ ଚାଲାଣ ହେଉଥିବା ଚର୍ଚ୍ଚା ହେଉଛି। ଫଳରେ ରାଇସ ମିଲ୍‌ଗୁଡିକୁ ଆଶା ମୁତାବିକ ଧାନ ପହଞ୍ଚି ପାରୁନାହିଁ। ସମୟ ଅବଧି ମଧ୍ୟରେ ରାଇସ ମିଲର୍ସମାନେ ସରକାରଙ୍କ ଧାର୍ଯ୍ୟ ମୁତାବକ ଚାଉଳ ପ୍ରସ୍ତୁତି ଲକ୍ଷ୍ୟ ପୂରଣ ନ କଲେ ମିଲଗୁଡିକ ଆଗାମୀ ସମୟରେ ଅସିଦ୍ଧ ଘୋଷିତ ହେବା ଆଶଙ୍କା କରି ସେମାନଙ୍କ ଆଖିରୁ ନିଦ ହଜିଯାଇଛି। ଏଣୁ ବର୍ତ୍ତମାନ ରାଇସ ମିଲର୍ସମାନେ କିଭଳି ସରକାରଙ୍କ ନିର୍ଦ୍ଧାରିତ ଟାର୍ଗେଟ୍ ପୂରଣ କରିବେ ତାହା ଉପରେ ଲାଗି ପଡିଛନ୍ତି।

ଏ ନେଇ ରାଉରକେଲା ପାନପୋଷ ଜିଲା ସମବାୟ ସମିତି ମୁଖ୍ୟକେନ୍ଦ୍ରର ସହାୟକ ଅଧିକାରୀ (ଏଆରସିଏସ୍) ବିକାଶ ମହନ୍ତଙ୍କୁ ପଚାରିବାରୁ ଖରିଫ ଧାନ ସଂଗ୍ରହ ପାଇଁ ପଞ୍ଜୀକୃତ ୬୪୨୬ଜଣଙ୍କ ମଧ୍ୟରୁ ୬୦ଭାଗ ଚାଷୀଙ୍କଠାରୁ ୧୪ଲକ୍ଷ କୁଇଣ୍ଟାଲ ଧାନକିଣା ସରିଛି। ଶୀଘ୍ର କିଭଳି ଧାନକିଣା ଶେଷ ହେବ ତାହା ଉପରେ ସର୍ବଦା ଦୃଷ୍ଟି ରହିଛି ବୋଲି ସେ କହିଥିଲେ। ପାନପୋଷ ଯୋଗାଣ ବିଭାଗ ଅଧିକାରୀ ସଞ୍ଜୟ ପ୍ରଧାନ କହିଛନ୍ତି, ସରକାରଙ୍କ ଧାନକିଣା ବ୍ୟବସ୍ଥାରେ ଯେଉଁମାନେ ଅନିୟମିତତା କରୁଛନ୍ତି ଜଣାପଡିଲେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚାଷୀଙ୍କ ଧାନ କିପରି ବେପାରୀମାନଙ୍କ ପାଖକୁ ନ ଯାଇ ମଣ୍ଡିକୁ ଆସିବ ସେ ନେଇ ବିଧିବଦ୍ଧ ପଦକ୍ଷେପ ନିଆଯାଉଛି ବୋଲି ପ୍ରଧାନ କହିଥିଲେ।

## ଧର୍ମଘଟରେ ପରିବହନ ଶ୍ରମିକ ସାମିଲ ହେବେ

**ରାଉରକେଲା,୧୦।୨(ଦିନେଶ ମିଶ୍ର)**

ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡରେ ଶନିବାର ପରିବହନ ଶ୍ରମିକମାନଙ୍କ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ଼ ମୋଟର କର୍ମଚାରୀ ସଂଘ ଓ ରାଉରକେଲା ମିନିବସ୍ ଆସୋସିଏଶନ ପକ୍ଷରୁ ସାଧାରଣ ସମ୍ପାଦକ ବିମାନ ମାଇତି ପରିବହନ କହିଥିଲେ, ମୋଦି ସରକାର ଗତ ୧୦ ବର୍ଷ ଧରି କେନ୍ଦ୍ରରେ କ୍ଷମତାସୀନ ଥିବାବେଳେ ଦେଶର ସାଧାରଣ ଜନତା, ଶ୍ରମିକ, କୃଷକ ମାରଣନୀତି ଅବଲମ୍ବନ କରିଛନ୍ତି। ଏହାକୁ ବିରୋଧ କରି ଫେବୃଆରୀ ୧୬ରେ ଦେଶବ୍ୟାପୀ ୧୨ ଘଣ୍ଟିଆ ଧର୍ମଘଟରେ ଜିଲା ପରିବହନ ଶ୍ରମିକ ସାମିଲ ହେବାକୁ ମାଇତି ଆହ୍ୱାନ ଦେଇଥିଲେ। ଉଭୟ ୟୁନିୟନ ଉପସଭାପତି ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶ୍ରମିକ ନେତା ଅକ୍ଷୟ ମହାନ୍ତ, ଅରୁଣ ମହାରଣା, ଗୋପାଳ ହାଜରା, ବଜରଙ୍ଗ ଚୌଧୁରୀ, ଅଜୟ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।





ସ୍କୁଲ ବସ୍ ଶୁଭାରମ୍ଭ ବେଳେ ଛାତ୍ରୀଛାତ୍ରଙ୍କ ସହିତ ଅଧିକାରୀମାନେ।

## ସ୍କୁଲ ପିଲାଙ୍କ ସୁରକ୍ଷିତ ଯାତ୍ରା ପାଇଁ ବସ୍ ଯୋଗାଣ

**ରାଉରକେଲା,୧୦।୨(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସପିର ଓଡ଼ିଶା ଗ୍ରୁପ୍ ଅଫ ମାଇନ୍ସ ଅଧୀନ ବରସୁଆଁ ଲୌହଖଣି ପକ୍ଷରୁ କର୍ପୋରେଟ ସାମାଜିକ ଦାୟିତ୍ୱ ପଦକ୍ଷେପ ଅନୁଯାୟୀ ଶସ୍ୟକେଲା ଗ୍ରାମପଞ୍ଚାୟତ ବିଦ୍ୟାଳୟକୁ ଗୋଟିଏ ବସ ଯୋଗାଣ କରାଯାଇଛି। ଏହି ସ୍କୁଲ ମାଧ୍ୟମରେ ପାର୍ଶ୍ୱାଞ୍ଚଳ ଗ୍ରାମରୁ ଛାତ୍ରୀଛାତ୍ର ସ୍ଥାନୀୟ ବିଦ୍ୟାଳୟକୁ ନିରାପଦ ଓ ସୁରକ୍ଷିତ ଭାବେ ଯାତାୟାତ କରିପାରିବେ। ବିଆଇଏମ୍, ଟିଆଇଏମ୍ ଜିଏମ ଇନ୍‌ଚାର୍ଜ ତିଳକ ପଟ୍ଟନାୟକ ଓ ସ୍ଥାନୀୟ ସରପଞ୍ଚ ସୁଶ୍ରୀ ଏମଲେମ ଭୂୟାଁଙ୍କ ଉପସ୍ଥିତିରେ ସ୍କୁଲ ବସ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ କାର୍ମିକ ଓ ପ୍ରଶାସନ ବିଭାଗ ଜିଏମ୍ ଏନ୍. ସି ପଣ୍ଡା, ଏଜିଏମ୍(ସିଭିଲ) ସିଏସ୍‌ଆର ବି. ଦତ୍ତା, ଏଜିଏମ୍ ଇଲେକ୍ଟ୍ରିକାଲ ନାରାୟଣ ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଓ ଶ୍ରମିକ ସଙ୍ଗଠନ ପ୍ରତିନିଧି ଉପସ୍ଥିତ ଥିଲେ। ବିଆଇଏମ୍ ସିଏସ୍‌ଆର ବିଭାଗର ଡେପୁଟି ମ୍ୟାନେଜର ଅମୀୟ ରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଭଳି ଭାବେ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସର ଲୌହଖଣି ଦ୍ୱାରା କାଲ୍ଟା ଉଚ୍ଚବିଦ୍ୟାଳୟକୁ ୨୦୨୩ ଡିସେମ୍ବରରେ ଏକ ଆରାମଦାୟକ ବସ୍ ଛାତ୍ରୀଛାତ୍ରଙ୍କ ସୁଗମ ଯାତାୟତ ପାଇଁ ପ୍ରଦାନ କରାଯାଇଥିଲା।

## ଯୁବ ସଂସଦ ଆଲୋଚନାଚକ୍ର

**ରାଉରକେଲା,୧୦।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଆଇନ ମହାବିଦ୍ୟାଳୟ ପକ୍ଷରୁ ଏକକ ନାଗରିକତା (ୟୁସିସି) ତଥା ଗୋଟିଏ ସମ୍ବିଧାନ ଗୋଟିଏ ଆଇନ ଶୀର୍ଷକ ଯୁବ ସଂସଦୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ କଲେଜର କାର୍ଯ୍ୟକାରୀ ଅଧକ୍ଷା ଡା. ସମ୍ପାଦିକା ମହାନ୍ତି ଅଧକ୍ଷତା କରିଥିଲେ। ଗୋଟିଏ ସମ୍ବିଧାନ ଗୋଟିଏ ଆଇନ ତଥା ସମାନ ଆଚାର ସଂହିତା ଉପରେ ସ୍ଥାନୀୟ କଲେଜର ଛାତ୍ରୀଛାତ୍ରମାନେ ଆଲୋଚନା କରିଥିଲେ। ଉତ୍ତରାଖଣ୍ଡ ରାଜ୍ୟରେ ପାରିତ ହୋଇଥିବା ଏକକ ନାଗରିକତା ନେଇ ଉପୁଜିଥିବା ବିବାଦ, ବ୍ୟକ୍ତିଗତ ଆଇନ, ବିବାହିତା ମହିଳାମାନଙ୍କ ସମ୍ପତି ଉପରେ ଅଧିକାର, ବହୁପତ୍ନୀ ପ୍ରଥା ତିନି ତଲାକ୍, ଆଇନଗତ ସମାନତାରେ କିନ୍ନରମାନଙ୍କ ପାଇଁ ରହିଥିବା ଆଇନ ଉପରେ ଛାତ୍ରୀଛାତ୍ରମାନେ ନିଜ ମତାମତ ରଖିଥିଲେ। ଆଇନ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କ୍ରିକେଟ୍: ଆଶୁ ଇଲେଭେନ, ଜିମ୍‌ଖାନା ବିଜୟୀ

**ରାଉରକେଲା,୧୦।୨(ଦିନେଶ ମିଶ୍ର)**

ରାଉରକେଲା ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ଜିଏସ୍ଏ କ୍ଲବ ପକ୍ଷରୁ ପ୍ରଥମ ସୂର୍ଯ୍ୟକାନ୍ତ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟକୁ ଭାଜପା ଜିଲା ମହିଳା ସଭାନେତ୍ରୀ ଲତିକା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ଯୁବ ଭାଜପା ସଭାପତି ସୂର୍ଯ୍ୟକାନ୍ତ ମହାନ୍ତି, ରିଜର୍ଭ ପୋଲିସ ସଂଘ ସଭାପତି ସୁନିଲ କୁମାର ପ୍ରଧାନ ଓ ରାକେଶ ଜୈନ୍ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଟୁର୍ନାମେଣ୍ଟରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ୧୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ୨ଟି ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍ ଆଶୁ ଇଲେଭେନ୍ ଦଳ ଓ ଗେମ୍ ସୁଇଙ୍ଗର ମଧ୍ୟରେ ଖେଳାଯାଇଥିଲା। ଏଥିରେ ଆଶୁ ଇଲେଭେନ୍ ଦଳ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୨୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଶିଷ ମିତ୍ରା ମାତ୍ର ୫୨ଟି ବଲ ଖେଳି ସର୍ବାଧିକ ୯୯ ରନ ସଂଗ୍ରହ କରିଥିଲେ। ଗେମ୍ ସୁଇଙ୍ଗର ଦଳ ପକ୍ଷରୁ ଅନନ୍ତ ପଟ୍ଟନାୟକ ୪ ଓଭର ବୋଲିଂ କରି ୧୯ ରନ ଦେଇ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ଗେମ୍ ସୁଇଙ୍ଗର ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ କାହ୍ନୁ ନାୟକ ସର୍ବାଧିକ ୨୫ ରନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ରାଉରକେଲା ଜିମ୍‌ଖାନା ଓ ଏନ୍‌ଆଇଟି ରାଉରକେଲା ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଜିମ୍‌ଖାନା ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଲୋକ ପ୍ରଧାନ ମାତ୍ର ୫୨ ବଲ ଖେଳି ସର୍ବାଧିକ ୭୨ ରନ ସଂଗ୍ରହ କରିଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ଏନ୍‌ଆଇଟି ରାଉରକେଲା ଦଳ ସମସ୍ତ ଉଇକେଟ ହରାଇ ୧୧୯ ରନ୍ କରି ପରାଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ଆଶୁ ଇଲେଭେନ୍ ଦଳର ଆଶିଷ ମିତ୍ରା ଓ ଜିମ୍‌ଖାନା ଦଳର ଆଲୋକ ପ୍ରଧାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ମାନସ ମହାନ୍ତି ଓ ଅଭିଷେକ ନାୟକ ଏବଂ ସରୋଜ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ଦେବବ୍ରତ ଦାସ ଓ ବିଶ୍ୱଜିତ ଚକ୍ରବର୍ତ୍ତୀ ରନ୍ ତଦାରଖ କରିଥିଲେ। କ୍ଲବ ସଭାପତି ଭାରତ ଭୂଷଣ ପରିଡା, ସମ୍ପାଦକ ସରୋଜ କୁମାର ପରିଡା, ଆଶିଷ କୁମାର ମିଶ୍ର, ସୂର୍ଯ୍ୟ ହାସଁଦା, ଜ୍ୟୋତି ପ୍ରକାଶ ଜେନା, ଜିତେନ ରଏ, ରାଜେନ୍ଦ୍ର ଜେନା, ଦୀପକ ବଳ, ଏମ୍‌ଡି. ସାଜିଦ୍, ମନୋଜ ବେହେରା, ଆଶିଷ ସାହୁ, ଅମରେଶ ଦାସ, ଲିଟନ ପାତ୍ରୀ, ଜିତ ଭଟ୍ଟଚାର୍ଯ୍ୟ, ସିଦ୍ଧାର୍ଥ ବାରିକ, ଶୁସିଲ ଓଝା ପ୍ରମୁଖ ସହଯୋଗ କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ଆତ୍ମିକ ସ୍ଥିତିରେ ରହି ଯୋଗକଲେ ନିଶା ଦୂରେଇଯିବ

### ରାଉରକେଲାରେ ନିଶା ନିବାରଣ ସଚେତନତା କର୍ମଶାଳା

**ରାଉରକେଲା,୧୦।୨(ଦିନେଶ ମିଶ୍ର)**

ରାଉରକେଲା ମାଲଗୋଦାମ କୁଷ୍ଠ କଲୋନୀ ପରିସରରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶା ନିବାରଣ ସଚେତନତା କର୍ମଶାଳା ଶନିବାର ପାଳିତ ହୋଇଯାଇଛି। ଏହି କର୍ମଶାଳାରେ ବ୍ରହ୍ମାକୁମାର ମନୋଜ ଦାସ ଅତିଥି ଭାବେ ଯୋଗଦେଇ ନିଶା ନିବାରଣ ପାଇଁ କିଭଳି ସତର୍କ ରହିବାକୁ ପଡିବ ସେ ନେଇ ମତପ୍ରକାଶ କରିଥିଲେ। ନିଶାଖୋର୍ ବ୍ୟକ୍ତି ତୁଳସୀପତ୍ର, ପାନମହୁରୀ, ଲବଙ୍ଗ, ଅଳେଇଚ ଆଦି ଜିନିଷ ଦୈନିକ ବ୍ୟବହାର କରିବା ପାଇଁ ଦାସ ପରାମର୍ଶ ଦେଇଥିଲେ। ସେହିପରି ଯୋଗ ଦ୍ୱାରା ସବୁ ରୋଗର ଚିକିତ୍ସା ସମ୍ଭବ ହୋଇପାରିବ। ଯଦି ଜଣେ ନିଶାଖୋର ବ୍ୟକ୍ତି ପ୍ରତିଦିନ ଆତ୍ମିକ ସ୍ଥିତିରେ ରହି ଯୋଗ ଅଭ୍ୟାସ କରନ୍ତି ତେବେ ନିଶା ଉକ୍ତ ବ୍ୟକ୍ତିଙ୍କଠାରୁ ଦୂରେଇଯିବ ବୋଲି ବ୍ରହ୍ମାକୁମାର ବସନ୍ତ ମତ ଦେଇଥିଲେ। ଏହି ଶିବିରରେ ୭୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଉପସ୍ଥିତ ରହି ନିଶା ନିବାରଣର ଉପକାରିତା ଉପରେ ଆଲୋଚନା କରିଥିଲେ। କର୍ମଶାଳାରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ ବ୍ରହ୍ମାକୁମାରୀ ଓ ବ୍ରହ୍ମାକୁମାର ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅନୁଦାନ ଫେରୁଛି, ହୋଇପାରୁନି ଏସ୍‌ଟିପି ପ୍ଲାଣ୍ଟ

**ରାଉରକେଲା,୧୦।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରର କୋଏଲନଗର ଓ ବନ୍ଧମୁଣ୍ଡା ହେଉଛି ଜନସଂଖ୍ୟା ବହୁଳ ଅଞ୍ଚଳ। ଏହି ଅଞ୍ଚଳରୁ ପ୍ରତ୍ୟେକ ଦିନ ହଜାର ହଜାର ଲିଟର ଅପଶିଷ୍ଟ ବର୍ଜ୍ୟଜଳ ବିଶୋଧିତ ହୋଇ ନ ପାରି ନାଳ ମାଧ୍ୟମରେ ସିଧାସଳଖ କୋଏଲ ଓ ବ୍ରାହ୍ମଣୀ ନଦୀରେ ମିଶୁଛି। ଏସ୍‌ଟିପି ପ୍ଲାଣ୍ଟ ସ୍ଥାପନ ହୋଇ ନ ଥିବାରୁ ଏହି ଉଭୟ ଅଞ୍ଚଳରୁ ନିଷ୍କାସିତ ବର୍ଜ୍ୟଜଳ ସହର ଉପକଣ୍ଠ ନଦୀକୁ ପ୍ରଦୂଷିତ କରୁଛି।

ସୂଚନା ଅନୁସାରେ, ୨୦୧୬-୧୭ରେ ରାଉରକେଲାରେ ସ୍ୱିରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ସ୍ଥାପନ ପାଇଁ ରାଉରକେଲା ଓ କୋଏଲ ନଗରକୁ ଅନ୍ତର୍ଭୁକ୍ତ କରାଗଲା। ରାଉରକେଲା ସହରାଞ୍ଚଳ ପାଇଁ ବାଲୁଘାଟରେ ଏସ୍‌ଟିପି-୩ ଓ କୋଏଲ ନଗରରେ ଏସ୍‌ଟିପି-୧ ସ୍ଥାପନ ପାଇଁ ଧାର୍ଯ୍ୟ ହେଲା। ରାଉରକେଲା ସହାରାଞ୍ଚଳ ଏସଟିପି-୩ ଲାଗି ରାଉରକେଲା ରାଜସ୍ୱ ବିଭାଗ ତରଫରୁ ବାଲୁଘାଟରେ ଜମି ବନ୍ଦୋବସ୍ତ ହେଲା। କୋଏଲ ନଗର ଏସ୍‌ଟିପି-୧ ପାଇଁ ଆରଏସପି ପକ୍ଷରୁ କୋଏଲ ନଗରରେ ୪ଏକର ଜମି ବନ୍ଦୋବସ୍ତ କରାଗଲା। ମାତ୍ର କୋଏଲ ନଗରରେ ରହୁଥିବା ବିସ୍ଥାପିତ ଲୋକମାନେ ସେମାନଙ୍କ ସ୍ଥାୟୀ ଥଇଥାନ ନ ହେବା ଯାଏ କୋଏଲ ନଗରରେ ଏସ୍‌ଟିପି ସ୍ଥାପନ କରାଇଦେବୁ ନାହିଁ ବୋଲି ଜିଦରେ ଅଟଳ ରହିବାରୁ ତାହା ସ୍ଥାପନ ହୋଇପାରିଲା ନାହିଁ। ଇତିମଧ୍ୟରେ ଏସ୍‌ଟିପି-୩ ସ୍ଥାପିତ ହୋଇସାରିଛି। ମାତ୍ର ଦୀର୍ଘବର୍ଷ ପରେ ମଧ୍ୟ ସ୍ୱିରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଏସ୍‌ଟିପି କୋଏଲ ନଗର-୧ ଓ ବନ୍ଧମୁଣ୍ଡା ଏସ୍‌ଟିପି-୨ ଏଯାଏ ଆରମ୍ଭ ହୋଇନାହିଁ। ବନ୍ଧମୁଣ୍ଡାରେ ୯ ଏମ୍‌ଏଲ୍‌ଡି କ୍ଷମତା ବିଶିଷ୍ଟ ଏସ୍‌ଟିପି-୨ ବିସ୍ତୃତ ଯୋଜନା ଡିପିଆରରେ ସାମିଲ ହୋଇଥିଲା। ଏଠାରେ ମଧ୍ୟ ରେଲୱେ ଜମି ଜନିତ ବିବାଦ କାରଣରୁ ଆଇଆଇଏସ୍‌ରୁ ଟେଣ୍ଡର ପ୍ରକ୍ରିୟାକୁ ପୂର୍ବରୁ ହଟାଇ ଦିଆଗଲା। ୨୦୧୬-୧୭ ଆର୍ଥିକ ବର୍ଷରେ ପ୍ରାୟ ୩୪୦.୧୯ କୋଟି ଟଙ୍କା ବ୍ୟୟରେ ୨୩୧କି.ମି ସ୍ୱିରେଜ ପାଇପ ଲାଇନ ୮ଏମଏଲଡି ବିଶିଷ୍ଟ ଏସ୍‌ଟିପି-୧ ଏବଂ ୪୦ଏମ୍‌ଏଲଡି କ୍ଷମତା



ନାଳ ମାଧ୍ୟମରେ ନଦୀରେ ମିଶୁଥିବା ବର୍ଜ୍ୟଜଳ।

ବିଶିଷ୍ଟ ଏସ୍‌ଟିପି-୩ ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା। ମାତ୍ର ଜମି ସମସ୍ୟା ଯୋଗୁ ତତ୍କାଳୀନ ଜଳପୂର୍ତ୍ତି ବିଭାଗ ଓ ସ୍ୱରେଜ ବୋର୍ଡ (ଓଡବ୍ଲ୍ୟୁଏସ୍ଏସ୍‌ବି) କୋଏଲନଗର ଜଳଗ୍ରହଣ କ୍ଷେତ୍ର ପାଇଁ ଏସଟିପି-୧ର ସ୍ୱେରେଜ ଲାଇନ ସଂଯୋଗକୁ ହଟାଇ ଦେଲେ। ଫଳରେ କୋଏଲ ନଗର ଅଞ୍ଚଳରେ ବର୍ତ୍ତମାନ ଆରଏମ୍‌ସି ପକ୍ଷରୁ ପୁରୁଣା ସ୍ୱେରେଜ ସିଷ୍ଟମ ମାଧ୍ୟମରେ ବର୍ଜ୍ୟଜଳ ନିଷ୍କାସନ କାର୍ଯ୍ୟ ହେଉଛି। ଆର୍‌ଏମ୍‌ସି ପକ୍ଷରୁ କୋଏଲ ନଗରରୁ ଅପଶିଷ୍ଟ ଜଳକୁ ବୃହତ ପ୍ଲାଷ୍ଟିକ ଟାଙ୍କିରେ ଜମା କରାଯାଏ ଏବଂ ପରେ ସେସ୍ ପୁଲ ବାହାନରେ ୪୦ହଜାର ଲିଟର କ୍ଷମତା ବିଶିଷ୍ଟ ସ୍ୱେରେଜ ଉପଚାର କେନ୍ଦ୍ରକୁ ନିଆଯାଏ। ଏହା ବ୍ୟତିରେକ କୋଏଲ ନଗରରୁ ନିର୍ଗତ ବଳକା ବର୍ଜ୍ୟ ଜଳ ନାଳ ଦ୍ୱାରା କୋଏଲ ନଦୀରେ ମିଶୁଛି।

ଉଲେଖନୀୟ, ବାଲୁଘାଟରେ ୧୮୫ କି.ମି ଲମ୍ବ ବିଶିଷ୍ଟ ସ୍ୱେରେଜ ଲାଇନ ଏସ୍‌ଟିପି-୩ ବାଲୁଘାଟ ୨୦୨୧ ଫେବୃଆରୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହାଦ୍ୱାରା ୧୨ହଜାର ଘରକୁ ସ୍ୱେରେଜ ସିଷ୍ଟମରେ ଯୋଡିବାକୁ ଲକ୍ଷ୍ୟଧାର୍ଯ୍ୟ ଥିଲା। ମାତ୍ର ଦୀର୍ଘ ୩ ବର୍ଷ ପରେ ମଧ୍ୟ ଧାର୍ଯ୍ୟ ସଂଖ୍ୟାରୁ ମାତ୍ର ୫୦ପ୍ରତିଶତ ଘରକୁ ଏସ୍‌ଟିପି-୩ ସହ ସ୍ୱେରେଜ ପାଇପ ସଂଯୋଗ ହୋଇପାରିଛି। ଫଳରେ ସହରର ଜୀବନରେଖା କୁହାଯାଉଥିବା ବ୍ରାହ୍ମଣୀ, ଶଙ୍ଖ ଓ କୋଏଲ ନଦୀ ପ୍ରଦୂଷିତ ହେଉଛି। ବୃଦ୍ଧି ପାଉଥିବା ପ୍ରଦୂଷଣ ରୋକିବା ଲାଗି ଏସ୍‌ଟିପି ପ୍ଲାଣ୍ଟ ଜରୁରୀ ଥିବାବେଳେ ଏଥିଲାଗି କୋଟି କୋଟି ଟଙ୍କାର ଅନୁଦାନ ମଧ୍ୟ ଆସୁଛି। ମାତ୍ର ଜମି ସମସ୍ୟା ଓ ବିସ୍ଥାପିତଙ୍କୁ ଉପଯୁକ୍ତ ନ୍ୟାୟ ମିଳୁ ନ ଥିବାରୁ ଅନୁଦାନ ଫେରିଯାଉଛି। ଏ ନେଇ ରାଉରକେଲା ୱାଟ୍‌କୋ ସ୍ୱେରେଜ ବିଭାଗ ମହାପ୍ରବନ୍ଧକ ବି. କେ. ଡାକୁଆ କୁହନ୍ତି, କୋଏଲ ନଗର ଏସ୍‌ଟିପି ପ୍ଲାଣ୍ଟ ସ୍ଥାପନ ହେଲେ କୋଏଲ ନଗର ଅଞ୍ଚଳରୁ ନିର୍ଗତ ଅପଶିଷ୍ଟ ବର୍ଜ୍ୟଜଳ ସହଜରେ ବିଶୋଧିତ ହୋଇପାରନ୍ତା। ଆର୍‌ଏମ୍‌ସି ତରଫରୁ ହେଉଥିବା ଯାନ, ଡିଜେଲ ଓ ବିଦ୍ୟୁତ ଜନିତ ଖର୍ଚ୍ଚରେ ମଧ୍ୟ ଅଙ୍କୁଶ ଲାଗନ୍ତା। ମାତ୍ର ଜମି ସମସ୍ୟା ଯୋଗୁ ଏସ୍‌ଟିପି ପ୍ଲାଣ୍ଟ ସ୍ଥାପନ ହୋଇନାହିଁ ବୋଲି ଡାକୁଆ କହିଥିଲେ।

## ସଂକ୍ଷେପରେ

### ସାଧାରଣ ନିର୍ବାଚନ ୨୦୨୪ ଅବସରରେ ଜିଲା ପ୍ରଶାସନର ସମନ୍ୱୟ, ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୦।୨( ଭବାନୀ ଶଙ୍କର ଭୋଇ)

କିଛିମାସ ପରେ ସାଧାରଣ ନିର୍ବାଚନ ୨୦୨୪ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲା ପ୍ରଶାସନ ତରଫରୁ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ପ୍ରାକପ୍ରସ୍ତୁତି ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ. ପି ମୁକେଶ କୁମାର ଭାମୁ, ଦୁଇ ଅତିରିକ୍ତ ଜିଲାପାଳ ଆଜାମ୍ବର ମହାନ୍ତି ଓ ସମ୍ବିତ କୁମାର ଗଡ଼ନାୟକ, ସମ୍ବଲପୁର ମହାନଗର ନିଗମ କମିସନର ବେଦଭୂଷଣ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, କୁଚିଣ୍ଡା, ରେଢ଼ାଖୋଲ, ଏବଂ ସମ୍ବଲପୁର ସଦର ଉପଜିଲାପାଳ ସମେତ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପୋଲିଂ ଷ୍ଟେସନ, ସମ୍ବେଦନଶୀଳ ପୋଲିଂ ଷ୍ଟେସନ, ଟ୍ରେନିଂ, ଟିମ ଗଠନ, ଇଭିଏମ, ମୋବାଇଲ ଭ୍ୟାନ, ଆଦର୍ଶ ଆଚରଣ ସଂହିତା, ଏନ୍ଫୋର୍ସମେଣ୍ଟ ଇତ୍ୟାଦି ବିଷୟରେ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଅଧିକାରୀମାନେ ଉତ୍ତମ ଭାବେ ସମନ୍ୱୟ ରଖି ଚଳିତ ସାଧାରଣ ନିର୍ବାଚନରେ କାର୍ଯ୍ୟ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ସହିତ ନିର୍ବାଚନ ପାଇଁ ନିଜ ନିଜ ପ୍ରସ୍ତୁତିକୁ ଜୋରଦାର କରିବାକୁ ଜିଲାପାଳ କହିଛନ୍ତି।

### କୁଲସର କ୍ରିକେଟ ପ୍ରତିଯୋଗିତା: ପିଥମପୁର କ୍ରିକେଟ କ୍ଲବ ବିଜୟୀ

ସମ୍ବଲପୁର,୧୦।୨( ଭବାନୀଶଙ୍କର ଭୋଇ)

ଯୁଯୋମୁରା ବ୍ଲକ ଅନ୍ତର୍ଗତ ନୂଆଁ ବରଗାଁମାଲର କୁଲସର ଖେଳ ପଡିଆଠାରେ ଶନିବାର ୩ଦିନିଆ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୫ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଜିଲା ତଥା ଜିଲା ବାହାରୁ ୧୬ଟି ଦଳ ଭାଗ ନେଇଥିଲେ। ପ୍ରତିଯୋଗିତାର ଫାଇନାଲ ମ୍ୟାଚ ପିଥମପୁର କ୍ରିକେଟ କ୍ଲବ ବିଶାଳଖିଣ୍ଡା ଓ ୫ ଷ୍ଟାର କ୍ରିକେଟ କ୍ଲବ କୁଲସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ପିଥମପୁର କ୍ରିକେଟ କ୍ଲବ ବିଶାଳଖିଣ୍ଡା ବିଜେତା ଏବଂ ୫ ଷ୍ଟାର କ୍ରିକେଟ କ୍ଲବ କୁଲସର ଉପ ବିଜେତା ହୋଇଥିଲା। ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ରାଜ୍ୟ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ହୀରାଲାଲ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟା କବିତା ସାହୁ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବିଜେତା ତଥା ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚକୁ ପ୍ରଶାନ୍ତ ବେହେରା, ସରୋଜ ବର୍ଗତି, ବଳରାମ ପୋଢ଼ ପ୍ରମୁଖ ପରିଚାଳନା କରିଥିଲେ। ଅଶୋକ ସାହୁ ଉଦଯାପନୀ ସମାରୋହକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା ଆୟୋଜନରେ କ୍ଲବର ନିକୁଞ୍ଜ ପ୍ରଧାନ, ପାର୍ଥ ପଶାୟତ, ମୁକେଶ ପ୍ରଧାନ, ଲୁକେଶ ପାତ୍ର, ଚନ୍ଦନ ପ୍ରଧାନଙ୍କ ସହ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଶହୀଦ ମଧୁ ଗଡ଼ତିଆଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ପ୍ରସ୍ତୁତି

ସମ୍ବଲପୁର,୧୦।୨( ଭବାନୀଶଙ୍କର ଭୋଇ)

ଆସନ୍ତା ୨୮ ତାରିଖରେ ଯୁଯୁମୁରାଠାରେ ଶହୀଦ ମଧୁ ଗଡ଼ତିଆଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ନେଇ ସ୍ମୃତି କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଯୁଯୋମୁରା ଗ୍ରାମୀଣ ଉଦ୍ୟାନ ପରିସରରେ ଶହୀଦ ମଧୁ ଗଡ଼ତିଆଙ୍କ ଏହି ପ୍ରତିମୂର୍ତ୍ତି ସ୍ଥାପନ ଏବଂ ଲୋକାର୍ପଣ ସମ୍ପର୍କରେ ସ୍ମୃତି କମିଟିର ସଭାପତି କିରଣ ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମକୁ ଚୁଡାନ୍ତ ରୂପ ଦିଆଯାଉଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହାତରେ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ଦିନ ଗଣ୍ଡ ସମାଜର ରାଧ୍ୟ ଦେବତା ଶ୍ରୀଜଂଘା ଆରା ବଡ଼ଦେଓଙ୍କ ଗ୍ରାମ ପରିକ୍ରମା କରାଯିବା ନେଇ ମଧ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ଏନେଇ ପ୍ରସ୍ତୁତି କାର୍ଯ୍ୟକ୍ରମରେ ମଧୁ ଗଡ଼ତିଆ ସ୍ମୃତି କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଯୁଯୁମୁରା ବ୍ଲକର ଗୋଣ୍ଡ ସମାଜର ସଭାପତି ଅଶ୍ୱିନୀ ଭୋଇ, ଯୁଯୁମୁରା ସମିତିସଭ୍ୟ ଜୟନ୍ତ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ କୁମୁରା, ସସ୍ମିତାରାଣୀ, ରଜନୀ ପାଣିଗାହୀ, ବରିଷ୍ଠ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡାଏବଂ ମଧୁ ଗଡ଼ତିଆଙ୍କ ବଂଶଜ ପ୍ରଶାନ୍ତ କୁମାର ସିଂହ ପ୍ରମୁଖ ପ୍ରତିମୂର୍ତ୍ତି ସ୍ଥାପନ ଦିଗରେ ସକ୍ରିୟ ଭାବେ ସାମିଲ ରହିଛନ୍ତି।

# କଳାକାରଙ୍କ ନୃତ୍ୟରେ ଦୁଲୁକିଲା ମଞ୍ଚ

ସମ୍ବଲପୁର,୧୦।୨(ବି.ଶଙ୍କର)

ସମ୍ବଲପୁର ଜିଲା ଓ ରାଜ୍ୟ ବାହାରୁ ଆଗତ କଳାକାରମାନଙ୍କ ନୃତ୍ୟ ଓ ଗୀତରେ ଦୁଲୁକି ଉଠିଥିଲା ସମ୍ବଲପୁର ଅଇଁଠାପାଲି ବିର୍ସା ମଇଦାନ ସ୍ଥିତ ମହୋତ୍ସବ ମଞ୍ଚ। ମହୋତ୍ସବର ମୁଖ୍ୟ ସଂଯୋଜକ ସପନ ମିଶ୍ରଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ସମ୍ବଲପୁରର ମହୋତ୍ସବରେ ସମ୍ବଲପୁର ଜିଲା ବିଜେଡି ସଭାପତି ତଥା ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଝାରୀ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ ନାଗରାଜୁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଚଳଚ୍ଚିତ୍ର ପ୍ରଯୋଜକ ଶ୍ରୀଧର ମାର୍ଥାଙ୍କୁ ସମ୍ମାନଜନକ ଲୋକଶ୍ରୀ ସମ୍ମାନ–୨୦୨୪ ପ୍ରଦାନ କରାଯାଇଛି। ପଶ୍ଚିମାଞ୍ଚଳର ସଂସ୍କୃତି ଅନନ୍ୟ ଅଟେ । ଏହା ସମସ୍ତଙ୍କୁ ଆପଣାର କରିପାରେ । କେବଳ ସମ୍ବଲପୁରୀ ଗୀତ, ନୃତ୍ୟ , ବାଦ୍ୟ ସମେତ ଏହି ଅଞ୍ଚଳର ପର୍ବପର୍ବାଣୀ ଓ ଲୋକ ଚଳନୀରେ ସ୍ୱତନ୍ତ୍ର ଆକର୍ଷଣ ରହିଛି। ଆଗାମୀ ଦିନରେ ବୀର ସୁରେନ୍ଦ୍ର ସାଏଙ୍କ ଉପରେ ଏକ ପୂର୍ଣ୍ଣାଙ୍ଗ ସିନେମା କରିବାକୁ ଶ୍ରୀଧର ମାର୍ଥା ଟାଇଟିଲ ରେଜିଷ୍ଟ୍ରେସନ କରିଥିବା ପ୍ରକାଶ କରିଛନ୍ତି। ଏହା ପ୍ରଥମେ ଓଡ଼ିଆ ଓ ସମ୍ବଲପୁରୀ ଭାଷାରେ ହେବ। ସମ୍ବଲପୁର ମହୋତ୍ସବ ଆୟୋଜନ କମିଟିର କର୍ମକର୍ତ୍ତା ପାର୍ବତୀ ସେଠ, ସଦାନନ୍ଦ ପଣ୍ଡା, ରାମାଶିଷ ତ୍ରିପାଠୀ, ବିଦ୍ୟୁତ୍‌ପ୍ରଭା ମିଶ୍ର, ସ୍ୱୟଂଜିତ ପଟ୍ଟନାୟକ, ଭାସ୍କର ଭଟ୍ଟାଚାର୍ଯ୍ୟ, ରାଜକୁମାର ଜାଲ, ଧରଣୀଧର ନାଥ, ସୁମନ୍ତ ଆଚାର୍ଯ୍ୟ, ଅଭୟ ପ୍ରଧାନ ମଞ୍ଚାସୀନ ଥିଲେ। ଜାମସେଦପୁର ନୃତ୍ୟ ଦଳ ସମଲେଇ ମନ୍ଦିର ଶୀର୍ଷକ ନୃତ୍ୟାଭିନୟ କରିଥିଲେ । ସେହିପରି ଜମାଦାରପାଲି ସ୍ଥିତ ଗାୟତ୍ରୀ ଫାର୍ମାସୀ କଲେଜର ଛାତ୍ରୀଛାତ୍ର ଶ୍ରୀରାମ କଥାକୁ ନେଇ ନୃତ୍ୟ ପରିବେଷଣ କରିଥିଲେ । ଏଥିସହ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ନୃତ୍ୟ ଓ ଗୀତ କରିବେଷଣ କରିଥିଲେ।


ସମ୍ବଲପୁର ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**ସମ୍ବଲପୁର ମହୋତ୍ସବ**

# ପୂର୍ବ ଭାରତ ହେବ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ହବ୍

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୁଇଟ୍‌ର ୧୪ତମ ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୧୦।୨(ପ୍ରମୋଦ ବହିଦାର): ପୂର୍ବ ଭାରତକୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ହବ୍‌ରେ ପରିଣତ କରିବାକୁ ଦେଶର ପ୍ରଧାନମନ୍ତ୍ରୀ ପ୍ରତିବଦ୍ଧ। ଏଥିପାଇଁ ସେ ସର୍ବଦା ଏହାର ବିକାଶକୁ ଗୁରୁତ୍ୱ ଦେଇ ଆସିଛନ୍ତି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ପ୍ରାଦୌଗିକ ସଂସ୍ଥାନ(ସୁଇଟ୍)ର ୧୪ତମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡ. ମିଶ୍ର ଏହା କହିଛନ୍ତି। ଏହି ଅବସରରେ ଡ. ମିଶ୍ର ତାଙ୍କ ଅଭିଭାଷଣରେ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉତ୍କର୍ଷତା ହାସଲ ଲକ୍ଷ୍ୟରେ ଅଭିନବ, ପ୍ରତିଶ୍ରୁତିବଦ୍ଧତା ଓ ଉତ୍ସର୍ଗୀକୃତ ଭାବେ ନିରନ୍ତର ଅଗ୍ରସର ହେଉଥିବା ସୁଇଟ୍ ଭଳି ଅନୁଷ୍ଠାନର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ନିଜକୁ ଭାଗ୍ୟବାନ୍ ବୋଲି କହିଥିଲେ। ସେ ଜାତୀୟ ସୁପର କମ୍ପ୍ୟୁଟିଂ ମିଶନ ଉପରେ ଆଲୋକପାତ କରି ଆଇଆଇଟି ଖଡ଼ଗପୁର ବିଜ୍ଞାନ ଓ ବୈଷୟିକ ବିଭାଗ ଆଡ଼ଭାନ୍ସ କମ୍ପ୍ୟୁଟିଂ(ସି-ଡିଏସି) ଦ୍ୱାରା ଛାତ୍ରୀଛାତ୍ରଙ୍କୁ ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଶିକ୍ଷାଦାନର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ସେହିପରି ସରକାରଙ୍କ ଅନୁସନ୍ଧାନ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନ (ଏଏନ୍‌ଆର୍‌ଏଫ୍)ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ଆର୍ଥିକ ସହାୟତାରେ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସେହିପରି ବିଶେଶ୍ୱରାୟ ପିଏଚ୍‌ଡି ସ୍କିମ୍ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ଏହାବ୍ୟତୀତ ଏନଏଏଏସ୍‌ସିଓଏମ୍ (ନାସକମ୍) ଡିଜିଟାଲ ସ୍କିଲ୍ ଜରିଆରେ ଭାରତକୁ ସଫ୍ଟୱେର କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରରେ ପରିଣତ ଲକ୍ଷ୍ୟର ସଫଳତା ଉପରେ ମଧ୍ୟ ଆଲୋଚନା କରିଥିଲେ। ଏ ଦିଗରେ ଏମ୍‌ଇଆଇଟି କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ନୀତି ନିର୍ଦ୍ଧାରଣ ଏବଂ ବିକାଶ ପାଇଁ ଏକ ଏଜେନ୍ସି ଭାବେ କାର୍ଯ୍ୟ ଜାରି ରଖିଛି ବୋଲି କହିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୁଇଟ୍ ପରିସରସ୍ଥ ଡ. ଏପିଜେ ଅବଦୁଲ କଲାମ ପ୍ରେକ୍ଷାଳୟରେ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟଅତିଥି ଡ. ପ୍ରମୋଦ ମିଶ୍ର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସୁଇଟ୍ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ମହାନ୍ତି ଉତ୍ସବରେ ଅଧ୍ୟକ୍ଷତା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ବିଧୁଭୂଷଣ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶେଷରେ ଛାତ୍ର କଲ୍ୟାଣ ଡିନ୍ ଡ. ସୁଦର୍ଶନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଛାତ୍ରୀଛାତ୍ରଙ୍କ ସହିତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ପୂର୍ବତନ କର୍ମଚାରୀ ଓ ପ୍ରଫେସରଙ୍କ ସହ ବହୁସଂଖ୍ୟାରେ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଏହା ପୂର୍ବରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଅର୍ଥନୀତି ବିଭାଗ ପକ୍ଷରୁ ଆୟୋଜିତ ଓଡ଼ିଶା ଅର୍ଥନୀତି ସଙ୍ଗଠନର ୫୬ତମ ବାର୍ଷିକ ଉତ୍ସବରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ମିଶ୍ର ଯୋଗଦେଇଥିଲେ।


ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଷ୍ଠା ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟ ଅତିଥି ଡ. ପ୍ରମୋଦ କୁମାର ମିଶ୍ର।

### ସମ୍ବଲପୁର ମହୋତ୍ସବର ଆଲୋଚନାଚକ୍ର

ସମ୍ବଲପୁର,୧୦।୨(ବି.ଶଙ୍କର)– –ସମ୍ବଲପୁର ମହୋତ୍ସବ–୨୦୨୪ର ଆଲୋଚନାଚକ୍ର ଅଇଁଠାପାଲି ନିକଟସ୍ଥ ଡଲଫିନ ସଭାକକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। 'ପଶ୍ଚିମାଞ୍ଚଳର ସମୃଦ୍ଧ ଅତୀତକେ ଇତିହାସଥି ଉଚିତ ଠାନ ଦିଆଯାଇଛେ କାଏଁ' ଶୀର୍ଷକ ଆଲୋଚନାଚକ୍ରରେ ଜିଏମ୍ୟୁ ଭୀମ ଭୋଇ ଚେୟାରର ଅଧ୍ୟକ୍ଷ ଡ. ପ୍ରଦୀପ ପଣ୍ଡା ସଭାପତିତ୍ୱ କରିଥିଲେ। ସାହିତ୍ୟିକ ମୋହନ ସାହୁ କହିଥିଲେ ଯେ, ଆଞ୍ଚଳିକ ହେଉ ବା ଜାତୀୟ, ପଶ୍ଚିମାଞ୍ଚଳର ସମୃଦ୍ଧ ଅତୀତକୁ ଠିକ ସ୍ଥାନ ମିଳିନାହିଁ। ଏହି ଅଞ୍ଚଳର ପ୍ରାକ ଐତିହାସିକ କାଳରୁ ଆଧୁନିକ ସମୟ ପର୍ଯ୍ୟନ୍ତ ଇତିହାସରେ ଅନେକ ଏପରି ଘଟଣା ଘଟିଛି। ଯାହା ଜାତୀୟ ସ୍ତରରେ ମଧ୍ୟ ଆଲୋକିତ ହେବା ଉଚିତ । ମହାନଦୀର ଅବବାହିକା ହେଉ କିମ୍ବା ଏ ଅଞ୍ଚଳର ଅନ୍ୟାନ୍ୟ ଅଞ୍ଚଳ ହେଉ, ଅନେକ ଗୁରୁତ୍ୱପୂର୍ଣ୍ଣ ସଂଘଟନ ଜାତୀୟ ଓ ଅନ୍ତର୍ଜାତୀୟ ଗୁରୁତ୍ୱ ବହନ କରେ । ବୀର ସୁରେନ୍ଦ୍ର ସାଏଙ୍କ ସହଯୋଗୀମାନଙ୍କ ଇତିହାସ ଅନାଲୋକିତ ହୋଇ ରହିଛି। ହୀରାକୁଦ ବିସ୍ଥାପିତ ଲୋକଙ୍କ ଦୁର୍ଦ୍ଦଶା ଅଲିଖିତ ରହିଯାଇଛି। ସାଧକଶ୍ରୀ ସଦାନନ୍ଦ ପଣ୍ଡା ମତ ଦେଇଥିଲେ ଯେ, ଅଞ୍ଚଳର ଏପରି ସମସ୍ତ ବିଷୟ ପ୍ରତି ପଶ୍ଚିମାଞ୍ଚଳରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକର ଇତିହାସ ବିଭାଗର ଅଧ୍ୟାପକମାନେ ନିଜ ନିଜର ଛାତ୍ରୀଛାତ୍ରଙ୍କ ସହ ମିଶି ଏ ଦିଗରେ ଖୋଜା ଖୋଜି କରି ଇତିହାସକୁ ଲିପିବଦ୍ଧ କରିବା ଉଚିତ। ମହୋତ୍ସବର ସଂଯୋଜକ ସପନ ମିଶ୍ର ଆଲୋଚନାର ନିଷ୍କର୍ଷକୁ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବରେ ଜଣାଇ ଦିଆଯିବ ବୋଲି କହିଥିଲେ । ଶେଷରେ ତୁଷାର ରଞ୍ଜନ ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ, ହତ୍ୟା ସନ୍ଦେହ

## ଶବ ରଖି ମୁଖ୍ୟରାସ୍ତା ଅବରୋଧ କଲେ ହୀରାକୁଦବାସୀ

ସମ୍ବଲପୁର,୧୦।୨(ପ୍ରମୋଦ ବହିଦାର):

ଶାସନଥାନା ଅନ୍ତର୍ଗତ ହୀରାକୁଦ ଜଳଭଣ୍ଡାର ପାଦଦେଶ ବଲବସପୁର ନିକଟରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ଜବତ କରିଛି। ତେବେ ମହିଳାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ହତ୍ୟା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ।

ମିଳିଥିବା ସୂଚନା ଅନୁସାରେ ଶନିବାର ସକାଳେ ସ୍ଥାନୀୟ ଲୋକଙ୍କ ଠାରୁ ବଲବସପୁରରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଶାସନଥାନା ପୋଲିସ ଖବର ପାଇଥିଲା। ଖବର ପାଇ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରିଥିଲା। ମୃତ ମହିଳା ଜଣକ ହେଲେ ହୀରାକୁଦର ଶଶୀ ପାଗୋଡ଼ା(୫୫)। ସେ ହୀରାକୁଦରେ ଜଣେ ନେତାଙ୍କ ଘରେ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିଲେ। ତେବେ ତାଙ୍କ ମୃତଦେହ ବଲବସପୁର କିଭଳି ଆସିଲା ତାହା ସନ୍ଦେହ ସୃଷ୍ଟି କରିଛି। ଏଣୁ ଏହା ହତ୍ୟା ସନ୍ଦେହକୁ ଅଧିକ ଘନିଭୂତ କରିଛି। ଶାସନଥାନାରେ ଏନେଇ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରେ ସ୍ଥାନୀୟ ଲୋକେ ହୀରାକୁଦ ଥାନା ସମ୍ମୁଖରେ ମୃତଦେହ ରଖି ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଓ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ସନ୍ଧ୍ୟା ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ପୋଲିସ ଅଧିକାରୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ଆବଶ୍ୟକ କ୍ଷତିପୂରଣ ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେଲା ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରଶମିତ ହୋଇଥିଲା।

# ଦୋକାନରୁ ଚୋରି ଅଭିଯୋଗରେ ୨ ଗିରଫ

## ୧୪ ମୋବାଇଲ ଫୋନ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ


ମୋବାଇଲ ଦୋକାନରୁ ଚୋରି ଅଭିଯୋଗରେ ଗିରଫ ଅଭିଯୁକ୍ତ ଓ ଚୋରି ସାମଗ୍ରୀ।

ସମ୍ବଲପୁର,୧୦।୨(ପ୍ରମୋଦ ବହିଦାର): ସମ୍ବଲପୁର ଟାଉନଥାନା ଅନ୍ତର୍ଗତ ଏକ ମୋବାଇଲ୍ ଦୋକାନର ତାଲା ଓ ସଟର ଭାଙ୍ଗି ମୋବାଇଲ୍ ଓ ଟ୍ୟାବଲେଡ୍ ଚୋରି ଅଭିଯୋଗରେ ପାଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁସାରେ ଗତ ଫେବୃଆରୀ ୭ ବିଳମ୍ବିତ ରାତିରେ ଦୋକାନରୁ ୨୫ଟି ମୋବାଇଲ ଓ ଦୁଇଟି ଟ୍ୟାବଲେଡ୍ ଚୋରି ହୋଇଥିବା ଦୋକାନର ମାଲିକ ପ୍ରକାଶ କୁମାର ପାଢ଼ୀ ଟାଉନ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଟାଉନଥାନାରେ ଏକ ମାମଲା (ନଂ. ୫୮/୨୪) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ସର୍ବପ୍ରଥମେ ଏଥିରେ ସମ୍ପୃକ୍ତ ଫାର୍ମରୋଡ ଫିସରିବନ୍ଧ ନିକଟସ୍ଥ ସାଗର ସିକା(୨୦)ଙ୍କୁ ଗିରଫ କରିଥିଲା। ଏହାବାଦ ଶନିବାର ସକାଳେ ଅନ୍ୟତମ ଅଭିଯୁକ୍ତ ଠେଲକୋପଡ଼ାର ବାବୁ ସୁନା ଓରଫ ନାଇଣ୍ଟି(୨୩)ଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି। ସେମାନଙ୍କ ନିକଟରୁ ବିଭିନ୍ନ କମ୍ପାନୀର ଚୋରି ହୋଇଥିବା ୧୪ଟି ମୋବାଇଲ୍ ଫୋନ୍ ଓ ୨ଟି ଟ୍ୟାବଲେଡ୍‌କୁ ପୋଲିସ ଜବତ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

# ବରିଷ୍ଠ ଖେଳାଳିଙ୍କ ମଧ୍ୟରେ କ୍ରିକେଟ୍ ପ୍ରତିଯୋଗିତା


ବରିଷ୍ଠ କ୍ରିକେଟ୍ ପ୍ରତିଯୋଗିତାର ବିଜେତା ଦଳକୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ସମ୍ବଲପୁର,୧୦।୨(ପ୍ରମୋଦ ବହିଦାର):

ମାନେଶ୍ୱର ବ୍ଲକ ଅନ୍ତର୍ଗତ ଉକରା ପଞ୍ଚାୟତ ସୁବନପୁରଠାରେ ଝାଡ଼େଶ୍ୱରୀ କ୍ଲବ ଆନୁକୂଲ୍ୟରେ ୪୦ ବର୍ଷରୁ ଊର୍ଦ୍ଧ୍ୱ ଖେଳାଳୀଙ୍କ ମଧ୍ୟରେ ଏକ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗ ନେଇଥିବା ୮ଟି ଦଳ ମଧ୍ୟରୁ ଆମକୁନୀ ଓ କେସାପାଲି ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଶେଷରେ ଆମକୁନୀ ଦଳ ୧୦ ରନ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳକୁ ଅମ୍ପାୟାର ଭାବେ ରାଜୀବ ନାୟକ, ବିଶ୍ୱକିଶୋର ଗଉନ୍ତିଆ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ବିଜେଡି ରାଜ୍ୟ ସମ୍ପାଦକ ମନୋଜ ମହାପାତ୍ର ବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମଣ ପ୍ରଧାନ, ଗୌର ବେହେରା, ବିପିନ ନାୟକ, ମାନୁ ବେହେରା, ପରାଗ ମହନ୍ତ, ଦିଲୀପ ସାହୁ, ମାନସ ବେହେରା, ସୁଧୀର ପ୍ରଧାନ, ଶ୍ରୀକାନ୍ତ ଭୋଇ, ମନୋଜ ସାହୁ, ରୋହୀତ ସାହୁ, ଗଣେଶ ମହାପାତ୍ର, ଭକ୍ତ ସାହୁ, ପ୍ରଶାନ୍ତ ବେହେରାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ରାଉରକେଲା ଓ ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ ବିଜୟୀ

ସମ୍ବଲପୁର,୧୦।୨(ବି.ଶଙ୍କର)

ରାଜ୍ୟସ୍ତରୀୟ ୧୨ତମ ଦିନବନ୍ଧୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ମ୍ୟାଚରେ ରାଉରକେଲା ଆରୱାଇସିସି ଏବଂ ଆୟୋଜକ ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ବିଜୟୀ ହୋଇ ଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ସମ୍ବଲପୁରସ୍ଥିତ ହାୱା ମଇଦାନଠାରେ ପ୍ରଥମ ମ୍ୟାଚ ରାଉରକେଲା ବନାମ ସମ୍ବଲପୁର ଫୋରସି ମଧ୍ୟରେ ହୋଇଥିଲା । ରାଉରକେଲା ଦଳ ଟସ ଜିଣି ବ୍ୟାଟିଂ କରିବାକୁ ଫୋରସିକୁ ଆମନ୍ତ୍ରଣ କରିଥିଲା। ଫୋରସି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରିଥିଲା। ଦଳର ଅମରନାଥ ଭୋଇ ୬୩ ବଲ ୫୧ ରନ ସଂଗ୍ରହ କରିଥିଲେ। ରାଉରକେଲା ବୋଲର ସୌମ୍ୟ ଲେଙ୍କା ୪ଟି ଓ ପିଣ୍ଟୁ ବାରିକ ୨ଟି ଉଇକେଟ ହାସଲ କରିଥିଲେ । ୧୫୨ ରନର ବିଜୟ ଲକ୍ଷ୍ୟ ନେଇ ରାଉରକେଲା ଖେଳାଳିମାନେ ପ୍ରାରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଫଳ ସ୍ୱରୂପ ଦଳ ୧୯.୨ ଓଭରରେ ୮ଟି ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳର ପ୍ରିନ୍ସକେ ସିଂ ୪୮ ବଲରେ ଧୂଆଁଧାର ୭୦ ରନ ସଂଗ୍ରହ କରିଥିଲେ । ଫୋରସି ବୋଲର ମହାମ୍ମଦ ଇଜାଜ ଓ ପ୍ରିୟରଞ୍ଜନ ନାଥ ୨ଟି ଲେଖାଁଏ ଉଇକେଟ ହାସଲ କରିଥିଲେ। ଦ୍ୱିତୀୟ ମ୍ୟାଚଟି ଟୁର୍ନାମେଣ୍ଟ ଆୟୋଜକ ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ବନାମ ଝାରସୁଗୁଡା ପ୍ରୋଗେସିଭ ମଧ୍ୟରେ ହୋଇଥିଲା । ଏଥିରେ ସ୍ପୋର୍ଟିଂ ୟୁନିୟନ ୨ଟି ଉଇକେଟରେ ବିଜୟୀ ହୋଇଥିଲା । ଟସ୍ ଜିଣି ଝାରସୁଗୁଡା ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୮ଟି ଉଇକେଟ ହରାଇ ୧୯୧ ରନ ସଂଗ୍ରହ କରି ବିଶାଳ ସ୍କୋର ଛିଡା କରି ବିପକ୍ଷ ଦଳ ସକାଶେ ମୁଣ୍ଡ ବ୍ୟାଥାର କାରଣ ହୋଇଥିଲା। ଦଳର ମହମ୍ମଦ ୱାଇ କ୍ୟୁରେସି ୪୧ ବଲରେ ଧୂଆଁଧାର ୧୨୯ ରନ କରିଥିଲେ। ସ୍ପୋର୍ଟିଂ ୟୁନିୟନ ବୋଲର ଗୋପାଳ ହାତୀ ୩ଟି ଓ ଅଂଶୁମାନ ପୁରୋହିତ ୨ଟି ଉଇକେଟ ହାସଲ କରିଥିଲେ । ୧୯୨ ରନର ବିଜୟ ଲକ୍ଷ୍ୟ ନେଇ ସ୍ପୋର୍ଟିଂ ୟୁନିୟନ ଖେଳାଳିମାନେ କ୍ରିଜକୁ ଓହ୍ଲାଇଥିଲେ । ଦଳ ୧୮ ଓଭରରେ ୮ଟି ଉଇକେଟ ହରାଇ ୧୯୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ବ୍ୟାଟ୍ସମ୍ୟାନ ମାନସ ପଟ୍ଟନାୟକ ୬୧ ବଲରେ ୧୨୨ ଓ ସନ୍ଦେଶ ପୂଜାରୀ ୨୭ ବଲରେ ୪୨ରନ କରିଥିଲେ। ଅମ୍ପାୟାର ସୌମ୍ୟ ଦର୍ଶନ ମହାନ୍ତି, ମହମ୍ମଦ ଇସାକ, ବିକାଶ ହୋତା ମ୍ୟାଚ ପରିଚାଳନା କରିଥିଲେ। ଯୁଧିଷ୍ଠିର ନାରାୟଣ ସ୍କୋର ଥିଲେ। ଅଶୋକ ବର୍ମା, ସୌମ୍ୟରଞ୍ଜନ ଠାକୁର, ଶେଖର ଜୈନ, ମାନସ ରଞ୍ଜନ ପ୍ରଧାନ, ଦୀପକ ମିଶ୍ର, ସମ୍ବଲପୁର ଜିଲା ଓକିଲ ସଂଘ ସାଧାରଣ ସମ୍ପାଦକ ସରୋଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ ଅନୁଷ୍ଠାନ ସଭାପତି ବିକାଶ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ସଞ୍ଜିବ କୁମାର ନାୟକ ସୂଚନା ପ୍ରଦାନ କରିଥିଲେ। ଉପସଭାପତି ଭାଗିରଥି ସିଂଦେଓ ଅତିଥି ସ୍ୱାଗତ ଓ କାର୍ଯ୍ୟକାରି ସଭାପତି ପ୍ରଦୀପ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।


ସମ୍ବଲପୁରସ୍ଥିତ ହାୱା ମଇଦାନଠାରେ ଅତିଥିଙ୍କ ସହ ଖେଳାଳିମାନେ।

**ରାଜ୍ୟସ୍ତରୀୟ ୧୨ତମ ଦିନବନ୍ଧୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

# ହାତୀପଲଙ୍କ ଅନୁପ୍ରବେଶ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ

ଭବାନୀପାଟଣା,୧୦।୨(ଉତ୍ତମ କୁମାର ଦାଶ)


ହାତୀପଲ।

କଳାହାଣ୍ଡି ଜିଲା ରୁପ୍ରାରୋଡ ଜଙ୍ଗଲ ଅଞ୍ଚଳରୁ ଗତ ୩ ତାରିଖରୁ ୧୯ ଟିକିଆ ହାତୀପଲ ତୁଣ୍ଡଲା ଅଞ୍ଚଳକୁ ପଶି ଆସିଛନ୍ତି। ଏହି ହାତୀପଲ ଖାଦ୍ୟ ଅନ୍ୱେଷଣରେ ତୁଣ୍ଡଲା, ବିଜଖମନ, କିନେରକେଲା, ଥାପେନ, ପଲମ ଓ ଏହାର ଆଖପାଖ ଗ୍ରାମରେ ପ୍ରତ୍ୟେକ ଦିନ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ଘୁରି ବୁଲୁଛନ୍ତି। ହାତୀପଲଙ୍କ ଗତିବିଧି ହେତୁ ଜଙ୍ଗଲ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଟିପିଡବ୍ଲୁଓଡିଏଲର ଗୋଟିଏ ଟିମ ହାତୀପଲ ଉପରେ ନଜର ରଖିବା ସହ ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ କରୁଛନ୍ତି। ଫଳ ସ୍ୱରୂପ ଗତ ୩ ଫେବୃୟାରୀ ଠାରୁ ପ୍ରତ୍ୟେକ ଦିନ ସନ୍ଧ୍ୟାରୁ ତା' ପରଦିନ ସକାଳ ପର୍ଯ୍ୟନ୍ତ ୧୨ରୁ ୧୪ ଘଣ୍ଟା ଧରି ବିଦ୍ୟୁତ୍ ସେବା ଉପରକ୍ତ ଅଞ୍ଚଳରେ ବ୍ୟାହତ ହେଉଛି। ଜଙ୍ଗଲ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ହାତୀପଲ ଉକ୍ତ ଜନବସତି ଅଞ୍ଚଳ ଛାଡ଼ିବା ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ଏହିପରି ଭାବେ ବ୍ୟାହତ ରହିବ। ଏଥିପାଇଁ କଳାହାଣ୍ଡି ପୂର୍ବ ବିଦ୍ୟୁତ୍ ବିଭାଗର ୩ଟି ଟ୍ରାନ୍ସଫର୍ମରକୁ ବନ୍ଦ କରିବା ବିଭାଗ ପକ୍ଷରୁ ଜରୁରୀ ହୋଇପଡ଼ିଛି। ସେହିପରି ଅନେକ ସମୟରେ କେସିଙ୍ଗାସ୍ଥିତ ୩୩ କେଭି ଗ୍ରୀଡ-ସବଷ୍ଟେଶନରୁ ବିଦ୍ୟୁତ୍ ଯୋଗାଣ ମଧ୍ୟ ବନ୍ଦ କରିବାକୁ ପଡୁଛି। ଏହିପରି ବିଦ୍ୟୁତ୍ ସେବା ବ୍ୟାହତ ଫଳରେ ୨୦ହଜାରରୁ ଊର୍ଦ୍ଧ୍ୱ ଟିପିଡବ୍ଲୁଓଡିଏଲ ଗ୍ରାହକ ଅନବରତ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ଆମେ ଦୁଃଖପ୍ରକାଶ କରିବା ସହ ଜନସାଧାରଣ, ପ୍ରଶାସନ ତଥା ଗ୍ରାହକଙ୍କ ସହଯୋଗ କାମନା କରୁଅଛୁ ବୋଲି ଟିପିଡବ୍ଲୁଓଡିଏଲ, କର୍ପୋରେଟ କାର୍ଯ୍ୟାଳୟ, ବୁର୍ଲା ସରକାରୀ ସମ୍ପର୍କ ବିଭାଗ ମୁଖ୍ୟ ମନୋଜ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ୧୮ରୁ କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫି



କର୍ଣ୍ଣେଲ ସିକେ ନାଇଡୁ କ୍ରିକେଟ୍ ମ୍ୟାଚ୍ ସମ୍ପର୍କରେ ସୂଚନା ଦିଆଯାଉଛି।

ବଲାଙ୍ଗୀର,୧୦।୨(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ୧୮ରୁ ୨୧ ଫେବୃୟାରୀ ପର୍ଯ୍ୟନ୍ତ ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ବନାମ ପଞ୍ଜାବ ଦଳ ପରସ୍ପର ଖେଳିବେ। ଓଡିଶା କ୍ରିକେଟ ଆସୋସିଏଶନ ଏବଂ ଜିଲା କ୍ରୀଡା ସଂସଦ ବଲାଙ୍ଗୀର ଆନୁକୂଲ୍ୟରେ କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଏନେଇ ଶନିବାର ସ୍ଥାନୀୟ ଡବ୍ଲୁଓଡିସି ପାଭିଲିଅନ୍‌ଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଥିଲା। ଓଡ଼ିଶା ଓ ପଞ୍ଜାବ ମଧ୍ୟରେ ହେବାକୁ ଥିବା ଏହି ଟ୍ରଫି ପାଇଁ ଉଭୟ ଦଳର ଖେଳାଳୀ ଓ ଅଫିସିଆଲ ଆଗାମୀ ୧୫ତାରିଖରେ ବଲାଙ୍ଗୀରରେ ପହଞ୍ଚିବେ ଓ ୧୬ ଓ ୧୭ ତାରିଖ ଦୁଇ ଦିନ ଷ୍ଟାଡିୟମ ଆସି ନେଟ୍ ପ୍ରାକ୍ଟିସ କରିବେ। ସମ୍ମିଳନୀରେ ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ପ୍ରଭାତ ସିଂ ଓ ଜିଲା କ୍ରୀଡାଧିକାରୀ ପରାଶର ବାଗ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଜିଲା କ୍ରୀଡା ସଂସଦ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଡ. ମିଶ୍ର ସ୍ୱାଗତ ଭାଷଣ ଦେବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ପରେ ସାଧାରଣ ସମ୍ପାଦକ ପୂଜାରୀ ବାର୍ଷିକ ବିବରଣୀ ଓ ଆୟବ୍ୟୟର ବିବରଣୀ ତଥା ବାର୍ଷିକ ଅଡିଟ ରିପୋର୍ଟ ଉପସ୍ଥାପନ କରିଥିଲେ। ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଧନ୍ୟବାଦ କରିଥିଲେ।

# ଭି. ସୁଜ୍ଞାନ କୁମାରୀ ଦେଓଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୧୦।୨(ଅନିଲ ଦାସ)

ଖଲ୍ଲିକୋଟର ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକପ୍ରକାଶ ପାଇଛି। ରାଜ୍ୟପାଳ ରଘୁବର ଦାସ ସୁଜ୍ଞାନ କୁମାରୀଙ୍କ ବିୟୋଗରେ ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁଜ୍ଞାନ କୁମାରୀଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ବିଶିଷ୍ଟ ରାଜନୈତିଜ୍ଞ ତଥା ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ବିଜୁ ଜନତା ଦଳର ବରିଷ୍ଠ ନେତ୍ରୀ ଭାବେ ଦଳକୁ ସଙ୍ଗଠିତ କରିବାରେ ତାଙ୍କର ବଡ଼ ଯୋଗଦାନ ରହିଛି। ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ୧୦ଥର ବିଧାୟିକା ଭାବେ ପ୍ରତିନିଧିତ୍ୱ କରି ଜନସେବାରେ ସେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। ଏହା ଏକ ଅପୂରଣୀୟ କ୍ଷତି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି। ସେହିପରି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ମଧ୍ୟ ଶୋକପ୍ରକାଶ କରିଛନ୍ତି। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ପ୍ରଫୁଲ୍ଲ ମଲ୍ଲିକ, ବିକ୍ରମ କେଶରୀ ଆରୁଖ, ଅଶ୍ୱିନୀ ପାତ୍ର, ଟୁକୁନି ସାହୁ, ବାସନ୍ତୀ ହେମ୍ବ୍ରମ ପ୍ରମୁଖ ସୁଜ୍ଞାନ କୁମାରୀ ଦେଓଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି।

ସୁଜ୍ଞାନ କୁମାରୀ ଦେଓଙ୍କ ମରଶରୀର ଶନିବାର ରାତି ୮ଟାରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରୁ ପାର୍ଥିବ ଶରୀରକୁ ଶଙ୍ଖ ଭବନକୁ ନିଆଯାଇଥିଲା। ସେଠାରେ ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେଠାରୁ ତାଙ୍କ ପାର୍ଥିବ ଶରୀରକୁ ବିଧାନସଭା ପରିସରକୁ ନିଆଯାଇଥିଲା। ସେଠାରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ବାଚସ୍ପତି ପ୍ରମିଳା ମଲ୍ଲିକ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହାପରେ ମରଶରୀରକୁ ତାଙ୍କ ବାସଭବନ ଖଲ୍ଲିକୋଟକୁ ନିଆଯାଇଥିଲା।


ବିଧାନସଭା ପରିସରରେ ଶନିବାର ରାତିରେ ଭି. ସୁଜ୍ଞାନ କୁମାରୀ ଦେଓଙ୍କ ମରଶରୀର ପହଞ୍ଚିବା ପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।


ଶଙ୍ଖ ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଶେଷ ଦର୍ଶନ କରୁଛନ୍ତି।


ବିଧାନସଭା ପରିସରରେ ସମ୍ପର୍କୀୟ, ନେତା ଓ ଅନ୍ୟମାନେ।


ଶଙ୍ଖ ଭବନରେ ଆତ୍ମୀୟସ୍ୱଜନଙ୍କ ଶୋକାକୁଳ ପରିବେଶ।


ବିଧାନସଭା ପରିସରରେ ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଶେଷ ଦର୍ଶନ ପାଇଁ ଅପେକ୍ଷାରତ ବିଭିନ୍ନ ଦଳର ନେତା, ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

# ୫ ହଜାର ବିଦ୍ୟାର୍ଥୀ ପାଇବେ ରିଲାଏନ୍ସ ଫାଉଣ୍ଡେଶନ ଶିକ୍ଷାବୃତ୍ତି

## ପ୍ରକାଶ ପାଇଲା ପରୀକ୍ଷାଫଳ

ଭୁବନେଶ୍ୱର,୧୦।୨ (ଅନୁରାଧା ମହାରଣା)

ରିଲାଏନ୍ସ ଫାଉଣ୍ଡେଶନ ଅଣ୍ଡରଗ୍ରାଜୁଏଟ (ୟୁଜି) ଶିକ୍ଷାବୃତ୍ତି ୨୦୨୩-୨୪ ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି ଶିକ୍ଷାବୃତ୍ତି ପାଇବାକୁ ଦେଶର ୫ ହଜାର ବିଦ୍ୟାର୍ଥୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୧୨୧ଜଣ ରହିଛନ୍ତି। ଛାତ୍ରୀଛାତ୍ର ସେମାନଙ୍କ ଫଳାଫଳ ରିଲାଏନ୍ସ ଫାଉଣ୍ଡେଶନ ୱେବ୍‌ସାଇଟ୍ www.reliancefoundation.orgରୁ ଜାଣିପାରିବେ। ଉଚ୍ଚଶିକ୍ଷା ପାଇଁ ପ୍ରଦାନ କରାଯାଉଥିବା ଏହି ଶିକ୍ଷାବୃତ୍ତିରେ ଅଣ୍ଡରଗ୍ରାଜୁଏଟ୍ (ୟୁଜି) ଛାତ୍ରୀଛାତ୍ରଙ୍କୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷାବୃତ୍ତି ପ୍ରଦାନ କରାଯିବ।

ଭାରତର ୩୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୫୫୦୦ରୁ ଅଧିକ ଶିକ୍ଷାନୁଷ୍ଠାନରେ ପଢୁଥିବା ୫୮ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଶିକ୍ଷାବୃତ୍ତି ପାଇଁ ଆବେଦନ କରିଥିଲେ। ତେବେ ମେରିଟ୍-କମ୍-ମିନ୍‌ସ ପ୍ରକ୍ରିୟା ତଥା ଆପ୍ଟିଚ୍ୟୁଡ୍ ପରୀକ୍ଷାରେ ପ୍ରଦର୍ଶନ ଏବଂ ଦ୍ୱାଦଶ ଶ୍ରେଣୀ ମାର୍କ ଆଧାରରେ ଯୋଗ୍ୟ ୫ହଜାର ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ଏମାନଙ୍କ ମଧ୍ୟରୁ ୭୫ ପ୍ରତିଶତଙ୍କ ଘରୋଇ ବାର୍ଷିକ ଆୟ ୨.୫ଲକ୍ଷ ଟଙ୍କାରୁ କମ୍ ରହିଛି। ଶିକ୍ଷା, ଗବେଷଣା ଏବଂ ଉଦ୍ଭାବନ କ୍ଷେତ୍ରରେ ଉତ୍କର୍ଷତା ଆଣିବା ଉଦ୍ଦେଶ୍ୟରେ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଏହି ଶିକ୍ଷାବୃତ୍ତି ପ୍ରଦାନ କରାଯାଉଥିବା ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୨୩,୧୩୬ଜଣ ଛାତ୍ରୀଛାତ୍ର ଏହି ଶିକ୍ଷାବୃତ୍ତି ପାଇଥିବାବେଳେ ୪୮ ପ୍ରତିଶତ ବାଳିକା ଓ ୩୦୦୧ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ରହିଛନ୍ତି। ବାଣିଜ୍ୟ, କଳା, ମ୍ୟାନେଜମେଣ୍ଟ, କମ୍ପ୍ୟୁଟର ଆପ୍ଲିକେଶନ, ବିଜ୍ଞାନ, ଭେଷଜ, ଆଇନ, ଶିକ୍ଷା, ଆତିଥ୍ୟ, ସ୍ଥାପତ୍ୟ, ଇଞ୍ଜିନିୟରିଂ, ଟେକ୍ନୋଲୋଜି ଏବଂ ଅନ୍ୟାନ୍ୟ ୟୁଜି ଡିଗ୍ରୀ ଆଦି ବିଭାଗର ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରାଯାଇଛି। ସୂଚନାଥାଉ କି, ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ୧୯୯୬ ମସିହାରୁ ଶିକ୍ଷାବୃତ୍ତି ପ୍ରଦାନ କରାଯାଉଛି। ୨୦୨୨ ଡିସେମ୍ବରରେ ରିଲାଏନ୍ସର ପ୍ରତିଷ୍ଠାତା ଧୀରୁଭାଇ ଅମ୍ବାନିଙ୍କ ୯୦ତମ ଜୟନ୍ତୀ ଅବସରରେ ରିଲାଏନ୍ସ ୧୦ବର୍ଷ ମଧ୍ୟରେ ୫୦,୦୦୦ ଶିକ୍ଷାବୃତ୍ତି ପ୍ରଦାନ କରିବ ବୋଲି ରିଲାଏନ୍ସ ଫାଉଣ୍ଡେଶନର ଅଧ୍ୟକ୍ଷା ନୀତା ଅମ୍ବାନୀ ଘୋଷଣା କରିଥିଲେ।

# ଗୁପ୍ତେଶ୍ୱର ବନାଞ୍ଚଳ ଜୈବ ବିବିଧତା ଐତିହ୍ୟସ୍ଥଳ ଘୋଷିତ

କୋରାପୁଟ,୧୦।୨(ଅମିତାଭ ବେହେରା)


ଗୁପ୍ତେଶ୍ୱର ପୀଠ।

କୋରାପୁଟ ଜିଲାର ଗୁପ୍ତେଶ୍ୱର ବନାଞ୍ଚଳକୁ ଜୈବ ବିବିଧତା ଐତିହ୍ୟସ୍ଥଳ (ବାୟୋ ଡାଇଭର୍ସିଟି ହେରିଟେଜ୍ ସାଇଟ୍) ଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଏନେଇ ବିଭାଗୀୟ ଅତିରିକ୍ତ ଶାସନ ସଚିବଙ୍କ ପକ୍ଷରୁ ଏକ ବିଜ୍ଞପ୍ତିରେ ଏହା କୁହାଯାଇଛି। ଜୈବ ବିବିଧତା ଐତିହ୍ୟ ସ୍ଥଳ ରୂପେ ଏହା ରାଜ୍ୟର ଚତୁର୍ଥ ବୋଲି ଜଣାଯାଇଛି। ଏହି ମାନ୍ୟତା ପାଇବା ପରେ ବନାଞ୍ଚଳରେ ଥିବା ଔଷଧୀୟ ଗଛ, ଜୀବଜନ୍ତୁ, ଦୁର୍ଲଭ ପଦାର୍ଥର ସଂରକ୍ଷଣ ହେବ। ଏହି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ଜୀବନଜିବିକାର ମାନରେ ଉନ୍ନତି ଘଟିବ। ଓଡ଼ିଶାର ଦକ୍ଷିଣ ଭାଗରେ ଥିବା ତଥା ଇଷ୍ଟର୍ନ ଘାଟ ଅଞ୍ଚଳରେ ରହିଥିବା କୋରାପୁଟ ଜିଲାର ଗୁପ୍ତେଶ୍ୱର ଜଙ୍ଗଲରେ ବିଭିନ୍ନ କିସମର ଔଷଧୀୟ ଗଛ, ଫ୍ଲୋରା ଓ ଫୋନା ପ୍ରାକୃତିକ ପର୍ଯ୍ୟଟନ ଓ ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ରାଜ୍ୟ ତଥା ଦେଶରେ ପରିଚିତ। ପ୍ରାୟ ୩୫୦ ହେକ୍ଟର ପରିମିତ ଏହି ଅଞ୍ଚଳରେ ରହିଥିବା ଏହି ସଂରକ୍ଷିତ ଜଙ୍ଗଲରେ ୬୦୮ ପ୍ରଜାତିର ପ୍ରାଣୀସମୂହ ରହିଛନ୍ତି। ୬୧୫ ପ୍ରଜାତିର ଫ୍ଲୋରା ମଧ୍ୟ ରହିଥିବା ଜଣାଯାଇଛି। ସେହିପରି ଏହି ଜଙ୍ଗଲରେ ୧୮୨ ପ୍ରଜାତିର ଫୁଲଗଛ, ୭୬ ପ୍ରକାର ଗୁଳ୍ମ, ୧୭୭ ପ୍ରକାର ଚେରମୂଳି (ହର୍ବସ), ୬୯ ପ୍ରଜାତିର ଲତା, ୧୪ ପ୍ରକାର ଅରଚିଡସ୍ ଏବଂ ବିଲୁପ୍ତପ୍ରାୟ ଔଷଧୀୟ ବୃକ୍ଷ ରହିଛି। ଏହା ପୂର୍ବରୁ ଗଜପତି ଜିଲାର ମହେନ୍ଦ୍ରଗିରି ପର୍ବତାଞ୍ଚଳ, କନ୍ଧମାଳର ମଣ୍ଡାସାରୁ ଜଙ୍ଗଲ, ବରଗଡ ଜିଲାର ଗନ୍ଧମାର୍ଦ୍ଦନ ପର୍ବତାଞ୍ଚଳକୁ ବାୟୋ ଡାଇଭର୍ସିଟି ହେରିଟେଜ୍ ସାଇଟ୍ ରୂପେ ଘୋଷଣା କରାଯାଇଛି। ଗୁପ୍ତେଶ୍ୱରକୁ ଜୈବ ବିବିଧତା ଐତିହ୍ୟସ୍ଥଳ ଭାବେ ଘୋଷଣା ପରେ କୋରାପୁଟ ଜିଲାର ପରିବେଶପ୍ରେମୀଙ୍କ ମହଲରେ ଖୁସି ପ୍ରକାଶ ପାଇଛି।

## ପ୍ରଥମ ପୃଷ୍ଠାରୁ

### ଇଟାଭାଟିରେ...

ପ୍ରଥମ ପୃଷ୍ଠାରୁ

ସନ୍ଧ୍ୟାରେ ଉକ୍ତ ଇଟା ଭାଟିରେ ନିଆଁ ଦିଆଯାଇଥିଲା। ରାତିରେ ଅନ୍ୟ ଶ୍ରମିକମାନେ ସେମାନଙ୍କ ଛୋଟ କୁଡ଼ିଆରେ ଶୋଇଥିବା ବେଳେ ଶୀତ ଓ ହାତୀ ଦାଉରୁ ବର୍ତ୍ତିବା ପାଇଁ ଶ୍ରମିକ ମେଘନାଦ, ସ୍ତ୍ରୀ ନିରା, ସାନପୁଅ ଜିତୁ ଓ ବଡପୁଅ ଶିବଦାସ ଇଟାଭାଟି ଉପରେ ଶୋଇଥିଲେ। ସକାଳେ ସମ୍ପୃକ୍ତ ୪ ଜଣଙ୍କୁ ଅନ୍ୟ ଶ୍ରମିକମାନେ ଡାକିଥିଲେ ହେଁ ସେମାନେ ଉଠି ନ ଥିଲେ। ଶ୍ରମିକମାନେ ଭାଟି ଉପରକୁ ଯାଇ ସେମାନଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ହେଲେ ସେତେବେଳକୁ ମେଘନାଦ, ନିରା ଓ ସାନପୁଅ ଜିତୁଙ୍କ ମୃତ୍ୟୁ ହୋଇଯାଇଥିଲା। ଶିବଦାସ ଗୁରୁତର ହୋଇଥିଲେ। ତୁରନ୍ତ ସମସ୍ତଙ୍କୁ ତାଳଚେରସ୍ଥିତ ମଣ୍ଡାପାଳ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତରମାନେ ମେଘନାଦ, ନିରା ଓ ଜିତୁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଓଡ଼ାପଡ଼ା ତହସିଲଦାର ମହେଶ୍ୱର ବେହେରା ଓ କଣ୍ଟାବଣିଆ ଥାନା ଅଧିକାରୀ ତୁଳସୀ ଭୂୟାଁ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଇଟାଭାଟିର ମାଲିକ କିଏ, ତାହା ଅସ୍ପଷ୍ଟ ରହିଛି। ଏହି ଘଟଣା ପରେ ସେଠାରେ କୁଡ଼ିଆ କରି ପିଲାଛୁଆଙ୍କୁ ଧରି ରହୁଥିବା ଅନ୍ୟ ଶ୍ରମିକମାନେ ଭୟଭୀତ ହୋଇପଡ଼ିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ୧୫ରେ ମାନପୁର ଗ୍ରାମରେ ଏପରି ଏକ ଇଟାଭାଟିରେ କାମ କରୁଥିବା ୨ ଜଣ ଶ୍ରମିକଙ୍କ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଛନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ମାନପୁର ଘଟଣାର ୨ମାସ ପରେ ପୁଣି ଏଭଳି ଏକ ଅଘଟଣ ଘଟିବା ଅତ୍ୟନ୍ତ ଦୁଃଖଦାୟକ। ତଦନ୍ତ ପାଇଁ ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗତ ଡିସେମ୍ବର ୧୫ରେ ମାନପୁର ଘଟଣା ପରେ ବ୍ରାହ୍ମଣୀ ନଦୀ କୂଳରେ ଗଢ଼ି ଉଠିଥିବା କିଛି ବେଆଇନ ଇଟାଭାଟିକୁ ଉଚ୍ଛେଦ କରାଯାଇଥିଲା। ପୁଣିଥରେ ବେଆଇନ ଇଟାଭାଟି ଚାଲୁଥିବା ଜଣାପଡିଛି। ଏଗୁଡିକୁ ଉଚ୍ଛେଦ ପାଇଁ ଯୋଜନା ପ୍ରସ୍ତୁତ କରାଯାଇ ଜୋର୍‌ଦାର ଚଢ଼ାଉ କରାଯିବା ସହିତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହକାରୀ ଶ୍ରମ ଅଧିକାରୀ ହଳଧର ବରାଳ କହିଛନ୍ତି, ଘଟଣାସ୍ଥଳକୁ ଯାଇ ତଦନ୍ତ ସହ ଥାନାରେ ପୋଲିସ ସହିତ ଆଲୋଚନା କରାଯାଇଛି। ବିନା ପଞ୍ଜୀକରଣରେ ଏବଂ ବିନା ଅନୁମତିରେ ଇଟାଭାଟି ଚାଲୁଥିବା ଜଣାପଡିଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବିଶ୍ୱବିଦ୍ୟାଳୟକୁ...

ଶିକ୍ଷାଦାନ ନିମନ୍ତେ ଅତିରିକ୍ତ ପ୍ରାଧ୍ୟାପକଙ୍କୁ ନିୟୋଜିତ କରିବା ପାଇଁ କୁହାଯାଇଛି। ଏହି ୧୩ ବିଶ୍ୱବିଦ୍ୟାଳୟରେ ମୋଟ ୧,୧୯୨ଜଣ ଅତିରିକ୍ତ ପ୍ରାଧ୍ୟାପକଙ୍କୁ ନିୟୋଜିତ କରିବା ପାଇଁ କୁହାଯାଇଛି। ଏମାନଙ୍କ ମଧ୍ୟରେ ୩୪ଜଣ ପ୍ରଫେସର, ୨୨୬ଜଣ ଆସୋସିଏଟ ପ୍ରଫେସର ଏବଂ ୯୩୨ଜଣ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିୟୋଜିତ ହେବେ, ଯେଉଁମାନେ ଅବସରପ୍ରାପ୍ତ କିମ୍ବା ଆଡ୍‌ଜଙ୍କ୍ଟ ଫାକଲ୍‌ଟି ହୋଇଥିବେ। ଏଥିମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୩ ଜଣ ପ୍ରଫେସର, ୧୬ଜଣ ଆସୋସିଏଟ ପ୍ରଫେସର ଏବଂ ୪୨ଜଣ ଆସିଷ୍ଟାଣ୍ଟ ପ୍ରଫେସର, ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୬ଜଣ ଆସିଷ୍ଟାଣ୍ଟ ପ୍ରଫେସର, ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ୨ ପ୍ରଫେସର, ୭ ଆସୋସିଏଟ ପ୍ରଫେସର ଏବଂ ୩୭ ଆସିଷ୍ଟାଣ୍ଟ ପ୍ରଫେସର, ଏସ୍‌ଜେଏସ୍ ବିଶ୍ୱବିଦ୍ୟାଳୟରେ ଜଣେ ପ୍ରଫେସର, ୪ଜଣ ଆସୋସିଏଟ ପ୍ରଫେସର ଏବଂ ୧୩ ଆସିଷ୍ଟାଣ୍ଟ ପ୍ରଫେସର, ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଜଣେ ପ୍ରଫେସର, ୪ ଆସୋସିଏଟ ପ୍ରଫେସର ଏବଂ ୨୫ଜଣ ଆସିଷ୍ଟାଣ୍ଟ ପ୍ରଫେସର, ରମାଦେବୀ ବିଶ୍ୱବିଦ୍ୟାଳୟରେ ୩ଜଣ ପ୍ରଫେସର, ୨୨ଜଣ ଆସୋସିଏଟ ପ୍ରଫେସର ଏବଂ ୯୦ଜଣ ଆସିଷ୍ଟାଣ୍ଟ ପ୍ରଫେସର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୩୨ ଆସୋସିଏଟ ପ୍ରଫେସର ଏବଂ ୮୦ଜଣ ଆସିଷ୍ଟାଣ୍ଟ ପ୍ରଫେସର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୧୭ ଆସୋସିଏଟ ପ୍ରଫେସର ଏବଂ ୮୫ଜଣ ଆସିଷ୍ଟାଣ୍ଟ ପ୍ରଫେସର, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୪ଜଣ ଆସୋସିଏଟ ପ୍ରଫେସର ଏବଂ ୮୧ଜଣ ଆସିଷ୍ଟାଣ୍ଟ ପ୍ରଫେସର, କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ୧୯ଜଣ ଆସୋସିଏଟ ପ୍ରଫେସର ଏବଂ ୮୯ଜଣ ଆସିଷ୍ଟାଣ୍ଟ ପ୍ରଫେସର, ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୫ଜଣ ପ୍ରଫେସର, ୨୦ଜଣ ଆସୋସିଏଟ ପ୍ରଫେସର ଏବଂ ୧୭୫ଜଣ ଆସିଷ୍ଟାଣ୍ଟ ପ୍ରଫେସର, ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦ଜଣ ପ୍ରଫେସର, ୫୩ଜଣ ଆସୋସିଏଟ ପ୍ରଫେସର ଏବଂ ୧୭୩ଜଣ ଆସିଷ୍ଟାଣ୍ଟ ପ୍ରଫେସର ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ୯ଜଣ ପ୍ରଫେସର, ୮ଜଣ ଆସୋସିଏଟ ପ୍ରଫେସର ଏବଂ ୩୬ଜଣ ଆସିଷ୍ଟାଣ୍ଟ ପ୍ରଫେସର ନିୟୋଜିତ କରିବା ପାଇଁ କୁହାଯାଇଛି।

ତେବେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଶିକ୍ଷାବିତ୍‌ମାନେ ନାପସନ୍ଦ କରିଛନ୍ତି। ଏନେଇ ଶିକ୍ଷାବିତ୍ ଚିତ୍ତରଞ୍ଜନ ଆଚାର୍ଯ୍ୟଙ୍କ କହିବା ହେଲା ଖାଲିଥିବା ପଦବୀକୁ ତୁରନ୍ତ ପୂରଣ ନିମନ୍ତେ ପଦକ୍ଷେପ ନ ନେଇ ଏଭଳି ଯୋଜନା ଉଚିତ ନୁହେଁ। ତୁରନ୍ତ ନିୟମିତ ପଦବୀ ପୂରଣ ନିମନ୍ତେ ସରକାର ପଦକ୍ଷେପ ନେବା ଜରୁରୀ। ଅପରପକ୍ଷରେ ଉଚ୍ଚଶିକ୍ଷା ବିଭାଗର ଏଭଳି ଚିଠି ଉପରେ ବିଭାଗୀୟ ଅଧିକାରୀଙ୍କ କୌଣସି ମତାମତ ମିଳିପାରି ନାହିଁ।

### ପୂର୍ବତନ ବିଧାୟିକା...

୧୦ଥର ବିଧାୟିକା ହୋଇଥିଲେ ମଧ୍ୟ କେବେ ମନ୍ତ୍ରୀ ହେବାର ତାଙ୍କର ଅଭିଳାଷ ନଥିଲା। ବିଭିନ୍ନ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ପ୍ରୋଟମ ବାଚସ୍ପତି ଭାବେ ଶପଥ ପାଠ କରାଉଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ସେ ୨୦୧୯ ନିର୍ବାଚନ ଲଢ଼ି ନ ଥିଲେ। ୨୦୧୯ଠାରୁ ସେ ଚେନ୍ନାଇସ୍ଥିତ ବାପା ରାଜା ଭି. ଏମ୍ ନୀଳାଦ୍ରି ରାଓଙ୍କ ଘରେ ରହିଆସୁଥିଲେ। ଶନିବାର ସନ୍ଧ୍ୟାରେ ତାଙ୍କ ପାର୍ଥିବ ଶରୀର ବିମାନ ଯୋଗେ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଚେନ୍ନାଇରୁ ବାହାରି ସନ୍ଧ୍ୟା ୮ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରେ ଗାର୍ଡ ଅଫ ଅନର ଦିଆଯିବା ପରେ ଶଙ୍ଖଭବନ ନିଆଯାଇ ସେଠାରୁ ବ୍ରହ୍ମପୁର, କବିସୂର୍ଯ୍ୟନଗର ହୋଇ ଖଲ୍ଲିକୋଟଠାରେ ପହଞ୍ଚିଥିଲା। ରାତିରେ ଖଲ୍ଲିକୋଟସ୍ଥିତ ନିଜ ଫାର୍ମ ହାଉସରେ ଶେଷ ଦର୍ଶନ ପାଇଁ ତାଙ୍କ ପାର୍ଥିବ ଶରୀର ରଖାଯାଇଥିଲା। ରବିବାର ପୂର୍ବାହ୍ନରେ ଖଲ୍ଲିକୋଟସ୍ଥିତ ରାଜାଙ୍କ ସମାଧି ପୀଠଠାରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି।

ସୂଚନାଯୋଗ୍ୟ, ୧୯୩୭ ଅଗଷ୍ଟ ୫ରେ ସେ ମାଡ୍ରାସ (ଚେନ୍ନାଇ)ରେ ଜନ୍ମଗ୍ରହଣ କରିଥିଲେ। ସେ ଥିଲେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଧର୍ମପତ୍ନୀ। ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଷ୍ଟାମ୍ପ ସଂଗ୍ରହ, ଇଣ୍ଟେରିୟର ଡିଜାଇନ, କାର ଡ୍ରାଇଭିଂ ଆଦି ରୁଚି ସହ ବିଭିନ୍ନ ପ୍ରସଙ୍ଗରେ ଲେଖିବାକୁ ଭଲ ପାଉଥିଲେ। ରାଜନୈତିକ କ୍ୟାରିୟର ଭାରତୀୟ ଜାତୀୟ କଂଗ୍ରେସରୁ ଆରମ୍ଭ କରିଥିଲେ। ୧୯୬୧ରେ ସେ ପ୍ରଥମେ କଂଗ୍ରେସ ଟିକେଟରେ ଖଲ୍ଲିକୋଟ ବିଧାନସଭା ଆସନରୁ ଲଢ଼ି ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ଉତ୍କଳ କଂଗ୍ରେସ ପାର୍ଟିରୁ ଲଢ଼ି ୧୯୭୪ରୁ ୭୭ ପର୍ଯ୍ୟନ୍ତ ବିଧାୟିକା ନିର୍ବାଚିତ ହୋଇଥିଲେ। ପରେ ୧୯୭୭ରୁ ୧୯୮୦ ଏବଂ ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ଜନତା ପାର୍ଟିରୁ ଲଢ଼ି ବିଧାୟିକା ହୋଇଥିଲେ। ୧୯୯୦ ଓ ୧୯୯୫ରେ ଜନତା ଦଳରୁ ନିର୍ବାଚିତ ହୋଇଥିଲେ। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଦୁଇଥର ବିଜେଡି ଟିକେଟରେ ଲଢ଼ି ଖଲ୍ଲିକୋଟରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ପରେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରୁ ୨୦୦୯ ଓ ୨୦୧୪ରେ ବିଜେଡି ଟିକେଟରେ ଲଢ଼ି ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୧୯୯୬ ମସିହାରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରୁ ଏମ୍‌ପି ପ୍ରାର୍ଥୀ ଭାବେ ଲଢ଼ି ହାରିଯାଇଥିଲେ। କାରଣ ସେତେବେଳେ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଥିଲେ।

### ଇପିଏଫ୍ ସୁଧ...

ରହିଥିଲା। ତା ପରବର୍ଷ ଏହାକୁ ୮.୧ ପ୍ରତିଶତକୁ କମାଇଦିଆଯାଇଥିଲା, ଯାହାକି ୪ ଦଶନ୍ଧି ମଧ୍ୟରେ ସର୍ବନିମ୍ନ ଥିଲା। ୨୦୨୨-୨୩ରେ ଏହାକୁ ସାମାନ୍ୟ ବଢ଼ାଇ ୮.୧୫ ପ୍ରତିଶତ କରାଯାଇଥିଲା। ଶନିବାର ଇପିଏଫ୍‌ଓ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ୨୩୫ତମ ବୈଠକରେ ୨୦୨୩-୨୪ ବର୍ଷ ଲାଗି ସୁଧ ହାର ବଢ଼ାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବୈଠକରେ ଅଧ୍ୟକ୍ଷତା କରିଥିଲେ।

# ବିଜୟରୁ ଭାରତର ଅଭିଯାନ

ଭୁବନେଶ୍ୱର,୧୦।୨
(ସରୋଜ ଜେନା)

ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଶନିବାର ପୁରୁଷ ହକି ପ୍ରୋ ଲିଗ୍ ଆରମ୍ଭ ହୋଇଛି। ଭାରତୀୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବା

## ପୁରୁଷ ହକି ପ୍ରୋ ଲିଗ୍
## ହରମନ୍‌ପ୍ରୀତଙ୍କ ଡବଲ୍ ଗୋଲ୍

ସହ ସ୍ପେନକୁ ୪-୧ ଗୋଲରେ ପରାସ୍ତ କରିଛି। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅତିଥି ଭାବେ ଯୋଗ ଦେଇ ଉଭୟ ଦଳର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଭାରତ ପକ୍ଷରୁ ହରମନପ୍ରୀତ୍ ସିଂ(୭, ୨୦), ଯୁଗରାଜ ସିଂ(୨୪) ଓ ଲଳିତ କୁମାର ଉପାଧ୍ୟାୟ(୫୦) ମିନିଟରେ ଗୋଲ ସ୍କୋର କରିଥିଲେ। ସ୍ପେନ୍ ପକ୍ଷରୁ ମିରାସେଲ୍ ମାର୍କ (୩୪)ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

ମ୍ୟାଚ ପ୍ରଥମ କ୍ୱାର୍ଟରରୁ ଭାରତ ଆକ୍ରମଣାତ୍ମକ ହକି ଖେଳିଥିଲା। ପ୍ରଥମ କ୍ୱାର୍ଟରର ସପ୍ତମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ଭାରତକୁ ଆଗୁଆ କରିଥିଲେ ହରମନପ୍ରୀତ୍। ଦ୍ୱିତୀୟ କ୍ୱାର୍ଟରରେ ଭାରତକୁ ୭ଟି କର୍ନର ମିଳିଥିଲା। ୨୦ ତମ ମିନିଟରେ ହରମନ୍‌ପ୍ରୀତ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିବା ବେଳେ ୨୪ ତମ ମିନିଟରେ ତୃତୀୟ ଗୋଲ ଦେଇଥିଲେ ଯୁଗରାଜ ସିଂ। ଦ୍ୱିତୀୟ କ୍ୱାର୍ଟରରେ ସ୍ପେନ୍‌କୁ ୨ଟି ପେନାଲ୍ଟି କର୍ନର ମିଳିଥିଲେ ହେଁ ଭାରତୀୟ ଗୋଲକିପର ରୋକିବାରେ ସମର୍ଥ ହୋଇଥିଲେ। ତୃତୀୟ କ୍ୱାର୍ଟରରେ ସ୍ପେନ୍ ପକ୍ଷରୁ ଏକମାତ୍ର ଗୋଲଟି ପରିଶୋଧ କରିଥିଲେ ମିରାଲେସ୍ ମାର୍କ। ଅନ୍ତିମ କ୍ୱାର୍ଟରରେ ସ୍ପେନ୍‌କୁ ୩ଟି କର୍ନର ମିଳିଥିଲେ ମଧ ଦଳ ଗୋଲ ଦେବାରେ ସମର୍ଥ ହୋଇ ନ ଥିଲା। ୫୦ ତମ ମିନିଟରେ ଲଳିତ କୁମାର ଉପାଧ୍ୟାୟ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ୪-୧ରେ ବିଜୟୀ କରିଥିଲେ।


ଭାରତ ଓ ସ୍ପେନ୍‌ର ଖେଳାଳିଙ୍କୁ ଭେଟୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦିଲୀପ ତିର୍କୀ ଓ ଅନ୍ୟମାନେ।


ଭାରତ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।(ଫଟୋ: ବିକାଶ ନାୟକ)

# ନେଦରଲାଣ୍ଡସ୍‌ର ବୃହତ୍ ବିଜୟ

ଭୁବନେଶ୍ୱର,୧୦।୨
(ସରୋଜ ଜେନା)

## ଜାନସେନ ଜିପ୍‌ଙ୍କ ଡବଲ୍

ଶନିବାର ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି ନେଦରଲାଣ୍ଡସ୍। ଜାନସେନ୍ ଜିପ୍‌ଙ୍କ ଡବଲ୍ ଗୋଲ ବଳରେ ୫-୧ର ବୃହତ ବ୍ୟବଧାନରେ ଆୟର୍ଲାଣ୍ଡକୁ ହରାଇ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହିଛି ନେଦରଲାଣ୍ଡସ୍। ନେଦରଲାଣ୍ଡସ୍ ପକ୍ଷରୁ ଜିପ୍(୩୫ ଓ ୫୨), ହୋଏଡକାମ୍ପ ଟେପ୍(୧୨), କ୍ରୁନ୍ ଜୋରିଟ୍(୨୧) ଓ ଭାନ୍ ହେଇନିଙ୍ଗେନ ଷ୍ଟେନ(୫୩ ) ମିନିଟରେ ଗୋଲ ଦେଇଥିଲେ। ୩୬ ତମ ମିନିଟରେ ଆୟର୍ଲାଣ୍ଡ ପକ୍ଷରୁ କୋଲ୍ ଲି ଏକମାତ୍ର ଗୋଲ ପରିଶୋଧ କରିଥିଲେ।

ପ୍ରଥମ କ୍ୱାର୍ଟରର ୧୨ ତମ ମିନିଟରେ ହୋଏଡକାମ୍ପ ଟେପ୍ ନେଦରଲାଣ୍ଡସ୍ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ୨୧ ତମ ମିନିଟରେ କ୍ରୁନ୍ ଜୋରିଟ୍ ଆଉ ଏକ ଗୋଲ ଦେଇ ଦଳକୁ ୨-୦ରେ ଆଗୁଆ କରିଥିଲେ। ୩୫ ତମ ମିନିଟରେ ଜାନସେନ୍ ଜିପ ପ୍ରଥମ ଗୋଲ ଦେଇ ନେଦରଲାଣ୍ଡସ୍‌କୁ ୩-୦ରେ ଆଗୁଆ କରିଥିଲେ। ଏହାର ୧ ମିନିଟ ମଧ୍ୟରେ ଆୟର୍ଲାଣ୍ଡ ପକ୍ଷରୁ କୋଲ୍ ଲି ଏକମାତ୍ର ଗୋଲ ଦେଇଥିଲେ। ଅନ୍ତିମ କ୍ୱାର୍ଟରର ୫୨ ଓ ୫୩ ତମ ମିନିଟରେ ଜାନସେନ୍ ଜିପ୍ ଓ ଭାନ୍ ହେଇନିଙ୍ଗେନ ଷ୍ଟେନ ଗୋଟିଏ ଲେଖାଏ ଗୋଲ ଦେବାରୁ ନେଦରଲାଣ୍ଡସ୍ ୫-୧ରେ ବିଜୟୀ ହୋଇଥିଲା। ଏହା ସହ ୫ ମ୍ୟାଚ୍‌ରୁ ୩ ବିଜୟ ସହ ୧୧ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହିଛି ନେଦରଲାଣ୍ଡସ୍।

# ରାଉରକେଲା ପହଞ୍ଚିଲା ମହିଳା ଦଳ

ରାଉରକେଲା,୧୦।୨(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରୁ ମହିଳା ପ୍ରୋ ଲିଗ୍ ହକି ଆରମ୍ଭ ହେବ। ସନ୍ଧ୍ୟା ୫.୩୦ରେ ୟୁଏସ୍‌ଏ ଓ ନେଦରଲାଣ୍ଡସ୍ ମଧ୍ୟରେ ଖେଳାଯିବ। ସେହିପରି ସନ୍ଧ୍ୟା ୭.୩୦ରେ ଭାରତ ଓ ଚୀନ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହି ମହିଳା ହକି ପ୍ରୋ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ, ୟୁଏସ୍‌ଏ, ଚୀନ, ନେଦରଲାଣ୍ଡସ୍ ଓ ଭାରତକୁ ମିଶାଇ ୫ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏ ନେଇ ରାଉରକେଲାରେ ଶନିବାର ଅପରାହ୍ନ ୩ଟା ୪୫ ମିନିଟ୍‌ରେ ୫ ଦଳର ଖେଳାଳି ବିର୍ସା ମୁଣ୍ଡା ଷ୍ଟାଡିୟମର ମେ ଫେୟାର ହକି ଭିଲେଜ୍‌ରେ ପହଞ୍ଚିଛନ୍ତି। ଭୁବନେଶ୍ୱରରୁ ବିମାନ ଯୋଗେ ବାହାରି ଝାରସୁଗୁଡା ବିମାନ ବନ୍ଦରରେ ଦିନ ସାଢେ ୧ଟାରେ ପହଞ୍ଚିଥିଲେ। ପରେ ସେମାନେ ବସ୍ ଯୋଗେ ରାଉରକେଲା ଆସିଥିଲେ। ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ପହଞ୍ଚିବା ପରେ ସମସ୍ତ ଖେଳାଳିଙ୍କୁ ମେ ଫେୟାର ହକି ଭିଲେଜକୁ ପାଛୋଟି ନିଆଯାଇଥିଲା। ରବିବାର ମଧ୍ୟାହ୍ନ ସାଢେ ୧୨ଟାରେ ନେଦରଲ୍ୟାଣ୍ଡ ମହିଳା ହକି ଦଳ ଅଭ୍ୟାସ କରିବାକୁ ଥିବାବେଳେ ଭାରତ ମହିଳା ହକି ଦଳ ଅପରାହ୍ନ ସାଢେ ୩ଟାରେ ଅଭ୍ୟାସ କରିବ ବୋଲି ସୂଚନା ମିଳିଛି।

# ଇଂଲଣ୍ଡ ସିରିଜରୁ ଓହରିଲେ କୋହଲି

ନୂଆଦିଲ୍ଲୀ,୧୦।୨(ପି.ଟି.)

## ଫେରିଲେ ଜାଡେଜା, ରାହୁଲ

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରୁ ଓହରି ଯାଇଛନ୍ତି ଭାରତୀୟ ଷ୍ଟାର ବ୍ୟାଟର ବିରାଟ କୋହଲି। ସିରିଜ୍ ଆରମ୍ଭରୁ ବ୍ୟକ୍ତିଗତ କାରଣ ଦର୍ଶାଇ କୋହଲି ପ୍ରଥମ ଦୁଇ ଟେଷ୍ଟରୁ ଓହରି ଯାଇଥିଲେ। ପରବର୍ତ୍ତୀ ୩ ମ୍ୟାଚ୍‌ରେ ସେ ଦଳକୁ ଫେରିବେ ବୋଲି ଆଲୋଚନା ହେଉଥିଲା। ତେବେ କୋହଲି ଅନ୍ତିମ ୩ ମ୍ୟାଚ୍‌ରୁ ଓହରିଥିବା ନେଇ ବିସିସିଆଇ ପକ୍ଷରୁ କୁହାଯାଇଛି। ଏକ ପ୍ରେସ୍ ରିଲିଜ୍ ମାଧ୍ୟମରେ ଏହା ସ୍ପଷ୍ଟ କରିଛି ବିସିସିଆଇ। କୋହଲି ବର୍ତ୍ତମାନ ପରିବାର ସହ ବିଦେଶରେ ଥିବା ଜଣାପଡିଛି। କୋହଲି ତୃତୀୟ ଓ ଚତୁର୍ଥ ମ୍ୟାଚ୍‌ରୁ ବାଦ ପଡିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିବା ବେଳେ ଅନ୍ତିମ ମ୍ୟାଚରେ ସେ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଥିଲା। ତେବେ ଶନିବାର ସେ ସମ୍ପୂର୍ଣ୍ଣ ସିରିଜରୁ ଓହରୁଥିବା ସ୍ପଷ୍ଟ ହୋଇଯାଇଛି।

ପ୍ରଥମ ଟେଷ୍ଟ ମ୍ୟାଚରେ ଆହତ ହୋଇଥିବା ରବୀନ୍ଦ୍ର ଜାଡେଜା ଓ ଲୋକେଶ ରାହୁଲ ଫିଟ୍ ହୋଇଥିବା ବେଳେ ଉଭୟଙ୍କୁ ଦଳରେ ସାମିଲ କରାଯାଇଛି। ତେବେ ବିସିସିଆଇର ମେଡିକାଲ ଟିମ୍‌ର ରିପୋର୍ଟ ଅନୁସାରେ ଉଭୟଙ୍କ ଖେଳିବା ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

ଅନ୍ତିମ ୩ ଟେଷ୍ଟ ପାଇଁ ବେଙ୍ଗଲ ପେସର ଆକାଶଦୀପଙ୍କୁ ପ୍ରଥମ ଥର ଭାରତୀୟ ଦଳକୁ ଡାକରା ମିଳିଛି। ଆକାଶ ଦୀପ୍ ୧୩ ତାରିଖରେ ଭାରତୀୟ ଦଳ ସହ ଯୋଗଦେବେ।

### ଅବଶିଷ୍ଟ ୩ ଟେଷ୍ଟ ପାଇଁ ଭାରତୀୟ ଦଳ

ରୋହିତ ଶର୍ମା(ଅଧିନାୟକ), ଯଶପ୍ରୀତ୍ ବୁମରା(ଉପ ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍, ଲୋକେଶ ରାହୁଲ, ରଜତ ପଟିଦାର, ସର୍ଫରାଜ ଖାନ୍, ଧ୍ରୁବ୍ ଜୁରେଲ, ଶ୍ରୀକର ଭରତ, ଆର୍. ଅଶ୍ୱିନ୍, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ସିରାଜ, ମୁକେଶ କୁମାର ଓ ଆକାଶ ଦୀପ୍।




ବେଙ୍ଗାଲୁରୁ ଓପନ ଟେନିସ

# ରାମକୁମାରଙ୍କୁ ୱାଇଲ୍ଡ କାର୍ଡ

ବେଙ୍ଗାଲୁରୁ,୧୦।୨(ପି.ଟି.)

ଫେବୃଆରୀ ୧୨ରୁ ଆରମ୍ଭ ହେବାକୁ ଥିବା ବେଙ୍ଗାଲୁରୁ ଓପନ ଟେନିସ ଟୁର୍ନାମେଣ୍ଟ ପୁରୁଷ ସିଙ୍ଗଲ୍ସ ମୁଖ୍ୟ ଡ୍ର ଲାଗି ଭାରତର ଦ୍ୱିତୀୟ ସର୍ବୋଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ରାମକୁମାର ରମାନାଥନଙ୍କୁ ୱାଇଲ୍ଡ କାର୍ଡ ମିଳିଛି। ନିକଟରେ ପାକିସ୍ତାନ ବିପକ୍ଷ ଡେଭିସ କପ୍ ମୁକାବିଲାରେ ରାମକୁମାର ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଚଳିତ ଚେନ୍ନାଇ ଏଟିପି ଚ୍ୟାଲେଞ୍ଜରରେ ସେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଘରୋଇ ମାଟିରେ ଭଲ ପ୍ରଦର୍ଶନ କରିବା ଲାଗି ତାଙ୍କ ପାଇଁ ଆଉ ଏକ ସୁଯୋଗ ଆସି ପହଞ୍ଚିଛି। ରାମକୁମାର ଏଟିପି ଚ୍ୟାଲେଞ୍ଜର ସର୍କିଟରେ ୭ଥର ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ତାଙ୍କ ଏକମାତ୍ର ଟାଇଟଲ ୨୦୨୧ ନଭେମ୍ବରରେ ବାହାରିନ୍‌ର ମାନାମାଠାରେ ଜିତିଥିଲେ। କୌତୂହଳର କଥା ଦୁଇବର୍ଷ ପୂର୍ବେ ରାମକୁମାର ନିଜ ଦେଶର ସାକେତ ମାଇନେନିଙ୍କୁ ସାଥୀ କରି ତାଙ୍କ ୭ମ ଏବଂ ଗତ ଡବଲ୍ସ ଟାଇଟଲ ଜିତିଛନ୍ତି। ବେଙ୍ଗାଲୁରୁ ଓପନ ପାଇଁ ବେଙ୍ଗାଲୁରୁ ଓପନ ତାଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରିଥିବାରୁ ସେ ଖୁସି ଏବଂ କୃତଜ୍ଞ।

# ଆଇପିଏଲ୍ ଉପରେ ଜନସନଙ୍କ ନଜର

ମେଲବୋର୍ନ, ୧୦।୨ (ପି.ଟି.)

ଆସନ୍ତା ମେ ମାସରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପ୍ରଭାବୀ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ଟି୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ପାଇଁ ଆଶା ରଖିଛନ୍ତି ବାମହାତୀ ପେସ୍ ସେନସେସନ ସ୍ପେନସର ଜନସନ। ଏହି ୨୮ ବର୍ଷୀୟ କ୍ରିକେଟରଙ୍କୁ ଗୁଜରାଟ ଟାଇଟନ୍ସ ୧୦ କୋଟି ଟଙ୍କାରେ କ୍ରୟ କରିଛି। ରବିବାର ଆଡିଲେଡ ଓଭାଲ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ତାଙ୍କୁ ଖେଳିବା ଲାଗୁ ସୁଯୋଗ ମିଳିପାରେ। ଅଷ୍ଟ୍ରେଲିଆ ତରଫରୁ ଏପର୍ଯ୍ୟନ୍ତ ଗୋଟିଏ ଅନ୍ତର୍ଜାତୀୟ ଦିନିକିଆ ଏବଂ ଦୁଇ ଅନ୍ତର୍ଜାତୀୟ ଟି୨୦ ଖେଳିଥିବା ଜନସନଙ୍କର ବିଗ୍‌ବାଶ ଲିଗ୍ ୨୦୨୩-୨୪ରେ ପ୍ରଦର୍ଶନ ଖୁବ୍ ଭଲ ରହିଛି। ସେ ୧୧ଟି ଇନିଂସରେ ୧୪.୪୭ ଆଭରେଜରେ ୧୯ ଉଇକେଟ ଅକ୍ତିଆର କରିଛନ୍ତି। ସୂଚନାଯୋଗ୍ୟ, ଆଇପିଏଲ ଶେଷ ହେବା ପରେ ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆଇସିସି ଟି୨୦ ବିଶ୍ୱକପ୍ ଖେଳାଯିବ।

# କ୍ୱାର୍ଟରରେ ଓଡ଼ିଶା ପୁରୁଷ, ମହିଳା ଦଳ

ଭୁବନେଶ୍ୱର,୧୦।୨ (ସରୋଜ ଜେନା)

## ୪୫ତମ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ

ନୂଆଦିଲ୍ଲୀର ରୋହିଣୀରେ ଅନୁଷ୍ଠିତ ୪୫ତମ ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା ପୁରୁଷ ଓ ମହିଳା ଦଳ। ପୁରୁଷ ବିଭାଗରେ ପୁଲ୍ ସି'ରେ ସ୍ଥାନ ପାଇଥିବା ଓଡ଼ିଶା ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ତାମିଲନାଡୁ, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ଝାଡଖଣ୍ଡ ଓ ତ୍ରିପୁରାକୁ ହରାଇବା ସହ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହି କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ସମାନ ଢଙ୍ଗରେ ମହିଳା ଦଳ ମଧ ନିଜ ଗ୍ରୁପ୍‌ର ୫ ମ୍ୟାଚ୍ ଜିତି କ୍ୱାର୍ଟରରେ ପ୍ରବେଶ କରିଛି। ମଧ୍ୟପ୍ରଦେଶ, ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ, କର୍ନାଟକ ଓ ଉତ୍ତରାଖଣ୍ଡକୁ ପରାସ୍ତ କରିଥିଲା ମହିଳା ଦଳ। ଉଭୟ ଦଳର ଖେଳାଳିଙ୍କୁ ଥ୍ରୋ ବଲ୍ ଇଣ୍ଡିଆ ସମ୍ପାଦକ ନରେଶ ମାନ ଓ ଥ୍ରୋ ବଲ୍ ଓଡ଼ିଶା ସଭାପତି ଭୂପେନ୍ଦ୍ର ସିଂ ଶୁଭେଚ୍ଛା ଜଣାଇଛନ୍ତି।


ଓଡ଼ିଶା ପୁରୁଷ ଓ ମହିଳା ଥ୍ରୋ ବଲ୍ ଦଳ।


ବିମଷ୍ଟେକ୍ ସନ୍ତରଣ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ବିଜେତା ମନ୍ନତା ମିଶ୍ରଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ସମ୍ବର୍ଦ୍ଧନା।

# ଭାରତ-ଅଷ୍ଟ୍ରେଲିଆ ଫାଇନାଲ ଆଜି

ବିନୋନି, ୧୦।୨ (ପି.ଟି.)

## ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍

ଚଳିତ ୧୯ ବର୍ଷରୁ କମ୍ ଆଇସିସି କ୍ରିକେଟ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ ଏଠାରେ ରବିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ। ଭାରତ ରେକର୍ଡ ୬ଷ୍ଠ ଥର ପାଇଁ ଚାମ୍ପିୟନ ହେବାକୁ ଚାହିଁବ। ଅଷ୍ଟ୍ରେଲିଆକୁ ୨୦୧୨ ଓ ୨୦୧୮ ଫାଇନାଲରେ ପରାସ୍ତ କରିଥିବା ଭାରତ ଚଳିତ ସଂସ୍କରଣରେ ଟାଇଟଲ ଫେଭରିଟ୍ ଭାବେ ଓହ୍ଲାଇବ। ଭାରତୀୟ ଦଳରେ ଉଦୟ ସହରନ, ସଚିନ ଧାସ୍, ମୁଶିର ଖାନ୍ ଓ ସୌମି କୁମାର ପାଣ୍ଡେ ଏବେ ଚମତ୍କାର ଫର୍ମରେ ଅଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳର ଅଧିନାୟକ ହଗ୍ ୱିବ୍‌ଜେନ, ଓପନର ହ୍ୟାରି ଡିକ୍ସନ ଏବଂ ଦୁଇ ସିମ୍ ବୋଲର ଟମ୍ ଷ୍ଟ୍ରାକର ଓ କାଲୁମ୍ ଭିଡ୍‌ଲର ସ ସ୍ଥିର ପ୍ରଦର୍ଶନ କରିଛନ୍ତି। ଭାରତକୁ ଏଜ୍ ଗ୍ରୁପ୍ ପାୱାର ହାଉସ୍ ଭାବେ ବିବେଚନା କରାଯାଇଆସୁଛି। ଏଥର ସହରନଙ୍କ ନେତୃତ୍ୱାଧୀନ ଦଳ ଶକ୍ତିଶାଳୀ ମନେହେଉ ନ ଥିଲା। କାରଣ ଦଳ ୧୯ବର୍ଷରୁ କମ୍ ଏସିଆ କପ୍ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲା। ସହରନ କିନ୍ତୁ ଏଠାରେ ଇତିମଧ୍ୟରେ ୩୮୯ରନ ସଂଗ୍ରହ କରି ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନରେ ଅଛନ୍ତି। ନଜରରେ ରହିଥିବା ଅନ୍ୟ ଜଣେ ଖେଳାଳି ହେଲେ ସର୍ଫରାଜ ଖାନ୍‌ଙ୍କ ସାନ ଭାଇ ମୁଶିର। ସେ ଟୁର୍ନାମେଣ୍ଟର ଦ୍ୱିତୀୟ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର ଅଛନ୍ତି। ସେ ଜଣେ ବାମହାତୀ ସ୍ପିନର ମଧ। ଡାହାଣହାତୀ ପେସର ରାଜ ଲିମ୍ବାନୀ ଏବଂ ବାମହାତୀ ସିମର ନମନ ତିୱାରୀ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ